# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୩୦/୨୦୨୩ (୧୮ ପୃଷ୍ଠା) | Bhubaneswar, Wednesday, August 30/2023 | Page 18 | ₹ 7.00

୪୯ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 275 | ମୂଲ୍ୟ ₹୭/-




**ସ୍ୱସ୍ତିଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ମଙ୍ଗଳବାର ମହିଳା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଚଳିତ ବର୍ଷର ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି।

୧୬

୧୫

**ମିସ୍ ଦିଭା ୟୁନିଭର୍ସ ଚଣ୍ଡିଗଡ଼ର 'ଶ୍ୱେତା'**

ଚଣ୍ଡିଗଡ଼ର ଝିଅ ୨୨ ବର୍ଷୀୟା ଶ୍ୱେତା ଶ୍ରଦ୍ଧା ମିସ୍ ଦିଭା ୟୁନିଭର୍ସ ୨୦୨୩ ବ୍ୟୁଟି ପିଜାଣ୍ଟର ବିଜେତା ହୋଇଛନ୍ତି।



# ଚାଇନା ମାନଚିତ୍ରରେ ଅରୁଣାଚଳ, ଅକ୍ସାଇ ଚୀନ

**ଆସନ୍ତା ୮ରୁ ୧୦ ତାରିଖ ଯାଏ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଯାଉଛି ଜି୨୦ ସମ୍ମିଳନୀ। ଏଥିରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହାପୂର୍ବରୁ ଚାଇନା ଚିରାଚରିତ ଭାବେ ଔଦ୍ଧତ୍ୟ ଦେଖାଇଛି। ଭାରତର ଅରୁଣାଚଳ ପ୍ରଦେଶ ଏବଂ ଲଦାଖର ଅକ୍ସାଇ ଚୀନକୁ ଚାଇନା ନିଜର ଭୂଖଣ୍ଡ ଦର୍ଶାଇ ସୋମବାର ନୂଆ ମ୍ୟାପ ଜାରି କରିଛି। ଏହାକୁ ଭାରତ ପକ୍ଷରୁ କଡ଼ା ବିରୋଧ କରାଯାଉଥିବାବେଳେ ବେଜିଂ ଜି୨୦ ସମ୍ମିଳନୀ ପୂର୍ବରୁ ନୂଆଦିଲ୍ଲୀକୁ ଏକପ୍ରକାର ଚ୍ୟାଲେଞ୍ଜ ଦେଇଛି।**

ବେଜିଂ/ନୂଆଦିଲ୍ଲୀ,୨୯।୮

ଚାଇନା ସୋମବାର ଆନୁଷ୍ଠାନିକ ଭାବେ ଏହାର 'ଷ୍ଟାଣ୍ଡାର୍ଡ ମ୍ୟାପ୍' ୨୦୨୩ ସଂସ୍କରଣ ଜାରି କରିଛି। ଏଥିରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇକୁ ନିଜ ଭୂଖଣ୍ଡର ଅଂଶ ବୋଲି ଦାବି କରିଛି। ୧୯୬୨ରେ ଦଖଲ କରିଥିବା ଅକ୍ସାଇ ଚୀନକୁ ମଧ୍ୟ ବେଜିଂ ଚାଇନା ଭୂଖଣ୍ଡରେ ଥିବା ଦର୍ଶାଇଛି। କେବଳ ଏତିକି ନୁହେଁ, ତାଇୱାନ ଓ ବିବାଦୀୟ ଦକ୍ଷିଣ ଚାଇନା ସାଗର(ଏସ୍‌ସିଏସ୍)କୁ ମଧ୍ୟ ଏହି ମାନଚିତ୍ରରେ ସ୍ଥାନିତ କରାଯାଇଛି। ଏସ୍‌ସିଏସ୍‌ର ବିସ୍ତୃତ ଜଳରାଶି ମଧ୍ୟରୁ କିଛି ଅଂଶ ଉପରେ ଭିଏତ୍‌ନାମ, ଫିଲିପାଇନ୍ସ, ମାଲେସିଆ, ବ୍ରୁନେଇ ନିଜ ଅଧିକାର ଦାବି କରୁଥିବାବେଳେ ଚାଇନା ଏହାକୁ ନିଜ ମ୍ୟାପ୍‌ରେ



ଚାଇନା ପକ୍ଷରୁ ଜାରି ହୋଇଥିବା ନୂଆ ମ୍ୟାପ୍।

### ଏଭଳି ମ୍ୟାପ୍ ଜାରି କରିବା ଚାଇନାର ପୁରୁଣା ଅଭ୍ୟାସ: ଜୟଶଙ୍କର

ଚାଇନା ପକ୍ଷରୁ ଜାରି ନୂଆ ମାନଚିତ୍ରରେ ଭାରତୀୟ ଭୂଖଣ୍ଡକୁ ନିଜର ଦାବି କରିବା ବିଷୟକୁ ମଙ୍ଗଳବାର ନୂଆଦିଲ୍ଲୀ ପ୍ରତ୍ୟାଖ୍ୟାନ କରିଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍କାର ଦେଇ କହିଛନ୍ତି, ଏଭଳି ମ୍ୟାପ୍ ଜାରି କରିବା ଚାଇନାର ପୁରୁଣା ଅଭ୍ୟାସ। ଅନ୍ୟ ଦେଶଗୁଡ଼ିକର ଭୂଖଣ୍ଡକୁ ନିଜ ମାନଚିତ୍ରରେ ସାମିଲ କରିଦେଲେ ତାହା ଚାଇନାର ହୋଇଯିବ ନାହିଁ। ଆମ ଦେଶର ଅଞ୍ଚଳକୁ ନେଇ ଆମ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ରହିଛି। ନିକଟରେ ଦକ୍ଷିଣର ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ପରସ୍ପରକୁ ଭେଟିଥିଲେ। ଜିନ୍‌ପିଙ୍ଗ୍‌ଙ୍କ ଆଗରେ ମୋଦି ଭାରତ-ଚାଇନା ସୀମାନ୍ତ ୱେଷ୍ଟର୍ନ ସେକ୍ଟର ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଅମୀମାଂସୀତ ବିବାଦ ପ୍ରସଙ୍ଗ ଉଠାଇଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ କରିବାକୁ ହେଲେ ଏଲ୍‌ଏସିରୁ ଯୁଦ୍ଧକାଳୀନ ଭିତ୍ତିରେ ସୈନ୍ୟ ପ୍ରତ୍ୟାହାର ଉପରେ ମୋଦି ଗୁରୁତ୍ୱାରୋପ କରିଥିଲେ। ଏହାସତ୍ତ୍ୱେ ଚାଇନା ନୂଆ ମାନଚିତ୍ର ଜାରି କରି ବିବାଦୀୟ ସ୍ଥିତି ଉପୁଜାଇବା ଦୁର୍ଭାଗ୍ୟଜନକ ବୋଲି ଜୟଶଙ୍କର କହିଛନ୍ତି।

ଅନ୍ତର୍ଭୁକ୍ତ କରିବା ନୂଆ ବିବାଦକୁ ଜନ୍ମ ଦେଇଛି।

ଚାଇନା ସୀମା ସଂଲଗ୍ନ ଦେଶଗୁଡ଼ିକଠାରୁ ଅଧିକ ରାଷ୍ଟ୍ର ସହ ଏହାର ସୀମା ବିବାଦ ଲାଗି ରହିଛି। ଚାଇନା କମ୍ୟୁନିଷ୍ଟ ପାର୍ଟି ମୁଖ୍ୟ ତଥା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ନିଜ ଭୂଖଣ୍ଡକୁ ବଢ଼ାଇବା ପାଇଁ ସବୁବେଳେ ଚାଲାକି କରି ଅନ୍ୟ ସାର୍ବଭୌମ ରାଷ୍ଟ୍ରଗୁଡ଼ିକର ଜାଗା ମାଡ଼ିବସିଥାଆନ୍ତି। ଅଧିକ ଅଞ୍ଚଳ ଉପରେ ନିଜ କର୍ତ୍ତୃତ୍ୱ ଜାହିର କରିବା ପାଇଁ ବିସ୍ତାରବାଦୀ ବେଜିଂ ସମସ୍ତ ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଂଘନ କରିଆସିଛି। ଏହି କ୍ରମରେ ଚାଇନା ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳ ପ୍ରଦେଶ ଉପରେ କର୍ତ୍ତୃତ୍ୱ ଜାହିର କରିଛି। ଗତ ଏପ୍ରିଲରେ ବେଜିଂ ଅରୁଣାଚଳ ପ୍ରଦେଶକୁ 'ଦକ୍ଷିଣ ଚାଇନା' ରୂପେ ଅଭିହିତ କରି ଏକତରଫା ଭାବେ ସେଠାକାର ଗିରିଶୃଙ୍ଗ, ନଦୀ ଓ ଆବାସିକ ଅଞ୍ଚଳ ସମେତ ୧୧ଟି ସ୍ଥାନର ନୂଆ ନାମକରଣ କରିଥିଲା। ଚାଇନା ପ୍ରଥମ ଥର ପାଇଁ ଏଭଳି କୌଶଳ ଆପଣାଇନାହିଁ। ପୂର୍ବରୁ ୨୦୧୭ ଓ ୨୦୨୧ରେ ମଧ୍ୟ ଚାଇନାର ନାଗରିକ ବ୍ୟାପାର ମନ୍ତ୍ରଣାଳୟ ଭାରତର ଅନ୍ୟ କେତେକ ଅଞ୍ଚଳକୁ ନିଜର ବୋଲି ଦାବି କରିଥିଲା। ଏହାକୁ ନେଇ ବେଜିଂ ଓ ନୂଆଦିଲ୍ଲୀ ମୁହାଁମୁହିଁ ହୋଇଥିଲେ।

ପ୍ରକାଶ ଯେ, ଚାଇନାର ସର୍ଭେଇଙ୍ଗ୍ ଆଣ୍ଡ ମ୍ୟାପିଙ୍ଗ୍ ପବ୍ଲିସିଟି ଡେ' ଏବଂ ନ୍ୟାଶନାଲ ମ୍ୟାପିଙ୍ଗ୍ ଆୱାରନେସ୍ ପବ୍ଲିସିଟି ୱିକ୍ ସୋମବାର ଝେଜିଆଙ୍ଗ୍ ପ୍ରଦେଶର ଡେକିଙ୍ଗ୍ କାଉଣ୍ଟିରେ ପାଳିତ ହୋଇଯାଇଛି। ଏହି ଅବସରରେ ☞ପୃଷ୍ଠା-୪

## ୫ରୁ ୧୮ ବର୍ଷର ପିଲା ପାଇବେ ବିଏସ୍‌କେୱାଇ ଚିକିତ୍ସା ସେବା

ଭୁବନେଶ୍ୱର, ୨୯।୮(ଅସମାପିକା ସାହୁ)

ଏଣିକି ୫ରୁ ୧୮ବର୍ଷ ବୟସର ପିଲାମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡରେ ଚିକିତ୍ସା ସେବା ପାଇପାରିବେ। ରାଶନ କାର୍ଡରେ ନାଁ ନ ଥିଲେ ମଧ୍ୟ ସେମାନେ ଚିକିତ୍ସାରୁ ବଞ୍ଚିତ ହେବେନାହିଁ। ଯେଉଁମାନଙ୍କର ନାଁ ଏନ୍‌ଏଫ୍‌ଏସ୍‌ଏ/ଏସ୍‌ଏଫ୍‌ଏସ୍‌ଏସ୍ ଡାଟାବେସ୍‌ରେ ନାହିଁ, ସେମାନଙ୍କ ଚିକିତ୍ସା ମଧ୍ୟ ସୁରୁଖୁରୁରେ ହୋଇପାରିବ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ମଙ୍ଗଳବାର ବିଏସ୍‌କେୱାଇ ସହ ଜଡ଼ିତ ହୋଇଥିବା ସମସ୍ତ ହସ୍ପିଟାଲକୁ ଚିଠି ଲେଖି ଅବଗତ କରାଇଛନ୍ତି। ଉପଯୁକ୍ତ ତଥ୍ୟ ପ୍ରଦାନ କରି ଅଭିଭାବକମାନେ ନିଜ ପିଲାଙ୍କ ନାଁ ସାମିଲ କରିପାରିବେ। ଗତ କିଛିଦିନ ହେବ ଏଭଳି ସମସ୍ୟା ଦେଖାଦେଇଥିବା ସ୍ୱାସ୍ଥ୍ୟ ବିଭାଗ ଜାଣିବାକୁ ପାଇଥିଲା। ପିଲାଙ୍କ ନାମ ରାଶନ କାର୍ଡରେ ପଞ୍ଜୀକୃତ ହୋଇ ନ ଥିବାରୁ ବିଏସ୍‌କେୱାଇରେ ଚିକିତ୍ସା ସେବା ମିଳିପାରୁ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୫ରୁ ୧୮ବର୍ଷ ବୟସର ପିଲାଙ୍କୁ ବିଏସ୍‌କେୱାଇରେ ଅନ୍ତର୍ଭୁକ୍ତ କରିଛନ୍ତି। ଏଣିକି ଏହି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କୋଟାରେ ଚାପ**

# ୨୦୦ ଟଙ୍କା ଶସ୍ତା ହେଲା ଏଲ୍‌ପିଜି

ନୂଆଦିଲ୍ଲୀ, ୨୯।୮



ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପ୍ରତି ଦର ୨୦୦ ଟଙ୍କା କମାଇବା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ଘୋଷଣା କରିଛନ୍ତି। ଆଗକୁ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ସମେତ କେତେକ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଭଳିସ୍ଥଳେ କଂଗ୍ରେସ ଏଲ୍‌ପିଜି ଶସ୍ତାରେ ଯୋଗାଇବା ଲାଗି ପ୍ରତିଶ୍ରୁତି ଦେଇଥିବାରୁ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରନ୍ଧନ ଗ୍ୟାସ୍ ଦର ହ୍ରାସ ଲାଗି ନିଷ୍ପତ୍ତି ହୋଇଛି। ଏବେ ଦିଲ୍ଲୀରେ ୧୪.୨ କିଲୋଗ୍ରାମ୍ ଏଲ୍‌ପିଜି ସିଲିଣ୍ଡର ୧,୧୦୩ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ ବୁଧବାରଠାରୁ ଏହା ୯୦୩ ଟଙ୍କାରେ ମିଳିବ। ଉଜ୍ଜ୍ୱଳା ହିତାଧିକାରୀମାନେ ଏଲ୍‌ପିଜି ଉପରେ ୨୦୦ ଟଙ୍କା ସବ୍‌ସିଡି ପାଇଆସୁଥିବାବେଳେ ଏଣିକି ସେମାନେ ୭୦୩ ଟଙ୍କାରେ ଗ୍ୟାସ୍ ପାଇବେ। ଗରିବ ପରିବାରଗୁଡ଼ିକୁ ସହାୟତା ଲକ୍ଷ୍ୟରେ କ୍ୟାବିନେଟ୍ ଉପରୋକ୍ତ ନିଷ୍ପତ୍ତି ନେଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି।

ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ରେ ଆଉ ୭୫ ଲକ୍ଷ ସଂଯୋଗ ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ମିଶାଇ ପିଏମ୍‌ୟୁୱାଇ ହିତାଧିକାରୀଙ୍କ ସଂଖ୍ୟା ୧୦.୩୫ କୋଟିରେ ପହଞ୍ଚିବ। ଗତ ଦୁଇବର୍ଷରେ ରନ୍ଧନ ଗ୍ୟାସ୍ ଦର ବହୁତ ବଢ଼ିଥିବାରୁ ଏହା ଏକ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ପାଲଟିଥିଲା। ଦରଦାମ୍ ଆକାଶଛୁଆଁ ହୋଇଥିବାବେଳେ ଏଲ୍‌ପିଜି ଦରବୃଦ୍ଧି ଯୋଗୁ ଗରିବ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କଂଗ୍ରେସ ଅଭିଯୋଗ କରିଆସୁଥିଲା। କର୍ଣ୍ଣାଟକ ବିଧାନସଭା ନିର୍ବାଚନବେଳେ ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ କ୍ଷମତାକୁ ଆସିଥିଲା। ମଧ୍ୟପ୍ରଦେଶରେ ଦଳ କ୍ଷମତାକୁ ଆସିଲେ ୫୦୦ ଟଙ୍କାରେ ଏଲ୍‌ପିଜି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲା। ରାଜସ୍ଥାନରେ ମଧ୍ୟ କଂଗ୍ରେସ ସରକାର ଶସ୍ତାରେ ରନ୍ଧନ ଗ୍ୟାସ ଯୋଗାଉଛନ୍ତି। ତେବେ ଏଲ୍‌ପିଜିଦର ହ୍ରାସକୁ ନିର୍ବାଚନ ସହ ଯୋଡ଼ା ନ ଯାଉ। ଓନମ୍ ଏବଂ ରକ୍ଷାବନ୍ଧନ ଅବସରରେ ଦେଶର ମହିଳାମାନଙ୍କୁ ଏହା ନରେନ୍ଦ୍ର ମୋଦି ସରକାରଙ୍କ ଭେଟି ବୋଲି କେନ୍ଦ୍ରମନ୍ତ୍ରୀ ଅନୁରାଗ କହିଛନ୍ତି।

## ଅକ୍ଟୋବର ୧୫ରେ ଓସିଏସ୍ ପ୍ରିଲିମ୍

କଟକ,୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୨ ପ୍ରିଲିମିନାରି ପରୀକ୍ଷା ଆସନ୍ତା ଅକ୍ଟୋବର ୧୫ ତାରିଖରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଓପିଏସ୍‌ସି ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷାର ବିସ୍ତୃତ ବିବରଣୀ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ପରୀକ୍ଷାର୍ଥୀମାନେ ଓପିଏସ୍‌ସି ୱେବ୍‌ସାଇଟକୁ ନିୟମିତ ଭାବେ ଯାଞ୍ଚ କରିବାକୁ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ଚନ୍ଦ୍ରରେ ରହିଛି ସଲ୍‌ଫର

**ଉଦ୍‌ଜାନ ସନ୍ଧାନରେ ରୋଭର**



ନୂଆଦିଲ୍ଲୀ, ୨୯।୮

ଚନ୍ଦ୍ରୟାନ-୩ର ରୋଭର ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠ ଦକ୍ଷିଣ ମେରୁ ଅଞ୍ଚଳରେ ସଲ୍‌ଫର (ଗନ୍ଧକ)ର ସନ୍ଧାନ ପାଇଛି। ରୋଭରରେ ଲାଗିଥିବା ଲେସର-ଇଣ୍ଡ୍ୟୁସଡ୍ ବ୍ରେକ୍‌ଡାଉନ ସ୍ପେକ୍ଟ୍ରୋସ୍କୋପି (ଏଲ୍‌ଆଇବିଏସ୍) ଯନ୍ତ୍ର ଅନୁଧ୍ୟାନରୁ ଗନ୍ଧକ ଥିବା ସ୍ପଷ୍ଟ ହୋଇଛି ବୋଲି ମଙ୍ଗଳବାର ଇସ୍ରୋ କହିଛି। ଚନ୍ଦ୍ରପୃଷ୍ଠରେ ଆଲୁମିନିୟମ, ଗନ୍ଧକ, କାଲ୍‌ସିୟମ, ଲୌହ, କ୍ରେମିଅନମ୍ ଏବଂ ଟିଟାନିୟମ ଥିବା ନେଇ ପ୍ରାଥମିକ ଅନୁଧ୍ୟାନର ଗ୍ରାଫିକ୍ସରୁ ଜଣାପଡ଼ିଛି। ଅଧିକ ଅନୁଧ୍ୟାନ ପରେ ମାଙ୍ଗାନିଜ, ସିଲିକନ୍ ଓ ଅମ୍ଳଜାନ ଉପସ୍ଥିତି ସମ୍ପର୍କରେ ଜଣାପଡ଼ିବ। ଚନ୍ଦ୍ରରେ ଉଦ୍‌ଜାନ ରହିଛି କି ନାହିଁ, ସେନେଇ ଅନୁଧ୍ୟାନ ଜାରି ରହିଥିବା ଇସ୍ରୋ କହିଛି।

ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫ୍ଟଲ୍ୟାଣ୍ଡିଂ ପରେ ଚନ୍ଦ୍ରୟାନ-୩ ମିଶନ ଇତିମଧ୍ୟରେ ସେଠାରେ ଗୋଟିଏ ସପ୍ତାହ ଅତିକ୍ରମ କରିଛି। ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ଭାରତ ଚତୁର୍ଥ ରାଷ୍ଟ୍ର ହୋଇଥିବାବେଳେ ଦକ୍ଷିଣ ମେରୁରେ ଅବତରଣ କରିବାରେ ବିଶ୍ୱର ପ୍ରଥମ ରାଷ୍ଟ୍ର। ସେଠାରେ ଲ୍ୟାଣ୍ଡର ଏବଂ ରୋଭର ଗୋଟିଏ ଲୁନାର ଡେ' ବା ୧୪ ଦିନ କାର୍ଯ୍ୟ କରିବେ।

# ଲିପୋପ୍ରୋଟିନ୍(ଏ) ଚିକିତ୍ସା ପାଇଁ ପ୍ରଥମ ଔଷଧ

ଆମଷ୍ଟରଡାମ୍,୨୯।୮

ଲିପୋପ୍ରୋଟିନ୍(ଏ) ହେଉଛି ଅଠାଳିଆ କୋଲେଷ୍ଟରଲର ମୁଖ୍ୟତଃ ଏକ ଆନୁବଂଶିକ ରୂପ। ଏହା ହୃଦ୍‌ରୋଗ ଓ ହୃଦ୍‌ଘାତଜନିତ ବିପଦ ବଢ଼ାଇଥାଏ। ବିଶ୍ୱରେ ପ୍ରଥମ ଥର ପାଇଁ ଲିପୋପ୍ରୋଟିନ୍(ଏ)ର ଚିକିତ୍ସା ଏକ ନୂଆ ଔଷଧରେ କରାଯାଇପାରିବ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଉଚ୍ଚସ୍ତରର ଲିପୋପ୍ରୋଟିନ୍(ଏ) ହେଉଛି ଏଲ୍‌ଡିଏଲ୍ କୋଲେଷ୍ଟରଲ ସହ ସମାନ। ଏହାକୁ ବେଳେବେଳେ ବ୍ୟାଡ୍ କୋଲେଷ୍ଟରଲ କୁହାଯାଇଥାଏ। ଏହା ଅଧିକ ଅଠାଳିଆ ହୋଇଥିବାରୁ ଧମନୀରେ ରକ୍ତ ପ୍ରବାହକୁ ଅବରୋଧ ଆଶଙ୍କା ବଢ଼ାଇଥାଏ। ବିଶ୍ୱରେ ପ୍ରତି ୫ ଜଣରେ ଜଣକଠାରେ ଏହାର ପ୍ରଭାବ ପଡ଼ିଥାଏ, ଯାହାର ଏପର୍ଯ୍ୟନ୍ତ କୌଣସି ଅନୁମୋଦିତ ଚିକିତ୍ସା ଉପଲବ୍ଧ ନ ଥିଲା। ଅଷ୍ଟ୍ରେଲିଆର ମୋନାଶ୍ ୟୁନିଭର୍ସିଟିରେ 'ମୁଭାଲାପ୍ଲିନ୍' ନାମକ ଔଷଧର ପ୍ରଥମ ପରୀକ୍ଷା ମାନବ ଦେହରେ ସଫଳତାର ସହ

**କୋଲେଷ୍ଟରଲ ଚିକିତ୍ସାରେ ନୂଆ ମୋଡ଼**



କରାଯାଇଛି। ଲିପୋପ୍ରୋଟିନ୍(ଏ)ର ଚିକିତ୍ସା ପାଇଁ ଏହା ପ୍ରଥମ ଔଷଧ। ଏହା ଲିପୋପ୍ରୋଟିନ୍(ଏ)ର ସ୍ତରକୁ ସଫଳତାର ସହ ୬୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରିବ। ଉକ୍ତ ଔଷଧ ଶରୀରରେ ଲିପୋପ୍ରୋଟିନ୍(ଏ) ସୃଷ୍ଟିକୁ ରୋକିଥାଏ। ଉକ୍ତ ଗବେଷଣାକୁ ଆମଷ୍ଟରଡାମ୍‌ସ୍ଥିତ ☞ପୃଷ୍ଠା-୪




## ୪୪ କୋଟିର କୋକେନ୍ ଜବତ

କେରଳର କାଲିକଟ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ)ର ଅଧିକାରୀମାନେ ୪୪ କୋଟିର କୋକେନ୍ ଓ ହେରୋଇନ୍ ଜବତ କରିଛନ୍ତି। ନାଇରୋବିରୁ ଆସି କାଲିକଟ୍ ପହଞ୍ଚିଥିବା ଉତ୍ତରପ୍ରଦେଶ ମୁଜାଫରନଗରର ରାଜୀବ କୁମାର(୨୭)ଙ୍କ ପାଖରେ ନିଷିଦ୍ଧ ନିଶାଦ୍ରବ୍ୟ ଥିବା ଗୋଇନ୍ଦା ବିଭାଗ ସୂଚନା ଦେଇଥିଲା। ତାଙ୍କ ନିକଟରୁ ୩.୪ କେ.ଜି. କୋକେନ୍ ଏବଂ ୧.୨ କେଜି ହେରୋଇନ୍ ମିଳିଥିଲା।

**ସଂକ୍ଷେପରେ**

## ଇମ୍ରାନ୍‌ଙ୍କ ଦଣ୍ଡାଦେଶ ହାଇକୋର୍ଟରେ ସ୍ଥଗିତ

### ଜେଲରୁ ବାହାରିବା ପରେ ପୁଣି ଗିରଫ



**ଇସ୍‌ଲାମାବାଦ,୨୯।୮ (ପି.ଟି.):** ତୋଷାଖାନା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ୩ ବର୍ଷ ଦଣ୍ଡାଦେଶକୁ ମଙ୍ଗଳବାର ଇସ୍‌ଲାମାବାଦ ହାଇକୋର୍ଟ ସ୍ଥଗିତ ରଖିଛନ୍ତି। ଏଥିସହିତ ୧ ଲକ୍ଷ ଟଙ୍କା ସିଓରିଟିବଣ୍ଡ ଦାଖଲ ପରେ ଇମ୍ରାନ୍‌ଙ୍କୁ ଜେଲ୍‌ରୁ ମୁକ୍ତ କରିଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ ପାର୍ଟି ମୁଖ୍ୟଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଆମିର ଫାରୁକ୍ ଏବଂ ଜଷ୍ଟିସ ତାରିକ୍ ମହମ୍ମଦ ଜାହାଙ୍ଗୀରଙ୍କ ଖଣ୍ଡପୀଠ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସୋମବାର ଶୁଣାଣି ପରେ ଅଦାଲତ ରାୟ ସଂରକ୍ଷିତ ରଖିଥିଲେ। ଜିଲା ଅଦାଲତଙ୍କ ରାୟକୁ ସ୍ଥଗିତ ରଖାଯାଇଥିବା ଇମ୍ରାନ୍‌ଙ୍କ ଦଳ ପକ୍ଷରୁ କୁହାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଇମ୍ରାନ୍ ଜାମିନରେ ଜେଲରୁ ବାହାରିବାର କିଛି ସମୟ ପରେ ତାଙ୍କୁ ପୁଣିଥରେ ଗିରଫ କରାଯାଇଛି। ତାଙ୍କୁ ବିଚାର ବିଭାଗୀୟ ହାଜତରେ ରଖାଯିବା ସହ ବୁଧବାର କୋର୍ଟରେ ହାଜର କରାଯିବ। ସିଫର ମାମଲାରେ ତାଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଇମ୍ରାନ୍ କ୍ଷମତାରେ ଥିବାବେଳେ ଗୋପନୀୟ କୂଟନୈତିକ ତଥ୍ୟ (ସିଫର)କୁ ରାଜନୈତିକ ଉଦ୍ଦେଶ୍ୟରେ ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଥିଲା।

## ମଣିପୁର ବିଧାନସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

**ଇମ୍ଫାଲ, ୨୯।୮:** ମଣିପୁର ବିଧାନସଭାର ଦିନିକିଆ ଅଧିବେଶନ ମଙ୍ଗଳବାର ଆରମ୍ଭ ହେବାର ଘଣ୍ଟାଏ ମଧ୍ୟରେ ଏହାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଅଧିବେଶନକୁ ୫ ଦିନ ବଢ଼ାଇବା ଦାବିରେ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ କରିଥିଲେ। ରାଜ୍ୟର ଜାତିଆଲ ହିଂସା ସ୍ଥିତି ସମ୍ପର୍କରେ ଆଲୋଚନା ପାଇଁ ଗୋଟିଏ ଦିନ ଯଥେଷ୍ଟ ନୁହେଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଓକ୍ରାମ ଇବୋବିଙ୍କ ନେତୃତ୍ୱରେ ବିରୋଧୀ ବିଧାୟକମାନେ ଦାବି କରିଥିଲେ। ୧୦ ଜଣ କୁକି ବିଧାୟକ ଅଧିବେଶନରେ ଯୋଗଦେଇ ନ ଥିଲେ। ମଣିପୁର ଜାତିଆଣ ହିଂସା ଘଟି ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା। ବିଧାନସଭା ଅଧିବେଶନ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇ ମୃତକମାନଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଆଲୋଚନା ଆରମ୍ଭ କରି ହିଂସାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପାଇଁ ଶୋକବ୍ୟକ୍ତ କରିଥିଲେ। ହଟ୍ଟଗୋଳ ଲାଗିରହିବାରୁ ବାଚସ୍ପତି ସତ୍ୟବ୍ରତ ସିଂ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ।



ରକ୍ଷାବନ୍ଧନ ଅବସରରେ ଜମ୍ମୁ-କଶ୍ମୀରର ପୁଞ୍ଚଠାରେ ସ୍କୁଲ ଛାତ୍ରୀମାନେ ଯବାନଙ୍କ ହାତରେ ରାଖୀ ବାନ୍ଧୁଛନ୍ତି।

# କଶ୍ମୀରକୁ କେବେ ଫେରାଇବ ରାଜ୍ୟ ମାନ୍ୟତା

### କେନ୍ଦ୍ରକୁ ସାମ୍ବିଧାନିକ ପୀଠଙ୍କ ପ୍ରଶ୍ନ

**ନୂଆଦିଲ୍ଲୀ,୨୯।୮**

ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା କେବେ ଫେରାଇବ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏଥିସହ ଏ ସଂକ୍ରାନ୍ତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୩୧ ସୁଦ୍ଧା ଏହା ଉପରେ ବିସ୍ତୃତ ବିବରଣୀ ଦେବାକୁ ସାମ୍ବିଧାନିକ ପୀଠ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ସହ ଜମ୍ମୁ-କଶ୍ମୀରକୁ ଏହା ବଳରେ ମିଳିଆସୁଥିବା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହାର କରିଥିଲେ। ସେବେଠୁ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇରହିଛି। ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୨୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଉକ୍ତ ଆବେଦନଗୁଡ଼ିକର ଶୁଣାଣି ସାମ୍ବିଧାନିକ




ବାମରୁ ଜଷ୍ଟିସ୍ ବି.ଆର୍. ଗଭାଇ, ଜଷ୍ଟିସ୍ ଏସ୍.କେ. କୌଲ, ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସୂର୍ଯ୍ୟକାନ୍ତ।

ପୀଠରେ ଚାଲିଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍.କେ. କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠରେ ଏହି ପ୍ରସଙ୍ଗରେ ମଙ୍ଗଳବାର ଥିଲା ଶୁଣାଣିର ଦ୍ୱାଦଶ ଦିନ। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟା ୨୦୧୯ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପାର୍ଲାମେଣ୍ଟରେ ଜମ୍ମୁ ଓ କଶ୍ମୀର ପୁନର୍ଗଠନ ବିଧେୟକ ଆଗତ ବେଳେ ଦେଇଥିବା ସୂଚନାର ଅବତାରଣା କରିଥିଲେ। ଏସ୍‌ଜି ମେହେଟ୍ଟା କହିଥିଲେ, କଶ୍ମୀରକୁ ରାଜ୍ୟ ମାନ୍ୟତା ଉପଯୁକ୍ତ ସମୟରେ ଫେରାଇ ଦିଆଯିବ। କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ସ୍ଥାୟୀ ନୁହେଁ ବୋଲି ମେହେଟ୍ଟା କହିବା ପରେ ସିଜେଆଇ ସମୟକୁ ନେଇ ପ୍ରଶ୍ନ କରିଥିଲେ, ଏହା କିପରି ଅସ୍ଥାୟୀ? ସରକାର ଜମ୍ମୁ-କଶ୍ମୀରରେ କେବେ ନିର୍ବାଚନ କରାଇବାକୁ ଯାଉଛନ୍ତି? ମେହେଟ୍ଟା କହିଥିଲେ, ଏହି ପ୍ରସଙ୍ଗରେ କେନ୍ଦ୍ରକୁ ପଚାରି ଜଣାଇବେ। ରାଜ୍ୟ ମାନ୍ୟତା ପୁନଃ ଅବସ୍ଥାପିତ କରିବା ପ୍ରକ୍ରିୟା ଚାଲିଛି। ଏହି ପରିପେକ୍ଷୀରେ ସିଜେଆଇ କହିଥିଲେ, କେନ୍ଦ୍ର ଜାତୀୟ ନିରାପତ୍ତା ଆଳରେ ଏକ ରାଜ୍ୟକୁ ଅସ୍ଥାୟୀ କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତିତ କରିପାରିବ କି? କେନ୍ଦ୍ର ପାଖରେ ଯଦି ଏପରି କ୍ଷମତା ରହିଛି, ତେବେ ସରକାର ଅନ୍ୟ ରାଜ୍ୟଗୁଡ଼ିକୁ ମଧ୍ୟ କେନ୍ଦ୍ରଶାସିତ ଅଞ୍ଚଳ କରିଦେବେ, ଯାହାକି ଜଣେ ଆବେଦନକାରୀ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଉପତ୍ୟକାରେ ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ସିଜେଆଇ କହିଥିଲେ।

ପ୍ରକାଶ ଯେ, ୨୦୨୦ ମାର୍ଚ୍ଚରେ ୩୭୦ ଉଚ୍ଛେଦ ପ୍ରସଙ୍ଗ ତାଲିକାଭୁକ୍ତ ହେବା ପରେ ସେତେବେଳର ୫ ଜଣିଆ ସାମ୍ବିଧାନିକ ପୀଠ ଏହାକୁ ୭ ଜଣିଆ ସାମ୍ବିଧାନକ ପୀଠକୁ ପଠାଇବାକୁ ମନା କରିଦେଇଥିଲେ। ଗତ ୨ରେ ଶୀର୍ଷ ଅଦାଲତରେ ଏହି ପ୍ରସଙ୍ଗରେ ଚୂଡ଼ାନ୍ତ ଶୁଣାଣି ଆରମ୍ଭ ହୋଇଥିଲା। ମୂଳ ପ୍ରଶ୍ନ ଥିଲା, ସମ୍ବିଧାନ ପ୍ରଣେତାମାନେ ଅନୁଚ୍ଛେଦ ୩୭୦କୁ ସ୍ଥାୟୀ କିମ୍ବା ଅସ୍ଥାୟୀ ଭାବେ ରଖିବା ପାଇଁ ପ୍ରଣୟନ କରିଥିଲେ।

## ‘ଛାଡ଼ପତ୍ର ପରେ ଏକାଠି ରହିବାକୁ ବାଧ କରିବା କ୍ରୂରତା’

**ନୂଆଦିଲ୍ଲୀ,୨୯।୮**



ପରସ୍ପରକୁ ଛାଡ଼ପତ୍ର ଦେଇ ଅଲଗା ରହୁଥିବା ସ୍ତ୍ରୀ ଓ ସ୍ୱାମୀଙ୍କୁ ପୁନର୍ବାର ଦାମ୍ପତ୍ୟ ଜୀବନ ବିତାଇବା ପାଇଁ ଏକାଠି କରିବା ଉଭୟ ପକ୍ଷଙ୍କ ପ୍ରତି କ୍ରୂରତାପୂର୍ଣ୍ଣ ଆଚରଣ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୟ କିଷାନ କୌଲ ଏବଂ ସୁଧାଂଶୁ ଧୁଲିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ବିଧାନର ଅନୁଚ୍ଛେଦ ୧୪୨ ବଳରେ କ୍ଷମତା ଉପଯୋଗ କରି ଏକ ବିବାହକୁ ଭଙ୍ଗ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଲଗାତର ଭାବେ ମନୋମାଳିନ୍ୟ ଲାଗି ରହିବା ଯୋଗୁ ସ୍ତ୍ରୀ ଓ ସ୍ୱାମୀ ଦୀର୍ଘଦିନ ଧରି ଅଲଗା ବସବାସ କରିବାକୁ ‘ପୂର୍ବାବସ୍ଥାକୁ ଫେରୁ ନ ଥିବା ବିବାହ ବିଚ୍ଛେଦ’ କୁହାଯାଇପାରିବ।

କଥିତ ମାମଲାରେ ଛାଡ଼ପତ୍ରର ୧୨ବର୍ଷ ପରେ ହିନ୍ଦୁ ବିବାହ ଆଇନ ୧୯୫୫ର ଧାରା ୯ ବଳରେ ସ୍ୱାମୀ ଏକାଠି ହେବା ପାଇଁ ୨୦୧୨ ନଭେମ୍ବର ୯ରେ ଦାଖଲ କରିଥିବା ଆବେଦନକୁ ୨୦୧୩ ଅଗଷ୍ଟ ୨୯ରେ ପରିବାର ଅଦାଲତ ଖାରଜ କରିଦେଇଥିଲେ। ଏହାପରେ ହାଇକୋର୍ଟରେ ନିରାଶ ହୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଖଣ୍ଡପୀଠ ଏହାର ବିଚାରକରି ବିବାହକୁ ଭଙ୍ଗ ଘୋଷଣା କରିଛନ୍ତି। ଏଥିସହ ଆବେଦନକାରୀ ସ୍ୱାମୀଙ୍କୁ ତାଙ୍କ ଝିଅର ପାଠପଢ଼ା ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଇନ୍ଦିରା ଗାନ୍ଧୀ ଚନ୍ଦ୍ରକୁ ଯାଇଥିଲେ କହି ମମତା ସମାଲୋଚିତ

**କୋଲକାତା, ୨୯।୮**

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ସଫଳତାର ସହ ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ପରେ ଇସ୍ରୋ ବୈଜ୍ଞାନିକମାନଙ୍କୁ ପ୍ରଶଂସା କରିବା ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭୁଲ୍‌ବଶତଃ ପ୍ରଥମ ଭାରତୀୟ ମହାକାଶଚାରୀଙ୍କ ନାଁ ରାକେଶ ଶର୍ମା ବଦଳରେ ଚଳଚ୍ଚିତ୍ର ନିର୍ମାତା ରାକେଶ ରୋଶନ କହି ସମାଲୋଚିତ ହୋଇଥିଲେ। ସୋମବାର ତୃଣମୂଳ କଂଗ୍ରେସ ଛାତ୍ର ପରିଷଦ ପ୍ରତିଷ୍ଠା ଦିବସ ରାଲିକୁ ଉଦ୍‌ବୋଧନ ଦେବାବେଳେ ଟିଏମ୍‌ସି ନେତ୍ରୀ ଆଉ ଏକ ବିଚିତ୍ର ମନ୍ତବ୍ୟ ଦେଇଛନ୍ତି। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଚନ୍ଦ୍ରକୁ ଯାଇଥିଲେ ବୋଲି ସେ କହିଛନ୍ତି। ଇନ୍ଦିରା ଗାନ୍ଧୀଙ୍କ ସରକାର ସମୟରେ ଭାରତର ପ୍ରଥମ ମହାକାଶ ଯାତ୍ରାକୁ ମନେ ପକାଇ ମମତା କହିଥିଲେ, ଯେତେବେଳେ ଇନ୍ଦିରା ଚନ୍ଦ୍ରରେ ପହଞ୍ଚିଲେ ସେତେବେଳେ ରାକେଶଙ୍କୁ ପଚାରିଥିଲେ, ସେଠାରୁ ହିନ୍ଦୁସ୍ଥାନ କିପରି ଦେଖାଯାଉଛି। ରାକେଶ ‘ସାରେ ଜହାଁ ସେ ଅଚ୍ଛା’ ବୋଲି ଉତ୍ତର ରଖିଥିବା ମମତା କହିଥିଲେ।

## ଦଳିତ ହୋଇଥିବାରୁ ନିର୍ଯାତିତ

### ଜମ୍ମୁ-କଶ୍ମୀର ଆଇଏଏସ୍ ଅଫିସରଙ୍କ ଅଭିଯୋଗ



**ଶ୍ରୀନଗର, ୨୯।୮**

ଦଳିତ ହୋଇଥିବାରୁ ନିର୍ଯାତନା ଏବଂ ପକ୍ଷପାତର ସମ୍ମୁଖୀନ ହେଉଥିବା ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଜଣେ ବରିଷ୍ଠ ଆଇଏଏସ୍ ଅଫିସର ଅଭିଯୋଗ କରିଛନ୍ତି। ପ୍ରମୁଖ ସଚିବ ଥିବା ୧୯୯୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅଶୋକ ପାର୍ମାର ଗତ ବର୍ଷକ ମଧ୍ୟରେ ୫ ଥର ବଦଳି ହେଲେଣି। ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ଚାଲିଥିବା ସେ ଅଭିଯୋଗ କରିଥିବାବେଳେ ଏହାର ନିରପେକ୍ଷ ତଦନ୍ତ ଲାଗି ବିରୋଧୀ ଦଳ ଦାବି କରିଛି। ପାର୍ମାର ଜାତୀୟ ଅନୁସୂଚିତ ଜାତି ଆୟୋଗ ନିକଟରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି, ସେ ଜଳଶକ୍ତି ବିଭାଗର ଅନିୟମିତତାର ପର୍ଦ୍ଦାଫାଶ କରିବାରୁ ଜମ୍ମୁ-କଶ୍ମୀର ପ୍ରଶାସନ ତାଙ୍କୁ ନିର୍ଯାତନା ଦେବା ସହ ଧମକ ଦେଉଛି। ସେ ସ୍ୱରାଷ୍ଟ୍ର ସଚିବଙ୍କ ନିକଟରେ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ପ୍ରଶାସନ ତାଙ୍କୁ ମିଛ ଅଭିଯୋଗରେ ଅଭିଯୁକ୍ତ କରିପାରେ ବୋଲି ଆଇଏଏସ୍ ଅଫିସର ଆଶଙ୍କା ବ୍ୟକ୍ତ କରିଛନ୍ତି।

### ସ୍କୁଲରେ ଯୌନ ନିର୍ଯାତନା

## ଯୋଗୀଙ୍କୁ ରକ୍ତରେ ଚିଠି ଲେଖିଲେ ଛାତ୍ରୀ

**ଗାଜିଆବାଦ,୨୯।୮**

ଉତ୍ତରପ୍ରଦେଶର ଗାଜିଆବାଦ ଅଞ୍ଚଳରେ ଥିବା ଏକ ସ୍କୁଲର ଅଧ୍ୟକ୍ଷ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ପୋଲିସ ସୂଚନା ଅନୁସାରେ ଅଭିଯୁକ୍ତ ଅଧ୍ୟକ୍ଷ ଡ. ରାଜୀବ ପାଣ୍ଡେ ଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ତାଙ୍କ ଦପ୍ତରକୁ ଡାକିବା ସହ ମନ୍ଦ ଉଦ୍ଦେଶ୍ୟ ରଖି ସେମାନଙ୍କ ଶରୀରକୁ ଛୁଉଁଥିଲେ। ବାରମ୍ବାର ଏଭଳି ଘଟଣା ଘଟିବାରୁ ସେମାନେ ଅଭିଭାବକଙ୍କୁ ଜଣାଇଥିଲେ। ଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ରକ୍ତରେ ଚିଠି ଲେଖିବା ସହ ଅଭିଯୁକ୍ତ ଅଧ୍ୟକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଭାବକମାନେ ସ୍କୁଲରେ ପହଞ୍ଚି ଅଧ୍ୟକ୍ଷଙ୍କୁ ତାଗିଦ କରିବାରୁ ସେ ଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଫଳରେ ଅଭିଭାବକମାନେ ଅଧ୍ୟକ୍ଷଙ୍କୁ ମାଡ଼ ମାରିଥିଲେ। ଅଧ୍ୟକ୍ଷଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଆମକୁ ଥାନାରେ ପ୍ରାୟ ୪ ଘଣ୍ଟା ଧରି ପୋଲିସ ଅଟକ ରଖିଥିଲା ଏବଂ ସ୍କୁଲ କର୍ତ୍ତୃପକ୍ଷ ଆମକୁ ଶ୍ରେଣୀକକ୍ଷରେ ପ୍ରବେଶ କରିବାକୁ ବାରଣ କରିଥିଲେ ବୋଲି ଛାତ୍ରୀମାନେ ଏହି ରକ୍ତଭିଜା ଚିଠିରେ ଲେଖିଛନ୍ତି। ଅଧ୍ୟକ୍ଷ ଜଣକ ଆର୍‌ଏସ୍‌ଏସ୍ ସଦସ୍ୟ ବୋଲି କୁହାଯାଉଛି।

# ବିକାଶ ନିଶାରୁ ଧ୍ୱଂସାଭିମୁଖୀ ହିମାଳୟ

**ପ୍ରସ୍ତୁତି: ଜିତେନ୍ଦ୍ର କୁମାର ନାୟକ**

ହିମାଳୟ। ଭାରତୀୟ ପରିବେଶ ପରିସଂସ୍ଥାନକୁ ଜାବୁଡ଼ି ଧରିବାରେ ଏହାକୁ ପ୍ରକୃତିର ଏକ ଅନନ୍ୟ ଅବଦାନ ଭାବେ ବିବେଚନା କରାଯାଇଥାଏ। କିନ୍ତୁ ଗତ କିଛି ଦଶନ୍ଧି ହେବ ଏହାର ବକ୍ଷ ବିଦୀର୍ଣ୍ଣ ହେବାରେ ଲାଗିଛି। ବରଫାବୃତ ଏହାର ଶୃଙ୍ଗର ଉଚ୍ଚତା ଦିନକୁ ଦିନ କମୁଛି। ବିକାଶ ନାମରେ ହିମାଳୟ ପାଦଦେଶରେ ନିଆଯାଉଥିବା ପରିବେଶ ପ୍ରତିକୂଳଜନିତ ପଦକ୍ଷେପ ପାହାଡ଼ିଆ ରାଜ୍ୟ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ବ୍ୟାପକ କ୍ଷତି ଘଟାଇ ଚାଲିଛି। କେଉଁଠି ପୋଲ ଭୁଶୁଡ଼ିପଡୁଛି ତ ଅନ୍ୟ କେଉଁଠି ରାସ୍ତା ଧୋଇ ହୋଇଯାଉଛି। ବାଦଲଫଟା ବର୍ଷା ଯୋଗୁ ସୃଷ୍ଟ ବନ୍ୟାରେ ବଡ଼ କୋଠା ନଦୀରେ ଭାସି ଯାଉଥିବା ଦୃଶ୍ୟ ବାରମ୍ବାର ଦେଖିବାକୁ ମିଳୁଛି। ଏହି ଭଙ୍ଗୁର ପରିବେଶ ଭୂଖଣ୍ଡ ସହ ତାଳଦେଇ ଚାଲିବା ଅପେକ୍ଷା ମଣିଷ ଆକାଂକ୍ଷିତ ବିକାଶମୂଳକ ପ୍ରକଳ୍ପ ଗଢୁଥିବାରୁ ପ୍ରକୃତି ତାହାକୁ ସହିପାରୁ ନାହିଁ। ଉତ୍ତରାଖଣ୍ଡର ଚାମୋଲିରେ ଭୂସ୍ଖଳନ ଓ ଜୋଷୀମଠ ଦବିବା ଏବଂ ହିମାଚଳ ପ୍ରଦେଶର ସଡ଼କରେ ବଡ଼ ଗର୍ତ୍ତ ସୃଷ୍ଟି ହେବା, ଚାରଧାମ ରାସ୍ତାରେ କ୍ରମାଗତ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯିବାର ଖବର ବାରମ୍ବାର ଶୁଣିବାକୁ ମିଳୁଛି। ଦେବଭୂମିରେ ଘଟୁଥିବା ବିପର୍ଯ୍ୟୟ ପ୍ରାୟ ନିତିଦିନିଆ ହୋଇଗଲାଣି ।

୨୦୧୬ରେ ଉତ୍ତରାଖଣ୍ଡର ଗଡ଼ୱାଲ ଅଞ୍ଚଳ ଓ କୁମାଉନ ମଧ୍ୟରେ ୯୦୦ କିଲୋମିଟର ବ୍ୟାପ୍ତ ଦୁଇ ଲେନ୍ ବିଶିଷ୍ଟ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ ‘ଚାରଧାମ ମହାମାର୍ଗ ବିକାଶ ପରିଯୋଜନା’ କାର୍ଯ୍ୟକାରୀ କରାଯାଇଥିଲା। ଏଥିପାଇଁ ଅନେକ ଲକ୍ଷ ଗଛ ଓ ବହୁ ଜଙ୍ଗଲ ଅଞ୍ଚଳ ବଳିପଡ଼ିଥିଲା। କେବଳ ସେତିକି ନୁହେଁ, ଏହି ଭିତ୍ତିଭୂମି ବିକାଶ କରାଯିବା ବେଳେ ଅନେକ ମଣିଷ ଓ ଜୀବଜନ୍ତୁଙ୍କ ଜୀବନ ମଧ୍ୟ ଯାଇଥିଲା। ଏହି କାର୍ଯ୍ୟ ଯୋଗୁ ଉତ୍ପନ୍ନ ଅନେକ ଟନ୍ ବର୍ଜ୍ୟ ମିଶିଯିବାରୁ ତାହା ଜଳ ଉତ୍ସକୁ ରୋଧି ଦେଇଛି। ବିଡ଼ମ୍ବନାର ବିଷୟ ଯେ, ହିମାଳୟ ଅଞ୍ଚଳରେ ବିକଶିତ ଅନେକ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟରୁ ଅଧିକାଂଶ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ (ଇଆଇଏ) ବା ପରିବେଶଗତ ମଞ୍ଜୁରୀକୁ ଅଣଦେଖା କରି ଗଢ଼ିଉଠିଛି। ସେଥିପାଇଁ ଦେବଭୂମିର ଚମ୍ପା, ଶିବପୁରି, ରୁଦ୍ରପ୍ରୟାଗ, ଚାମୋଲି, ଅଗୁଷ୍ଟମୁନି, କର୍ଣ୍ଣପ୍ରୟାଗ ଓ କୁଣ୍ଡ (ସବୁ ଉତ୍ତରାଖଣ୍ଡର)ଏବଂ ଅନ୍ୟାନ୍ୟ ରସାଳ ସବୁଜ ଅଞ୍ଚଳ ଉଭାନ ହେବାରେ ଲାଗିଛି। ଚାରଧାମ ମହାମାର୍ଗ ବିକାଶ ପରିଯୋଜନା ଯୋଗୁ ଲୁଣ୍ଠିତ ପ୍ରକୃତି କୋଳରେ କେବଳ ଭାଗୀରଥି ଇକୋ ସେନ୍‌ସିଟିଭ୍ ଜୋନ୍(ବିଇଏସ୍‌ଜେଡ୍) ଅକ୍ଷୁଣ୍ଣ ରହିଯାଇଛି। ବିଇଏସ୍‌ଜେଡ୍‌କୁ ଗଙ୍ଗାର ଏକ ପ୍ରାକୃତିକ ପ୍ରବହମାନ ଅଞ୍ଚଳ ଭାବେ ଅଭିହିତ କରାଯାଇ ଏନ୍‌ଭାଇରନ୍‌ମେଣ୍ଟ ପ୍ରୋଟେକ୍‌ଶନ ଆକ୍ଟ-୧୯୮୬ ଅଧୀନରେ ଏହାକୁ ଡିସେମ୍ବର ୨୦୧୨ରେ ସୁରକ୍ଷିତ କ୍ଷେତ୍ର କରାଯାଇଥିଲା।

ବିକାଶ ନାମରେ ପ୍ରକୃତିକୁ ଧ୍ୱଂସ କରିବାର ଯେଉଁ ପଦକ୍ଷେପ ନିଆଯାଉଛି, ତାହା ମଣିଷର ବିନାଶକୁ ଡାକିଆଣୁଛି। ପରିବେଶକୁ କ୍ଷତି ପହଞ୍ଚାଇଲା ଭଳି ସ୍ଥାନ ଦେଇ ସଡ଼କ ଭିତ୍ତିଭୂମି ଉନ୍ନତି କରାଯିବ ନାହିଁ ବୋଲି ସଡ଼କ ପରିବହନ ମନ୍ତ୍ରଣାଳୟ କହିଆସିଥାଏ। ହେଲେ ବିନା ଆବଶ୍ୟକତାରେ ରାସ୍ତାଗୁଡ଼ିକୁ ପ୍ରଶସ୍ତ କରାଯିବା ଲାଗି ସମ୍ପୃକ୍ତ ମନ୍ତ୍ରଣାଳୟ ଅନୁମତି ଦେବା ନିଜେ ନିଜ ବିଜ୍ଞପ୍ତିକୁ ଅସ୍ୱୀକାର କଲା ଭଳି ପ୍ରତୀୟମାନ ହେଉଛି। ଏମିତି ଦେଖାଯାଉଛି, ଯେଉଁଠାରେ ରାସ୍ତା ପ୍ରଶସ୍ତୀର ଆବଶ୍ୟକତା ନାହିଁ ସେଠାରେ ବିକାଶ ନାମରେ ଲେନ୍ ସଂଖ୍ୟା ବଢ଼ାଇ ଦିଆଯାଉଛି। ବିଇଏସ୍‌ଜେଡ୍‌ରେ ଡବଲ୍ ଲେନ୍ ରୋଡ୍ କରିବା ଲାଗି ସଡ଼କ ପରିବହନ ମନ୍ତ୍ରଣାଳୟ ପ୍ରଥମେ ଅନୁମତି ଦେଇଥିଲା। କିନ୍ତୁ ଏହି ପ୍ରସ୍ତାବର ଦୁଇ ମାସ ପରେ ସେଥିରେ ପରିବର୍ତ୍ତନ ଆଣିଥିଲା। ଇଏଆଇର ବିନା ଅନୁମତିରେ କିଭଳି ରାସ୍ତା ପ୍ରଶସ୍ତୀକରଣକୁ ଅନୁମତି ଦିଆଯାଉଥିଲା, ତାହା ଏବେ ହିମାଳୟସମ ପ୍ରଶ୍ନବାଚୀ ହୋଇରହିଛି।

ଗଙ୍ଗୋତ୍ରୀ ପୀଠକୁ ଯିବା ଲାଗି ବିଇଏସ୍‌ଜେଡ୍ ବିଜ୍ଞପ୍ତି ଅନୁଯାୟୀ ଗାଡ଼ି ଚଳାଚଳକୁ ନିୟନ୍ତ୍ରଣ ଭିତରେ ରଖାଯାଇଥିଲା। ହେଲେ ମୌସୁମୀ ପୂର୍ବରୁ ଉତ୍ତରାଖଣ୍ଡ ସରକାର ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବାକୁ ଯାଇ ଚାରଧାମ ରାସ୍ତାରେ ଦୈନିକ ୯,୦୦୦ ଯାତ୍ରୀ ଯିବା ଲାଗି ବ୍ୟବସ୍ଥା କରିଦେବା ସାଧାରଣ ନିୟମର ଉଲ୍ଲଂଘନ। ଏଥିରୁ ସ୍ପଷ୍ଟ ବୁଝିହେଉଛି ଯେ, ସରକାର ଅତ୍ୟଧିକ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ନେଇ ଅଧିକ ପର୍ଯ୍ୟଟକଙ୍କ ଯିବାଆସିବା ସକାଶେ ରାସ୍ତାଗୁଡ଼ିକୁ ପ୍ରଶସ୍ତ କରିବା ନିଶାରେ ପଡ଼ିଛନ୍ତି। ସେଥିପାଇଁ ହିମାଳୟର ନରମା ଅଞ୍ଚଳରେ ମଧ୍ୟ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରଖାଯାଇଛି। ପ୍ରକୃତି ତା’ର କୋପ ଦେଖାଇଥିଲେ ମଧ୍ୟ ଉଭୟ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶ ସରକାର ପର୍ଯ୍ୟଟନ ପରିବହନ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯିବା ଲାଗି ପ୍ରସ୍ତାବ ଦେଇଛନ୍ତି। ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେବା ଲାଗି ସୁପ୍ରିମକୋର୍ଟ ମଧ୍ୟ ଏକ କମିଟି ଗଠନ କରିଛନ୍ତି। କିନ୍ତୁ ଏଠାରେ ଏକ ବଡ଼ ପ୍ରଶ୍ନ ଉଠୁଛି ଯେ, ଏଭଳି ସୁପାରିସ କାର୍ଯ୍ୟକାରୀ କରାଯିବ ନା ନାହିଁ।

ଗଙ୍ଗା ପୁନରୁଦ୍ଧାର ପାଇଁ ପ୍ରମୁଖ ଆହ୍ୱାନ ଭାବେ ଗଙ୍ଗୋତ୍ରୀ ଗ୍ଲେସିୟରର ସଂରକ୍ଷଣ ନିତାନ୍ତ ଆବଶ୍ୟକ। କାରଣ ଏଠାକାର ହିମବାହ କ୍ଷୀପ୍ର ଗତିରେ ତରଳିବାରେ ଲାଗିଛି। ଅତ୍ୟଧିକ ଯାନବାହନ ଚଳାଚଳ, ଜଙ୍ଗଲ ନିଆଁ, ଅଳଙ୍ଗାରମିଶା ଅଙ୍ଗାରକାମ୍ଳ ବୃଦ୍ଧି ଗ୍ଲେସିୟର ଉପରେ ପ୍ରଭାବ ପକାଉଛି। ରାଜନେତା, ଅମଲାତନ୍ତ୍ରୀ ଓ ରିୟଲ ଇଷ୍ଟେଟ୍ ବେପାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ହିମାଳୟ ଜଙ୍ଗଲ, ନଦୀ ଓ ବାସିନ୍ଦାଙ୍କ କ୍ଷତି ଘଟି ଚାଲିଛି। ଅନ୍ୟପଟେ ତଥାକଥିତ ‘ପରିବେଶ ବନାମ ବିକାଶ’ ବିତର୍କ ଜାରି ରହିଛି। ବିକାଶ ନାମରେ ଗଢ଼ାଯାଉଥିବା ଭିତ୍ତିଭୂମି ଓ ପ୍ରକଳ୍ପ ସଂଖ୍ୟାକୁ ହ୍ରାସ କରାଯାଇପାରିଲେ ବିନାଶକୁ ରୋକିବାରେ କିଛିଟା ସାମାଧାନର ସୂତ୍ର ବାହାରିପାରନ୍ତା। ଆମେ ଏବେ ଏକ ଜଟିଳ ସ୍ଥିତି ଦେଇ ଗତି କରୁଛେ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରକୃତିରେ ବ୍ୟାପକ ପରିବର୍ତ୍ତନ ଦେଖାଦେବା ସହ ମଣିଷ ଦହଗଞ୍ଜ ହୋଇଚାଲିଛି। ଭବିଷ୍ୟତ ବଂଶଧର ଓ ଅନେକ ନିୟୁତ ଲୋକଙ୍କ ଜୀବନରେଖା ପାଲଟିଥିବା ହିମାଳୟ ଅଞ୍ଚଳକୁ ନଷ୍ଟ କରିଦିଆଗଲେ କଦାପି କୌଣସି ବିକାଶ ଘଟିପାରିବ ନାହିଁ। (‘ଦି ହିନ୍ଦୁ’ରୁ ସଂଗୃହୀତ ତଥ୍ୟ)



# 'ପରିବାରର ଉନ୍ନତି ହେଲେ ରାଜ୍ୟର ବିକାଶ ସମ୍ଭବ'



ମିଶନ ଶକ୍ତି ସମାବେଶରେ ମହିଳାମାନେ ୫-ଟି ସଚିବଙ୍କୁ ଫୁଲ ପକାଇ ସ୍ୱାଗତ କରୁଛନ୍ତି।



ସମାବେଶରେ ଉପସ୍ଥିତ ମିଶନଶକ୍ତିର ସଦସ୍ୟାମାନେ।

## ୫-ଟି ସଚିବଙ୍କ ଯାଜପୁର ଜିଲା ଗସ୍ତ

- ମିଶନ ଶକ୍ତି ଗ୍ରୁପ୍‌ଗୁଡ଼ିକୁ ଗାଡ଼ି ପ୍ରଦାନ କରାଯିବ
- ଯାଜପୁର ଜିଲା ମିଶନ ଶକ୍ତି ମହିଳା ୫୪୦ କୋଟି ଟଙ୍କା ଋଣ ଉଠାଇଛନ୍ତି

ଯାଜପୁର/ଯାଜପୁର ରୋଡ,୨୯।୮(ହର୍ଷବର୍ଦ୍ଧନ ବେହେରା/ପବିତ୍ର ରଞ୍ଜନ ମହାନ୍ତି)

ଘରେ ବାନ୍ଧି ହୋଇ ରହିଥିବା ମହିଳାମାନେ ଘରୁ ପାଦ କାଢି ପାରିଲେ ଓଡ଼ିଶା ଏକ ସଶକ୍ତ ରାଜ୍ୟ ହୋଇ ପାରିବ। ମହିଳାମାନଙ୍କୁ ଆବଶ୍ୟକ ତାଲିମ ନେବାକୁ ପଡ଼ିବ। ମହାଜନ ପାଖକୁ ନ ଯାଇ ବ୍ୟାଙ୍କରୁ ଋଣ ନେଇ ବ୍ୟବସାୟ କରି ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ପଡ଼ିବ। ଏହି କ୍ରମରେ ମହିଳାମାନଙ୍କ ଦ୍ୱାରା ପରିବାରର ଉନ୍ନତି ହେଲେ ରାଜ୍ୟର ବିକାଶ ସମ୍ଭବ ହେବ ବୋଲି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଛନ୍ତି।

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଚାନ୍ଦମା ଖେଳପଡ଼ିଆରେ ମଙ୍ଗଳବାର ମିଶନ ଶକ୍ତି ସମାବେଶରେ ଯୋଗଦେଇ ୫-ଟି ସଚିବ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯେତେବେଳେ ଓଡ଼ିଶାର ଦାୟିତ୍ୱ ନେଇଥିଲେ, ସେତେବେଳେ ମହିଳାମାନଙ୍କ ବିକାଶ କଥା ଚିନ୍ତା କରିଥିଲେ। ତେଣୁ ୨୦୦୧ରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି କାର୍ଯ୍ୟକୁ ହାତକୁ ନେଇଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ଏଥିରେ ରାଜ୍ୟରେ ୭୦ ଲକ୍ଷ ମହିଳା ସାମିଲ ଅଛନ୍ତି। ଗତ ଏକ ବର୍ଷରେ ରାଜ୍ୟର ମହିଳାମାନେ ୧୧,୩୦୦ କୋଟି ଟଙ୍କା ବ୍ୟାଙ୍କରୁ ଋଣ ନେଇ ପାରିଛନ୍ତି। ସେଥିମଧ୍ୟରୁ କେବଳ ଯାଜପୁର ଜିଲାର ୭୦ ହଜାର ମିଶନ ଶକ୍ତି ଦଳର ମହିଳା ୫୪୦ କୋଟି ଟଙ୍କା ଋଣ ଉଠାଇଛନ୍ତି। ଏହାବାଦ୍ ମହିଳାମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ବ୍ୟବସ୍ଥା ହୋଇଛି। ଆଗାମୀ ଦିନରେ ଏହି ଋଣ ପରିମାଣ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଲକ୍ଷ୍ୟ ରହିଛି। ମହିଳାମାନଙ୍କୁ ପ୍ରାୟ ପ୍ରତ୍ୟେକ ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାରେ ୩୨୦ଟି ମିଶନ ଶକ୍ତି ଗୃହ ନିର୍ମାଣ କରିବାକୁ ଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ୨୬୦ଟି ଗୃହ ମିଶନ ଶକ୍ତିକୁ ହସ୍ତାନ୍ତର ହୋଇଛି। ଏହାସହ ବିଭିନ୍ନ ଗ୍ରାମରେ ପଡ଼ି ରହିଥିବା ପୁରୁଣା ସରକାରୀ ଗୃହଗୁଡ଼ିକୁ ମରାମତି କରି ମିଶନ ଶକ୍ତି ମହିଳାମାନଙ୍କୁ ହସ୍ତାନ୍ତର କରିବାକୁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ତେଣୁ ମହିଳାମାନେ ସେଭଳି ଗୃହଗୁଡ଼ିକୁ ଚିହ୍ନଟ କରି ବିଡିଓଙ୍କୁ ଜଣାଇଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏଥିରେ ସେମାନେ ବିଭିନ୍ନ ବ୍ୟବସାୟ କରିବା ସହ ଅଫିସ ଗୃହ ଭାବେ ବ୍ୟବହାର କରିପାରିବେ। ମହିଳାମାନଙ୍କ ପକ୍ଷରୁ ୧୭୦୦ ସ୍କୁଟି ପ୍ରଦାନ କରିବାକୁ ଆବେଦନ ହୋଇଛି। ତେଣୁ ଏନେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଯେମିତି ବିଡିଓ, ସିଡିପିଓ ପ୍ରମୁଖଙ୍କ ପାଖରେ ସରକାରୀ ଗାଡ଼ି ରହିଛି ସେଭଳି ଭାବେ ବ୍ଲକସ୍ତରରେ ମିଶନ ଶକ୍ତି ଗ୍ରୁପମାନଙ୍କୁ ଗାଡ଼ି ପ୍ରଦାନ କରଯିବ। ମହିଳାମାନଙ୍କୁ ଲକ୍ଷପତି କରିବାକୁ ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି। ସେହିଭଳି ମିଶନଶକ୍ତିର ସକ୍ରିୟ ମହିଳାମାନଙ୍କୁ ଦରମା ଦେବାର ବ୍ୟବସ୍ଥା କରାଯାଉଛି। ଏହାବାଦ୍ ମିଶନ ଶକ୍ତିରେ ସଂପୃକ୍ତ ମହିଳା କର୍ମଚାରୀମାନଙ୍କୁ ୬ ମାସ ମ୍ୟାଟରନିଟି ଛୁଟି ଦେବାର ବ୍ୟବସ୍ଥା କରାଯାଇଛି। ଏହି ଛୁଟି ସମୟରେ ସେମାନେ ସମ୍ମାନର ସହ ସମ୍ପୂର୍ଣ୍ଣ ଦରମା ପାଇବେ। ନୂଆ ଓଡ଼ିଶା ଗଠନରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସୂଚନା ଦେଇଥିଲେ।

୫-ଟି ସଚିବ ପାଣ୍ଡିଆନ ସଭାସ୍ଥଳକୁ ପୂର୍ବାହ୍ନ ସାଢେ ୧୦ଟାରେ ହେଲିକପ୍ଟର ଯୋଗେ ପହଞ୍ଚିଥିଲେ। ପ୍ରଥମେ ସଭାସ୍ଥଳରେ ଉପସ୍ଥିତ ମିଶନ ଶକ୍ତିର ମହିଳାମାନଙ୍କ ନିକଟକୁ ଯାଇ ସେମାନଙ୍କ ସହ ହାତ ମିଳାଇଥିଲେ। ମହିଳାମାନେ ୫-ଟି ସଚିବଙ୍କ ଉପରେ ପୁଷ୍ପ ବୃଷ୍ଟି କରିବା ସହ କେତେଜଣ ମହିଳା ତାଙ୍କ ହାତରେ ରାଖୀ ବାନ୍ଧିଥିଲେ । ଏହାପରେ ସଚିବ ମଞ୍ଚ ଉପରକୁ ଯାଇ ଜୟ ଜଗନ୍ନାଥ ଓ ଜୟ ମା' ବିରଜା କହି ସମସ୍ତଙ୍କୁ ପ୍ରଣାମ ଜଣାଇଥିଲେ । ତାଙ୍କ ବକ୍ତବ୍ୟ ଶେଷରେ ରାଖୀ ବାନ୍ଧିଥିବା ମହିଳାମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ଭିନିତ ଅଗ୍ରୱାଲ, କଳିଙ୍ଗନଗର ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଏସ୍‌ପି ସିଲଭାରୀୟସ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗ ସମେତ ଶାନ୍ତି ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରାୟ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏହି ସମବେଶରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ମିଶନ ଶକ୍ତି ମହିଳା ଯୋଗ ଦେଇଥିଲେ।

# ଛାତ୍ରୀଛାତ୍ରମାନେ '୩ ଏସ୍'କୁ ହାସଲ କରନ୍ତୁ: ଧର୍ମେନ୍ଦ୍ର

କୋରାପୁଟ,୨୯।୮ (ଅମିତାଭ ବେହେରା)



## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ

- ପ୍ରତ୍ୟେକ ଛାତ୍ରୀଛାତ୍ର ଦେଶର ଏକାଡେମିକ ଲିଡର ହେବେ: କୁଳପତି

କୋରାପୁଟ ଲାଣ୍ଡିଗୁଡା କ୍ୟାମ୍ପସ୍‌ରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୫ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭର୍ଚୁଆଲରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ବିକାଶର '୩ ଏସ୍' ସ୍କିଲ, ସ୍କେଲ ଓ ସ୍ପିଡ୍‌କୁ ହାସଲ କରନ୍ତୁ। ଭବିଷ୍ୟତରେ ବିଶ୍ୱବିଦ୍ୟାଳୟ ସଫଳତା ହାସଲ ଦିଗରେ ଗବେଷଣା ଓ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାର୍ଥୀମାନେ ଦକ୍ଷତା ହାସଲ କରିବା, ନୂତନ ସ୍ତରରେ ପହଞ୍ଚିବା ଏବଂ ବିଶ୍ୱ ସହିତ ଦ୍ରୁତ ଗତିରେ ଯିବା ଉଚିତ। ଏହା ହେଲେ ସେମାନେ ଭବିଷ୍ୟତରେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ସେ ଆହୁରି କହିଥିଲେ, କୋରାପୁଟରେ ଜୈବିକ ଚାଷ ପ୍ରଣାଳୀରେ ଉତ୍ପାଦିତ ଧାନ, ଆମ୍ବ, ବାଜରା, ପନିପରିବା ଏବଂ ବିଶେଷ କରି ଏଠାକାର କଫିର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ଏଠାରେ ପ୍ରସ୍ତୁତ ବିସ୍କୁଟକୁ ବିଶ୍ୱ ବଜାରକୁ ନେବାକୁ ପଡିବ। କୁଇ ଏବଂ ଦେଶିଆ ଭାଷାରେ ଦୁଇଟି ବର୍ଣ୍ଣମାଳା ପ୍ରାଇମ୍‌ର ଆଣିଥିବାରୁ ସେ ସିୟୁଓ ଏବଂ ଏନ୍‌ସିଇଆରଟିର ପ୍ରୟାସକୁ ପ୍ରଶଂସା କରିଥିଲେ। କୋରାପୁଟ ହେଉଛି ଶହୀଦ ଲକ୍ଷ୍ମଣ ନାୟକଙ୍କ ଭୂମି। ପାପଡାହାଣ୍ଡିର ଶହୀଦ ଭୂମିରୁ ମାଟି ସଂଗ୍ରହ କରି କେନ୍ଦ୍ର ସରକାରଙ୍କ ଯୋଜନା ମୋ ମାଟି, ମୋ ଦେଶ ସହ ସାମିଲ ହେବାକୁ ଧର୍ମେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଆହ୍ୱାନ ଦେଇଥିଲେ।

କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏଏମ୍‌ବି ଭାଗଲପୁର ଟିଏମ୍‌ବି ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ବିଭାଷ ଚନ୍ଦ୍ର ଝା ଅଭିଭାଷଣ ପ୍ରଦାନ କରିଥିଲେ। ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍‌ସି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଶାନ୍ତ ମେଶ୍ରାମ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

କୁଳପତି ପ୍ରଫେସର ତ୍ରିପାଠୀ ସଭାପତିତ୍ୱ ଅଭିଭାଷଣ ରଖି ୧୪ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱବିଦ୍ୟାଳୟ ପରିବାରକୁ ଅଭିନନ୍ଦନ ଜଣାଇ ଏହାର ସଫଳତା କାମନା କରିଥିଲେ। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟରେ କୃଷି, ଜଙ୍ଗଲ ପରିଚାଳନା, ପ୍ରାଣୀ ପାଳନ ଓ ଦୁଗ୍ଧ ଚାଷ କ୍ଷେତ୍ରରେ ୩ଟି ନୂତନ ବିଜ୍ଞାନରେ ସ୍ନାତକ ଏବଂ ଲଜିଷ୍ଟିକ ଓ ଯୋଗାଣ ଶୃଙ୍ଖଳା ପରିଚାଳନାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିଥିବା ନେଇ ସେ ସୂଚନା ଦେଇଥିଲେ। ମାତୃଭାଷାରେ ଅଧ୍ୟୟନ ହେଉଛି ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ନୁହେଁ, ଆଦିବାସୀ ସଂସ୍କୃତି, ନୂତନ ଛାତ୍ରୀଛାତ୍ର, ଶିକ୍ଷକ ଏବଂ ସମଗ୍ର ସଂସ୍କୃତିର ପ୍ରତିଷ୍ଠା ଦିବସ। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ହିନ୍ଦୀ ଓ ଜାପାନୀ ଭାଷାରେ ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଚଳନ କରିବ। ଏହା ଛାତ୍ରୀଛାତ୍ରଙ୍କ ଭାଷା ଦକ୍ଷତାକୁ ସୁଦୃଢ଼ କରିବ ବୋଲି କୁଳପତି ଆଶା ପ୍ରକଟ କରିଥିଲେ ।

ସେହିପରି ଭାଗଲପୁର ଟିଏମ୍‌ବି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଝା 'ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ସିୟୁଓର ଭୂମିକା' ଶୀର୍ଷକ ପ୍ରତିଷ୍ଠା ଦିବସର ଅଭିଭାଷଣ ରଖିଥିଲେ । ସେ ଲୋକାଲ ଟୁ ଗ୍ଲୋବାଲ ଏବଂ ଭୋକାଲ ଫର ଲୋକାଲର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସମୟ ଅନୁଯାୟୀ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଶେଷ କରି ଜିଓ ସ୍ପେସାଲ ଟେକ୍ନୋଲୋଜିକୁ ଗୁରୁତ୍ୱ ଦେଇଥିଲେ।

ଭାରପ୍ରାପ୍ତ କୁଳସଚିବ ତଥା ବିତ୍ତ ଅଧିକାରୀ ପ୍ରଫେସର ଏନ୍‌ସି ପଣ୍ଡା ସ୍ୱାଗତ ଭାଷଣ ଦେଇ ବିଶ୍ୱବିଦ୍ୟାଳୟର ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଆସୋସିଏଟ ପ୍ରଫେସର ଡ. ରୁଦ୍ରାଣୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଆସୋସିଏଟ ପ୍ରଫେସର ଡ. ନିର୍ଝରିଣୀ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ସିୟୁଓ ଏକାଡେମିକ ପରାମର୍ଶଦାତା ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ସମ୍ପାଦିତ ବିଶ୍ୱବିଦ୍ୟାଳୟର 'ବିଜ୍ଞାନ ଓ ସଂସ୍କୃତି' ପତ୍ରିକାର ଦୁଇଟି ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସିୟୁଓର ବରିଷ୍ଠ ପ୍ରଫେସର, ଅଧ୍ୟାପକ, କର୍ମଚାରୀ, ଗବେଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ହାତୀ ନେଲା ୨ ଜଣଙ୍କ ଜୀବନ

## ବନ୍ତଳାରେ ମହିଳା, ସାତମାଇଲରେ ପୁରୁଷ ମୃତ

ଅନୁଗୋଳ, ୨୯।୮ (ଅମିତ କୁମାର ସାମଲ)/ ସାତମାଇଲ (ସୁଶାନ୍ତ ପତି)

ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳରେ ମଙ୍ଗଳବାର ହାତୀ ନେଇଛି ୨ ଜଣଙ୍କ ଜୀବନ। ମୃତକ ହେଲେ ବନ୍ତଳା ତଳଗଡ଼ ଗ୍ରାମର ସୁଲୋଚନା ବିଶ୍ୱାଳ(୫୩) ଓ ଏହି ରେଞ୍ଜ ଅନ୍ତର୍ଗତ ଢେଙ୍କାନାଳ ଜିଲା ଜିଲା ହିନ୍ଦୋଳ ଥାନା ବରଡ଼ାପାଳ ହରିଜନ ସାହିର ଚୈତନ ନାୟକ (୫୫)। ମୃତ ସୁଲୋଚନାଙ୍କ ସ୍ୱାମୀ ଛବୀନ୍ଦ୍ର ବିଶ୍ୱାଳ(୬୦) ମଧ୍ୟ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ଉପରୋକ୍ତ ୨ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା।

ପ୍ରକାଶ ଯେ, ବନ୍ତଳା ତଳଗଡ଼ର ଛବୀନ୍ଦ୍ର ଓ ସୁଲୋଚନା ସକାଳେ ବାଇଗଣ ଜମିକୁ ଯାଉଥିବା ବେଳେ ଦନ୍ତା ହାତୀ ହାବୁଡ଼ରେ ପଡ଼ିଥିଲେ। ଉକ୍ତ ଦନ୍ତା ସୁଲୋଚନାଙ୍କୁ ଗୋଡ଼ରେ ଦଳି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଛବୀନ୍ଦ୍ରଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ଜଣାପଡ଼ିବା ପରେ ତଳଗଡ଼ରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ସୁଲୋଚନାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବିକରି ବନ୍ତଳା ଛକରେ ରାସ୍ତା ଅବରୋଧ କରାଯାଇଥିଲା। ଖବରପାଇ ଅନୁଗୋଳ ବନଖଣ୍ଡ ଏସିଏଫ୍ କୃଷ୍ଣଚନ୍ଦ୍ର ସାହୁ, ବନାଞ୍ଚଳ ଅଧିକାରୀ ନୀଳାଦ୍ରୀନାଥ ସାହୁ, ଫରେଷ୍ଟର, ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ପରେ ଅପରାହ୍ନ ସାଢ଼େ ୫ଟାରେ ରାସ୍ତା ଅବରୋଧ ହଟିଥିଲା। ସେହିପରି ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ବାଉଁଶପୋଖରୀ ପଞ୍ଚାୟତ ବରଡ଼ାପାଳ ହରିଜନ ସାହିର ଚୈତନ ନିତ୍ୟକର୍ମ ସାରିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କ ମୃତଦେହକୁ ନାଳ ଅପରପାର୍ଶ୍ୱ ଜମିରୁ ଠାବ କରିଥିଲେ। ଖବରପାଇ ହିନ୍ଦୋଳ ବନ ବିଭାଗ ସହ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ ହେଁ ଘଟଣା ଘଟିଥିବା ସ୍ଥାନ ବନ୍ତଳା ରେଞ୍ଜ ଅଧୀନରେ ଆସୁଥିବା ଜାଣି ଫେରି ଯାଇଥିଲା। ତେବେ ବନ୍ତଳା ବନ ବିଭଗ ବିଳମ୍ବରେ ପହଞ୍ଚିବାରୁ ବରଡ଼ାପାଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଝାଶୁଝା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ୧୧ରେ ହାଇକୋର୍ଟରେ ବସିବ ବୈଠକ

## ରାଜ୍ୟରେ ହାତୀ ସୁରକ୍ଷା ମାମଲା

କଟକ ୨୯।୮ (କାର୍ତ୍ତିକ ସାହୁ)

ଆସନ୍ତା ସେପ୍ଟେମ୍ବର ୧୧ରେ ହାଇକୋର୍ଟରେ ହାତୀ ସୁରକ୍ଷା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ରାଜ୍ୟରେ ହାତୀଙ୍କ ସୁରକ୍ଷା ଲାଗି କି କି ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ କ'ଣ ସବୁ ଯୋଜନା କାର୍ଯ୍ୟକାରୀ ହୋଇଛି ସେ ସଂକ୍ରାନ୍ତରେ ଆଲୋଚନା କରାଯିବ। ପ୍ରଶ୍ନ ଉତ୍ତର ମାଧ୍ୟମରେ ସମାଧାନ ବାଟ ବାହାର କରାଯିବ। ହାତୀଙ୍କ ସୁରକ୍ଷା ନିମନ୍ତେ ଗଠିତ ହୋଇଥିବା ଜଏଣ୍ଟ ଟାସ୍କ ଫୋର୍ସ(ଜେଟିଏଫ୍)ର ସଦସ୍ୟ, ବିଚାରପତି ଓ ଆଇନଜୀବୀ ଉପସ୍ଥିତ ରହିବେ। ହାତୀଙ୍କ ସୁରକ୍ଷା ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ହାତୀଙ୍କ ସୁରକ୍ଷା ନିମନ୍ତେ କ'ଣ ପଦକ୍ଷେପ ଗ୍ରହଣ କରାଯାଉଛି ଆବେଦନକାରୀ ଗୀତା ରାଉତ ଓ ଅନ୍ୟମାନେ ଏ ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଅଦାଲତ ମାମଲାର ଏକତ୍ର ଶୁଣାଣି କରିବା ସହ ହାତୀ ସୁରକ୍ଷା ନେଇ ପ୍ରସ୍ତୁତ କରାଯାଇଥିବା 'ଆକ୍ସନ ପ୍ଲାନ' ଆଧାରରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବା ଲାଗି ଜଏଣ୍ଟ ଟାସ୍କ ଫୋର୍ସ କମିଟିକୁ ନିର୍ଦ୍ଦେଶ ଦେଇଥିଲେ।


ବୈଦ୍ୟନାଥ ଘରେ ଡାକ୍ତର



ପ୍ରାକୃତିକ ଆୟୁର୍ବେଦିକ ଔଷଧ

| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍, ଏସିଡିଟି ଗାର୍ଡ |
| ଆମିବାୟାସିସ | ଇସାବେଲ୍-ଏଚ୍, ଆମିବିକା ଟାବଲେଟ୍ |
| ଆନେମିଆ | ହେମୋପ୍ଲସ୍, ନବାୟସ ଲୌହ |
| ଉଚ୍ଚ ରକ୍ତ ଶର୍କରା | ମଧୁମେହାରି ଗ୍ରାନ୍ୟୁଲ୍ସ, ଡାଇବେଟ୍ ଗାର୍ଡ |
| ଗ୍ୟାସ, ପେଟ ଫାମ୍ପିବା | ଗ୍ୟାସନ୍ତକ ବଟି, ଗ୍ୟାସ ଗାର୍ଡ |
| ସାଧାରଣ ଦୁର୍ବଳତା | ଜେଷ୍ଟ ମେନ୍, ଜେଷ୍ଟ ଓମେନ୍ |
| କେଶ ସମସ୍ୟା | ଲିଭଗୁଡ୍, ମହାଭୃଙ୍ଗରାଜ ତେଲ, ଭୃଙ୍ଗରାଜସବ |
| ଉଚ୍ଚ କୋଲେଷ୍ଟ୍ରଲ | ଗୁଡ୍ ହାର୍ଟ, କୋଲେଷ୍ଟ ଗାର୍ଡ |
| ବଦହଜମି | ଏକ୍ୱାଜେଷ୍ଟ, ଅଜୱାଇନ୍, ଡାଇଜେଷ୍ଟ ଗାର୍ଡ |
| ଅନିଦ୍ରା ଏବଂ ଚିନ୍ତା | ନାଇଟଜ୍, ଷ୍ଟ୍ରେସ୍ ଗାର୍ଡ, ଥଣ୍ଡା କଲ୍ୟାଣ ତେଲ |
| ଲିଭର ସମସ୍ୟା | ଲିଭ୍ ଗୁଡ୍, ଲିଭରୋଲ୍ ଷ୍ଟ୍ରଙ୍ଗ |
| ମହିଳା ସମସ୍ୟା | ସୁନ୍ଦରୀ ସଖୀ, ମେନୋଗାର୍ଡ |
| ମେଦବହୁଳତା | ଇଜି ସ୍ଲିମ୍, ମେଦୋହର ବିଦାଙ୍ଗାଦି ଲୌହ |
| ତ୍ୱଚାର ସମସ୍ୟା | ନିମ୍ ଗାର୍ଡ କ୍ୟାପ୍‌ସୁଲ୍, ନିମ୍ ଅଏଲ୍ |
| ମୁତ୍ରରୋଗ | ପ୍ରୋଷ୍ଟେଡ୍ ଟାବଲେଟ୍, ଗୋକ୍ଷୁରାଦି ଗୁଗ୍ଗୁଲୁ |
| ଯୌନ ଦୁର୍ବଳତା | ଭିଟା ଏକ୍ସ ଗୋଲ୍ଡ ମେନ୍, ଭିଟା ଏକ୍ସ ଗୋଲ୍ଡ ଓମେନ୍ |

ଡାକ୍ତରଙ୍କ ପରାମର୍ଶ ପାଇଁ କଲ୍ କରନ୍ତୁ:
KENDRAPADA: 9853631559 GANJAM: 9583088964 JAGATSINGHPUR: 9439281532, 9438616702 BARGARH: 7894630209 KENDUJHAR: 6370698870, 9337238557 KEONJHAR: 6370698870 MAYURBHANJ: 9437350156 KORAPUT: 9438765344 MALKANGIR: 9556935213 RAYAGADA: 9937649097






WITHOUT YOU NO SURGERY WILL BEGIN.
NOR END, FOR THAT MATTER.
MADE IN CENTURION

The career opportunities in the medical field are infinite. And at present, one of the most in-demand medical personnel are Allied Health Professionals (AHP). At Centurion University, we understand the importance of AHP. Our courses offer students hands-on experience in administration of anesthesia, providing diagnostic, technical, therapeutic and direct patient care and other support services and take the next step towards enhancing India's medical community.

ACCREDITED WITH GRADE A+ NAAC

An Unique Scheme for the Girls
CHANDRIKA SCHOLARSHIP
UPTO 30%* Scholarship on B.Tech(Non CSE), Health Science B.Sc Applied Sc., Diploma, B.Com, B.Sc Animation
FOR ADMISSIONS, CALL: 82600 77222
LEARN EXPERIENCE CHANGE
Centurion UNIVERSITY

**PARAMEDICS & ALLIED HEALTH COURSES :** B.Sc (MLT | MRT | Operation Theatre Technology | Emergency Medicine Technology | Physiotherapy | Optometry | Clinical Microbiology | Anesthesia) | **M.Sc** (MLT | Optometry | Applied & Clinical Microbiology) | **Nursing**

**B.TECH COURSES :** Aerospace | Mining | CSE (ML & Data Science, Cloud Tech, Cyber Security, Software Tech, AR/VR, Gaming) | **Mechanical** (Manufacturing - Conventional, CNC and Additive, Automobile, Welding) | **Civil** (Aerial Survey and Remote Sensing Applications, Construction Planning Monitoring and Project Management, Architectural and Structural Design) | **Electrical & Electronics** (Industrial Automation, Operation and Maintenance of Electrical Grid System & Transformers) | **ECE** (Embedded System and Design, Communication Systems, Chip Design and Fabrication using VLSI) **Dairy Technology** (Food & Dairy Processing) | **Agriculture** (Smart Machinery, Food Processing, Soil & Vertical Agriculture) **Biotechnology** | **Phytopharmaceuticals** (Nutraceuticals)

**B.SC COURSES :** Forensic Science | **Agriculture** (Smart Ag, Vertical Ag, Organic Ag, Phytopharma, Food Processing) **Fishery Sciences** (Aquaculture) | **Physics** (Laser & New Materials) | **Botany** (Genetics & Genomics, Nutraceuticals, Smart Ag, Food Processing) | **Zoology** (Aquaculture)

**OTHER COURSES :** BCA | MCA | B.A.L.L.B (Hons.) | BBA. LLB (Hons.) | LLM in Maritime Law | LLM in Commercial Law | BBA | Diploma | B.Com | MBA (Marketing | HR | Finance | Pharmaceutical Mgmt | Agri Business Mgmt | Data Analytics | Rural & Urban Development Mgmt) | **M.Sc** (Botany | Zoology | Forensic Science | Cyber Security & Digital Forensic | Geoinformatics Genomics | Nutraceuticals) | **M.Tech** (Data Science | Embedded Systems | Power System & Control Renewable Energy | Structural Engineering | Transportation Eng | Design & Manufacturing) | **B.Pharm** D.Pharm | M.Pharm (Industrial Pharmacy, Pharmaceutics) | M.Sc Ag | Ph.D

CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA | BALASORE

**ଆଜିର ମନ୍ତବ୍ୟ**

"ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ପ୍ରଭାବ ଯୋଗୁ କେନ୍ଦ୍ର ରନ୍ଧନ ଗ୍ୟାସ୍ ମୂଲ୍ୟ ହ୍ରାସ କରିଛି। ମଧ୍ୟପ୍ରଦେଶ ଭଳି ଅନ୍ୟ ରାଜ୍ୟଗୁଡ଼ିକରେ ଏଲ୍‌ପିଜି ସିଲିଣ୍ଡର ଶସ୍ତା ହେବ ବୋଲି କଂଗ୍ରେସ ପ୍ରତିଶ୍ରୁତି ଦେଇଥିବାରୁ ଏହି ପଦକ୍ଷେପ ନିଆଯାଇଛି।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ବୋହୂଙ୍କର ଲାଗଇ କଳି;**
**ନିତି ପଡୁଥାଏ ଘରେ ବୋବାଳି।**

ଯେଉଁ ଘରେ ନଣନ୍ଦ ଭାଉଜଙ୍କ ମଧ୍ୟରେ ଛୋଟ ଛୋଟ କଥାକୁ ନେଇ କଳହ ଉପୁଜେ, ସେ ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହୁଏ। ଏଭଳି ନଣନ୍ଦ ଭାଉଜଙ୍କ କଳି ଝଗଡ଼ାରେ ପରିବାରର ଅନ୍ୟ ସଦସ୍ୟମାନେ ବ୍ୟତିବ୍ୟସ୍ତ ହୋଇପଡିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଝୁମ୍ପାଲଗା ଖୋଜି କାଠି**
**ନ ଦେଖିଲେ ମୁହଁ କରିବେ ଏଡ଼େ**
**ନ ଦେଖିଲେ ଦେବେ କେତେ ଗଞ୍ଜଣା**
**ବୋଲିବେ ନିମୁଣ୍ଡି ଖୁଣ୍ଟି।**

ସାଧାରଣତଃ ବିବାହ ସମୟରେ ବାପଘର ଲୋକେ ଝିଅକୁ ନିଜ ସାଧ୍ୟ ଅନୁଯାୟୀ ଯାନି ଯୌତୁକ ଦେଇ ବିବାହ କରାଇଥାନ୍ତି। ତେବେ ଏଥିରୁ ଟିକେ ଊଣା ହୋଇଗଲେ ବିଚାରୀ ଝିଅଟିକୁ ଶାଶୁଘରେ ନାନା କଥା ଶୁଣିବାକୁ ପଡ଼େ। ବାପଘରୁ ବହୁ ଯାନି ଯୌତୁକ ନ ଆଣିଲେ ଶାଶୁ ଓ ନଣନ୍ଦମାନେ ଖୁଣ୍ଟା ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ପ୍ରଫୁଲ୍ଲ ସାମନ୍ତରାଙ୍କୁ ଅପହରଣ କରି ବ୍ରହ୍ମପୁରରେ ଛାଡ଼ିଲେ

ରାୟଗଡ଼ା,୨୯।୮(ଆଶିଷ ରଞ୍ଜନ ପଣ୍ଡା)


ପ୍ରଫୁଲ୍ଲ ସାମନ୍ତରା

ଲୋକ ଶକ୍ତି ଅଭିଯାନ ସଭାପତି ପ୍ରଫୁଲ୍ଲ ସାମନ୍ତରାଙ୍କୁ ରାୟଗଡ଼ାର ଏକ ହୋଟେଲରୁ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ଅପହରଣ କରାଯାଇଥିଲା। ତାଙ୍କୁ ୫ ଜଣ ବ୍ୟକ୍ତି ମୁହଁରେ କପଡା ଓ ହାତ ବାନ୍ଧି ଗାଡିରେ ଅପହରଣ କରିନେଇ ଯାଇଥିଲେ। ବିଭିନ୍ନ ସ୍ଥାନକୁ ନେଇ ପ୍ରାୟ ୨ଘଣ୍ଟା ଧରି ବୁଲାଇଥିଲେ। ତାଙ୍କୁ କିଛି କହିବାକୁ ସୁଯୋଗ ଦେଇ ନ ଥିଲେ। ହଠାତ୍ ଅପହରଣକାରୀଙ୍କୁ ଏକ ଫୋନ ଆସିବା ପରେ ସେମାନେ ହଡବଡେଇ ଯାଇ ମୋ ହାତ ଖୋଲି ଦେଇଥିଲେ। ଉପରୁ ନିର୍ଦ୍ଦେଶ ଥିବାରୁ ଆମେ ଆପଣଙ୍କୁ ଅପହରଣ କରିଥିଲୁ, ଆପଣଙ୍କ ଘରେ ସୁରକ୍ଷିତ ଭାବେ ଛାଡିବୁ ବୋଲି କଥା ଦେଇ ବ୍ରହ୍ମପୁରରେ ଆଣି ରାତି ପ୍ରାୟ ୧୦ଟାରେ ଛାଡିଥିବା ପ୍ରଫୁଲ୍ଲ କହିଛନ୍ତି। ସେମାନେ ନିଜକୁ ପୋଲିସ ବୋଲି ମୋତେ ପରିଚୟ ଦେଇଛନ୍ତି। ବୁଧବାର ବ୍ରହ୍ମପୁରରେ ଏକ ଖବରଦାତା ସମ୍ମିଳନୀ କରି ଏହା ଉପରେ ସବିଶେଷ ବିବରଣୀ ଦେବେ ବୋଲି ସେ କହିଛନ୍ତି। ଆଦିବାସୀଙ୍କ ନ୍ୟାୟ ଲାଗି ଲଢେଇ କରୁଥିବାରୁ କମ୍ପାନୀ ଗୁଣ୍ଡାମାନେ ମୋତେ ଅପହରଣ କରି ନେଇଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

## ଚାଇନା ମାନଚିତ୍ରରେ...

ପ୍ରଥମ ପୃଷ୍ଠାରୁ...

ପ୍ରାକୃତିକ ସମ୍ବଳ ମନ୍ତ୍ରଣାଳୟ ପକ୍ଷରୁ ଦେଶର ନୂଆ ମାନଚିତ୍ର ଜାରି କରାଯାଇଛି। ଚାଇନା କମ୍ୟୁନିଷ୍ଟ ପାର୍ଟିର ସେଣ୍ଟ୍ରାଲ ପ୍ରୋପାଗଣ୍ଡା ବିଭାଗ ଦ୍ୱାରା ପରିଚାଳିତ ଇଂଲିଶ୍ ଖବରକାଗଜ 'ଚାଇନା ଡେଲି'ରେ ପ୍ରକାଶିତ ରିପୋର୍ଟ ଅନୁସାରେ ମନ୍ତ୍ରଣାଳୟର ଚିଫ୍ ପ୍ଲାନର ୱୁ ୱେନ୍‌ଝୋଙ୍ଗ୍ କହିଛନ୍ତି, ସର୍ବେକ୍ଷଣ, ମାନଚିତ୍ର ପ୍ରସ୍ତୁତି ଓ ଭୌଗୋଳିକ ସୂଚନା ରାଷ୍ଟ୍ରର ବିକାଶକୁ ଗତି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଏହାକୁ ଉପଯୁକ୍ତ କାର୍ଯ୍ୟରେ ଲଗାଇବା ପରବର୍ତ୍ତୀ ପଦକ୍ଷେପ ହେବ।

### ଅରୁଣାଚଳ, ଅକ୍ସାଇ ଚୀନ ଭାରତର ଅବିଚ୍ଛେଦ୍ୟ ଅଙ୍ଗ: ଖାର୍ଗେ

ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚୀନ ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଚାଇନା ଏକତରଫା ଭାବେ ନିଜ ମାନଚିତ୍ରରେ ଏହାକୁ ଅନ୍ତର୍ଭୁକ୍ତ କରିବା ବେଆଇନ। ଭାରତ ଆସନ୍ତା ଜି୨୦ ସମ୍ମିଳନୀରେ ଚାଇନାର ଅତିକ୍ରମଣ ପ୍ରସଙ୍ଗ ଉଠାଇ ଏହାର ମୁଖା ଖୋଲିବା ଉଚିତ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। କୌଣସି ଏକତରଫା ମ୍ୟାପ ଅରୁଣାଚଳ ଓ ଅକ୍ସାଇ ଚୀନ ଉପରେ ଭାରତର ଅଧିକାରକୁ ଛଡ଼ାଇ ନେଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ମୋଦି ଭାରତକୁ ସୁରକ୍ଷା ଦେଇ ନ ପାରିଲେ ଇସ୍ତଫା ଦିଅନ୍ତୁ: ସୁବ୍ରମଣ୍ୟମ୍ ସ୍ୱାମୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସ୍ୱୀକାର କରିଆସୁଥିବା ନିଜ 'ମଜବୁରି' ପାଇଁ ଭାରତ ମାତାର ଅଖଣ୍ଡତାକୁ ଯଦି ସୁରକ୍ଷା ଦେଇପାରୁ ନାହାନ୍ତି, ତା'ହେଲେ ସେ ଇସ୍ତଫା ଦେଇ ମାର୍ଗଦର୍ଶନ ମଣ୍ଡଳରେ ସାମିଲ ହୁଅନ୍ତୁ। ଭାରତକୁ ମିଛ ଦ୍ୱାରା ସୁରକ୍ଷିତ ରଖାଯାଇପାରିବ ନାହିଁ। ଭାରତ ଆଉ ଜଣେ ନେହେରୁଙ୍କୁ ବରଦାସ୍ତ କରିପାରିବ ନାହିଁ ବୋଲି ପୂର୍ବତନ ଏମ୍‌ପି ତଥା ବିରାଟ ହିନ୍ଦୁସ୍ଥାନ ସଙ୍ଗମ ଅଧ୍ୟକ୍ଷ ସୁବ୍ରମଣ୍ୟମ ସ୍ୱାମୀ ଏକ୍ସ'ରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟ କରିଛନ୍ତି। ଏଥିରେ ସେ ଅଖଣ୍ଡ ଭାରତର ମାନଚିତ୍ର ସଂଲଗ୍ନ କରିଛନ୍ତି।

## ୫ରୁ ୧୮ ବର୍ଷର ପିଲା...

ବର୍ଗର ପିଲାଙ୍କ ଚିକିତ୍ସାରେ ଆଉ କୌଣସି ସମସ୍ୟା ହେବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଉଲ୍ଲେଖଯୋଗ୍ୟ, ୫ବର୍ଷରୁ କମ୍ ବୟସ୍କ ପିଲା ଏହି ଯୋଜନାରେ ପୂର୍ବରୁ ଚିକିତ୍ସା ସେବା ପାଉଛନ୍ତି। ସୂଚନାଯୋଗ୍ୟ, ୨୦୧୮ ଅଗଷ୍ଟ ୧୫ ତାରିଖରେ ବିଏସ୍‌କେୱାଇ ଆରମ୍ଭ ହୋଇଥିଲା। ଏହି ଯୋଜନାରେ ମହିଳାଙ୍କ ପାଇଁ ବାର୍ଷିକ ୧୦ଲକ୍ଷ ଟଙ୍କା ଏବଂ ପୁରୁଷଙ୍କ ପାଇଁ ୫ଲକ୍ଷ ଟଙ୍କା ଚିକିତ୍ସା ଖର୍ଚ୍ଚ ମିଳୁଛି। ବର୍ତ୍ତମାନ ୯୯, ୯୦୦ ପରିବାରର ୩କୋଟି ୫୬ଲକ୍ଷ ହିତାଧିକାରୀଙ୍କ ପାଖରେ ବିଏସ୍‌କେୱାଇ ସ୍ମାର୍ଟକାର୍ଡ ପହଞ୍ଚିଛି।

## ଲିପୋପ୍ରୋଟିନ୍(ଏ) ଚିକିତ୍ସା...

ୟୁରୋପିଆନ୍ ସୋସାଇଟି ଅଫ୍ କାର୍ଡିଓଲୋଜି କଂଗ୍ରେସରେ ଉପସ୍ଥାପନ କରାଯିବା ସହ ଜେଏଏମ୍ଏ (ଜର୍ନାଲ ଅଫ୍ ଆମେରିକାନ୍ ମେଡିକାଲ ଆସୋସିଏଶନ)ରେ ପ୍ରକାଶ ପାଇଛି। ଏହି ଔଷଧ କୋଲେଷ୍ଟ୍ରଲ ଚିକିତ୍ସାରେ ନୂଆ ମୋଡ଼ ଦେବାକୁ ଯାଉଛି। ଏହା ଖାଇବା ଔଷଧ ହୋଇଥିବାରୁ ରୋଗୀଙ୍କ ଦ୍ୱାରା ଅଧିକ ଗ୍ରହଣୀୟ ହେବ ବୋଲି ଅଧ୍ୟୟନର ମୁଖ୍ୟ ତଥା ମୋନାଶ ୟୁନିଭର୍ସିଟିର ଭିକ୍ଟୋରିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ ଆଣ୍ଡ ଭିକ୍ଟୋରିଆନ୍ ହାର୍ଟ ହସ୍ପିଟାଲର ନିର୍ଦ୍ଦେଶକ ପ୍ରଫେସର ଷ୍ଟିଫେନ୍ ନିକୋଲ୍ସ କହିଛନ୍ତି। ଏଲ୍‌ଡିଏଲ୍ କମାଇବା ପାଇଁ ସାଧାରଣ ଭାବେ ଉପଲବ୍ଧ ହେଉଥିବା ଔଷଧ ଲିପୋପ୍ରୋଟିନ୍(ଏ)କୁ ସମାନ ସ୍ତରକୁ ହ୍ରାସ କରିପାରି ନ ଥାଏ। ଆନୁବଂଶିକ ହୋଇଥିବାରୁ ପଥ୍ୟ, ବ୍ୟାୟାମ କିମ୍ବା ଜୀବନ ଶୈଳୀରେ ପରିବର୍ତ୍ତନ ଦ୍ୱାରା ଏହାକୁ ନିୟନ୍ତ୍ରଣ କରିହୁଏ ନାହିଁ। ୬୦ ବର୍ଷ ପୂର୍ବରୁ ଲିପୋପ୍ରୋଟିନ୍(ଏ) ଠାବ ହୋଇଥିଲେ ମଧ୍ୟ ଏହାକୁ କମାଇବା ନିମନ୍ତେ ଔଷଧ ଏପର୍ଯ୍ୟନ୍ତ ଉପଲବ୍ଧ ନ ଥିଲା।

# ବିଶ୍ୱର ପ୍ରଥମ ଇଲେକ୍ଟ୍ରିକ୍ ଫ୍ଲେକ୍ସ ଇନ୍ଧନ ଯାନ ଉନ୍ମୋଚିତ

ନୂଆଦିଲ୍ଲୀ, ୨୯।୮




ବିଏସ୍–୬ ନିୟମକୁ ଅନୁପାଳନ କରୁଥିବା ବିଶ୍ୱର ପ୍ରଥମ ଇଲେକ୍ଟ୍ରିକ୍ ଫ୍ଲେକ୍ସ ଫୁଏଲ୍ ଯାନର ମଡେଲକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ମଙ୍ଗଳବାର ଉନ୍ମୋଚନ କରିଛନ୍ତି। ଏହି ନୂଆ ଟୟୋଟା ଇନୋଭା ହାଇକ୍ରସ୍ ୧୦୦ ପ୍ରତିଶତ ଇଥାନୋଲରେ ଚାଲିବ। ବିକଳ୍ପ ଇନ୍ଧନ ଦିଗରେ ଅଗ୍ରସର ହେବା ଓ ବାୟୁ ପ୍ରଦୂଷଣ କମାଇବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉନ୍ମୋଚନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀ ଏବଂ ମହେନ୍ଦ୍ର ନାଥ ପାଣ୍ଡେ ଉପସ୍ଥିତ ଥିଲେ। ଫ୍ଲେକ୍ସ ଫୁଏଲ୍ ହେଉଛି ଏକ ପ୍ରଯୁକ୍ତି, ଯାହା ଇଞ୍ଜିନ୍‌କୁ ୨୦ ପ୍ରତିଶତରୁ ଊର୍ଦ୍ଧ୍ୱ ଇଥାନୋଲ ବ୍ଲେଣ୍ଡେଡ୍ ପେଟ୍ରୋଲରେ ଚାଲିବାକୁ ସକ୍ଷମ କରିଥାଏ। ଏହି ଷ୍ଟ୍ରଙ୍ଗ ହାଇବ୍ରିଡ୍ ଇଲେକ୍ଟ୍ରିକ୍ ଭେହିକ୍‌ଲ (ଏସ୍‌ଏଚ୍‌ଇଭି)ରେ ପେଟ୍ରୋଲ ଇଞ୍ଜିନ୍‌କୁ ବନ୍ଦ କରି ଦୂରତାର ୪୦ % ଏବଂ ସମୟର ୬୦% ଇଲେକ୍ଟ୍ରିକ୍ ମୋଡ୍‌ରେ ଚଳାଯାଇପାରିବ। ୨୦୨୫–୨୬ ସୁଦ୍ଧା ପେଟ୍ରୋଲରେ ଇଥାନୋଲ ବ୍ଲେଣ୍ଡିଂକୁ ୨୦ ପ୍ରତିଶତକୁ ବଢ଼ାଇବା ଲାଗି ଭାରତ ଲକ୍ଷ୍ୟ ରଖିଛି। ଏହାପୂର୍ବରୁ ଉପରୋକ୍ତ ୨୦% ଇଥାନୋଲ ବ୍ଲେଣ୍ଡେଡ୍ ପେଟ୍ରୋଲ ଚାଳିତ ଗାଡ଼ି ଭାରତରେ ଉନ୍ମୋଚିତ କରାଯାଇଛି। ୨୦୧୯ରେ ବ୍ରାଜିଲ ଇଲେକ୍ଟ୍ରିଫାଏଡ୍ ଫ୍ଲେକ୍ସ ଫୁଏଲ୍ ଯାନ ପ୍ରଯୁକ୍ତି ଆପଣାଇଥିଲା। ସେଠାର ଅଙ୍ଗାରକାମ୍ଳ ନିର୍ଗମନ ନିୟମାବଳୀ ଭାରତର ବିଏସ୍–୬ଠାରୁ କମ୍।

# ଆଜିଠୁ ଭୁବନେଶ୍ୱର–ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍‌ର ସମସ୍ତ ରେକ୍‌ରେ ତେଜସ୍ କୋଚ୍

ଭୁବନେଶ୍ୱର,୨୯।୮

ଅଗଷ୍ଟ ୩୦ରୁ ଭୁବନେଶ୍ୱର–ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସର ସମସ୍ତ ରେକ୍ ତେଜସ୍ କୋଚ୍ ସହ ଚଳାଚଳ କରିବ। ରାଜଧାନୀ ଏକ୍ସପ୍ରେସରେ ଉନ୍ନତ ଟ୍ରେନ୍ ଯାତ୍ରା ଅଭିଜ୍ଞତା ପାଇଁ ଆଧୁନିକ ସୁବିଧା ଯୋଗାଇ ଦିଆଯାଇଛି। ଗତ ୧୯ତାରିଖରୁ ରାଜଧାନୀ ଏକ୍ସପ୍ରେସରେ ତେଜସ୍‌ର କିଛି କୋଚ୍ ଲାଗି ଭୁବନେଶ୍ୱର ରେଳ ଷ୍ଟେଶନରୁ ସମ୍ବଲପୁର ମାର୍ଗ ଦେଇ ନିୟମିତ ଚଳାଚଳ କରୁଥିବାବେଳେ ବୁଧବାରଠାରୁ ସମସ୍ତ ରେକ୍ ତେଜସ୍ କୋଚ୍ ସହ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି।

କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗତ ୧୪ତାରିଖରେ ଭୁବନେଶ୍ୱର–ନୂଆଦିଲ୍ଲୀ–ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସକୁ ଭୁବନେଶ୍ୱର ରେଳ ଷ୍ଟେଶନଠାରୁ ତେଜସ୍ କୋଚ ସହ ଚଳାଚଳକୁ ସବୁଜ ପତାକା ପ୍ରଦର୍ଶନ କରାଇ ଶୁଭାରମ୍ଭ କରିଥିଲେ। ବୁଧବାର ଏବଂ ରବିବାର ଭୁବନେଶ୍ୱରରୁ ଏବଂ ସୋମବାର ଓ ଶୁକ୍ରବାର ନୂଆଦିଲ୍ଲୀରୁ ଛାଡୁଥିବା ୨୨୮୧୧/୨୨୮୧୨ ଭୁବନେଶ୍ୱର–ନୂଆଦିଲ୍ଲୀ–ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ତେଜସ୍ କୋଚ୍ ସହିତ ୩୦ ଅଗଷ୍ଟରୁ ଭୁବନେଶ୍ୱର ଠାରୁ ଏବଂ ନୂଆଦିଲ୍ଲୀରୁ ୧ ସେପ୍ଟେମ୍ବରରୁ ଚଳାଚଳ କରିବ।

ସେହିଭଳି ସୋମବାର, ମଙ୍ଗଳବାର, ଗୁରୁବାର ଏବଂ ଶୁକ୍ରବାର ଭୁବନେଶ୍ୱରରୁ ଛାଡୁଥିବା ଏବଂ ମଙ୍ଗଳବାର, ବୁଧବାର, ଗୁରୁବାର ଏବଂ ରବିବାର ନୂଆଦିଲ୍ଲୀରୁ ଛାଡୁଥିବା ୨୨୮୨୩/୨୨୮୨୪ ଭୁବନେଶ୍ୱର–ନୂଆଦିଲ୍ଲୀ–ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ ତେଜସ୍ କୋଚ୍ ସହିତ ଉଭୟ ପାର୍ଶ୍ୱରୁ ୩୧ଅଗଷ୍ଟଠାରୁ ଚଳାଚଳ କରିବ। ବର୍ତ୍ତମାନ ଭୁବନେଶ୍ୱରରୁ ସମସ୍ତ ରାଜଧାନୀ ଏକ୍ସପ୍ରେସ୍ ଟ୍ରେନ୍ ଭୁବନେଶ୍ୱର–ନୂଆଦିଲ୍ଲୀ–ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ ଭାବେ ଚଳାଚଳ କରିବ। ତେଜସ୍ କୋଚ୍‌ଗୁଡ଼ିକରେ ଇଲେକ୍ଟ୍ରୋ–ନିଓମାଟିକ ସହାୟକ ହୋଇଥିବା ବ୍ରେକ୍ ଆଦି ସୁବିଧା ରହିଛି। ଏହା ଯାତ୍ରୀମାନଙ୍କୁ ଉନ୍ନତମାନର ଯାତ୍ରା ଉପଲବ୍ଧି ପ୍ରଦାନ କରାଇବାବେ ବିଶେଷ ସହାୟକ ହେବ।

# ତାଳଚେରରେ ନିର୍ମାଣ କାର୍ଯ୍ୟର ନିରୀକ୍ଷଣ କଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର, ୨୯।୮

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ମଙ୍ଗଳବାର ତାଳଚେର ଅଞ୍ଚଳ ପରିଦର୍ଶନ କରି ରେଳ ଭିତ୍ତିଭୂମି ସମ୍ବନ୍ଧୀୟ ସମସ୍ୟାର ସମୀକ୍ଷା ଏବଂ ନିର୍ମାଣ କାର୍ଯ୍ୟଗୁଡିକର ନିରୀକ୍ଷଣ କରିଛନ୍ତି। ଏଥିସହିତ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତି ନିଶ୍ଚିତ କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉନ୍ନତ ରେଳ ଚଳାଚଳ ପାଇଁ ତାଳଚେର ଅଞ୍ଚଳର ରେଳ ସାଇଡିଂ ନିରୀକ୍ଷଣ କରିବା ସହ ସହଭାଗୀ ଏବଂ ଶିଳ୍ପସଂସ୍ଥାଗଡ଼ିକ ହିତ ପାଇଁ ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ଟ୍ରାଫିକ ସୁବିଧା କାର୍ଯ୍ୟ ସମୀକ୍ଷା କରି ମହାପ୍ରବନ୍ଧକ ଏହି ଅଞ୍ଚଳରେ ରେଳ ଚଳାଚଳ କ୍ଷେତ୍ରରେ ବ୍ୟାଘାତ ନ ହେବା ସୁନିଶ୍ଚିତ କରାଇବାପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ.ଏସ. ବାଜୱା ମଧ୍ୟ ଉପସ୍ଥିତ ଥିଲେ।

# ୫ ଦଫା ଦାବି ନେଇ ରାସ୍ତାରେ ପ୍ରାଥମିକ ଶିକ୍ଷକ

ଭୁବନେଶ୍ୱର,୨୯।୮(ଅନୁରାଧା ମହାରଣା)



ଲୋୟର ପିଏମ୍‌ଜିରେ ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ–କ୍ୟାଡର) ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି। **(ଫଟୋ: ମନୋରଞ୍ଜନ ମିଶ୍ର)**

ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ–କ୍ୟାଡର) ମହାସଂଘ ୫ଦଫା ଦାବି ନେଇ ସୋମବାର ରାଜରାସ୍ତାକୁ ଓହ୍ଲାଇଛି। ରାଜ୍ୟ ମହାସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସହସ୍ରାଧିକ ଶିକ୍ଷକ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦରମା ବୃଦ୍ଧି ସହ ବିଭିନ୍ନ କାରଣରୁ ବାଦ୍ ପଡ଼ିଥିବା ୩୦ ହଜାର ଗଣଶିକ୍ଷକଙ୍କୁ ନିୟମିତ କରାଯିବା ଆଦି ୫ଟି ଦାବି ଉପସ୍ଥାପନ କରାଯାଇଛି।

ଇଜିଏସ୍ ଯୋଜନା ବନ୍ଦ ହେବା ପରେ ଛଟେଇ ଶିକ୍ଷା ସ୍ୱେଚ୍ଛାସେବୀମାନଙ୍କୁ ରାଜ୍ୟ ସରକାର ୨୦୦୮ ମସିହାରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗଣଶିକ୍ଷକ ଭାବେ ନିୟୋଜିତ କରିଥିଲେ। ପରବର୍ତ୍ତୀ ସମୟରେ ଗଣଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଯେଉଁମାନେ ୮ବର୍ଷ ପୂରଣ କରିଥିଲେ, ସେମାନେ ନିୟମିତ ଶିକ୍ଷକ ହେଲେ। ମାତ୍ର ବିଭିନ୍ନ କାରଣରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୩୦ ହଜାର ଗଣଶିକ୍ଷକ ନିୟମିତ ହେବାରୁ ବାଦ୍ ପଡ଼ିଛନ୍ତି। ଗଣଶିକ୍ଷକ ନିୟୋଜିତ ବର୍ଷ ୨୦୦୮ରୁ ୮ବର୍ଷ ଅବଧି ଗଣନା କରାଯାଇଥିବାରୁ ୨୦୧୨ ମସିହାରୁ ଓଡ଼ିଶାରେ ଲାଗୁ କରାଯାଇଥିବା ଓଟିଇଟି ସେମାନଙ୍କ ପାଇଁ ଆବଶ୍ୟକ ନାହିଁ ବୋଲି ସଭାପତି ନାୟକ କହିଛନ୍ତି। ଏଣୁ ଓଟିଇଟି ଉଚ୍ଛେଦ କରି ଯୋଗ୍ୟ ଗଣଶିକ୍ଷକଙ୍କୁ ନିୟମିତ କରିବା ସହ ଅବଶିଷ୍ଟ ଗଣଶିକ୍ଷକମାନଙ୍କ ଦରମା ବୃଦ୍ଧି କରାଯିବାକୁ ସେ ଦାବି କରିଛନ୍ତି। ସେହିପରି ଡେପୁଟେଶନ ବାତିଲ କରି ଏକ୍ସ–କ୍ୟାଡର ବ୍ୟବସ୍ଥା ଉଚ୍ଛେଦ, ଟ୍ରେଜେରି ମାଧ୍ୟମରେ ଦରମା ପ୍ରଦାନ, ପୁରୁଣା ପେନ୍‌ସନ ବ୍ୟବସ୍ଥା (ଓପିଏସ୍) ଲାଗୁ, ମୃତ ଗଣଶିକ୍ଷକମାନଙ୍କୁ ଏକ୍ସ–ଗ୍ରାସିଆ ପ୍ରଦାନ କରିବା ପ୍ରଭୃତି ଦାବି ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ସମାଧାନ ନ କରିବା ପର୍ଯ୍ୟନ୍ତ ବିକ୍ଷୋଭ ଓ ପ୍ରତିବାଦ ଜାରି ରହିବ ବୋଲି ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଖମାରୀ ପ୍ରକାଶ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଚତୁର୍ଥସ୍ଥ ବିଳାସକାରକ ଶୁକ୍ରଙ୍କ ପ୍ରଭାବରେ ବନ୍ଧୁମିଳନ ସାଙ୍ଗକୁ ହସ, ଖୁସି ଓ ଆନନ୍ଦରେ ସମୟ ଅତିବାହିତ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଆନୁଷ୍ଠାନିକ କାମ, ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ।

**ବୃଷ** – ଭାଗ୍ୟଭାବସ୍ଥ ଚନ୍ଦ୍ର ପ୍ରଭାବରେ ଘର ସକାଶେ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। ବନ୍ଧୁ କିମ୍ବା ପିଲାମାନେ ଏହି ଦିଗରେ ସାହାଯ୍ୟ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇପାରିବେ କିନ୍ତୁ ଏହା ହିଁ ପରକ୍ଷଣରେ ସମସ୍ୟାକୁ ବୃଦ୍ଧି କରିବ। ସମସ୍ୟା ସମାଧାନ କ୍ଷେତ୍ରରେ ସହକର୍ମୀ ସହଯୋଗର ହାତ ବଢ଼ାଇବେ।

**ମିଥୁନ** – ଯେଉଁ କ୍ଷେତ୍ରରେ ଯାହାକି ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯାଇପାରେ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ବିବାଦୀୟ କ୍ଷେତ୍ରରେ, ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଘରେ ପୂଜା ପାର୍ବଣକୁ ନେଇ ବନ୍ଧୁ ମିଳନ, ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ** – ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସବୁ କଥାରେ ନରମି ରହିପାରିଲେ ହିଁ ସୁଫଳ ପାଇବେ। ପ୍ରକୃତ ଘଟଣା ନ ବୁଝି ସହକର୍ମୀ କ୍ରୋଧ ପ୍ରକାଶ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହା କି ଅଶାନ୍ତି ସୃଷ୍ଟି କରିବ। ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି।

**ସିଂହ** – ଆପଣଙ୍କ କାର୍ଯ୍ୟଦକ୍ଷତା ଓ ଯୁକ୍ତିଯୁକ୍ତ ବାର୍ତ୍ତାଳାପରୁ ବିଜୟ ଲାଭ ଅବଶ୍ୟମ୍ଭାବୀ। ଆପଣ ବହୁତ ପୂର୍ବରୁ ଯେଉଁ ପ୍ରାପ୍ୟ ପାଇବାର ଥିଲା ଆଜି ହିଁ ତାହା ପାଇବାର ସୂଚନା ମିଳିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ବ୍ୟବସାୟ କ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**କନ୍ୟା** – ଆଜି ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ରହିବ। ଯାନ୍ତ୍ରିକ ତ୍ରୁଟିକୁ ସୁଧାରି ନେଇ ଚାଳନାରେ ସତର୍କ ରହିବା ଭଲ ନଚେତ୍ ହଇରାଣ ହୋଇପାରନ୍ତି। ପିଲାଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିବେ। ଜଣେ ହିତାକାଂକ୍ଷୀଙ୍କ ସହୃଦୟତାରୁ ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ତୁଳା** – ସବୁ କଥାରେ ନୀରବଦ୍ରଷ୍ଟା ସାଜିବା ଦ୍ୱାରା ଆଗାମୀ ସମୟରେ ହଇରାଣରେ ପଡିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା** – ଶନିଙ୍କ ପ୍ରଭାବରୁ ଅଧିକାଂଶ ସମୟ ନିରୁତ୍ସାହିତ ରହିବେ। ଶୁକ୍ରଙ୍କ ସୁପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। କଚେରି ମାମଲା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ସାମ୍ବାଦିକତା, ପ୍ରଶାସନ, ଗବେଷଣା, ଆଲୋଚନା କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ।

**ଧନୁ** – ଆଜି ପଡ଼ୋଶୀ, ସହକର୍ମୀ କିମ୍ବା ଭାଇ, ଭଉଣୀଙ୍କ କ୍ଷେତ୍ରରୁ କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ କେତେକ ନୂତନ କାମର ପରିକଳ୍ପନା କରିବା ସଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ, କ୍ଷେତ୍ର ଭଲ ରହିବ।

**ମକର** – ଆଜି ବାହାର ଦୁନିଆରୁ ଯେତିକି ସ୍ନେହ, ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ ନିଜ ଘରୁ ସେହି ଅନୁପାତରେ ଗାଳି ଖାଇପାରନ୍ତି। କର୍ମକ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ କମିଯିବ। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ ସଙ୍ଗକୁ ସାମାଜିକ କାମରୁ ଖୁସି ରହିବେ। ଅପରାହ୍ନରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ।

**କୁମ୍ଭ** – ଆଜି ପରିବାରରେ ପିଲାମାନଙ୍କର କିଛି ସମସ୍ୟା ମନକୁ ବିଚଳିତ କରିବ। ଏଣେ କର୍ମକ୍ଷେତ୍ରରେ ମଧ୍ୟ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରିପାରନ୍ତି। ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟାକୁ କେନ୍ଦ୍ରକରି ନିଜ ପରିସରରେ ସମାଲୋଚିତ ହେବେ।

**ମୀନ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସଂକୁଚିତ ମନେକରିବେ। ମନ ଭଲ ନ ଥିବା କାରଣରୁ କାହାର ଭଲ କଥା ମଧ୍ୟ ଆପଣଙ୍କୁ ଭଲ ଲାଗି ନ ପାରେ। ଅବଶ୍ୟ ଚେଷ୍ଟା କରୁଥିବା କାମ ହୋଇଯିବ ଓ ପାଇବା ଜିନିଷଟି ନିଶ୍ଚିତ ପାଇବେ। ଗୃହକାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ବୁଧବାର, ଅଗଷ୍ଟ ୩୦ ତାରିଖ, ଗହ୍ମାପର୍ବ, ଶ୍ରୀବଳଦେବ ପୂଜା, ରକ୍ଷାବନ୍ଧନ, ବିଶ୍ୱ ସଂସ୍କୃତ ଦିବସ, ଲଘୁ ଉଦ୍ୟୋଗ ଦିବସ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶି ନକ୍ଷତ୍ର–ଧନିଷ୍ଠା/ମକର, ଦିବା ଘ.୧୦.୧୮ମି. ଗତେ, କୁମ୍ଭ ଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୪ମି. ଗତେ ଘ.୦୭.୧୩ମି. ମଧ୍ୟେ, ଘ.୧୦.୧୪ମି. ଗତେ ଘ.୧୧.୨୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୭ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁ କାଳ।

Government of India

Azadi Ka Amrit Mahotsav

G20 ONE EARTH • ONE FAMILY • ONE FUTURE

# ରକ୍ଷା ବନ୍ଧନ

## ର ହାର୍ଦ୍ଦିକ ଶୁଭକାମନା

"ରକ୍ଷାବନ୍ଧନର ପର୍ବ ନିଜ ପରିବାରରେ ଖୁସିକୁ ବୃଦ୍ଧି କରିବାର ଦିନ ହୋଇଥାଏ । ଗ୍ୟାସ୍ ଦର ହ୍ରାସ ହେବା କାରଣରୁ ମୋ ପରିବାରର ଭଉଣୀମାନଙ୍କୁ ତାହା ଖୁବ୍ ସୁହାଇବ ଏବଂ ସେମାନଙ୍କ ଜୀବନ ଆହୁରି ସହଜ ହୋଇଯିବ । ମୋର ସମସ୍ତ ଭଉଣୀ ଖୁସିରେ ରହନ୍ତୁ, ସୁସ୍ଥ ରହନ୍ତୁ, ସୁଖୀ ରୁହନ୍ତୁ, ଈଶ୍ୱରଙ୍କ ନିକଟରେ ଏତିକି କାମନା କରୁଛି ।"

- ନରେନ୍ଦ୍ର ମୋଦି

# ରୋଷେଇ ଗ୍ୟାସ୍ ସିଲିଣ୍ଡର ଆଜିଠାରୁ 200 ଟଙ୍କା ଶସ୍ତା

## 75 ଲକ୍ଷ ନୂଆ ଉଜ୍ଜ୍ୱଳା ଗ୍ୟାସ୍ କନେକ୍ସନ



## ମୋଦିଜୀଙ୍କ ନେତୃତ୍ୱରେ ନାରୀଶକ୍ତିର ଗରିମା ଓ ସମ୍ମାନ, ହୋଇଛି ଦେଶର ଅଭିମାନ

- **4 କୋଟି ଘର** ଦେଇ ବଢ଼ାଇଛନ୍ତି ଭଉଣୀ ଓ ଝିଅମାନଙ୍କ ସ୍ୱାଭିମାନ
- **9.6 କୋଟି ଉଜ୍ଜ୍ୱଳା ଗ୍ୟାସ୍ କନେକ୍ସନ୍** ଦ୍ୱାରା ଭଉଣୀ ଓ ଝିଅମାନଙ୍କ ଜୀବନ ହୋଇଛି ଧୂଆଁମୁକ୍ତ
- **11 କୋଟିରୁ ଅଧିକ ଶୌଚାଳୟ** ମାଧ୍ୟମରେ ଭଉଣୀ ଓ ଝିଅମାନଙ୍କ ଗରିମା ହୋଇଛି ସୁନିଶ୍ଚିତ
- **₹11 ଲକ୍ଷ କୋଟି** ପରିମାଣର **ପାଖାପାଖି 30 କୋଟି ମୁଦ୍ରା ଲୋନ୍** ଦ୍ୱାରା ଭଉଣୀ ଓ ଝିଅଙ୍କୁ ମିଳିଛି ଉଦ୍ୟମିତାର ଡେଣା
- **10 କୋଟି ଭଉଣୀ ଓ ଝିଅ,** ମହିଳା-ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇଛନ୍ତି
- **3.6 କୋଟିରୁ ଅଧିକ ସୁକନ୍ୟା ସମୃଦ୍ଧି ଖାତା,** ଯେଉଁଥିରେ **₹2 ଲକ୍ଷ କୋଟିର** ଜମା
- 13 କୋଟି ଘରେ ପହଞ୍ଚିଛି **ନଳ ମାଧ୍ୟମରେ ସ୍ୱଚ୍ଛ ଜଳ**
- **ସବୈତନିକ ମାତୃତ୍ୱ ଛୁଟିକୁ 12ରୁ 26 ସପ୍ତାହକୁ ବୃଦ୍ଧି କରାଯାଇଛି**
- **ତିନ୍ ତଲାକ୍‌ର ପ୍ରଥାକୁ ସମାପ୍ତ କରାଯାଇ** ମୁସ୍‌ଲିମ୍ ଭଉଣୀ ଓ ଝିଅମାନଙ୍କ ଗରିମାକୁ ସୁନିଶ୍ଚିତ କରାଯାଇଛି

cbc 33101/13/0001/2324

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ- ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। -ଶ୍ରୀମା



# କୋଟାରେ ଚାପ

ରାଗିଂ ହେତୁ ପଶ୍ଚିମବଙ୍ଗ ଯାଦବପୁର ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ରଙ୍କ ମୃତ୍ୟୁ ହେବା ପରେ ରାଜସ୍ଥାନ କୋଟାରେ ଦୁଇ ବିଦ୍ୟାର୍ଥୀଙ୍କ ଆତ୍ମହତ୍ୟା ଭଳି ଦୁଃଖଦ ଖବର ସାମ୍ନାକୁ ଆସିଛି। କୋଚିଂ ହବ୍ ଭାବେ ଜଣାଶୁଣା କୋଟାରେ ଅଗଷ୍ଟ ୨୭ଦିନ ୬ ଘଣ୍ଟା ମଧ୍ୟରେ ୨ ଜଣ ଛାତ୍ର ଆତ୍ମହତ୍ୟା କରିଥିଲେ। କୋଚିଂ ସେଣ୍ଟର ଦ୍ୱାରା କରାଯାଉଥିବା ସପ୍ତାହାନ୍ତ ପରୀକ୍ଷା ଶେଷ ହେବା ପରେ ସେମାନେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ମହାରାଷ୍ଟ୍ର ଲାଟୁରର ଆବିଷ୍କାର କାସ୍‌ଲେ ପରୀକ୍ଷା ଦେଇ ସାରି କୋଚିଂ ସେଣ୍ଟରର ୬ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହାର କିଛି ଘଣ୍ଟା ବ୍ୟବଧାନରେ ଭଡ଼ା ଘରେ ରହୁଥିବା ବିହାରର ଆଦର୍ଶ ରାଜ ଫ୍ୟାନ୍‌ରେ ଝୁଲିପଡ଼ି ଜୀବନ ହାରିଥିଲେ। ଏହି ଘଟଣା ପରେ କୋଟାର ଜିଲାପାଳ ଆଗାମୀ ଦୁଇ ମାସ ପର୍ଯ୍ୟନ୍ତ କୌଣସି ପରୀକ୍ଷା ନ କରିବା ଲାଗି କୋଚିଂ ସେଣ୍ଟରଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ବେଳେ ସମସ୍ତ ରୁମ୍‌ରେ ସ୍ପ୍ରିଙ୍ଗ ଲଗା ଫ୍ୟାନ୍ (ଆଣ୍ଟି ସୁଇସାଇଡ ଡିଭାଇସ) ରଖିବାକୁ କହିଛନ୍ତି। ଏହା ବ୍ୟତୀତ ପରୀକ୍ଷା କିମ୍ବା କ୍ଲାସ୍ ନ ଥିବା ସମୟରେ ଅତିକମ୍‌ରେ ଗୋଟିଏ ଦିନ ପିଲାଙ୍କୁ ଫାଙ୍କା ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ କୋଟାର ପ୍ରଶାସନ ଏବେ ଯେଉଁ ଅଦ୍ଭୁତ ପ୍ରତିକ୍ରିୟା ପ୍ରକାଶ କରିଛି ଓ ଫ୍ୟାନରେ ସେନସର ଲଗାଇବା ଲାଗି ଯାହା କହିଛନ୍ତି ତାହା ଅଦୂରଦର୍ଶୀ ମନେହୁଏ। ଗତ ବର୍ଷ ସାପ୍ତାହିକ ଅଫ୍‌ଡେ ଏବଂ ପିଲା ଓ ଶିକ୍ଷକମାନଙ୍କ ମନସ୍ତାତ୍ତ୍ୱିକ ସ୍ଥିତିର ଆକଳନ କରାଯିବା ଲାଗି ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା ତାହା ଏବେ ନାଲିଫିତା ତଳେ ରହିଛି। ଅଭିଭାବକମାନେ ମଧ୍ୟ ପିଲାମାନଙ୍କ ମାନସିକ ସ୍ଥିତି ପ୍ରତି ନଜର ନ ଦେଇ ଚୁପ ବସିଯାଉଛନ୍ତି। ଅନ୍ୟପକ୍ଷରେ ନିୟମିତ କାଉନସେଲିଂ ଉପରେ କୋଚିଂ ସେଣ୍ଟର ମାଲିକ କିମ୍ବା ଅଭିଭାବକମାନଙ୍କର କୌଣସି ଗୁରୁତ୍ୱ ନ ଥିବା ମନେହେଉଛି, ଯାହାର ପରିଣାମ ସ୍ୱରୂପ ଆତ୍ମହତ୍ୟା ବଢ଼ିଚାଲିଛି।

> **ଭାରତରେ ଅଭିଭାବକମାନଙ୍କର ଅଯଥା ଚାପ ଯୋଗୁ ପିଲାଙ୍କ ମନରେ ଆଶଙ୍କା ଜନ୍ମ ନେଇଥାଏ। ହାରିଯିବାର ଭୟ ସେମାନଙ୍କୁ ଆତ୍ମହତ୍ୟା କରିବାକୁ ଠେଲିଦିଏ। ଏଭଳି ପରିସ୍ଥିତିରେ କୌଣସି ଜିଲା ପ୍ରଶାସକ, ପୋଲିସ କିମ୍ବା ଶିକ୍ଷା ଓ କୋଚିଂ ଅନୁଷ୍ଠାନ ସାହାଯ୍ୟ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।**

ଦେଶର ବିଭିନ୍ନ ଅଞ୍ଚଳରୁ ମେଡ଼ିକାଲ ପାଇଁ ନିଟ୍ ଓ ଇଞ୍ଜିନିୟରିଂ ଲାଗି ଜେଇଇ ଏବଂ ଅନ୍ୟାନ୍ୟ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ସକାଶେ କୋଚିଂ ନେବା ପାଇଁ ଛାତ୍ରୀଛାତ୍ରମାନେ କୋଟା ଆସିଥାଆନ୍ତି। ଏବେ ପାଖାପାଖି ୩ ଲକ୍ଷ ଆଶାୟୀ କୋଟାର କୋଚିଂ ସେଣ୍ଟରଗୁଡ଼ିକରେ ନାମ ଲେଖାଇଛନ୍ତି। ଏମାନଙ୍କ ମଧ୍ୟରେ ସିଂହଭାଗ ହେଉଛନ୍ତି ନିଟ୍ ଆଶାୟୀ। ତେବେ ଏଭଳି ଏକ ଶୈକ୍ଷିକ ପରିବେଶରେ ପିଲାମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ପ୍ରକାଶ ପାଇବା ଉଦ୍‌ବେଗର ବିଷୟ। ପ୍ରଶାସନିକ ଅବହେଳା ଓ ଅଭିଭାବକଙ୍କ ଅଣଦେଖା ମନୋଭାବ ଆଶାୟୀଙ୍କ ଆତ୍ମହତ୍ୟା ଉପରେ ଅଙ୍କୁଶ ଆଣିପାରୁନାହିଁ। ଚଳିତ ବର୍ଷ ଏବେ ସୁଦ୍ଧା ମୋଟ ୨୪ ଜଣ ଆଶାୟୀ ଆତ୍ମହତ୍ୟା କରିଛନ୍ତି। ଅର୍ଥାତ୍ ମାସକୁ ହାରାହାରି ୩ ଜଣ ଜୀବନ ହାରୁଛନ୍ତି। ବିଗତ ୮ ବର୍ଷରେ ଏହି ସଂଖ୍ୟା ସର୍ବାଧିକ। କେବଳ ଚଳିତ ମାସରେ କୋଟାରେ ୬ ଜଣ ଆତ୍ମହତ୍ୟା କରିସାରିଲେଣି। ଏହିସବୁ ତଥ୍ୟ ସାଧାରଣରେ ଦେଶବାସୀଙ୍କୁ ବିଚଳିତ କରିବା କଥା। ମନେରଖିବାକୁ ହେବ ଯେ, ଉଚ୍ଚକୋଟୀର ଛାତ୍ରୀଛାତ୍ର ଏହିଭଳି ପରୀକ୍ଷା ଦେବା ପାଇଁ ନିଜେ ଇଚ୍ଛାପ୍ରକାଶ କରିଥାନ୍ତି ନଚେତ ତାଙ୍କର ପରିବାର ତରଫରୁ ପ୍ରବଳ ଚାପ ପଡ଼ିଥାଏ। ଆତ୍ମହତ୍ୟା କରିବା ଏକ ସହଜ କାର୍ଯ୍ୟ ନୁହେଁ। ସେଭଳି ମାନସିକ ଶକ୍ତି ସହିତ ଅପୂର୍ବ ଭୟ ସୃଷ୍ଟି ହେଲେ ମଣିଷ ଆତ୍ମହତ୍ୟା କରିଥାଏ। ସମ୍ଭବତଃ ମଣିଷ ବ୍ୟତୀତ ଅନ୍ୟ କୌଣସି ଜୀବ ଆତ୍ମହତ୍ୟା କରନ୍ତି ନାହିଁ। ତେବେ ଭାରତରେ ଅଭିଭାବକମାନଙ୍କର ଅଯଥା ଚାପ ଯୋଗୁ ପିଲାଙ୍କ ମନରେ ଆଶଙ୍କା ଜନ୍ମ ନେଇଥାଏ। ହାରିଯିବାର ଭୟ ସେମାନଙ୍କୁ ଆତ୍ମହତ୍ୟା କରିବାକୁ ଠେଲିଦିଏ। ଏଭଳି ପରିସ୍ଥିତିରେ କୌଣସି ଜିଲା ପ୍ରଶାସକ, ପୋଲିସ କିମ୍ବା ଶିକ୍ଷା ଓ କୋଚିଂ ଅନୁଷ୍ଠାନ ସାହାଯ୍ୟ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।

ଏହି ସମସ୍ୟାର ଗୋଟିଏ ମାତ୍ର ସମାଧାନ ରହୁଛି ଛାତ୍ରୀଛାତ୍ରଙ୍କ ପରିବାର ସହିତ। ଯଦି ମାତାପିତା କିମ୍ବା ପରିବାରର ଅନ୍ୟମାନଙ୍କ ଚାପ ହ୍ରାସ ହୋଇପାରନ୍ତା, ତେବେ ସମ୍ଭବତଃ, ଏତେ ଜୀବନ ହାନି ଘଟିବା ରୋକାଯାଇପାରନ୍ତା। ଏଥିପାଇଁ ଆବଶ୍ୟକ ହେଉଛି ସାମାଜିକ ପରିବର୍ତ୍ତନ। ତାହା କେତେଦୂର ସମ୍ଭବପର ସେ ସମ୍ପର୍କରେ ଆମେ ସମସ୍ତେ ନିଜ ଭିତରକୁ ଦେଖିବା ଦରକାର।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | | |
| | | 8 | | | 2 | | | |
| | | | | 3 | 9 | | 7 | 5 |
| | | 7 | | | 1 | | 2 | |
| | | 2 | | 7 | | 8 | | |
| | | | 5 | | | | | 1 |
| | | 6 | 9 | | 5 | | | 8 |
| 2 | | | | | | | 6 | |
| | 4 | | | 8 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 9 | 3 | 1 | 6 | 2 | 7 | 8 |
| 7 | 8 | 1 | 5 | 2 | 9 | 3 | 6 | 4 |
| 6 | 3 | 2 | 7 | 4 | 8 | 1 | 5 | 9 |
| 5 | 1 | 6 | 9 | 8 | 4 | 7 | 3 | 2 |
| 8 | 2 | 4 | 1 | 3 | 7 | 6 | 9 | 5 |
| 9 | 7 | 3 | 2 | 6 | 5 | 4 | 8 | 1 |
| 3 | 4 | 5 | 6 | 9 | 1 | 8 | 2 | 7 |
| 2 | 9 | 8 | 4 | 7 | 3 | 5 | 1 | 6 |
| 1 | 6 | 7 | 8 | 5 | 2 | 9 | 4 | 3 |

ଗତକାଲିର ଉତ୍ତର

# ଜି-୨୦ ଓ ଜଳବାୟୁ ପ୍ରସଙ୍ଗ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଂଶ ରାଷ୍ଟ୍ରଗୋଷ୍ଠୀ (ଜି-୨୦) ହେଉଛି ଅନ୍ତର୍ଜାତୀୟ ଅର୍ଥନୈତିକ ସହଯୋଗ କ୍ଷେତ୍ରରେ ଏକ ପ୍ରମୁଖ ଫୋରମ ବା ମଞ୍ଚ। ଜି-୨୦ ପ୍ରାରମ୍ଭରେ ସମଷ୍ଟିଗତ ଅର୍ଥନୈତିକ ପ୍ରସଙ୍ଗ ସବୁ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଥିଲା। ପରବର୍ତ୍ତୀ ସମୟରେ ଏହା ବାଣିଜ୍ୟ, ସ୍ୱାସ୍ଥ୍ୟ, କୃଷି, ଶକ୍ତି, ପରିବେଶ, ନିରନ୍ତର ବିକାଶ, ଜଳବାୟୁ ପରିବର୍ତ୍ତନ ଏବଂ ଦୁର୍ନୀତି ନିବାରଣ ଆଦିକୁ ଅନ୍ତର୍ଭୁକ୍ତ କରିଛି। ପ୍ରତିବର୍ଷ ଏକ ପରିବର୍ତ୍ତିତ ସଦସ୍ୟ ରାଷ୍ଟ୍ରର ଅଧ୍ୟକ୍ଷତାରେ ଜି-୨୦ ସମ୍ମିଳନୀ ସେହି ଦେଶରେ ଅନୁଷ୍ଠିତ ହୁଏ। ସମ୍ପ୍ରତି ଭାରତବର୍ଷ ୨୦୨୩ ବର୍ଷ ନିମନ୍ତେ ଜି-୨୦ଗୋଷ୍ଠୀର ଅଧ୍ୟକ୍ଷ ପଦ ଅଳଙ୍କୃତ କରିଛି। ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କ ସହ ପରାମର୍ଶ କରି ଜି-୨୦ର ଏଜେଣ୍ଡାକୁ କାର୍ଯ୍ୟକାରୀ କରିବା ଏହାର ଅଧ୍ୟକ୍ଷତାକାରୀ ରାଷ୍ଟ୍ରର ଦାୟିତ୍ୱ।

ତେବେ ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ପରିବେଶ ସମ୍ପର୍କିତ ପ୍ରସଙ୍ଗ, ବିଶେଷରୂପେ ବିଶ୍ୱତାପନ ଓ ଜଳବାୟ ପରିବର୍ତ୍ତନ ଆହ୍ୱାନ ସୃଷ୍ଟିକାରୀ ରୂପେ ଗଣ୍ୟ ହୋଇ ସମସ୍ତ ଅନ୍ତର୍ଜାତୀୟ ମଞ୍ଚରେ ଆଲୋଚନାର ପ୍ରମୁଖ ବିଷୟବସ୍ତୁ ପାଲଟିଛି। ଏହି ପରିପ୍ରେକ୍ଷୀରେ ଭାରତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଏହା ଉପରେ ଫଳପ୍ରଦ ଆଲୋଚନା, କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ ଏବଂ ପଦକ୍ଷେପ ଗ୍ରହଣ ହେବା ବିଶ୍ୱ ସମ୍ପ୍ରଦାୟ ଆଶାପ୍ରକଟ କରେ। ତେବେ ଭାରତ ସମ୍ମୁଖରେ କେତେକ ଅନ୍ତର୍ନିହିତ ପ୍ରତିବନ୍ଧକ ରହିଛି, ଯାହା ଭାରତର ଅଧ୍ୟକ୍ଷତା କାଳରେ ଯଥେଷ୍ଟ ସଫଳତା ଅର୍ଜନର ସମ୍ଭାବନାକୁ କ୍ଷୀଣ କରେ। ପୃଥିବୀର ତାପମାତ୍ରା ବୃଦ୍ଧି ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ପ୍ରଭାବ କ୍ରମେ ଗମ୍ଭୀର ରୂପ ଧାରଣ କରିଚାଲିଛି। ଏହାର ମୁଖ୍ୟ କାରଣ ଶକ୍ତି ଉତ୍ପାଦନ କ୍ଷେତ୍ରରୁ, ବିଶେଷରୂପେ କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନ ଉତ୍ସର ବହୁଳ ବ୍ୟବହାରରୁ ସୃଷ୍ଟ ସବୁଜ ଗୃହ ବାଷ୍ପମାନଙ୍କର ବର୍ଦ୍ଧିତ ନିର୍ଗମନ, ଯାହାର ହ୍ରାସନ ଉପରେ ବିଶ୍ୱବାସୀଙ୍କର ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି। ଏସବୁ ଉତ୍ସର ବ୍ୟବହାରରେ ଯଥେଷ୍ଟ ହ୍ରାସ ଘଟାଇ ସୂର୍ଯ୍ୟାଲୋକ, ପବନ, ବର୍ଷା, ସମୁଦ୍ରଢେଉ, ଭୂଉତ୍ତାପ, ଜୈବଶକ୍ତି, ଉଦ୍‌ଜାନ ଏବଂ ନାଭିକୀୟ ଶକ୍ତି ପରି ବିକଳ୍ପ ସ୍ୱଚ୍ଛ, ସବୁଜ ଓ ଅକ୍ଷୟ ଶକ୍ତିର ଉତ୍ସ ଉପରେ ଆତ୍ମନିର୍ଭରଶୀଳତାରେ ବୃଦ୍ଧି ଘଟାଇବା ହେଉଛି ଆଜିର ଆହ୍ୱାନ। ଏହାକୁ ଦୃଷ୍ଟିରେ ରଖି ଜାତିସଂଘର ୨୦୧୫ ପ୍ୟାରିସ ଜଳବାୟୁ ସମ୍ମିଳନୀରେ ସ୍ୱାକ୍ଷରିତ ଚୁକ୍ତିନାମାର ଇପ୍ସିତ ଲକ୍ଷ୍ୟ ଥିଲା ପୃଥିବୀର ତାପମାତ୍ରା ବୃଦ୍ଧିକୁ ଶିଳ୍ପବିପ୍ଳବ-ପୂର୍ବ ତୁଳନାରେ ୨ଡିଗ୍ରୀ ସେଲ୍ସିଅସରୁ ନିମ୍ନରେ, ଆଦର୍ଶ ଭାବେ ୧.୫ ଡିଗ୍ରୀ ସେଲ୍ସିଅସ ମଧ୍ୟରେ ସୀମିତ ରଖିବା।



ଏଥିନିମନ୍ତେ ବିଶ୍ୱର ଶକ୍ତି ଉତ୍ପାଦନ କ୍ଷେତ୍ରରେ ବ୍ୟବହୃତ ପ୍ରଦୂଷଣ ସୃଷ୍ଟିକାରୀ ପାରମ୍ପରିକ, ଅନବୀକରଣୀୟ ଉତ୍ସରେ ପୂର୍ଣ୍ଣଚ୍ଛେଦ ପକାଇ ସୁଦୂରପ୍ରଭାବୀ ନବୀକରଣୀୟ, ସ୍ୱଚ୍ଛ ଉତ୍ସକୁ ପରିବର୍ତ୍ତିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ରାଷ୍ଟ୍ର ପ୍ରତିବଦ୍ଧ ହେବା ଏକାନ୍ତ ବାଞ୍ଛନୀୟ। ନିର୍ଦ୍ଦିଷ୍ଟ ଭାବେ ବିଦ୍ୟୁତ୍ ଶକ୍ତିର ସର୍ବାଧିକ ପ୍ରଦୂଷଣକାରୀ ଉତ୍ସ ରୂପେ କୋଇଲାର ବ୍ୟବହାରକୁ ନିଷିଦ୍ଧ କରିବା ଏକାନ୍ତ ଅପରିହାର୍ଯ୍ୟ। ମାତ୍ର ଭାରତରେ କୋଇଲାର ଉପଲବ୍ଧି ଯଥେଷ୍ଟ ଥିବା, ଶକ୍ତି ଉତ୍ପାଦନରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ନୂତନ ପ୍ରଯୁକ୍ତିର ବିଶେଷ ଅଗ୍ରଗତି ସାଧିତ ହୋଇ ନ ଥିବା ଦୃଷ୍ଟିରୁ ଆମ ଦେଶ ଏକ ଅପ୍ରସ୍ତୁତ ପରିସ୍ଥିତିରେ ଦଣ୍ଡାୟମାନ ରହିଛି। ୨୦୨୧ରେ ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀ (କୋପ୨୬)ରେ ରାଷ୍ଟ୍ରମାନଙ୍କୁ ସେମାନଙ୍କର ୨୦୩୦ ଲକ୍ଷ୍ୟ ହାସଲକୁ ସୁଦୃଢ଼ କରିବା ନିମନ୍ତେ ଚେଷ୍ଟିତ ହେବାକୁ ଅନୁରୋଧ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ୨୦୭୦ ସୁଦ୍ଧା ଭାରତ ନେଟ-ଶୂନ୍ୟ ନିର୍ଗମନ ଲକ୍ଷ୍ୟ ହାସଲ କରିବ ବୋଲି ଘୋଷଣା କରିଥିଲେ, ଯେତେବେଳେ କି ଆମେରିକା ଓ ୟୁରୋପ ୨୦୫୦ ଏବଂ ଚାଇନା ୨୦୬୦ ସୁଦ୍ଧା ଏହି ଲକ୍ଷ୍ୟ ହାସଲର ପ୍ରତିଶ୍ରୁତି ଦେଇଥିଲେ। ତେବେ ବୈଜ୍ଞାନିକମାନଙ୍କର ପ୍ରତ୍ୟାଶା ତୁଳନାରେ ବିଗତ ୮ବର୍ଷରେ ଅଙ୍ଗାରକ ନିର୍ଗମନରେ ଆବଶ୍ୟକ ହ୍ରାସନ ସଂଘଟିତ ହୋଇନାହିଁ, ଯାହା ଚିନ୍ତାର କାରଣ ପାଲଟିଛି। ଜି-୨୦ ପରିପ୍ରେକ୍ଷୀରେ ଶକ୍ତିକ୍ଷେତ୍ର ନିର୍ଗମନ ଲକ୍ଷ୍ୟ ହାସଲ, ଜୀବାଶ୍ମ ଇନ୍ଧନର ହ୍ରାସ ଏବଂ ଜଳବାୟୁ ଆର୍ଥିକ ପ୍ରୋତ୍ସାହନ ପରି ଅନେକ ମୁଖ୍ୟ ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରେ, ଯାହା ଭାରତ ଏହାର ନେତୃତ୍ୱାବଧିରେ ଉଭୟ ବିକଶିତ ତଥା ବିକାଶଶୀଳ ରାଷ୍ଟ୍ରମାନଙ୍କରେ ତ୍ୱରାନ୍ୱିତ ହେବାର ଆଶା ପୋଷଣ କରେ।

ଅଭିଯୋଗ ହେଉଛି ଯେ ବୈଜ୍ଞାନିକମାନଙ୍କର ଗମ୍ଭୀର ଚେତାବନୀ ଏବଂ ସବୁଜ ଗୃହବାଷ୍ପ ନିର୍ଗମନକୁ ରୋକିବା ନିମନ୍ତେ ଜାତିସଂଘ ମହାସଚିବଙ୍କ ଆବେଦନ ସତ୍ତ୍ୱେ ଭାରତ ସରକାର ଏ ପର୍ଯ୍ୟନ୍ତ ଜି-୨୦ କାର୍ଯ୍ୟସୂଚୀରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ବିଷୟରେ ଆଲୋଚନାକୁ ସ୍ଥାନ ଦେଇନାହାନ୍ତି। ଏହା ଗୁରୁତ୍ୱପୂର୍ଣ୍ଣ ଯେ ବିଶ୍ୱର ୨୦ଟି ବୃହତ୍ ଅର୍ଥନୀତିର ସମ୍ମିଳିତ ଏହି ଗୋଷ୍ଠୀ ସାମୂହିକ ଭାବରେ ପୃଥିବୀର ସବୁଜ ଗୃହ ବାଷ୍ପ ନିର୍ଗମନର ୭୫-୮୦% ନିମନ୍ତେ ଦାୟୀ। ଇଣ୍ଡୋନେସିଆଠାରୁ ଭାରତକୁ ଅଧ୍ୟକ୍ଷ ପଦ ହସ୍ତାନ୍ତର ସମୟରେ ପ୍ରଧାନମନ୍ତ୍ରୀ ମୋଦି ବ୍ୟକ୍ତ କରିଥିଲେ ଯେ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଏବଂ ମହାମାରୀ ପରି ଆହ୍ୱାନର ଦମନ ପରସ୍ପର ସହ ଲଢ଼ିବା ଦ୍ୱାରା ନୁହେଁ, ବରଂ ଏକତ୍ର ସମ୍ମିଳିତ କାର୍ଯ୍ୟ ଦ୍ୱାରା ହିଁ ସାଧିତ ହୋଇପାରିବ। ଏବେ ବିକଶିତ ରାଷ୍ଟ୍ରମାନଙ୍କର ଚାପ ରହିଛି ଭାରତ ନେଟ୍-ଶୂନ୍ୟ ନିର୍ଗମନ ଲକ୍ଷ୍ୟକୁ ୨୦୫୦କୁ ଘୁଞ୍ଚାଇ ଆଣିବାର ପ୍ରଚେଷ୍ଟାରେ କାର୍ଯ୍ୟ ସମ୍ପାଦନ କରୁ ଏବଂ ସେପ୍ଟେମ୍ବରରେ ନୂଆଦିଲ୍ଲୀରେ ହେବାକୁ ଥିବା ଜି-୨୦ ନେତୃତ୍ୱ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଏହି ସମ୍ଭାବନା ସମ୍ପର୍କରେ ଘୋଷଣା କରନ୍ତୁ। କିନ୍ତୁ ଭାରତୀୟ ଦୃଷ୍ଟିଭଙ୍ଗୀ ହେଉଛି ଯେ ଏହି ବିଷୟରେ ଜି-୨୦ରେ ନୁହେଁ, ବରଂ ବର୍ଷ ସମାପ୍ତି ବେଳକୁ ୟୁଏଇରେ ଅନୁଷ୍ଠିତ ହେବାକୁଥିବା ଜାତିସଙ୍ଘ ଜଳବାୟୁ ସମ୍ମିଳନୀ (କୋପ୨୮)ରେ ବିଶ୍ୱସ୍ତରୀୟ ସମୀକ୍ଷା ଅବସରରେ, ଯେଉଁଠାରେ କି ଜାତୀୟ ପ୍ରତିବଦ୍ଧତାକୁ ଉଭୟ ସ୍ୱଳ୍ପ ସମୟ (୨୦୩୦) ଏବଂ ଦୀର୍ଘ ସମୟ (୨୦୫୦) ଭିତ୍ତିରେ ବିବେଚିତ ହେବ, ଭାରତ ସେଠାରେ ହିଁ ଉପସ୍ଥାପନ କରିବ।

ତେବେ ଜଳବାୟୁ ନିୟନ୍ତ୍ରଣ କ୍ଷେତ୍ରକୁ ଭାରତର ଅବଦାନ ବିଷୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସବୁକୁ ଜି-୨୦ ଆଲୋଚନାର ପରିସରକୁ ଅଣାଯାଇପାରେ। ଏଥିରେ ଅନ୍ତର୍ଭୁକ୍ତ ହେବାକୁ ଅଛି 'ଲାଇଫ' ସଂକଳ୍ପ (ପରିବେଶ ପାଇଁ ଜୀବନଶୈଳୀ), ଯାହାକୁ ମୋଦି ପୂର୍ବରୁ ଅନ୍ତର୍ଜାତୀୟ ମଞ୍ଚରେ ଗୁରୁତ୍ୱର ସହ ଉପସ୍ଥାପନ କରିଛନ୍ତି। ଅଧିକ ତାତ୍ପର୍ଯ୍ୟ ବହନକାରୀ ପ୍ରସଙ୍ଗ ହେଉଛି କିପରି ନେଟ୍-ଶୂନ୍ୟ ଉତ୍ସର୍ଜନ ହାସଲ ସହ ସବୁଜ ଅର୍ଥ ବ୍ୟବସ୍ଥା ସୁଦୃଢ଼ହେବା ଦିଗରେ ତ୍ୱରିତ ପରିବର୍ତ୍ତନ ଘଟାଇ ନୂତନ ନିଯୁକ୍ତି, ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ଅର୍ଥନୈତିକ ନିରାପତ୍ତାରେ ଉନ୍ନତ ଫଳାଫଳ ହାସଲ କରିବା। ଏବେ ଅକ୍ଷୟଶକ୍ତି ପ୍ରଭୃତି କ୍ଷେତ୍ରରେ ଭାରତର ଉଲ୍ଲେଖନୀୟ ଅଗ୍ରଗତି ଏହାକୁ ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଶକ୍ତି ଉତ୍ପାଦନର ଘୋଷଣା କରିବାକୁ ଆତ୍ମବିଶ୍ୱାସ ଦେଇଛି। କିନ୍ତୁ ଏହି ପ୍ରସଙ୍ଗରେ ବିକଶିତ ରାଷ୍ଟ୍ରମାନେ ବିକାଶଶୀଳ ଦେଶମାନଙ୍କୁ ଆର୍ଥିକ ସହାୟତା ଏବଂ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କରିବା ଆଶାନୁରୂପ ସଫଳତା ହାସଲରୁ ଦୂରରେ ରହିଛି, ଯାହା ଦୀର୍ଘକାଳୀନ ପ୍ରତିବଦ୍ଧତା ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ-୯୪୩୭୦୭୬୧୦୦**

# ଜଘନ୍ୟ ଅପରାଧ ମାନବ ଚାଲାଣ



ରବିନାରାୟଣ ସାମଲ

ସମୀରା। ପଶ୍ଚିମବଙ୍ଗର ୧୪ ବର୍ଷ ବୟସର ସ୍କୁଲ ଛାତ୍ରୀ। ପାଠ ପଢ଼ିବାକୁ ପ୍ରବଳ ଆଗ୍ରହ। ମାତ୍ର ଦାରିଦ୍ର୍ୟ ଯୋଗୁ ବାପମାଆ ବନ୍ଦକରିଦେଲେ ତା'ର ପାଠପଢ଼ା। ମନ ବୁଝିଲା ନାହିଁ। ପାଠ ପଢ଼ିବା ଆଶାରେ ସମୀରା ପଳାଇଲା ମୁମ୍ବାଇରେ ରହୁଥିବା ତା'ର ଭିଣୋଇଙ୍କ ପାଖକୁ। ଦୁଃଖ ଆରମ୍ଭ ହୋଇଗଲା ସେଇଠି। ଭିଣୋଇ ବିଶ୍ୱାସରେ ବିଷ ପକାଇଲେ। ମାତ୍ର କେଇ ହଜାର ଟଙ୍କା ବିନିମୟରେ ତାକୁ ବିକ୍ରି କରିଦେଲେ ଜଣେ ଯୌନ ବ୍ୟବସାୟୀକୁ। କାମାଥିପୁରା ରେଡ୍ ଲାଇଟ୍ ଏରିଆ ହୋଇଗଲା ତା'ର ନୂଆ ଠିକଣା। ବିନିମୟରେ ମିଳୁଥିଲା ଦିନକୁ ଦୁଇଓଳି କିଛି ଖାଇବାକୁ ଆଉ ନିର୍ଯାତନା। ସାଥି ଝିଅମାନଙ୍କ ସହିତ ଥରେ ସେମାନଙ୍କୁ ନିଆଯାଇଥିଲା ଗୋଟିଏ ପଞ୍ଚତାରକା ହୋଟେଲକୁ। ସୌଭାଗ୍ୟକୁ ସେଦିନ ପୋଲିସ ଚଢ଼ାଉ କଲା ସେହି ହୋଟେଲ ଉପରେ। ସାଥି ଝିଅମାନେ ପୋଲିସ ଭୟରେ ଲୁଚିଗଲା ବେଳେ ସମୀରା ମନରେ ସାହସ ବାନ୍ଧିଲା। ଉଦ୍ଧାର ପାଇବା ଆଶାରେ ପୋଲିସ ହାତରେ ଧରାଦେଲା। ସେହିଠାରୁ ତା'ର ଦୁଃଖଭରା କାହାଣୀର ଅନ୍ତ ଘଟିଥିଲା। ଏହି ଘଟଣାଟି ଥିଲା ୨୦୨୧ ଫେବୃୟାରୀ ମାସର କଥା।

ସେହିପରି ସହରରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଦାର୍ଜିଲିଂର ଗୋଟିଏ ଝିଅକୁ ଜଣୈକ ସ୍ଥାନୀୟ ବ୍ୟକ୍ତି ନେଇଯାଇଥିଲା ଦିଲ୍ଲୀ। ଦୀର୍ଘଦିନ ଧରି ଝିଅର ଖୋଜଖବର କିଛି ନ ମିଳିବାରୁ ତା' ବାପମାଆ ଆଶ୍ରୟ ନେଇଥିଲେ ସ୍ୱେଚ୍ଛାସେବୀ ସଙ୍ଗଠନ 'ମାର୍ଗ'ର। ମାର୍ଗର ବହୁ ଉଦ୍ୟମ ପରେ ଝିଅଟି ଉଦ୍ଧାର ହୋଇଥିଲା ଅତ୍ୟନ୍ତ ନିର୍ଯାତିତ ଅବସ୍ଥାରେ। ପଞ୍ଜାବର ଜଣୈକା ମହିଳାଙ୍କୁ ଅପହରଣ କରି ସୁଦୂର ଓମାନ୍‌ରେ ବିକ୍ରି କରାଯାଇଥିଲା। ସେଠାରେ ସେ ବଳାତ୍କାରର ଶିକାର ହେଲେ। ଶେଷକୁ ପଞ୍ଜାବ ପୋଲିସ ଉଦ୍ଧାର କରିଥିଲା ତାଙ୍କୁ। ବାଂଲାଦେଶର ଜଣେ ଆଠବର୍ଷର ବାଳକକୁ ସାଉଦି ଆରବରେ ଓଟଶାଳାରୁ ଉଦ୍ଧାର କରିଥିଲା ସେ ଦେଶର ପୋଲିସ। ରୋଜଗାର କରିବା ଆଶାକରି ଘର ଛାଡ଼ି ଚାଲିଯାଉଥିବା କେଉଁ ଯୁବକର ଶବ ଗାଁକୁ ଫେରିଲାଣି ତ ଆଉ କେଉଁ ଦାଦନ ହାତ କି ଗୋଡ଼ ହରାଇ ଫେରୁଛି ନିଜ ଭିଟାମାଟିକୁ। ଆଉ କେତେକ ନିର୍ଯାତନା ସହି ନ ପାରି ମୁକ୍ତ ହେବାକୁ ସରକାରଙ୍କୁ କାକୁତିମିନତି ହେଉଛନ୍ତି ସାମାଜିକ ଗଣମାଧ୍ୟମରେ। ଇଏ ତ ଗଲା କେତେକ ଉଦ୍ଧାର ପାଇଥିବା ନିର୍ଯାତିତଙ୍କ ଘଟଣା। ଆହୁରି ବହୁତ ନିଖୋଜ ନିରୁଦ୍ଦିଷ୍ଟ ହୋଇଯାଉଛନ୍ତି, ଯେଉଁମାନଙ୍କ ପତ୍ତା ଆଦୌ ମିଳିପାରୁନାହିଁ। ଏହି ଲେଖକର ଜଣେ ସମ୍ପର୍କୀୟ ଭାଇ ୩୦ ବର୍ଷ ହେଲା ନିଖୋଜ ହୋଇଯାଇଛି କଲେଜ ଯିବା ରାସ୍ତାରୁ। ଯାଜପୁର ଅଞ୍ଚଳର ପିହୁ ନାମ୍ନୀ ଅଢ଼େଇ ବର୍ଷର ଶିଶୁ ନିଖୋଜ ହେଲାଣି ୩ ବର୍ଷ ହେଲା। ତା'ର ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ଏମିତି ଅନେକ ଦୃଷ୍ଟାନ୍ତ।

ସଦ୍ୟ ପ୍ରକାଶିତ ଏନ୍‌ସିଆର୍‌ବି ତଥ୍ୟ ଅନୁଯାୟୀ, ଦେଶରେ ୨୦୧୯-୨୧ ତିନି ବର୍ଷ ମଧ୍ୟରେ ୧୩ ଲକ୍ଷ ୧୩ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ବାଳିକା ନିଖୋଜ ହୋଇଯାଇଛନ୍ତି। ଏ କ୍ଷେତ୍ରରେ ମଧ୍ୟପ୍ରଦେଶ ପ୍ରଥମ ସ୍ଥାନରେ ରହିଛି। ସେଠାରେ ୧ ଲକ୍ଷ ୯୮ ହଜାର ୪୧୪ ଜଣ ନିଖୋଜ ହୋଇଛନ୍ତି। ଆମ ଓଡ଼ିଶାର ସ୍ଥାନ ହେଉଛି ୪ର୍ଥ। ଏଠାରୁ ୭୦ ହଜାର ୨୨୨ ଜଣ ମହିଳା ଓ ୧୬ ହଜାର



୬୪୯ ବାଳିକା ନିଖୋଜ ହୋଇଯାଇଛନ୍ତି। ଶିଶୁ ଅପହରଣ କ୍ଷେତ୍ରରେ ମହାରାଷ୍ଟ୍ର ପ୍ରଥମ ସ୍ଥାନରେ ଥିଲା ବେଳେ ଓଡ଼ିଶା ମଧ୍ୟ ରହିଛି ୪ର୍ଥ ସ୍ଥାନରେ। ମହାରାଷ୍ଟ୍ରରେ ୯ ହଜାର ୪୧୬ ଜଣ ଶିଶୁ ଅପହୃତ ହୋଇଥିଲା ବେଳେ ଓଡ଼ିଶାରେ ଏହି ସଂଖ୍ୟା ୫ ହଜାର ୧୩୫। ଓଡ଼ିଶାରେ ଦିନକୁ ୧୨ ଶିଶୁ ନିଖୋଜ ହେଉଛନ୍ତି। ଦେଶରେ ମୋଟ୍ ନିଖୋଜଙ୍କ ମଧ୍ୟରୁ ଶତକଡ଼ା ୨୭ ଭାଗ ହେଉଛନ୍ତି ଶିଶୁ ଏବଂ ପ୍ରତି ୩ ଶିଶୁଙ୍କ ମଧ୍ୟରେ ୨ ଜଣ ହେଉଛନ୍ତି ବାଳିକା।

ଜାତିସଂଘର ସର୍ବେକ୍ଷଣ ଅନୁଯାୟୀ, ନିଖୋଜ ବା ଅପହୃତ ହେଉଥିବା ପୀଡ଼ିତମାନଙ୍କୁ ମୁଖ୍ୟତଃ ୩ଟି କ୍ଷେତ୍ରରେ ନିୟୋଜିତ କରାଯାଇଥାଏ। ସେଗୁଡ଼ିକ ହେଉଛି - ଯୌନ ବ୍ୟବସାୟ, ଶ୍ରମ ବଜାର ଓ ଅଙ୍ଗ ପ୍ରତିରୋପଣ। ବାଳିକା ଓ ମହିଳାମାନଙ୍କୁ ଦେହ ବ୍ୟବସାୟରେ ଲିପ୍ତ କରାଯାଉଥିବା ବେଳେ ଆଉ କେତେକ ବାଳିକାଙ୍କୁ ବିବାହ ଉଦ୍ଦେଶ୍ୟରେ କେଉଁଠି ବିକ୍ରି କରାଯାଇଥାଏ। କେତେକ ବାଳିକା ଡ୍ୟାନ୍ସବାର୍‌ରେ ଦର୍ଶକଙ୍କ ମନୋରଞ୍ଜନ କରିଥା'ନ୍ତି, ଆଉ କେତେକ ଅଶ୍ଳୀଳ ଚିତ୍ର ଓ ଭିଡିଓ ଉତ୍ତୋଳନରେ ନିୟୋଜିତ ହୋଇଥା'ନ୍ତି। ବାଳକମାନଙ୍କୁ ଭିକ୍ଷାବୃତ୍ତି, ଘରୋଇ ଚାକର, କୃଷି ଶ୍ରମିକ, ଇଟାଭାଟି ଶ୍ରମିକ, ନିଶା କାରବାର, ଓଟ ଦୌଡ଼ ଓ ସର୍କସ୍ ଆଦିରେ କାମ କରିବାକୁ ପଡ଼ିଥାଏ। ବଜାର ସହରରେ ଶହ ଶହ ସଂଖ୍ୟାରେ ଶିଶୁ ଭିକ୍ଷାବୃତ୍ତି କରୁଥିବାର ଦେଖିବାକୁ ମିଳେ। ଏହା ପଛରେ ଏକ ସ୍ୱତନ୍ତ୍ର ର୍‌ୟାକେଟ୍ କାମ କରୁଥାଏ। ସେମାନଙ୍କୁ ଗଣ୍ଡାଏ ଖାଇବାକୁ ଦେଇ ସେମାନଙ୍କ ଦୈନିକ ଆୟକୁ ମାଲିକମାନେ ହାତେଇଥା'ନ୍ତି। ଅଧିକ ଆୟ ପାଇଁ ମାଲିକମାନେ ପିଲାମାନଙ୍କୁ ମଧ୍ୟ ବିକଳାଙ୍ଗ କରିବାକୁ ପଛାନ୍ତିନାହିଁ। ଉପସାଗରୀୟ ଦେଶରେ ଓଟ ଦୌଡ଼ ଗୋଟିଏ ଜନପ୍ରିୟ କ୍ରୀଡ଼ା। ଓଟ ପିଠିରେ ସାଧାରଣତଃ ୮-୧୦ ବର୍ଷର ପିଲାଙ୍କୁ ବାନ୍ଧି ଦିଆଯାଇଥାଏ। ଦୌଡ଼ବେଳେ ଓଟ ପିଠିରୁ ପିଲାଟି ଖସି ତଳେପଡ଼ି ମରିଗଲେ ବା ବିକଳାଙ୍ଗ ହୋଇଗଲେ ମାଲିକର କିଛି ଯାଏଆସେ ନାହିଁ। ଏହି ପିଲାମାନଙ୍କର ଓଜନ କମ୍ ରଖିବାକୁ ସେମାନଙ୍କୁ ଅର୍ଦ୍ଧାହାରରେ ରଖାଯାଏ କିମ୍ବା ଇଲେକ୍ଟ୍ରିକ୍ ସକ୍ ଦେଇ ଓଜନ ହ୍ରାସ କରାଯାଇଥାଏ। ଭାରତ, ପାକିସ୍ତାନ, ବାଂଲାଦେଶରୁ ପିଲାମାନଙ୍କୁ ଖର୍ଦ୍ଦି କିମ୍ବା ଅପହରଣ କରି ଓଟ ମାଲିକମାନଙ୍କୁ ବିକ୍ରି କରାଯାଇଥାଏ। ୟୁନିସେଫ୍‌ର ରିପୋର୍ଟ ଅନୁଯାୟୀ, ୨୦୦୫ରେ ୩ ହଜାରରୁ ଊର୍ଦ୍ଧ୍ୱ ପିଲା ଏହି ଓଟ ଦୌଡ଼ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଜାତିସଂଘର ହସ୍ତକ୍ଷେପ ଫଳରେ ଏବେ ବାଳକମାନଙ୍କ ପରିବର୍ତ୍ତେ ରୋବଟ୍‌ର ବ୍ୟବହାର ପାଇଁ ଆଇନ ହୋଇଥିଲେ ମଧ୍ୟ କୌଣସି ଦେଶ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି।

ସାରା ବିଶ୍ୱରେ ଏହି ମାନବ ଚାଲାଣ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରି ଏକ ଜଘନ୍ୟ ଅପରାଧକୁ ରୋକିବାକୁ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ। ଆମ ଦେଶରେ 'ଦି ଇମୋରାଲ ଟ୍ରାଫିକ୍ (ପ୍ରିଭେନ୍‌ସନ୍)ଆକ୍ଟ-୧୯୫୬' ଅନୁଯାୟୀ ଜଣେ ଚାଲାଣକାରୀକୁ ୧୦ ବର୍ଷ ଜେଲଦଣ୍ଡ ସହିତ ଜରିମାନା ଦେବାର ଆଇନ ଅଛି। ମାତ୍ର ତାହା ମାନବ ଚାଲାଣକୁ ବନ୍ଦ କରିପାରିନାହିଁ।

**ମୋ: ୭୯୭୫୦୪୬୪୮୬**

## ଏଇ ଭାରତରେ

ରୋଗ ହେଲେ ସମସ୍ତେ ଡାକ୍ତରଙ୍କ ପାଖକୁ ଯାଆନ୍ତି, କିନ୍ତୁ ଡାକ୍ତର ଲୋକଙ୍କ ଘରକୁ ଯିବା କେବେ ଦେଖିଛନ୍ତି। ଏଭଳି ବ୍ୟବସ୍ଥା ଦେଖିବାକୁ ମିଳିଛି ତାମିଲନାଡୁ ମଦୁରାଇରେ। ସେଠାକାର ଡାକ୍ତର ଡ.ସ୍ୱାମୀନାଥନ ସି ଗାଡ଼ିରେ ଲୋକମାନଙ୍କ ଘରେ ପହଞ୍ଚି ବରିଷ୍ଠ ନାଗରିକମାନଙ୍କୁ ଶସ୍ତାରେ ଚିକିତ୍ସା କରୁଛନ୍ତି। ଏବେ ସୁଦ୍ଧା ୨୫,୦୦୦ ବରିଷ୍ଠ ନାଗରିକଙ୍କୁ ସେ ସେବା ଯୋଗାଇ ସାରିଲେଣି। 'ଡକ୍ଟର୍ସ ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ମାଧ୍ୟମରେ ଏଭଳି ସେବା ଜାରି ରହିଛି। ୨୦୧୯ରେ ଏହାକୁ ଆରମ୍ଭ କରାଯାଇଥିଲା। ୨୦୧୫ରେ ସ୍ୱାମୀନାଥନ ଡାକ୍ତରୀ ଶିକ୍ଷା ଶେଷ କରି ଏକ ଘରୋଇ ଡାକ୍ତରଖାନାରେ ଚାକିରି କରିଥିଲେ। ପରେ ତାହାକୁ ଛାଡ଼ି ୫ ବର୍ଷ ହେଲା ଏଭଳି ଚିକିତ୍ସା ଯୋଗାଇ ଚାଲିଛନ୍ତି। ତାଙ୍କ ଟିମ୍‌ରେ ଅଛନ୍ତି ଜଣେ ଡାକ୍ତର, ଫିଜିଓଥେରାପିଷ୍ଟ, ରେଡିଓଲୋଜିଷ୍ଟ, ନର୍ସ ଏବଂ ଜଣେ ଡ୍ରାଇଭର। ପୂରା ଟିମ୍ ଦିନକୁ ୧୪ ଘଣ୍ଟା କାମ କରୁଛନ୍ତି। ଆବଶ୍ୟକ ହେଲେ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ପସନ୍ଦର ହସ୍ପିଟାଲରେ ଆଡ୍‌ମିଶନ କରି ମାଗଣାରେ ଚିକିତ୍ସା କରାଯାଉଛି। ଦିନକୁ ସ୍ୱାମୀନାଥନଙ୍କୁ ୨୫ଟି କଲ ମିଳୁଛି ଓ ସେ ସେମାନଙ୍କ ଘରେ ପହଞ୍ଚୁଛନ୍ତି। ଦୂରତାକୁ ନେଇ ପୀଡ଼ିତଙ୍କଠାରୁ ୩୦୦ରୁ ୮୦୦ ଟଙ୍କା ନିଆଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୩୦ ଅଗଷ୍ଟ ୧୯୯୮**

- ବାଂଲାଦେଶରେ ବନ୍ୟା ଯୋଗୁ ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଯିବା ସହ ୧୮ ଜଣଙ୍କର ମୃତ୍ୟୁ।
- ପ୍ରସାରଭାରତୀ ଆଇନକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ରାଷ୍ଟ୍ରପତି କେ. ଆର୍. ନାରାୟଣନ୍‌ଙ୍କ ଅଧ୍ୟାଦେଶ ଜାରି।
- ରାଜ୍ୟରେ ଖୋଲା ସୋରିଷତେଲ ଏବଂ ଲେବୁଲ ନ ଥିବା ସୋରିଷତେଲ ବିକ୍ରି ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଷେଧାଜ୍ଞା ଜାରି।
- ସଚିନ ତେନ୍ଦୁଲକରଙ୍କୁ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ଓ ଅନ୍ୟ ୨୧ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚ ଶିକ୍ଷା ବିଭାଗର ବିକଳ ଚିତ୍ର

ମହାଶୟ,

ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟରୁ ୧୧ ଉଚ୍ଚ ଉଚ୍ଚବିଦ୍ୟାଳୟର ମୋଟ ୨୧୪ ମଞ୍ଜୁରୀପ୍ରାପ୍ତ ପ୍ରଫେସର କାଡରର ପଦବୀ ମଧ୍ୟରୁ ୧୬୨ ପଦବୀ ଖାଲିପଡ଼ିଛି। ସେହିପରି ୪୧୪ ଆସୋସିଏଟ୍ ପ୍ରଫେସର ପଦବୀ ମଧ୍ୟରୁ ୧୪୩ ଏବଂ ୬୯୧ଟି ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ମଧ୍ୟରୁ ୨୫୪ ପଦବୀ ଖାଲି ପଡ଼ିଛି। ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ପାଖାପାଖି ୫୨ ପ୍ରତିଶତ ପଦବୀ ଖାଲିପଡ଼ିଛି। ଏହାଛଡ଼ା ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ, କୋରାପୁଟର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଓ କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ କୌଣସି ପଦବୀ ପୂରଣ ହୋଇନାହିଁ। ଏହି ତଥ୍ୟ ସତ୍ୟ ହୋଇଥିଲେ ସାଂଘାତିକ। ଏହା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ବିକଳ ଚିତ୍ରକୁ ପ୍ରତିପାଦନ କରୁଛି। ଶିକ୍ଷକ ଅଭାବ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହେଉଛି।ଅଥଚ ପଦବୀଗୁଡ଼ିକ ଦୀର୍ଘଦିନ ଧରି ପୂରଣ ହେଉନାହିଁ। ଏହା ଉଚ୍ଚଶିକ୍ଷା ବିଭାଗର ନିଷ୍କ୍ରିୟତାକୁ ପ୍ରମାଣିତ କରୁଛି।

**-ଅକ୍ଷୟ କୁମାର ମହାନ୍ତି,ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ଶତ କୋଟି ବିଶ୍ୱ କ୍ରୀଡ଼େ
ଅହରହ ଲୋମକୂପେ ତବ
ବିସ୍ମୃତି ନୁହଇ ବୁଝି
କଳ୍ପନା-ଅତୀତ ଅବୟବ !
(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସମୁଦ୍ରରେ ଭାସିଯାଉଥିବା ୫ ପର୍ଯ୍ୟଟକ ଉଦ୍ଧାର**

ପୁରୀ,(ଅଜିତ୍ ମହାନ୍ତି): ସମୁଦ୍ରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଗାଧୋଉଥିବା ବେଳେ ଭାସିଯାଉଥିବା ୫ଜଣ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ସେମାନେ ହେଲେ ପଶ୍ଚିମବଙ୍ଗ ଦକ୍ଷିଣ ଚବିଶି ପ୍ରଗଣା ଅଞ୍ଚଳର ପ୍ରିୟା ଆଲ୍ଲା, ବିଷ୍ଣୁପ୍ରିୟା ମଣ୍ଡଳ, ହୁଗୁଳି ଜିଲାର ଅମିତ୍ ଘୋଷ, ଟେଲି ଜିଲାର ସନ୍ଦୀପ ସୁନ୍ଦର ଏବଂ ପୂର୍ବ ବର୍ଦ୍ଧମାନ ଜିଲାର ଅନନ୍ତ ଚାଟାର୍ଜୀ। ଅନେକ ସମୟରେ ପ୍ରଶାସନର କଟକଣା ନ ମାନି ପର୍ଯ୍ୟଟକମାନେ ଗଭୀର ସମୁଦ୍ର ଭିତରକୁ ଚାଲିଯାଉଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ରକ୍ଷାବନ୍ଧନ ପର୍ବ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ୟୁନିଟ୍-୯, ସକାଳ ୮ଟା।
- ରାଧାନାରାୟଣ ଫାଉଣ୍ଡେଶନ ପକ୍ଷରୁ ରକ୍ଷାବନ୍ଧନ, ୬ନଂ. ବାଳକ ବିଦ୍ୟାଳୟ ପରିସର, ଅପରାହ୍ନ ୨ଟା।
- ଗ୍ରନ୍ଥ ଉନ୍ମୋଚନ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ତପୋବନ ଖଣ୍ଡଗିରି ଲକ୍ଷ୍ମୀନାରାୟଣ ସାହୁ ସ୍ମୃତିପୀଠ ଗଣେଶ ମନ୍ଦିର ପ୍ରାଙ୍ଗଣ, ଅପରାହ୍ନ ୪ଟା।
- ଓଡ଼ିଶା ସଂସ୍କୃତି ଓ ପରମ୍ପରା ପୁନରୁଦ୍ଧାର ସମିତି ପକ୍ଷରୁ ରାଜ୍ୟସ୍ତରୀୟ ରସାବଳି ଦିବସ ପାଳନ ଉତ୍ସବ, ଗୁରୁକେଲୁ ଚରଣ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୪ଟା।
- ରକ୍ଷାବନ୍ଧନ ଉତ୍ସବ, ବ୍ଲାଇଣ୍ଡ ଆସୋସିଏଶନ, ୟୁନିଟ୍-୩, ଅପରାହ୍ନ ୫ଟା।
- ଗହ୍ମାପୂର୍ଣ୍ଣିମା ମହୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ରାଜ୍ୟସ୍ତରୀୟ ମେହେର ଜୟନ୍ତୀ ସମାରୋହ, ଗଙ୍ଗାଧର ମେହେର ମାର୍ଗ, ସନ୍ଧ୍ୟା ୬ଟା।
- ଆଦ୍ରୁତ ଚିଲ୍ଡ୍ରେନ ହୋମ ପକ୍ଷରୁ ରକ୍ଷା ବନ୍ଧନ, ଚିଲ୍ଡ୍ରେନ ହୋମ ପରିସର, ଭଗବତିପୁର, ସନ୍ଧ୍ୟା ୬ଟା।
- ସେଗେ ଫାଉଣ୍ଡେଶନ ପକ୍ଷରୁ ସମର୍ପଣର ୫ମ ବାର୍ଷିକୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

# ରାସ୍ତାରେ ପଢ଼ିଲେ ଛାତ୍ରୀଛାତ୍ର

## ଖେଳ ଯୋଗୁ ୧୫ଦିନ ସ୍କୁଲ ବନ୍ଦ ଘୋଷଣାକୁ ବିରୋଧ

ବାରଙ୍ଗ,୨୯।୮(ଲିଙ୍ଗରାଜ ରାଉତ)

ମୁଣ୍ଡଳୀ ନବୋଦୟ ବିଦ୍ୟାଳୟ ପରିସରରେ ଚାଲୁଥିବା ନବୋଦୟ ଶିଶୁ ବିଦ୍ୟାମନ୍ଦିରରେ କୌଣସି କାରଣକୁ ନେଇ ୧୫ଦିନ ପାଇଁ ପାଠପଢ଼ାକୁ ବନ୍ଦ କରାଯିବାକୁ ଘୋଷଣା ହୋଇଛି। ହେଲେ ଏହି ଘୋଷଣାର ପ୍ରତିବାଦରେ ମଙ୍ଗଳବାର ବିଦ୍ୟାମନ୍ଦିରର ଶତାଧିକ ଛାତ୍ରୀଛାତ୍ର ମୁଣ୍ଡଳୀ- ଆଠଗଡ଼ ମୁଖ୍ୟରାସ୍ତା ଅବରୋଧ କରି ପାଠ ପଢ଼ିଥିଲେ। ଫଳରେ ପ୍ରାୟ ୨ଘଣ୍ଟା ଧରି ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଖବରପାଇ କଟକ ଉପଜିଲାପାଳ କମଲଜିତ ଦାସ ଘଟଣାସ୍ଥଳରେ ପହଞ୍ଚି ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକମାନଙ୍କ ସହ ଆଲୋଚନା ପରେ ରାସ୍ତାରୁ ଛାତ୍ରୀଛାତ୍ରମାନେ ଉଠିଥିଲେ।

ପ୍ରକାଶ ଯେ, ନବୋଦୟ ବିଦ୍ୟାଳୟ ପରିସରରେ ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହେବାକୁ ଯାଉଛି। ଏଥିପାଇଁ ପରିସରରେ ଥିବା ଶିଶୁ ବିଦ୍ୟାମନ୍ଦିରର ପାଠପଢ଼ାକୁ ୧୫ଦିନ ପାଇଁ ବନ୍ଦ କରିବାକୁ କର୍ତ୍ତୃପକ୍ଷ ସୋମବାର ନୋଟିସ ଜାରିକରିଥିଲେ। ଏହି ଖବର ମଙ୍ଗଳବାର ସକାଳେ ଜଣାପଡିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଏହାଦ୍ୱାରା ପିଲାଙ୍କ ପଢ଼ାରେ ଅସୁବିଧା ହେବାର ଆଶଙ୍କା ରହିଛି। ତେଣୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମ୍ମୁଖ ରାସ୍ତା ଉପରେ ପାଲ ପକାଇ ବସି ପାଠ ପଢିଥିଲେ। ସ୍ଥାୟୀ ପ୍ରତିକାର ଦାବିରେ ପ୍ରାୟ ୨ଘଣ୍ଟା ଧରି ବାରଙ୍ଗ-ଆଠଗଡ଼ ମୁଖ୍ୟ ରାସ୍ତାର ନବୋଦୟ ବିଦ୍ୟାଳୟ ସାମ୍ନାରେ ବସିବାରୁ ସାଧାରଣ ଲୋକଙ୍କ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଶହଶହ ଗାଡିମୋଟର ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ପରେ କଟକ ଉପ-ଜିଲାପାଳ କମଲଜିତ ଦାସ ପହଞ୍ଚି ସ୍କୁଲ କର୍ତ୍ତୃପକ୍ଷ ଓ ଉତ୍ତ୍ୟକ୍ତ ଅଭିଭାବକମାନଙ୍କୁ ଏକାଠି କରି ଆଲୋଚନା କରିବାପରେ ରାସ୍ତାରୁ ପିଲାମାନେ ଉଠିଥିଲେ। ଯେହେତୁ ଜାତୀୟ ବ୍ୟାଡ ମିଣ୍ଟନ ପ୍ରତିଯୋଗିତା ସ୍କୁଲ ପରିସରରେ ହେବ। ତେଣୁ ୧୫ଦିନ ପାଇଁ ସ୍କୁଲକୁ ବନ୍ଦ କରିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବା ବେଳେ ସେପ୍ଟେମ୍ବର ୧୫ତାରିଖ ପରଠାରୁ ସ୍କୁଲ ସ୍ୱାଭାବିକ ଭାବେ ଚାଲିବ ବୋଲି ଉପଜିଲାପାଳ କମଲଜିତ ଦାସ କହିଛନ୍ତି।


ଛାତ୍ରୀଛାତ୍ର ମୁଣ୍ଡଳୀ- ଆଠଗଡ଼ ମୁଖ୍ୟରାସ୍ତା ଅବରୋଧ କରି ପାଠ ପଢୁଛନ୍ତି।

# ଭଲ ରାସ୍ତାକୁ ଖୋଳି ଆଉ ଥରେ କାମ କରାଯିବାକୁ ଭାଜପାର ବିରୋଧ

ଭୁବନେଶ୍ୱର, ୨୯।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ରାସ୍ତା କାମ ଜାରି ରହିଛି। ବହୁ ଅଞ୍ଚଳରେ ରାସ୍ତା ଅବ୍ୟବସ୍ଥିତ ହୋଇ ପଡ଼ିରହିଥିବାବେଳେ ଆଉ କେତେକ ଅଞ୍ଚଳରେ ଭଲ ରାସ୍ତାକୁ ଖୋଳି ପୁନର୍ବାର କାମ କରାଯାଉଛି। ଏହାଦ୍ୱାରା ସରକାରଙ୍କ ଅର୍ଥ ହରିଲୁଟ୍ ହେଉଥିବାବେଳେ ବାରମ୍ବାର ରାସ୍ତା କାମ ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଳାଶପଲ୍ଲୀ ୯ ନମ୍ବର ଗଳି ରାସ୍ତା କାମରେ ଏପରି ଅବ୍ୟବସ୍ଥା ଲାଗିରହୁଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକେ ବିରୋଧର ସ୍ୱର ଉଠାଇଛନ୍ତି। ମଙ୍ଗଳବାର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ବିଏମ୍‌ସି ପ୍ରତିନିଧି ତଥା ଯୁବନେତା ମଦନମୋହନ ପ୍ରଧାନଙ୍କ ନେତୃତ୍ୱରେ ସମ୍ପୃକ୍ତ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୭ମାସ ପୂର୍ବରୁ ସମ୍ପୃକ୍ତ ରାସ୍ତା ତିଆରି ହୋଇଥିବାବେଳେ ବିଏମ୍‌ସି ପକ୍ଷରୁ ହରିଲୁଟ ପାଇଁ ପୁଣି ତାହାକୁ ଖୋଳାଯାଇ ରାସ୍ତା ତିଆରି ଚାଲିଛି। ବିଏମ୍‌ସି ଭ୍ରଷ୍ଟାଚାରରେ ବୁଡ଼ିରହି ଅଯଥାରେ ଲୋକଙ୍କ ଅର୍ଥ ବ୍ୟୟ କରୁଛି। ଯେଉଁଠାରେ କାମ ଆବଶ୍ୟକ ସେଠାରେ ନ କରି ଭଲ ରାସ୍ତାକୁ ଖୋଳି ପକାଉଛି। ତେଣୁ ଏଥିରେ ବିଏମ୍‌ସି ଅଧିକାରୀଙ୍କ କେତେ ପିସି ଅଛି ଏବଂ ବର୍ଷକରେ ସମ୍ପୃକ୍ତ ରାସ୍ତାରେ କେତେ ଟଙ୍କା ବ୍ୟୟ ହୋଇଛି ତାହା ସର୍ବସାଧାରଣରେ ବିଏମ୍‌ସି ପ୍ରକାଶ କରୁ ବୋଲି ମଦନମୋହନ ଦାବି କରିଛନ୍ତି। ବିକ୍ଷୋଭରେ ଭାଜପା ଜିଲା ସମ୍ପାଦକ ତାପସ କୁମାର ଦଳେଇଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ରାସ୍ତା ଆଗରେ ପ୍ରାୟ ୧ଘଣ୍ଟା ଧରି ଧାରଣା ଦିଆଯାଇଥିବାବେଳେ ପୋଲିସ ବୁଝାଶୁଝା କରିବା ପରେ ବିକ୍ଷୋଭକାରୀ ହଟିଥିଲେ।


ପଳାଶପଲ୍ଲୀ ୯ ନମ୍ବର ଗଳି ରାସ୍ତାରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୨୭ ଦିନ ପରେ ଅଭିଯୁକ୍ତ ଗିରଫ

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା

ଭୁବନେଶ୍ୱର, ୨୯।୮ (ସତ୍ୟଜିତ୍ ରାଉତ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାରେ ୨୭ଦିନ ପରେ ମଙ୍ଗଳବାର କ୍ୟାପିଟାଲ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଝରଣା ସାହିର କାର୍ତ୍ତିକ ସାହୁ। ତାଙ୍କଠାରୁ ଖଣ୍ଡା ଜବତ ହୋଇଛି। ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨ରେ ସ୍ଥାନୀୟ ଅଞ୍ଚଳର ଅଜିମୁଦ୍ଦିନ ଶାହ ଝରଣାସାହି ତାରିଣୀ ମନ୍ଦିର ଛକ ନିକଟରେ ଥିବାବେଳେ କାର୍ତ୍ତିକ ଖଣ୍ଡା ନେଇ ସେଠାକୁ ଯାଇଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେ ଅଜିମୁଦ୍ଦିନଙ୍କୁ ଆକ୍ରମଣ କରିଥିଲେ। ଫଳରେ ଅଜିମୁଦ୍ଦିନଙ୍କ ଡାହାଣ ହାତ କଟି ରକ୍ତସ୍ରାବ ହୋଇଥିଲା। ସେ ତଳେ ପଡ଼ିଯିବାରୁ କାର୍ତ୍ତିକ ଘଟଣାସ୍ଥଳ ଛାଡ଼ି ଦୌଡ଼ି ପଳାଇଥିଲେ। ଅଜିମୁଦ୍ଦିନଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୭୬/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଓଡ଼ିଶା- ୟୁକେ ସମ୍ପର୍କ ସୁଦୃଢ଼ ଉପରେ ଗୁରୁତ୍ୱ


ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ଓଡ଼ିଶା ସୋସାଇଟି ଅଫ୍ ୟୁନାଇଟେଡ୍ କିଙ୍ଗଡମ୍‌ର କର୍ମକର୍ତ୍ତାମାନେ।

## ଓଡ଼ିଶା ସୋସାଇଟି ଅଫ୍ ୟୁନାଇଟେଡ୍ କିଙ୍ଗଡମ୍‌ର ୪୪ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ସୋସାଇଟି ଅଫ୍ ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ) ଲଣ୍ଡନ ଆନୁକୂଲ୍ୟରେ ୪୪ତମ ବାର୍ଷିକ ଉତ୍ସବ ହାରୋଠାରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ରବିବାର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆମେରିକାର ଉଦ୍ୟୋଗୀ ଡ. ସୀତାକାନ୍ତ ଦାଶ, ପରିଚୟ ଫାଉଣ୍ଡେଶନ ପ୍ରତିଷ୍ଠାତା ଡ. ରୋଜାଲିନ ପାଟଶାଣୀ ମିଶ୍ରଙ୍କ ସମେତ ଲଣ୍ଡନସ୍ଥିତ ଓଡ଼ିଆ ସୋସାଇଟିର ସଭାପତି ସୁମନ୍ତ ମାନସିଂହ, ସମ୍ପାଦକ ଶିବରଞ୍ଜନ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦିକା ଡ. ଭାଗ୍ୟଶ୍ରୀ ସିଂହ, ସଙ୍ଗଠନ ସମ୍ପାଦକ ଶୁଭକାନ୍ତ ଦାସ ଏବଂ ପାର୍ଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଓଡ଼ିଶା ଏବଂ ୟୁନାଇଟେଡ୍ କିଙ୍ଗଡମ୍ ମଧ୍ୟରେ ସାଂସ୍କୃତିକ ଓ ଐତିହାସିକ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ବକ୍ତବ୍ୟ ରଖିଥିଲେ। ରବିବାର ଦ୍ୱିତୀୟ ଦିନରେ ହାଉସ୍ ଅଫ୍ କମନ୍ସ ଲେବର ପାର୍ଟିର ଏମ୍‌ପି ବୀରେନ୍ଦ୍ର ଶର୍ମା, ଡ. ଆଶ୍ରଫ ଚୌହାନ, ଲୋକନାଥ ମିଶ୍ର, ଅନିଲ ଦାସ, ପର୍ବତାରୋହୀ ସିଦ୍ଧାର୍ଥ ରାଉତରାୟଙ୍କ ସମେତ ବାହାରିନ ଓଡ଼ିଆ ସୋସାଇଟିର ଅଧ୍ୟକ୍ଷ ଡ. ଅରୁଣ ପ୍ରହରାଜ, ଆମେରିକାର ଉଦ୍ୟୋଗୀ ଡ. ଦେବ ରାୟ ପ୍ରମୁଖ ଯୋଗଦେଇଥିଲେ। ଦୁଇଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୁରୁ ଶାଶ୍ୱତ ଜୋଶୀ, ଅଭିରୂପ ସେନଗୁପ୍ତ, ଅନ୍ତରା ଚକ୍ରବର୍ତ୍ତୀ, କୁଲଦୀପ ପଟ୍ଟନାୟକ, ବିରାଜ ରଥ, ଶ୍ରୀଜିତ ପାଢ଼ୀ, ଫ୍ୟାଶନ ଡିଜାଇନର ଜିତ ଜଗଜିତ, ରାମୁଲି ପଟ୍ଟନାୟକ ପ୍ରମୁଖ ଓଡ଼ିଶୀ ସଙ୍ଗୀତ ଏବଂ ଫ୍ୟାଶନ ଶୋ' ଭଳି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦିକା ଡ. ଭାଗ୍ୟଶ୍ରୀ ସିଂହ ଏବଂ ଟିମ୍ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରୀଡ଼ା ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରଠାରେ ମଙ୍ଗଳବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜୈନ ପ୍ରାରମ୍ଭରେ କ୍ରୀଡ଼ାକ୍ଷେତ୍ରରେ ଭାରତର ଉନ୍ନତି ଓ ଏହାକୁ ନେଇ ଭବିଷ୍ୟତ ପିଢି କିପରି ଭାବେ କ୍ୟାରିୟର ଗଠନ କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ମୀନତି ମହାପାତ୍ରଙ୍କ ସହ ପିଲାମାନଙ୍କର ବାର୍ତ୍ତାଳାପ ହୋଇଥିଲା। ଆଧୁନିକ କ୍ରୀଡ଼ା ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ କହିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିକିଭଳିବିଭିନ୍ନ କ୍ରୀଡ଼ା ଉପକରଣ ବିକଶିତ ହୋଇଛି ଏବଂ କ୍ରୀଡ଼ାକୁ ଏକ ଉଚ୍ଚସ୍ତରକୁ ନେଇଯାଇଛି ସେ ସମ୍ପର୍କରେ ସେ ପିଲାମାନଙ୍କୁ ବୁଝାଇଥିଲେ। କେନ୍ଦ୍ରର ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ମାରାଣ୍ଡି ଧନ୍ୟବାଦ ଦେଇଥିଲେ। ଏକ ମୁକ୍ତ ଗୃହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଶତପଥୀ, ଭବାନୀ ମଣିଶ୍ରୀ ଚନ୍ଦ୍ର କର ଏହାକୁ ସଂଯୋଜନା କରିଥିଲେ।

# ୧୧ରୁ ସିଏନ୍‌ବିଟିରୁ ପରୀକ୍ଷାମୂଳକ ଭାବେ ଚାଲିବ ବସ୍


ବୈଠକରେ ଜିଲାପାଳ, ସିଡିଏ ଅଧ୍ୟକ୍ଷ, ସିଏମ୍‌ସି କମିଶନର ଓ ଡିସିପିଙ୍କ ସହ ଅନ୍ୟମାନେ।

- ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା
- ମୋ ବସ୍ ରୁଟ୍ ଓ ରହଣି ସ୍ଥଳ ପାଇଁ ଡିସିପି ଦେବେ ଅନୁଧ୍ୟାନ ରିପୋର୍ଟ
- ପ୍ରାଥମିକ ପର୍ଯ୍ୟାୟରେ ପୁରୀ, ଅନୁଗୋଳ, ସମ୍ବଲପୁର ଓ ରାଉରକେଲାକୁ ବସ୍ ଚଳାଚଳ

କଟକ, ୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ସେପ୍ଟେମ୍ବର ୧୧ରୁ କଟକ ନେତାଜୀ ବସ ଟର୍ମିନାଲ(ସିଏନ୍‌ବିଟି)ରୁ ପରୀକ୍ଷାମୂଳକ ଭାବେ ବସ୍ ଚାଲିବ। ଏହାପୂର୍ବରୁ ବସ୍ ଟର୍ମିନାଲରେ ବାକିଥିବା କାମ ଶେଷ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେପ୍ଟେମ୍ବର ୭ ତାରିଖ ପୂର୍ବରୁ ବାକି ଥିବା ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲ କହିଛନ୍ତି।

ବସ୍ ଟର୍ମିନାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମଙ୍ଗଳବାର ସିଏନ୍‌ବିଟିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏ ଅଧ୍ୟକ୍ଷ ସାମଲ ଅଧ୍ୟକ୍ଷତା କରିଥିଲେ। ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର, କଟକ ଆରଟିଓ, ଓବିସିସିର ଚିଫ୍ ଜେନେରାଲ ମ୍ୟାନେଜର, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଟିପିସିଓଡିଏଲ ନିର୍ବାହୀ ଯନ୍ତ୍ରୀ, ୱାଟ୍‌କୋ ପରିଚାଳକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ପରେ ଆସନ୍ତା ୧୧ରୁ ପରୀକ୍ଷାମୂଳକ ଭାବେ ବସ୍ ଚଳାଚଳ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ପୁରୀ, ଅନୁଗୋଳ, ସମ୍ବଲପୁର ଓ ରାଉରକେଲାକୁ ବସ୍ ଚଳାଚଳ କରିବ ବୋଲି ସ୍ଥିର ହୋଇଥିଲା। ସେହିପରି ସହରରେ ମୋ ବସ କେଉଁ ରୁଟ୍‌ରେ ଚଳାଚଳ କରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। କେଉଁ କେଉଁ ସ୍ଥାନ ଦେଇ ବସ୍ ଚଳାଚଳ କରିବ ଓ ରହଣୀ ସ୍ଥଳ(ବସ ଷ୍ଟପ) ହେବ ସେ ସମ୍ପର୍କରେ ଡିସିପି ମିଶ୍ର ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବା ପରେ ନିଷ୍ପତ୍ତି ଗ୍ରହଣ କରାଯିବ। ବସ୍ ଟର୍ମିନାଲର କେଉଁ ପଟରେ ବସ୍ ପଶିବ ଓ ବାହାରିବ ସେ ସମ୍ପର୍କରେ ଅନୁଧ୍ୟାନ କରାଯାଇ ପ୍ରସ୍ଥାନ ଦ୍ୱାର(ଏକ୍ସିଜିଟ ପଏଣ୍ଟ)କୁ ଚଉଡା କରାଯିବ। ବସ୍ ଟର୍ମିନାଲ ପରିସରରେ ଆଲୋକୀକରଣ କରିବାକୁ ସିଏମ୍‌ସିକୁ ଦାୟିତ୍ୱ ଦିଆଯାଇଥିଲା। ବସ୍ ଟର୍ମିନାଲକୁ ସଂଯୋଗ କରୁଥିବା ମଲାଚଣ୍ଡିଆ ଛକ ନିକଟ ରାସ୍ତାପାର୍ଶ୍ୱରେ ଥିବା ଅବ୍ୟବହୃତ ଲାଇଟ୍ ଖୁଣ୍ଟଗୁଡିକୁ ତୁରନ୍ତ ସ୍ଥାନାନ୍ତର କରାଯାଇ ସୌନ୍ଦର୍ଯ୍ୟକରଣ କାମ ଶେଷ କରିବାକୁ ବିଦ୍ୟୁତ୍ ଓ ପୂର୍ତ୍ତ ବିଭାଗକୁ ଆଦେଶ ଦିଆଯାଇଥିଲା। ଟର୍ମିନାଲଭିତର ପଟରେ ଇଣ୍ଟରନାଲ ପାର୍ଟିସନ ସହ କଞ୍ଜୁମର ପଏଣ୍ଟକୁ ବିଦ୍ୟୁତିକରଣ କରିବାକୁ ଓବିସିସିକୁ କୁହାଯାଇଛି।

# ବ୍ଲକସ୍ତରୀୟ କଳାକାର ସାମର୍ଥ୍ୟ ପରୀକ୍ଷା ଶିବିର

ବାଲିପାଟଣା,୨୯।୮(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ୩୦ଟି ଟିମ୍‌କୁ ନେଇ କଳାକାର ସାମର୍ଥ୍ୟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳଗତ ପାଲା, ସଂକୀର୍ତ୍ତନ, ଘୋଡାନାଚ, ଦାସକାଠିଆ, ଲୋକନୃତ୍ୟ ଆଦିକୁ ସାମିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ଆଦିକନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ବିଚାରକ ମଣ୍ଡଳୀ ଦ୍ୱାରା ୨୪ଟି ଦଳ ଯୋଗ୍ୟ ବିବେଚିତ ହୋଇଥିଲା। ଏହି ଦଳ ସହିତ ପୁରୁଣା ପଞ୍ଜୀକୃତ ୨୯ଦଳ ମଧ୍ୟ ମଙ୍ଗଳବାର ତାଙ୍କର ପ୍ରତିଭା ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଦର୍ଶନ କରିଥିଲେ। ଏଥିସହିତ ଉପସଭାପତି ନିର୍ବାଚନ ପ୍ରକ୍ରିୟା ହୋଇଥିଲା। କୁରୁଞ୍ଜିପୁର ପଞ୍ଚାୟତର ଅର୍ଜୁନ ସ୍ୱାଇଁ ବିଜୟୀ ହୋଇଥିଲେ। ଏହି ନିର୍ବାଚନ ପ୍ରକ୍ରିୟା ଏବିଡିଓ ସ୍ମୃତିଶ୍ରୀ ଶତପଥୀ, ଦିବ୍ୟଜ୍ୟୋତି ଭୁତିଆ, ରଶ୍ମିରେଖା ଦାଶ, କଳ୍ପନା ସାସମଲ୍, ପ୍ରଭାତ ଜେନାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।

# ସ୍ଥିତି ନିରୀକ୍ଷଣ କଲା ରାଜ୍ୟ ରାପିଡ୍ ରେସ୍‌ପନ୍ସ ଟିମ୍

- ସିନ୍ଧେକେଲାରେ ଝାଡ଼ାବାନ୍ତି
- ନଦୀ ପାଣିରୁ ସଂକ୍ରମଣ ଆଶଙ୍କା

ବଲାଙ୍ଗୀର ଅଫିସ(ବୀରେନ୍ଦ୍ର ଝାଙ୍କର)/ଟିଟିଲାଗଡ଼ (ଶରତ ମିଶ୍ର)/ ଭୁବନେଶ୍ୱର (ଅସମାପିକା ସାହୁ) ୨୯।୮

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ଝାଡ଼ାବାନ୍ତିରେ ୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬୩ ଜଣ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ରାଜ୍ୟ ରାପିଡ୍ ରେସପନ୍ସ ଟିମ୍‌ର ଦୁଇଜଣିଆ ସଦସ୍ୟ ଏବଂ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଟିମ୍ ମଙ୍ଗଳବାର ସିନ୍ଧେକେଲାରେ ପହଞ୍ଚି ସ୍ଥିତି ନିରୀକ୍ଷଣ କରିଛନ୍ତି। ପରୀକ୍ଷା ପାଇଁ ଏହି ଟିମ୍ ସ୍ଥାନୀୟ ନଦୀରୁ ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ପାଣିର ନମୁନା ସଂଗ୍ରହ କରିଛନ୍ତି। ଏହି ନଦୀ ପାଣିରୁ ଝାଡ଼ାବାନ୍ତି ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି।

ଟିମ୍‌ର ସଦସ୍ୟମାନେ ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଆକ୍ରାନ୍ତ ମାନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହ ସିନ୍ଧେକେଲାରେ ଦୁଇଟି ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଥିବା ଶିବିର ପରିଦର୍ଶନ କରିଥିଲେ। ଏଥିସହ ଲୋକଙ୍କୁ ସଚେତନ କରିଥିଲେ। ଆକ୍ରାନ୍ତ ହୋଇ ଚିକିତ୍ସା ପରେ ସୁସ୍ଥ ହୋଇ ଫେରିଥିବା ରୋଗୀମାନଙ୍କ ଘରକୁ ଯାଇ ସ୍ଥିତି ପରଖିଥିଲେ। ୬୦ଜଣ ଆକ୍ରାନ୍ତ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମାତ୍ର ୫ ଆକ୍ରାନ୍ତ ହସ୍ପିଟାଲରେ ଏବେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଏ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଝାଡ଼ାବାନ୍ତି ବ୍ୟାପିବାର କାରଣ ଜାଣିବା ପାଇଁ ନିକଟସ୍ଥ ବିଭିନ୍ନ ଉତ୍ସରୁ ପାଣି ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଛି। ଝାଡ଼ା ନମୁନା ମଧ୍ୟ ପରୀକ୍ଷା କରାଯାଉଛି। ନଦୀପାଣିରୁ ଝାଡ଼ାବାନ୍ତି ସଂକ୍ରମଣ ହୋଇଥିବା ଆଶଙ୍କା କରାଯାଉଛି।

# ବିଦ୍ୟାଳୟ ପୁସ୍ତକ ବିତରଣରେ ଆସିବ ସ୍ୱଚ୍ଛତା

ଭୁବନେଶ୍ୱର, ୨୯।୮(ଅସମାପିକା ସାହୁ)

ଉତ୍କଳ ପବ୍ଲିଶର୍ସ ଆଣ୍ଡ ବୁକ୍‌ସେଲର୍ସ ଆସୋସିଏଶନ୍‌ର ସଦସ୍ୟମାନଙ୍କ ସହିତ ମଙ୍ଗଳବାର ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହାଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପୁସ୍ତକ ବିତରଣ ପାଇଁ ସରକାରଙ୍କ ପକ୍ଷରୁ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ (ଇଓଆଇ) ଉପରେ ପୁନର୍ବିଚାର ଓ ଆଲୋଚନା ପାଇଁ ସଂଘ ଦାବି କରି ଆସୁଥିବାବେଳେ ଏ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଲେଖକ ଓ ପ୍ରକାଶକଙ୍କ ସ୍ୱାର୍ଥ ରକ୍ଷା ସହ ରାଜ୍ୟର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମାନର ପୁସ୍ତକ ବିତରଣ ପାଇଁ ସଂଘ ପକ୍ଷରୁ ୬ଟି ପ୍ରସ୍ତାବ ନିର୍ଦ୍ଦେଶକଙ୍କ ପାଖରେ ଉପସ୍ଥାପନ କରାଯାଇଥିଲା। ପ୍ରାୟ ଏକ ଘଣ୍ଟା ବ୍ୟାପୀ ଏସବୁ ପ୍ରସ୍ତାବ ଉପରେ ଆଲୋଚନା ହେବା ପରେ ପୁନର୍ବିଚାର ନେଇ ଉଭୟ ପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଥିଲା। ଇଓଆଇ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସହଜ କରିବା ଲାଗି ଓସେପା ନିର୍ଦ୍ଦେଶକଙ୍କ ପ୍ରସ୍ତାବ ଓ ଉଦ୍ୟମକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଭବିଷ୍ୟତରେ ପୁସ୍ତକ ବିତରଣ ପ୍ରକ୍ରିୟାରେ ସରକାରଙ୍କୁ ସହଯୋଗ କରିବାକୁ ସଂଘ ପ୍ରତିଶ୍ରୁତି ଦେଇଥିଲା। ସଂଘ ପକ୍ଷରୁ କ୍ଷୀରୋଦ ଚନ୍ଦ୍ର ପତି, ଶୁଭ୍ରାଂଶୁ ପଣ୍ଡା, ବନୋଜ ତ୍ରିପାଠୀ, ପ୍ରଦୀପ୍ତ ବେହୁରା, ସରୋଜ ବଳ, ଦେବାଶିଷ ସାମନ୍ତରାୟ, ସସ୍ମିତା ଦାଶ, ଅଭୟ ଦାସ, ଲୋପାମୁଦ୍ରା ଦାଶ, ନିରୁପମା ପଣ୍ଡା, ସୁଧୀର ମଉଡ଼ମଣି, ଅର୍ପିତା ଦାଶଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୬୦ରୁ ଅଧିକ ପୁସ୍ତକ ପ୍ରକାଶନର ପ୍ରତିନିଧି ଉପସ୍ଥିତ ଥିଲେ। ଆଲୋଚନା ସମୟରେ ଓସେପା ପକ୍ଷରୁ ନିର୍ଦ୍ଦେଶକଙ୍କ ସମେତ ଯୁଗ୍ମ ନିର୍ଦ୍ଦେଶକ ଆରତି ରାଉତ ଉପସ୍ଥିତ ଥିଲେ।


ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଏବଂ ପବ୍ଲିଶର୍ସମାନେ।

# ସିସିଟିଭି ଦୃଶ୍ୟ ଭାଇରାଲ, ୨୪ଘଣ୍ଟା ପରେ ବି ପୋଲିସ ହାତ ଖାଲି

## ରାଜଧାନୀରେ ଗୋଡ଼ାଇ ହାଣିବା ଘଟଣା

ଭୁବନେଶ୍ୱର,୨୯।୮(ସତ୍ୟଜିତ୍ ରାଉତ)

ରାଜଧାନୀର ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଏବଂ ନୂଆଗାଁରେ ଗୋଡ଼ାଇ ହାଣିବା ଘଟଣାକୁ ମଙ୍ଗଳବାର ୨୪ ଘଣ୍ଟା ବିତିଛି। ହେଲେ ଏପର୍ଯ୍ୟନ୍ତ ପୋଲିସ ହାତ ଖାଲି ରହିଛି। ଅଭିଯୁକ୍ତମାନେ ଫେରାର ଥିବାବେଳେ ସେମାନଙ୍କୁ ଧରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାର ସିସିଟିଭି ଫୁଟେଜ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଦୁର୍ବୃତ୍ତମାନେ ଖଣ୍ଡା ଧରି ଗୋଡ଼ାଇବା ସହ ଗାଡ଼ିକୁ ଭାଙ୍ଗୁଥିବା ଦେଖିବାକୁ ମିଳୁଛି। ଏହି ଘଟଣାରେ ଅଭିଯୋଗକାରୀ ସୌରଭ ନାୟକଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୧୭୧/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳର ଉତ୍ତମ ମହାପାତ୍ର ଏବଂ ହାପି ଭୋଇ ନାମକ ଦୁଇ ଯୁବକ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଅଞ୍ଚଳବାସୀ କହିଛନ୍ତି। ପୋଲିସ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୯ଟା ୪୫ ବେଳେ ୪ରୁ ଊର୍ଦ୍ଧ୍ୱ ଯୁବକ ଦୁଇଟି ବାଇକ୍‌ରେ ଶିଶୁପାଳଗଡ଼ ଅଞ୍ଚଳକୁ ଆସି ଖଣ୍ଡା ବୁଲାଇ ଲୋକଙ୍କୁ ଭୟଭୀତ କରିଥିଲେ। ଏହି ସମୟରେ ସେଠାକାର ଏକ କ୍ଲବ୍ ଘରେ ବସିଥିବା ଯୁବକମାନେ ସେମାନଙ୍କୁ ବିରୋଧ କରିଥିଲେ। ଏଥିଯୋଗୁ ଦୁର୍ବୃତ୍ତମାନେ ସେମାନଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏପରିକି ସେଠାରେ ଥିବା ଗାଡ଼ି ଓ ସ୍କୁଟିକୁ ମଧ୍ୟ ଦୁର୍ବୃତ୍ତମାନେ ଖଣ୍ଡା ଚୋଟରେ ନଷ୍ଟ କରିଦେଇଥିଲେ। ଗାଁ ଲୋକେ ରୁଣ୍ଡ ହୋଇଯିବାରୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ପରେ ସେମାନେ ନୂଆଗାଁ ବିଜୟବିହାର ଲେନ୍ ୨ରେ ମଧ୍ୟ ଖଣ୍ଡା ବୁଲାଇ ଆକ୍ରମଣ କରିଥିଲେ। ଏହି ଘଟଣାରେ ୫ରୁ ଊର୍ଦ୍ଧ୍ୱ ଯୁବକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶିଶୁପାଳଗଡ଼ ବାସିନ୍ଦାଙ୍କ ରାସ୍ତା ଅବରୋଧ ଯୋଗୁ ପୁରୀ-କଟକ ରୋଡ୍‌ରେ ପ୍ରାୟ ଦେଢ଼ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।



ସିସିଟିଭିରେ କଏଦ ହୋଇଥିବା ଆକ୍ରମଣ ସମୟର ଦୃଶ୍ୟ।

## ଜଳିଗଲା ଦୋକାନ

ବେଗୁନିଆ,(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ବ୍ଲକ ଅନ୍ତର୍ଗତ ଡଙ୍ଗରପଡା ଗ୍ରାମର ମଳୟ ବିଶ୍ୱାଳଙ୍କ ଦୋକାନ ଘର ସୋମବାର ରାତିରେ ଜଳିଯାଇଛି। ଖବରପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୧୫ହଜାର ଟଙ୍କାର ସାମଗ୍ରୀ ପୋଡ଼ିପାଉଁଶ ହୋଇଯାଇଛି ବୋଲି ଅଗ୍ନିଶମ ବିଭାଗର ପ୍ରାଥମିକ ଆକଳନରୁ ଜଣାପଡିଛି। ରାଜସ୍ୱ ବିଭାଗ ପକ୍ଷରୁ ଉପଯୁକ୍ତ ତଦନ୍ତ କରାଯାଇ ମଳୟଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ୫ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ

ବେଗୁନିଆ,୨୯।୮(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ପୋଲିସ ମଙ୍ଗଳବାର ସକାଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନଭାବେ ଚାଲାଣ ହେଉଥିବା ୫ଟି ମାଙ୍କଡ଼ା ପଥର ବୋଝେଇ ଗାଡି ଜବତ ବରିଛି। ହେଲେ ଗାଡ଼ିର ଚାଳକମାନେ ଫେରାର ହୋଇଯାଇଥିଲେ। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଆଗୁଆ ସୂଚନା ପାଇ ଗାଡି ଛାଡି ଚାଳକମାନେ ଫେରାର ହୋଇଯାଉଛନ୍ତି ବୋଲି ପୋଲିସ କହିଛି। ସୂଚନା ମୁତାବକ, ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ଅଧକ୍ଷତାରେ ୭ଜଣିଆ ପୋଲିସ ଟିମ୍ ଗଠନ କରାଯାଇଥିଲା। ବଡବେରଣା, କଣ୍ଟାବାଡ, ମଲ୍ଲିପଦର, କେନ୍ଦୁପଲ୍ଲି ଆଦି ଗ୍ରାମ ନିକଟରୁ ବେଆଇନ ଭାବେ ବୋଝେଇ କରି ଯାଉଥିବା ମାଙ୍କଡା ପଥର ଗଡିକୁ ଜବତ କରାଯାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ରାଉତରାୟ କହିଛନ୍ତି, ରାଜସ୍ୱ ଆଦାୟ ଲକ୍ଷ୍ୟ ରଖି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଥାନାରେ ମାମଲା ରୁଜୁ ହୋଇଛି। ଗାଡ଼ି ମାଲିକଙ୍କ ପରିଚୟ ମିଳିଛି। ଆଇନ ଅନୁଯାୟୀ ସେମାନେ ଦଣ୍ଡିତ ହେବେ ବୋଲି ସେ କହିଛନ୍ତି।

### ମା'ମଙ୍ଗଳାଙ୍କ ନୂତନ ମନ୍ଦିରର ରତ୍ନମୁଦ

ବୋଲଗଡ଼,୨୯।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚଟୁଆ ଗ୍ରାମରେ ନୂତନ କରି ନିର୍ମାଣ ହେଉଥିବା ମା'ମଙ୍ଗଳାଙ୍କ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ରତ୍ନମୁଦ କାର୍ଯ୍ୟ ତଦାରଖ କରିଥିଲେ। ଗ୍ରାମର କେଦାରନାଥ ମହାନ୍ତି ସହଧର୍ମିଣୀଙ୍କ ସହ କର୍ତ୍ତା ଭାବେ ଉପସ୍ଥିତ ଥିଲେ। ବିରଜା ପ୍ରସନ୍ନ ରଥ, ମାଧବ ଚନ୍ଦ୍ର ଦାସ ଓ ତ୍ରିନାଥ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଡବ ସରପଞ୍ଚ ନଳିନୀ ବଡ଼ଜେନା, ପଞ୍ଚାୟତ ବିଜେଡି ସଭାପତି ହେମନ୍ତ ସାହୁ, ସମବାୟ ସମିତି ସଭାପତି ଅତୁଲ୍ୟ ଗଡବାଡ, ଗ୍ରାମ ସଭାପତି ପ୍ରଭାତ ଦାସ, ସମ୍ପାଦକ ପ୍ରସନ୍ନ ସାହୁ, ଗୟାଧର ପରିମାଣିକ, ଶ୍ରୀନିବାସ ସାହୁ, ଶ୍ରୀଧର ସାହୁ, ପ୍ରଶାନ୍ତ ଦାସଙ୍କ ସମେତ ମନ୍ଦିର ପରିଚାଳନା କମିଟି, ଗ୍ରାମ୍ୟ କମିଟି ଓ ସ୍ଥାନୀୟ ଯୁବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମୋବାଇଲ ଲୁଟ୍ ଘଟଣା, ୨ ଗିରଫ

ଜଟଣୀ,୨୯।୮(ରବୀନ୍ଦ୍ର ନାଥ ମହାକୁଡ଼)

ମୋବାଇଲ ଫୋନ ଲୁଟ୍ ଘଟଣାରେ ଜଟଣୀ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ନୂଆଗାଁ ଅଞ୍ଚଳର ମଣ୍ଟୁ ଓରଫ ସନ୍ତୋଷ ବେହେରା(୩୧) ଏବଂ ଟିଟୁ ଓରଫ ମିଟୁ ବେହେରା(୨୪)। ଏମାନଙ୍କ ନିକଟରୁ ଗୋଟିଏ ନମ୍ବର ବିହୀନ ବାଇକ୍, ୨୩୫୦ଟଙ୍କା ଜବତ ହୋଇଛି। ତେବେ ଚୋରି ମୋବାଇଲକୁ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଛନ୍ତି। ସୂଚନା ମୁତାବକ, ଗତ ୨୭ ତାରିଖ ମଧ୍ୟାହ୍ନରେ ଲୋକନାଥ କର ଜଟଣୀ ବଜାରରୁ ଘରକୁ ଫେରୁଥିଲେ। ସ୍ଥାନୀୟ ଏକ ଘରୋଇ କଲେଜ ନିକଟରେ ଉପରୋକ୍ତ ଅଭିଯୁକ୍ତଦ୍ୱୟ ବାଇକରେ ଆସି ହଠାତ୍ ଲୋକନାଥଙ୍କୁ ମାଡ଼ ମାରିବା ସହିତ ତାଙ୍କ ମୋବାଇଲ, ୪୮୪୦ ଟଙ୍କା ନେଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ଘରେ ପଶି ଚୋରି, ଆଉ ଜଣେ ଗିରଫ

ଜଟଣୀ,୨୯।୮(ରବୀନ୍ଦ୍ର ନାଥ ମହାକୁଡ଼)

ଘରେ ପଶି ଚୋରି କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୋପବନ୍ଧୁ ନଗର ଅଞ୍ଚଳର କାର୍ତ୍ତିକ ମହାରଣା(୩୨)। ଏନେଇ ଥାନାରେ ଏକ ମାମଲା (ନଂ.୩୭୨/୨୩)ରୁଜୁ ହୋଇଛି। ସୂଚନା ମୁତାବକ, ଜଟଣୀ ପୌରାଞ୍ଚଳ ଅଧୀନ ବିଡିଏ କଲୋନୀର ଜଣଙ୍କ ଘରେ ପଶି ଉପରୋକ୍ତ ଅଭିଯୁକ୍ତ ଏବଂ ସହଯୋଗୀମାନେ ଏଲ୍ଇଡି ଟିଭି, ଦୁଇଟି ଗ୍ୟାସ ସିଲିଣ୍ଡର, ଘଣ୍ଟା, ରାଶନ ସାମଗ୍ରୀ, ରୁପା ଅଳଙ୍କାର ଓ ମୂର୍ତ୍ତି ଚୋରି କରି ନେଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇବା ସହିତ ପୂର୍ବରୁ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଜମି ଫାଟି ଆଁ, ଚିନ୍ତାରେ ଚାଷୀ

**ବେଗୁନିଆ ବ୍ଲକ**
- ନିରାଶ କଲା ମୌସୁମୀ ବର୍ଷା
- ସରୁନି ଧାନ ତଳିରୁଆ

ବେଗୁନିଆ,୨୯।୮(ହର ପ୍ରସନ୍ନ ପଣ୍ଡା)


ପାଣି ଅଭାବରୁ ରୁଆଧାନ ଜମି ଫାଟି ଆଁ।

ବେଗୁନିଆ ବ୍ଲକ ଅଞ୍ଚଳରେ ଗତ ଜୁନରେ ୧୨ ପ୍ରତିଶତ ଏବଂ ଜୁଲାଇରେ ୮ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଅଗଷ୍ଟରେ ଭଲ ବର୍ଷା ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ଅଗଷ୍ଟରେ ତାପମାତ୍ରା ବୃଦ୍ଧି ଯୋଗୁ ଜମିରେ ଥିବା ଜଳର ପରିମାଣ କମିଯାଇଛି। ଅଧିକାଂଶ ଜମି ଶୁଖିଲା ପଡିଥିବା ବେଳେ ଚାଷ କାମ ପଛେଇ ଯାଇଛି। ଅଗଷ୍ଟ ମାସ ସରିବାକୁ ଆଉ ଦିନ କେଇଟା ବାକିଥିବା ବେଳେ ସରୁନି ଧାନ ତଳି ରୁଆ ଓ ବେଉଷଣ କାମ। କେତେଜଣ ଚାଷୀଙ୍କ ଜମି ଫାଟି ଆଁ କଲାଣି ତ' ଆଉ କେତେ ଚାଷୀ ବର୍ଷାକୁ ଚାହିଁ ହାତ ବାନ୍ଧି ବସିଛନ୍ତି। ଚଳିତ ବର୍ଷ ଖରିଫ ଋତୁ ଆରମ୍ଭରୁ ସେଭଳି ଆଖିଦୃଶିଆ ମୌସୁମୀ ବର୍ଷା ନ ଥିବା ବେଳେ ସାଧାରଣ ଲଘୁଚାପ ବର୍ଷା ଯୋଗୁ କିଛି ପରିମାଣରେ ଚାଷ କାମ ଆରମ୍ଭ ହୋଇଥିଲା।

ସୂଚନାଥାଉ କି, ବେଗୁନିଆ ବ୍ଲକ ଅଞ୍ଚଳରେ ମୋଟ୍ ୧୬,୫୬୦ ହେକ୍ଟର ଚାଷଜମି ରହିଛି। ସେଥିମଧ୍ୟରୁ ୨୧୪୦ ହେକ୍ଟର ଚାଷଜମି ପଡିଆ ପଡିଛି। ଚଳିତ ଖରିଫ ଋତୁରେ ୧୪୪୨୦ ହେକ୍ଟର ଜମିରେ ଚାଷ କରାଯିବା ନେଇ ଧାର୍ଯ୍ୟ ହୋଇଛି। ୩୭୦୦ ହେକ୍ଟର ଉଚ୍ଚା, ୫୨୦୫ ହେକ୍ଟର ମଧ୍ୟମ ଏବଂ ୫୫୦୫ ହେକ୍ଟର ଖାଲୁଆ ଜମିରେ ଧାନ ଫସଲ କରିବା ପାଇଁ ଚାଷୀକୁଳ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦ ପ୍ରତିଶତ ଜମିରେ ଧାନ ବୁଣା ଏବଂ ୩୫ ପ୍ରତିଶତ ଜମିରେ ଧାନ ରୁଆ ପୋତା ଶେଷ ହୋଇଛି। ବଳକା ୪୫ ପ୍ରତିଶତ ଜମିରେ ପାଣି ଅଭାବ ଯୋଗୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ସେହିପରି ହେକ୍ଟର ୧୦ ଖାଲୁଆ ଜମିରେ ବେଉଷଣ ସରିଥିବା ବେଳେ ବାକି ୧୫ ପ୍ରତିଶତ ହେକ୍ଟର ଜମି ବେଉଷଣ ନ ହୋଇ ପଡ଼ିରହିଛି। କେବଳ ୩୦ ପ୍ରତିଶତ ଖାଲୁଆ ଜମିକୁ ବାଦ୍‌ଦେଲେ ବାକି ୩୫ ପ୍ରତିଶତ ମଧ୍ୟମ ଓ ୩୫ ପ୍ରତିଶତ ଢିପ ଜମିରେ ପାଣି ଅଭାବ ଯୋଗୁ ଫାଟି ଆଁ କଲାଣି। ଅନ୍ୟପକ୍ଷରେ ପାଣି ଅଭାବ ଯୋଗୁ ଜମିରେ ଅନାବନା ଘାସ ମାଡଗଲାଣି। ମଧ୍ୟମ ଓ ଢିପ ଜମିରେ ତଳିର ଦିନ ଗଡି ଯାଉଛି। କେବେ ଜମିରେ ପାଣି ହେବ ଓ ଚାଷ କାର୍ଯ୍ୟ ଆଗେଇବ ସେ ଚିନ୍ତାରେ ପଡ଼ିଛି ଚାଷୀକୁଳ। ସେହିପରି ରୁଆ ପୋତା ଶେଷ ହୋଇଥିବା ଜମିରେ ପାଣି ଅଭାବ ଯୋଗୁ ଗଛ ଅଧିକ ପିଲ ଦେଇପାରୁ ନାହିଁ ବୋଲି ଚାଷୀଙ୍କ ପକ୍ଷରୁ କୁହାଯାଇଛି। ଫଳରେ ଅମଳ ବାଧାପ୍ରାପ୍ତ ଆଶଙ୍କା ଥିବାରୁ ପରିବାର ପ୍ରତିପୋଷଣ ଚିନ୍ତା ଚାଷୀଙ୍କୁ ଘାରିଛି। ପ୍ରକାଶ ଯେ, ଅକ୍ଷୟ ତୃତୀୟା ପରେ ଖରିଫ ଚାଷ ପାଇଁ ଏହି ବ୍ଲକର ଚାଷୀମାନେ ପ୍ରସ୍ତୁତି ଆରମ୍ଭ କରିଥିଲେ। ଧାନ ବିହନ ବୁଣିବା ସହ ତଳି ପକାଇଥିଲେ। ତେବେ ସଅଳ କିସମ ତଳିଗୁଡିକର ଦିନ ଗଡି ଯାଉଥିବା ବେଳେ ମଧ୍ୟମ କିସମ ତଳି ପାଣିକୁ ଅପେକ୍ଷା କରି ରହିଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଚାଷ ଠିକ୍ ଅଛି। ଆଉ ଏକ ସପ୍ତାହ ମଧ୍ୟରେ ଆବଶ୍ୟକ ବର୍ଷା ନ ହୁଏ ତେବେ ଚାଷ କାମ ବାଧାପ୍ରାପ୍ତ ହେବ।

# 'ଶାରୀରିକ, ମାନସିକ ବିକାଶ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ'



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବୋଲଗଡ଼,୨୯।୮(ଦେବବ୍ରତ ହୋତା)

ସ୍ଥାନୀୟ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜାତୀୟ କ୍ରୀଡା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପଟ୍ଟନାୟକ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା ପରିଷଦର ଅଧ୍ୟକ୍ଷା ସମିତିସଭ୍ୟା ବିନୋଦିନୀ ଦତ୍ତ ଯୋଗଦେଇ ବିଦ୍ୟାର୍ଥୀଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀ ମଧ୍ୟରେ ଅନୁଷ୍ଠିତ କବାଡି ପ୍ରତିଯୋଗିତା ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର, ଶ୍ରୋତାଲିନି ସାହୁ, ଶିକ୍ଷକ ପ୍ରମୋଦ କୁମାର ସାହୁ ଓ ବିଶ୍ୱଜିତ ସରୋଜ କୁମାରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ, ସୌଦାମିନୀ ସୁବୁଦ୍ଧି ଏବଂ ସୌଦାମିନୀ ପରିଡ଼ାଙ୍କ ତତ୍ତ୍ୱାବଧାନରେ କନିଷ୍ଠ ବିଭାଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧୀର ସାଇକେଲ ଦୌଡ଼, ଅଙ୍କ ଦୌଡ଼ ଓ ବଲ ଥ୍ରୋ ପ୍ରତିଯୋଗିତା ହୋଇଥିଲା। ନବମ ଓ ଦଶମ ଛାତ୍ରଙ୍କ ମଧ୍ୟରେ କବାଡି ପ୍ରତିଯୋଗିତାରେ ଦଶମ ନବମକୁ ହରାଇ ଥିବା ବେଳେ ଅଷ୍ଟମ ଓ ନବମ ଛାତ୍ରୀଙ୍କ ମଧ୍ୟରେ କବାଡିରେ ନବମ ଅଷ୍ଟମକୁ ହରାଇଥିଲା। ସପ୍ତମ ଓ ଅଷ୍ଟମ ଛାତ୍ରଙ୍କ ମଧ୍ୟରେ ହୋଇଥିବା କବାଡି ପ୍ରତିଯୋଗୀତାରେ ଅଷ୍ଟମ ଶ୍ରେଣୀ ବିଜୟୀ ହୋଇଥିଲା। ବଲ ଥ୍ରୋରେ ରାଜେଶ କୁମାର ସାହୁ, ସତ୍ୟନାରାୟଣ ନାୟକ ଓ ଆଇଶା ମାନସିଂହ, ଧୀର ସାଇକେଲ ଦୌଡ଼ରେ ବିଷ୍ଣୁ ପ୍ରସାଦ ସାହୁ, ମନୁ ପ୍ରକାଶ ଦାସ ଓ ରାକେଶ କୁମାର ଦାସ, ଅଙ୍କ ଦୌଡ଼ରେ ସୌମ୍ୟରଞ୍ଜନ ଖମାରୀ, ସାଇ ପ୍ରକାଶ ବେହେରା ଏବଂ ଓମ୍ ପ୍ରକାଶ ସାହୁ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ସମ୍ବିତ କେଦାର କର ଓ ସ୍ନେହଲତା ପାଇକରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିଶ୍ୱଜିତ ସରୋଜ କୁମାର ଧନ୍ୟବାଦ ଦେଇଥିଲେ।



ଖୋର୍ଦ୍ଧା: ରକ୍ଷାବନ୍ଧନ ଉପଲକ୍ଷେ ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବନ୍ଧୁତାର ହାତ ବଢ଼ାଉଛନ୍ତି।

# ପ୍ରକୃତି ସହ ବନ୍ଧୁତା ବାନ୍ଧିଲେ ଛାତ୍ରୀଛାତ୍ର

ଖୋର୍ଦ୍ଧା,୨୯।୮(ପ୍ରଭାତ ପାଣିଗ୍ରାହୀ)

ପ୍ରକୃତି ସହ ବନ୍ଧୁତା ବାନ୍ଧିଲେ ଛାତ୍ରୀଛାତ୍ର। ରକ୍ଷାବନ୍ଧନ ଉତ୍ସବର ଅବ୍ୟବହିତ ପୂର୍ବରୁ ସ୍ଥାନୀୟ ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବୃକ୍ଷମୂଳେ ପାଣି ଢାଳିବା ସହ ଧୂପ, ଦୀପ, ଚନ୍ଦନ, ପୁଷ୍ପ ଅର୍ପଣ ପୂର୍ବକ ଆଳତି କରିଥିଲେ। ଜଣଙ୍କ ପରେ ଜଣେ ଛାତ୍ରୀଛାତ୍ର ଗଛରେ ରାଖୀ ବାନ୍ଧିଥିଲେ। ଗଛ ସହ ବନ୍ଧୁତାର ହାତ ବଢ଼ାଇଥିଲେ। ଏଥିସହିତ ଛାତ୍ରୀଛାତ୍ର ପରସ୍ପର ସହ ହାତ ମିଳାଇ ପରିବେଶ ସୁରକ୍ଷା ପାଇଁ ସଙ୍କଳ୍ପ ନେଇଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଯୁବ ପରିବେଶପ୍ରେମୀ ପ୍ରଭାତ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭାରତୀୟ ସଂସ୍କୃତି, ପରମ୍ପରାରେ ରକ୍ଷାବନ୍ଧନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ପରିବେଶ ନଷ୍ଟ ଯୋଗୁ ଜୈବବିବିଧତା, ଜଳବାୟୁ ପରିବର୍ତ୍ତନ ହେଉଛି। ପରିବେଶ ସୁରକ୍ଷା ଦିଗରେ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ନିଜ ବିଦ୍ୟାଳୟ ସମେତ ଘର ଚାରିପଟେ ସବୁଜମୟ ପରିବେଶ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ନିର୍ଦ୍ଦେଶକ ଶୁଭ୍ରାଂଶୁ ସାମନ୍ତରାୟ ସ୍ୱାଗତ ଭାଷଣରେ କହିଥିଲେ, ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ରହିଛି। ପ୍ରକୃତି ସହ ପିଲାଙ୍କ ସ୍ନେହର ଡୋରିରେ ବାନ୍ଧିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ସ୍କୁଲ ଅଧ୍ୟକ୍ଷା ପଟ୍ଟନାୟକ ପିଲାଙ୍କୁ ରକ୍ଷାବନ୍ଧନ ଶୁଭେଚ୍ଛା ଜଣାଇବା ସହ ପରିବେଶ ସୁରକ୍ଷାରେ ବ୍ରତୀ ହେବାକୁ କହିଥିଲେ। ଏହି ଅବସରରେ ସମୂହ ରକ୍ଷାବନ୍ଧନ ଉତ୍ସବ ଆୟୋଜନ ହୋଇଥିଲା। ସୁମିତା ତ୍ରିପାଠୀ, ମାନସ ରଞ୍ଜନ ମହାପାତ୍ର, ଦୀପ୍ତିରଞ୍ଜନ ରଣା, ପଲ୍ଲୀ ପ୍ରତିଭା ମିଶ୍ର, ସୌମ୍ୟଲଗ୍ନା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୧ରୁ ସିଏନ୍‌ବିଟିରୁ ପରୀକ୍ଷାମୂଳକ ଭାବେ ଚାଲିବ ବସ୍

- ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା
- ମୋ ବସ୍ ରୁଟ୍ ଓ ରହଣି ସ୍ଥଳ ପାଇଁ ଡିସିପି ଦେବେ ଅନୁଧ୍ୟାନ ରିପୋର୍ଟ
- ପ୍ରାଥମିକ ପର୍ଯ୍ୟାୟରେ ପୁରୀ, ଅନୁଗୋଳ, ସମ୍ବଲପୁର ଓ ରାଉରକେଲାକୁ ବସ୍ ଚଳାଚଳ

କଟକ, ୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ସେପ୍ଟେମ୍ବର ୧୧ରୁ କଟକ ନେତାଜୀ ବସ ଟର୍ମିନାଲ(ସିଏନ୍‌ବିଟି)ରୁ ପରୀକ୍ଷାମୂଳକ ଭାବେ ବସ୍ ଚାଲିବ। ଏହାପୂର୍ବରୁ ବସ୍ ଟର୍ମିନାଲରେ ବାକିଥିବା କାମ ଶେଷ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ସେପ୍ଟେମ୍ବର ୭ ତାରିଖ ପୂର୍ବରୁ ବାକି ଥିବା ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସିଡିଏ ଅଧକ୍ଷ ଅନୀଲ କୁମାର ସାମଲ କହିଛନ୍ତି।

ବସ୍ ଟର୍ମିନାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମଙ୍ଗଳବାର ପୂର୍ବାହ୍ନରେ ସିଏନ୍‌ବିଟିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସିଡିଏ ଅଧକ୍ଷ ସାମଲ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର, କଟକ ଆରଟିଓ, ଓବିସିସିର ଚିଫ୍ ଜେନେରାଲ ମ୍ୟାନେଜର, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଟିପିସିଓଡିଏଲ ନିର୍ବାହୀ ଯନ୍ତ୍ରୀ, ୱାଟ୍‌କୋ ପରିଚାଳକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହ ବ୍ୟାପକ ଆଲୋଚନା କରାଯିବା ପରେ ଆସନ୍ତା ୧୧ରୁ ପରୀକ୍ଷାମୂଳକ ଭାବେ ବସ୍ ଚଳାଚଳ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କେଉଁ ରୁଟ୍‌ରେ କେଉଁ ବସ୍ ଚଳାଚଳ କରିବ ସେ ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ପୁରୀ, ଅନୁଗୋଳ, ସମ୍ବଲପୁର ଓ ରାଉରକେଲାକୁ ବସ୍ ଚଳାଚଳ କରିବ ବୋଲି ସ୍ଥିର ହୋଇଥିଲା। ସେହିପରି ସହରରେ ମୋ ବସ କେଉଁ ରୁଟ୍‌ରେ ଚଳାଚଳ କରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। କେଉଁ କେଉଁ ସ୍ଥାନ ଦେଇ ବସ୍ ଚଳାଚଳ କରିବ ଓ ରହଣୀ ସ୍ଥଳ(ବସ ଷ୍ଟପ) ହେବ ସେ ସମ୍ପର୍କରେ ଡିସିପି ମିଶ୍ର ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବା ପରେ ନିଷ୍ପତି ଗ୍ରହଣ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା।

ବସ୍ ଟର୍ମିନାଲର କେଉଁ ପଟରେ ବସ୍ ପଶିବ ଓ ବାହାରିବ ସେ ସମ୍ପର୍କରେ ଅନୁଧ୍ୟାନ କରାଯାଇ ପ୍ରସ୍ଥାନ ଦ୍ୱାର(ଏକ୍ସିଜିଟ ପଏଣ୍ଟ)କୁ ଚଉଡା କରାଯିବ। ତା'ଛଡା ବସ୍ ଟର୍ମିନାଲ ପରିସରରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇ ଆଲୋକୀକରଣ କରିବାକୁ ସିଏମ୍‌ସିକୁ ଦାୟିତ୍ୱ ଦିଆଯାଇଥିଲା। ବସ୍ ଟର୍ମିନାଲକୁ ସଂଯୋଗ କରୁଥିବା ମଲାଚଣ୍ଡିଆ ଛକ ନିକଟ ରାସ୍ତାପାର୍ଶ୍ୱରେ ଥିବା ଅବ୍ୟବହୃତ ଲାଇଟ୍ ଖୁଣ୍ଟଗୁଡିକୁ ତୁରନ୍ତ ସ୍ଥାନାନ୍ତର କରାଯାଇ ସୌନ୍ଦର୍ଯ୍ୟକରଣ କାମ ଶେଷ କରିବାକୁ ବିଦ୍ୟୁତ୍ ଓ ପୂର୍ତ୍ତ ବିଭାଗକୁ ଆଦେଶ ଦିଆଯାଇଥିଲା। ସିଏନ୍‌ବିଟି ଦାୟିତ୍ୱରେ ଥିବା ସଂସ୍ଥା ରକ୍ଷଣାବେକ୍ଷଣ ପାଇଁ ଲୋକ ନିୟୋଜନ କରିବାକୁ ମଧ୍ୟ ଆଦେଶ ଦିଆଯାଇଥିଲା। ବସ୍ ଟର୍ମିନାଲର ଭିତର ପଟରେ ଇଣ୍ଟରନାଲ ପାର୍ଟିସନ ସହ କଞ୍ଜୁମର ପଏଣ୍ଟକୁ ବିଦ୍ୟୁତିକରଣ କରିବାକୁ ଓବିସିସିକୁ କୁହାଯାଇଛି।

# ରାସ୍ତାରେ ପଢ଼ିଲେ ଛାତ୍ରୀଛାତ୍ର

**ଖେଳ ଯୋଗୁ ୧୫ଦିନ ସ୍କୁଲ ବନ୍ଦ ଘୋଷଣାକୁ ବିରୋଧ**

ବାରଙ୍ଗ,୨୯।୮(ଲିଙ୍ଗରାଜ ରାଉତ)

ମୁଣ୍ଡଳୀ ନବୋଦୟ ବିଦ୍ୟାଳୟ ପରିସରରେ ଚାଲୁଥିବା ନବୋଦୟ ଶିଶୁ ବିଦ୍ୟାମନ୍ଦିରରେ କୌଣସି କାରଣକୁ ନେଇ ୧୫ଦିନ ପାଇଁ ପାଠପଢ଼ାକୁ ବନ୍ଦ କରାଯିବାକୁ ଘୋଷଣା ହୋଇଛି। ହେଲେ ଏହି ଘୋଷଣାର ପ୍ରତିବାଦରେ ମଙ୍ଗଳବାର ବିଦ୍ୟାମନ୍ଦିରର ଶତାଧିକ ଛାତ୍ରୀଛାତ୍ର ମୁଣ୍ଡଳୀ-ଆଠଗଡ଼ ମୁଖ୍ୟରାସ୍ତା ଅବରୋଧ କରି ପାଠ ପଢ଼ିଥିଲେ। ଫଳରେ ପ୍ରାୟ ୨ଘଣ୍ଟା ଧରି ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଖବରପାଇ କଟକ ଉପଜିଲାପାଳ କମଳଜିତ ଦାସ ଘଟଣାସ୍ଥଳରେ ପହଞ୍ଚି ସ୍କୁଲ କର୍ତ୍ତୃପକ୍ଷ ଓ ଅଭିଭାବକମାନଙ୍କ ସହ ଆଲୋଚନା ପରେ ରାସ୍ତାରୁ ଛାତ୍ରୀଛାତ୍ରମାନେ ଉଠିଥିଲେ। ପ୍ରକାଶ ଯେ, ନବୋଦୟ ବିଦ୍ୟାଳୟ ପରିସରରେ ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ହେବାକୁ ଯାଉଛି। ଏଥିପାଇଁ ପରିସରରେ ଥିବା ଶିଶୁ ବିଦ୍ୟାମନ୍ଦିରର ପାଠପଢ଼ାକୁ ୧୫ଦିନ ପାଇଁ ବନ୍ଦ କରିବାକୁ କର୍ତ୍ତୃପକ୍ଷ ସୋମବାର ନୋଟିସ ଜାରିକରିଥିଲେ। ଏହି ଖବର ମଙ୍ଗଳବାର ସକାଳେ ଜଣାପଡିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଏହାଦ୍ୱାରା ପିଲାଙ୍କ ପଢ଼ାରେ ଅସୁବିଧା ହେବାର ଆଶଙ୍କା ରହିଛି। ତେଣୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମ୍ମୁଖ ରାସ୍ତା ଉପରେ ପାଲ ପକାଇ ବସି ପାଠ ପଢିଥିଲେ। ସ୍ଥାୟୀ ପ୍ରତିକାର ଦାବିରେ ପ୍ରାୟ ୨ଘଣ୍ଟା ଧରି ବାରଙ୍ଗ-ଆଠଗଡ଼ ମୁଖ୍ୟ ରାସ୍ତାର ନବୋଦୟ ବିଦ୍ୟାଳୟ ସାମ୍ନାରେ ବସିବାରୁ ସାଧାରଣ ଲୋକଙ୍କ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଶହଶହ ଗାଡିମୋଟର ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ। ଖବରପାଇ ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନଙ୍କୁ ବୁଝାଶୁଝା କରିଥିଲେ। ପରେ କଟକ ଉପ-ଜିଲାପାଳ କମଳଜିତ ଦାସ ପହଞ୍ଚି ସ୍କୁଲ କର୍ତ୍ତୃପକ୍ଷ ଓ ଉତ୍ତ୍ୟକ୍ତ ଅଭିଭାବକମାନଙ୍କୁ ଏକାଠି କରି ଆଲୋଚନା କରିବାପରେ ରାସ୍ତାରୁ ପିଲାମାନେ ଉଠିଥିଲେ।

# ରାଜ୍ୟସ୍ତରୀୟ ପଟ୍ଟଚିତ୍ର କର୍ମଶାଳା

**ଯୋଗଦେଲେ ୨୨ ବିଦ୍ୟାଳୟର ୯୪ ଛାତ୍ରୀ**

ଖୋର୍ଦ୍ଧା,୨୯।୮(ପ୍ରଭାତ ପାଣିଗ୍ରାହୀ)


ଅତିଥିଙ୍କ ଗହଣରେ କୃତୀ ଛାତୀମାନେ।

ଖୋର୍ଦ୍ଧାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନ୍ନପୂର୍ଣ୍ଣା ଫାଇନାନ୍ସ ସାଉଥ୍ ଏସିଆର ସାମାଜିକ ଅନୁଷ୍ଠାନ ପ୍ରୋପାର୍କୋ ସହଯୋଗରେ ଛାତ୍ରୀମାନଙ୍କୁ ନେଇ ରାଜ୍ୟସ୍ତରୀୟ ପଟ୍ଟଚିତ୍ର କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୨ଟି ବିଦ୍ୟାଳୟର ୯୪ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ବ୍ଲକସ୍ତରରେ ଅନୁଷ୍ଠିତ କର୍ମଶାଳାରେ ମନୋନୀତ ଛାତ୍ରୀମାନେ ଯୋଗଦେଇଥିଲେ। ଏହି କର୍ମଶାଳାରେ ବିଦେଶୀ ଚିତ୍ରଶିଳ୍ପୀ ତଥା ଫ୍ରେଂଚ କନ୍‌ସଲଟାଣ୍ଟ ଡିଡିୟର ତାଲପାଇଁନ, ଆସିଷ୍ଟାଣ୍ଟ କନ୍‌ସୁଲାଣ୍ଟ ଅଙ୍କିତା ରାୟ ଚୌଧୁରୀ, ପ୍ରୋପାର୍କୋର ଆଞ୍ଚଳିକ ନିର୍ଦ୍ଦେଶକ ଡାଏନଜେଗାମ, ସିନିୟର ଇନ୍‌ଭେଷ୍ଟମେଣ୍ଟ ଅଫିସର କିଶୋର ରାୟ ଚାନ୍ଦନି, ପଉଲ ଗଣ୍ଡଉଲୀ ଓ ଲୁକା ପିଜିନି ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନ୍ନପୂର୍ଣ୍ଣା ମ୍ୟାନେଜିଂ ଡାଇରେକ୍ଟର ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଅତିଥିଭାବେ ଯୋଗଦେଇ ପିଲାଙ୍କୁ ସଂସ୍କୃତି ପରମ୍ପରା ସହ ଯୋଡ଼ିବାରେ ପଟ୍ଟଚିତ୍ର ବେଶ୍ ସହାୟକ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅନୁଷ୍ଠାନ ସିଓଓ ସଞ୍ଜୟ ପଟ୍ଟନାୟକ କହିଥିଲେ, ପଟ୍ଟଚିତ୍ର ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ସହ ଜଡ଼ିତ। ପଟ୍ଟଚିତ୍ରରେ ମହାପ୍ରଭୁଙ୍କ ବେଶ, ନୀତି ପରମ୍ପରା ସ୍ଥାନ ପାଇବା ସହ ଆମ ସଂସ୍କୃତିର ପରିଚୟ ବହନ କରିଥାଏ। ଏହି ଅନନ୍ୟ କଳାର ପ୍ରସାର, ପିଲାଙ୍କୁ ପ୍ରୋତ୍ସାହନ ତଥା କଳାକାରଙ୍କୁ ପ୍ରୋତ୍ସାହିତ ଏବଂ ବିଦେଶରେ ଏହାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନନ୍ୟା ପାନ, ଶ୍ରେୟସି ରାୟ ଚୌଧୁରୀ, ଦୀପକ କୁମାର ଜେନା, ରଞ୍ଜିତ କୁମାର ବେହେରା, ଅକ୍ଷୟ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀମାନେ ଏକକ, ଦଳଗତ ପାରମ୍ପରିକ ଓଡ଼ିଶୀ, ସମ୍ବଲପୁରୀ, ଲୋକନୃତ୍ୟ ପରିବେଷଣ କରିଥିଲେ।

**ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଗ୍ରାମରେ ଥିବା ମଠ ପରିସରରେ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଶନିବାରଠାରୁ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ଶ୍ରାବଣ ମାସ ଶୁକ୍ଳପକ୍ଷ ଦଶମୀ ତିଥିଠାରୁ ଠାକୁରଙ୍କୁ ଝୁଲଣ କୁଞ୍ଜକୁ ମଠାଧୀଶମାନେ ବିଜେ କରାଇଥାନ୍ତି। ଝୁଲଣ ମଣ୍ଡପ ରଙ୍ଗବେରଙ୍ଗର ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଝୁଲଣ କୁଞ୍ଜରେ ଦର୍ଶନ କରୁଥିଲେ। ବଳଙ୍ଗା ଗ୍ରାମରେ ରାସିହାରୀ ମଠ, ପାତ୍ର ମଠ, ଲେଙ୍କା ମଠ, ଗଦାଧର ମଠ ଓ ସମ୍ଭୁଭାରତୀ ପାଟଣା ଗ୍ରାମର ବଡ଼ ମଠ ଓ ସାନ ମଠରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଝୁଲଣ ଯାତ୍ରା ଦେଖିବା ପାଇଁ ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ସମୟରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୮।୨୦୨୩

| | |
|---|---|
| ୩,୬୮,୫୯୪ ଟଙ୍କା | |
| ସୁନା | ୨୩.୯୫୦ ଗ୍ରାମ୍ |
| ରୁପା | ମିଳିନାହିଁ |

**ସଂକ୍ଷେପରେ**

## ସମୁଦ୍ରରେ ଭାସି ଯାଉଥିବା ୫ ବଙ୍ଗୀୟ ପର୍ଯ୍ୟଟକ ଉଦ୍ଧାର

ପୁରୀ,୨୯।୮(ଅଜିତ୍ ମହାନ୍ତି)

ସମୁଦ୍ରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଗାଧୋଉଥିବା ବେଳେ ଭାସିଯାଉଥିବା ୫ଜଣ ପଶ୍ଚିମବଙ୍ଗ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଛନ୍ତି। ବର୍ତ୍ତମାନ ପୂର୍ଣ୍ଣିମା ଥିବାରୁ ସମୁଦ୍ର ପ୍ରାୟତଃ ଅଶାନ୍ତ ରହିବା ସହ ଜୁଆରିଆ ରହୁଛି। ଫଳରେ ଅସବଧାନତା ସହ ଗାଧୋଉଥିବା ପର୍ଯ୍ୟଟକମାନେ ସମୁଦ୍ର ମଧ୍ୟକୁ ଯାଇ ଭାସିଯାଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୦ଟା ୨୦ମିନିଟ୍ ସମୟରେ ପଶ୍ଚିମବଙ୍ଗ ଦକ୍ଷିଣ ୨୪ପରଗଣା ଅଞ୍ଚଳର ପ୍ରିୟା ଆଲ୍ଲା(୧୮) ଏବଂ ବିଷ୍ଣୁପ୍ରିୟା ମଣ୍ଡଳ ବେଳାଭୂମିର ସେକ୍ଟର ୧୨ ହୋଟେଲ ବଙ୍ଗଲକ୍ଷ୍ମୀ ସମ୍ମୁଖ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ହଠାତ୍ ଏକ ବଡ଼ ଲହଡ଼ି ମାଡରେ ୨ଜଣ ଭାସି ଯାଇଥିଲେ। ସେଠାରେ ଥିବା ୨ଜଣ ଲାଇଫ ଗାର୍ଡ ପାଟିଶୁଣି ସମୁଦ୍ର ମଧ୍ୟକୁ ଯାଇ ଉଭୟଙ୍କୁ ଉଦ୍ଧାର କରିଥିଲେ। ସେହିପରି ପଶ୍ଚିମବଙ୍ଗ ହୁଗୁଳି ଜିଲାର ଅମିତ୍ ଘୋଷ (୧୬) ଅପରାହ୍ନ ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ସେକ୍ଟର ୭ ରେଣୁକା ଗଳି ସମ୍ମୁଖରେ ଗାଧୋଉଥିବା ସମୟରେ ଲହଡି ମାଡରେ ଭାସିଯାଇଥିଲେ। ତାଙ୍କ ପାଟି ଶୁଣି ସେଠାରେ ଥିବା ୨ଜଣ ଲାଇଫ ଗାର୍ଡ ସମୁଦ୍ରକୁ ଯାଇ ଅମିତ୍‌ଙ୍କୁ ଉଦ୍ଧାର କରିଥିଲେ। ସେହିପରି ପଶ୍ଚିମବଙ୍ଗ ରାଜ୍ୟ ଟେଲି ଜିଲାର ସନ୍ଦୀପ ସୁନ୍ଦର (୧୭) ପରିବାର ସହ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ବେଳାଭୂମିର ସେକ୍ଟର ୧୨ହୋଟେଲ ବଙ୍ଗଲକ୍ଷ୍ମୀ ସମ୍ମୁଖ ସମୁଦ୍ରରେ ଗାଧୋଉଥିବାବେଳେ ଲହଡ଼ି ମାଡ଼ରେ ଭାସିଯାଇଥିଲେ। ପରିବାର ଲୋକଙ୍କ ପାଟି ଶୁଣି ଉପସ୍ଥିତ ଥିବା ଲାଇଫ୍‌ଗାର୍ଡ ସମୁଦ୍ରକୁ ଯାଇ ସନ୍ଦୀପଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ସେହିପରି ପଶ୍ଚିମବଙ୍ଗ ପୂର୍ବ ବର୍ଦ୍ଧମାନ ଜିଲାର ଅନନ୍ତ ଚାଟାର୍ଜୀ (୨୨) ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ସମୟରେ ବେଳାଭୂମିର ୧୩ନଂ ସେକ୍ଟର ହୋଟେଲ କାମେଲିଆ ସମ୍ମୁଖ ବେଳାଭୂମିରେ ଗାଧୋଉଥିବା ସମୟରେ ଲହଡି ମାଡରେ ଭାସିଯାଇଥିଲେ। ପରେ ସେଠାରେ ଉପସ୍ଥିତ ଥିବା ୨ଜଣ ଲାଇଫଗାର୍ଡ ତାଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ।

## କୋଲକାତା ଯାତ୍ରୀବସ୍‌କୁ ଅଟକାଇ ଭାଙ୍ଗିଲେ କାଚ

ପିପିଲି,୨୯।୮(ପ୍ରଭାତ ମହାପାତ୍ର)

ପିପିଲି ଅଞ୍ଚଳରେ ମଙ୍ଗଳବାର ଜଣେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। କୋଲକାତାରୁ ପୁରୀ ଅଭିମୁଖେ ଆସିଥିବା ଯାତ୍ରୀବାହୀ ବସ୍‌କୁ ଅଟକାଇ ହଙ୍ଗାମା କରିବା ସହ ବସ୍‌ର କାଚ ଭାଙ୍ଗିଲେ ଯୁବକ। ଏ ନେଇ ବସ୍ ଚାଳକ ପିପିଲି ଥାନାରେ ଅଭିଯୋଗ କରିଥିଲେ। ଘଟଣାରୁ ପ୍ରକାଶ,କୋଲକାତାର ଜୟନଗର ଥାନା ଅଞ୍ଚଳରୁ୪୫ଜଣ ଯାତ୍ରୀ ଡବ୍ଲୁବି୪୩-୧୫୧୯ ବସ୍ ଯୋଗେ ପୁରୀ ବୁଲିବାକୁ ଆସିଥିଲେ। ତେବେ କୌଣସି ଘଟଣାକୁ ନେଇ ହଠାତ୍ ଏକ ବୁଲେଟ୍ ଗାଡ଼ିର ଚାଳକ ପିପିଲି ବାଇପାସରେ ଉକ୍ତ ଗାଡ଼ିକୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବସ୍‌ର ଆଗ କାଚକୁ ଭାଙ୍ଗି ଦେଇଥିଲେ। ଏ ନେଇ ବସ ଚାଳକ ପ୍ରଦୀପ ଘୋଷ ବିରୋଧ କରିବାରୁ ଉକ୍ତ ଯୁବକ ଗାଳିଗୁଲଜ କରିଥିଲେ। ଥାନାରେ ଅଭିଯୋଗ ପରେ ଏଏସ୍‌ଆଇ ସାନ୍ତନୁ ନାୟକ ବସ ଓ ବୁଲେଟକୁ ଜବତ କରିବା ସହିତ ଉଭୟ ଚାଳକଙ୍କୁ ନେଇ ଥାନାରେ ଅଟକ ରଖିଥିଲେ। ଫଳରେ ଉକ୍ତ ବସରେ ଥିବା ୪୫ଜଣ ଯାତ୍ରୀ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ସମୟ ଅପେକ୍ଷା କରିବାରୁ ଯାତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ।

# ସତ୍ୟବାଦୀରେ ୩୦ ଡେଙ୍ଗୁ ରୋଗୀ ଚିହ୍ନଟ

**ଭୟଭୀତ ନ ହୋଇ ଔଷଧ ଖାଇବାକୁ ପରାମର୍ଶ**

ସାକ୍ଷୀଗୋପାଳ,୨୯।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ରାଜ୍ୟରେ କ୍ଷିପ୍ର ବେଗରେ ବ୍ୟାପିବାରେ ଲାଗିଛି ଡେଙ୍ଗୁ। ଏହାର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲେ ସୁଦ୍ଧା ଡେଙ୍ଗୁ ରୋକିବାରେ ଲଗାମ ଲଗାଇପାରି ନାହିଁ। ଗତ ୨୭ତାରିଖ ସୁଦ୍ଧା ପୁରୀ ଜିଲାରେ ୩୪୨ଜଣଙ୍କ ପଜିଟିଭ ବାହାରିଥିବା ବେଳେ ପ୍ରତିଦିନ ଏହାର ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଭାଗର ମୁଣ୍ଡ ବିନ୍ଧାର କାରଣ ହୋଇଛି। ସଦ୍ୟତମ ତଥ୍ୟ ଅନୁଯାୟୀ ପୁରୀ ଜିଲା ହସ୍ପିଟାଲକୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଯାଇଥିବା ସାମ୍ପୁଲରେ ମଙ୍ଗଳବାର ସୁଦ୍ଧା ୩୦ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଡେଙ୍ଗୁ ଚିହ୍ନଟ କରାଯାଇଥିବା ସମସ୍ତ ରୋଗୀଙ୍କୁ ପୁରୀ ମେଡିକାଲକୁ ଚିକିତ୍ସା ନିମନ୍ତେ ପଠାଇ ଦିଆଯାଇଛି। ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୈନିକ ଶତାଧିକ ଥଣ୍ଡା, କାଶ, ଜ୍ୱର ଦ୍ୱାରା ଆକ୍ରାନ୍ତ ହୋଇ ଅନେକ ଲୋକ ଆସୁଥିବାବେଳେ ଲକ୍ଷଣ ଥିବା ସମସ୍ତ ରୋଗୀଙ୍କ ସାମ୍ପୁଲ ସଂଗ୍ରହ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚିହ୍ନଟ ଆକ୍ରାନ୍ତଙ୍କ ଘରକୁ ଘର ସ୍ୱାସ୍ଥ୍ୟକେନ୍ଦ୍ରର କର୍ମୀମାନେ ବୁଲି ସେମାନଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନତା କରାଉଛନ୍ତି। ବିଭାଗ ପକ୍ଷରୁ ଆକ୍ରାନ୍ତ ରୋଗୀଙ୍କୁ ମଶାରି ଓ ମାଗଣା ଔଷଧ ସହ ଖାଇବା ପିଇବା ସମ୍ପର୍କରେ ବୁଝାଉଛନ୍ତି। ଆକ୍ରାନ୍ତ ରୋଗୀଠାରୁ ଅନ୍ୟ ସୁସ୍ଥ ଲୋକଙ୍କୁ ଯେଭଳି ନ ବ୍ୟାପେ ସେଥିପାଇଁ ଅଧିକ ନଜର ଦିଆଯାଇଛି। ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଭୟଭୀତ ନ ହୋଇ ଘରେ ନ ରହି ଶୀଘ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇବା ସହ ସମସ୍ତ ସଚେତନତା ଅବଲମ୍ବନ କରିବା ପାଇଁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବାଶିଷ ନାୟକ କହିଛନ୍ତି।



ସ୍ୱାସ୍ଥ୍ୟକର୍ମୀମାନେ ବସୁକେରା ଗ୍ରାମରେ ଘର ଘର ବୁଲି ଡେଙ୍ଗୁ ସମ୍ପର୍କରେ ସଚେତନ କରୁଛନ୍ତି।

## ଅସ୍ତରଙ୍ଗରେ ଡେଙ୍ଗୁ ଆତଙ୍କ ଗୁଜବ

ଅସ୍ତରଙ୍ଗ,୨୯।୮(ମମତା ଜେନା)

ରାଜ୍ୟରେ ଡେଙ୍ଗୁ ବ୍ୟାପିବାରେ ଲାଗିଛି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସୂଚନା ମୁତାବକ, ଚଳିତ ମାସରୁ ବର୍ତ୍ତମାନ ସୁଦ୍ଧା ପାଖାପାଖି ୫୦ଟି ରକ୍ତ ନମୁନା ସଂଗ୍ରହ ହୋଇଥିଲା, ବର୍ତ୍ତମାନ ଭିତରେ ୨ଟି ରୋଗୀଙ୍କ ଡେଙ୍ଗୁ ପଜିଟିଭ ରିପୋର୍ଟ ବାହାରିଛି। ଅଗଷ୍ଟ ୧୬ରେ ଅସ୍ତରଙ୍ଗ ବ୍ଲକ ଅଧୀନ ଶିଶୁଅ ସିରେଇ ଗ୍ରାମ, ଓ ୨୬ ତାରିଖରେ କୋରଣା ପଞ୍ଚାୟତ ବନ୍ତିଲୋରେ ଉକ୍ତ ରୋଗୀ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇ ଆରୋଗ୍ୟ ହୋଇଛନ୍ତି। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ଓ ଔଷଧ ଯୋଗାଇ ଦେବାକୁ ସମସ୍ତ ସୁବ୍ୟବସ୍ଥା ଅଛି ବୋଲି ଅଧିକାରୀ କହିଛନ୍ତି। କିନ୍ତୁ ବର୍ତ୍ତମାନ ଅସ୍ତରଙ୍ଗରେ ଡେଙ୍ଗୁ ଆତଙ୍କ ବୋଲି ଗୁଜବ ସୃଷ୍ଟି ହେଉଥିବାବେଳେ ଏହା ଭିତ୍ତିହୀନ ବୋଲି କୁହାଯାଇଛି।

# ଶେଷ ଦିନରେ ୩୧ ଛାତ୍ରୀଛାତ୍ର ନାମ ଲେଖାଇଲେ

ସାକ୍ଷୀଗୋପାଳ,୨୯।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

**ଓଡ଼ିଆ ବିଶ୍ୱବିଦ୍ୟାଳୟରେ ନାମଲେଖା**

ପୁରୀ ଜିଲା ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଚଳିତବର୍ଷଠାରୁ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ୩ଟି ବିଭାଗରେ ୨୪ଟି ଲେଖାଏ ମୋଟ ୭୨ଟି ସିଟ ରହିଛି। ସୋମବାରଠାରୁ ନାମଲେଖା ଆରମ୍ଭ କରାଯାଇଥିଲା। ପୂର୍ବରୁ ପ୍ରବେଶିକା ପରୀକ୍ଷା ଦେଇଥିବା ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ନାମଲେଖା ପାଇଁ ଆସିଥିଲେ। ଏହି ନାମ ଲେଖା ପ୍ରକ୍ରିୟା ୨୮ ଓ ୨୯ ଦୁଇଦିନ ଧରି ଚାଲିଥିଲା। ପ୍ରଥମ ବର୍ଷରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୨୪ ଜଣ ନାମ ଲେଖାଇଥିଲା ବେଳେ ଭାଷା ବିଜ୍ଞାନ ଓ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ବିଭାଗରେ ୧୯ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଆଉ ୫ଟି ସିଟ୍ ପାଇଁ କେହି ଛାତ୍ରୀଛାତ୍ର ଆବେଦନ କରି ନ ଥିବାରୁ ତାହା ଖାଲି ରହିଛି। ଆଦିବାସୀ ଭାଷା ଏବଂ ଐତିହ୍ୟ ବିଭାଗରେ ୨୪ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ୨୮ତାରିଖ ପ୍ରଥମେ ଦିନରେ ୩ଟି ବିଭାଗରେ ୩୬ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ମଙ୍ଗଳବାର ୨୯ ତାରିଖ ଶେଷ ଦିନରେ ୩୧ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ପୂର୍ବାହ୍ନ ୧୦ଘଟିକାରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ନାମଲେଖା ଚାଲିଥିଲା। ନାମଲେଖା ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ରଶ୍ମିରେଖା ଦାଶ, ନିର୍ଦ୍ଦେଶକ(ପିଟିସି) ରଜତ ମାନସିଂ, ଅଧ୍ୟକ୍ଷ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସତ୍ୟ ଶିବସୁନ୍ଦର ମିଶ୍ର, ଆଡମିଶନ ଇନଚାର୍ଜ ଧନୁର୍ଦ୍ଧର ମୁଦୁଲି, ଶଙ୍କର ପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ତ୍ରିପାଠୀ, ଡାଟା ଏଣ୍ଟ୍ରି ଅପରେଟର ଭବାନୀ ଶଙ୍କର ମିଶ୍ର, ଆଡମିଶନ ଆସିଷ୍ଟାଣ୍ଟ ସୀତାଂଶୁ କୁମାର ମହାପାତ୍ର ଓ ପ୍ରକାଶ ଚନ୍ଦ୍ର ଗୌଡ଼, ଆକାଉଣ୍ଟାଣ୍ଟ ମହେଶ୍ୱର ସ୍ୱାଇଁ, ପିଅନ ଗଣେଶ ସାହୁ ପ୍ରମୁଖ ସାମିଲ ଥିଲେ।




ଇସ୍ରୋର ଚନ୍ଦ୍ରୟାନ୍-୩ର ସଫଳତା ନେଇ କୋଣାର୍କ ଚନ୍ଦ୍ରଭାଗାରେ ଶିଳ୍ପୀ ସରିତା ଓ ଲୋପାମୁଦ୍ରା ଗୋଚ୍ଛାୟତ ବାଲୁକା କଳାରେ ଶୁଭେଚ୍ଛା ଜଣାଉଛନ୍ତି।

## ସ୍କୁଲରୁ ସିସିଟିଭି ଚୋରିକରି ୨ଛାତ୍ର ଧରାପଡ଼ିଲେ

କାକଟପୁର,୨୯।୮(ଶୁଭଦର୍ଶନ ମିଶ୍ର)

କାକଟପୁର ଥାନା ଅନ୍ତର୍ଗତ କାକଟପୁର ସରକାରୀ ବାଳିକା ବିଦ୍ୟାଳୟରୁ ସିସିଟିଭି ଚୋରି କରିବା ଅଭିଯୋଗରେ ୨ଜଣ ଛାତ୍ରଙ୍କୁ ପୋଲିସ ଉଠାଇ ଆଣି ପଚରାଉଚରା ପରେ ଜୁଭେନାଇଲ କୋର୍ଟକୁ ପଠାଇଛି। ସେମାନେ ହେଲେ କାକଟପୁର ହାଇସ୍କୁଲ ଦଶମ ଶ୍ରେଣୀର ଛାତ୍ରଦ୍ୱୟ। ଏ ନେଇ ପୋଲିସ ଏକ ମାମଲା(ନଂ.୧୭୪/୨୩) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, କାକଟପୁର ବାଳିକା ନୋଡାଲ ବିଦ୍ୟାଳୟ ସମ୍ମୁଖରେ ଥିବା ସିସିଟିଭି କ୍ୟାମେରା କିଛିଦିନ ତଳେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ସିସିଟିଭି ଫୁଟେଜ ଆଧାରରେ ୨ଜଣ ଛାତ୍ର ଚୋରି କରୁଥିବା ଜଣାପଡ଼ିଥିଲା। ପରେ ପୋଲିସ ଉକ୍ତ ହାଇସ୍କୁଲରେ ଚଢ଼ାଉ କରି ଉକ୍ତ ୨ଛାତ୍ରଙ୍କୁ ଧରି ଥାନାକୁ ଆଣିଥିଲା।

# ଆହତଙ୍କୁ ନିଜ କାର୍‌ରେ ମେଡିକାଲ ନେଲେ ବିଧାୟକ



ବିଧାୟକ ରୁଦ୍ରପ୍ରତାପ ମହାରଥୀ ଦୁର୍ଘଟଣାରେ ଆହତଙ୍କୁ କାର୍‌ରେ ମେଡିକାଲ ନେଉଛନ୍ତି।

ପିପିଲି,୨୯।୮(ଦୁର୍ଗାମାଧବ ମିଶ୍ର)

ମହାନତା ଦେଖାଇଲେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ। ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ନିଜ କାର୍ ଯୋଗେ ପିପିଲି ମେଡିକାଲକୁ ନେଲେ ବିଧାୟକ। ସୂଚନା ମୁତାବକ, ବ୍ରହ୍ମଣ ତରବୋଇର ପ୍ରଫୁଲ୍ଲ କୁମାର ମହାପାତ୍ର ବାଇକରେ ଘରୁ ବାହାରି ଭୁବନେଶ୍ୱର ଯାଉଥିବା ସମୟରେ ପିପିଲି ଦାନଗହୀର ଛକ ନିକଟରେ ଛେଳି ପଶିଯିବାରୁ ଦୁର୍ଘଟଣାର ଶିକାର ହୋଇଥିଲେ। ସେହି ସମୟରେ ବିଧାୟକ ଡେଲାଙ୍ଗରୁ ପିପିଲି ଆସୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖି ସଙ୍ଗେ ସଙ୍ଗେ ପ୍ରଫୁଲ୍ଲଙ୍କୁ ନିଜ ଗାଡ଼ିରେ ପିପିଲି ମେଡିକାଲକୁ ଆଣିଥିଲେ। ଏଥିସହ ନିଜେ ପ୍ରଫୁଲ୍ଲଙ୍କୁ ଉଠାଇ ଷ୍ଟ୍ରେଚର ଯୋଗେ ମେଡିକାଲକୁ ନେଇ ପ୍ରାଥମିକ ଚିକିତ୍ସା କରାଇବା ପାଇଁ ଡାକ୍ତରଙ୍କୁ କହିଥିଲେ। ପ୍ରଫୁଲ୍ଲଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିବାବେଳେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବିଧାୟକଙ୍କ ସହିତ ରାଜ୍ୟ ଯୁବ ବିଜେଡି ସମ୍ପାଦକ ବିଶ୍ୱଜିତ ଦାସ, ଯୁବ ବିଜେଡି ଗଣମାଧ୍ୟମ ସମ୍ପାଦକ ସୁକାନ୍ତ ସାହୁ ଓ ଜିଲା ପରିଷଦ ଧରଣୀଧର ସାହୁ ଆହତ ପ୍ରଫୁଲ୍ଲଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ନେଇଥିଲେ। ବିଧାୟକଙ୍କ ଏଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରିଛନ୍ତି।

# ‘ପୃଥିବୀରେ କ୍ରୀଡ଼ା ଥିବା ଯାଏ ଧ୍ୟାନଚାନ୍ଦ ଅମର ଥିବେ’

ପୁରୀ,୨୯।୮(ଅଜିତ ମହାନ୍ତି)

**ଜାତୀୟ କ୍ରୀଡ଼ା ଦିବସ ପାଳିତ**

କିମ୍ବଦନ୍ତୀ କ୍ରୀଡ଼ାବିତ ଧ୍ୟାନଚାନ୍ଦଙ୍କ କ୍ରୀଡ଼ା ପ୍ରତିଭା ଅତୁଳନୀୟ। ସମଗ୍ର ବିଶ୍ୱ ତାଙ୍କ ଚମତ୍କାର କ୍ରୀଡା ନୈପୁଣ୍ୟରେ ଅଭିଭୂତ ହୋଇଥିଲା। ତେଣୁ ଯେପର୍ଯ୍ୟନ୍ତ ପୃଥିବୀରେ କ୍ରୀଡା ଚାଲିଥିବ, ସେପର୍ଯ୍ୟନ୍ତ ଧ୍ୟାନଚାନ୍ଦ ଅମର ରହିଥିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜାତୀୟ କ୍ରୀଡ଼ା ଦିବସ ପାଳନ ହେବା ସହ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇଥିବା ବେଳେ ଅନ୍ୟ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଜିତ ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, କ୍ରୀଡା ସଂସଦର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ରାଜ୍ୟ କୁସ୍ତି ସଂଘର ପରାମର୍ଶଦାତା ରାମଚନ୍ଦ୍ର ଦାସମହାପାତ୍ର, ବାଲ୍ୟ ବିବାହ ନିରୋଧ ଜିଲା ସଂଯୋଜିକା ରଞ୍ଜିତା ଦାସ, ଜିଲା ଶିଶୁ ସୁରକ୍ଷା ପରାମର୍ଶଦାତା ରୋଜାଲିନ ପାତ୍ର, ନିତା ଫୁଟବଲ ଏକାଡେମୀର ସଦସ୍ୟ ସତ୍ୟବ୍ରତ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ହୋଇ ବାଳିକାମାନଙ୍କ ମଧ୍ୟରେ ଫୁଟବଲ ଓ ଖୋଖୋ ଖେଳ ଅନୁଷ୍ଠିତ ହୋଇଥିଲା। ଫୁଟବଲରେ ନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ ହୋଇଥିବାବେଳେ ନୀତା ଫୁଟବଲ ଏକାଡେମୀ ରନର୍ସ ଅପ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଆୟଶା ପ୍ରିୟଦର୍ଶନୀ ଓ ବୈଶାଖୀ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଖୋ ଖୋରେ ପୁରୀ ଏବଂ ଡେଲାଙ୍ଗ ଦଳ ଯୁଗ୍ମ ଚାମ୍ପିୟନ ହୋଇଥିଲେ। ସମୀକ୍ଷା ବିଶ୍ୱାଳ ବେଷ୍ଟ ରନର ଓ ଜାନକୀ ପାଇକରାୟ ବେଷ୍ଟ ଚେଜର ଭାବେ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଜାତୀୟ ଖୋ ଖୋ ଖେଳରେ ଅଂଶଗ୍ରହଣ କରିଥିବା ଡେଲାଙ୍ଗ ବ୍ଲକ ମୁନ୍ଦା କବିପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୨୫ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଆଶାକର୍ମୀଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

ସାକ୍ଷୀଗୋପାଳ,୨୯।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆଶାକର୍ମୀଙ୍କ ବେକରୁ ମଙ୍ଗଳବାର କେହି ଦୁର୍ବୃତ୍ତ ସୁନା ଚେନ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଖବରପାଇ ଘଟଣା ସ୍ଥଳରେ ସତ୍ୟବାଦୀ ପୋଲିସ ପହଞ୍ଚି ତଦନ୍ତ ଚାଲୁରଖିଥିବା ବେଳେ ନଂ.୨୮୨/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ୧୧.୫୦ ମିନିଟ ସମୟରେ ଆଶାକର୍ମୀ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଗୋପାଳପୁର ପାଟଣା (ହୋତାସାହି) ଗ୍ରାମର ସୁଜାତା ହୋତା ନିକଟସ୍ଥ ବସୁକେରା ଗ୍ରାମରେ ସ୍ୱାସ୍ଥ୍ୟ କାର୍ଯ୍ୟ ସାରି ଘରକୁ ଫେରୁଥିଲେ। ଏହି ସମୟରେ ହଠାତ୍ ୨ଜଣ ଯୁବକ ଏକ ନୀଳ ଓ ଧଳାରଙ୍ଗର( ୟାମହା ଏଫ୍‌ଜେଡ୍ )ବାଇକ୍‌ରେ ଆସି ପଛ ପଟୁ ଉକ୍ତ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ସାକ୍ଷୀଗୋପାଳ କଲେଜ ଛକ ରାସ୍ତା ଦେଇ ଚାଲି ଯାଇଥିଲେ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଦୁର୍ନୀତି ବିରୋଧରେ ଭାଜପାର ପଞ୍ଚାୟତ ଘେରାଉ

ପିପିଲି,୨୯।୮(ପ୍ରଭାତ ମହାପାତ୍ର)

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଆହ୍ୱାନକ୍ରମେ ଗଣ ଆନ୍ଦୋଳନ ଡାକରା ଦିଆଯାଇଥିବା ବେଳେ ମଙ୍ଗଳବାର ପିପିଲି ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଛି। କୌଶଲ୍ୟାଗଙ୍ଗ ମଣ୍ଡଳ ସଭାପତି ସୁଭାଶିଷ ରଥଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏହି ଗଣ ଆନ୍ଦୋଳନରେ ସାମିଲ ହୋଇ ଥିବାବେଳେ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ମଧ୍ୟ ସାମିଲ ହୋଇ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାରୀ ଶାସନ ବ୍ୟବସ୍ଥା ବିରୋଧରେ କହିଥିଲେ। ଉକ୍ତ ପଞ୍ଚାୟତରେ ଓଏଲଏମ ପକ୍ଷରୁ ହୋଇଥିବା ଆଞ୍ଚଳିକ ମଞ୍ଚ ଓ ମହାମଞ୍ଚ ଗଠନରେ ଅନିୟମିତତାକୁ ନେଇ ଏହିପଞ୍ଚାୟତର କେତେଜଣ ମହିଳା ଗୋଷ୍ଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଭାଗୀୟ ଅଧିକାରୀ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ ନ କରିବାରୁ ପୁନର୍ବାର ମହିଳାମାନେ କଣ୍ଟେମ୍ପ୍ଟ କେସ ମଧ୍ୟ କରିଛନ୍ତି। ହେଲେ ଶାସକ ଦଳର ଚାପର ବଶବର୍ତ୍ତୀ ହୋଇ ପ୍ରଶାସନ ଉଚିତ ପଦକ୍ଷେପ ନେଉ ନ ଥିବାରୁ ଏହି ମହିଳା ଏସ୍‌ଏଚ୍‌ଜି ସଭ୍ୟାମାନେ ଗଣ ଆନ୍ଦୋଳନ ଜରିଆରେ ଅଭିଯୋଗ କରିଛନ୍ତି। ଏହାସହ ମହିଳା ସଶକ୍ତୀକରଣ ଓ ବିକାଶ ସହ ଘରେ ପାନୀୟ ଜଳ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର ମୋଟ ଖର୍ଚ୍ଚର ୭୫ ଭାଗ ଅର୍ଥ ପ୍ରଦାନ କରୁଥିଲା ବେଳେ ରାଜ୍ୟ ସରକାର ୨୫ଭାଗ ଦେଉଛନ୍ତି। ହେଲେ ଏହି ପଞ୍ଚାୟତର ୪ ନମ୍ବର ୱାର୍ଡକୁ ଗତ ୧୫ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ ହୋଇ ପଡ଼ିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ୫-ଟି ସଚିବଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ୨ଦିନ ମଧ୍ୟରେ ଏହି ସମସ୍ୟା ସମାଧାନ ହେବ ବୋଲି ୫-ଟି ସଚିବ ଘୋଷଣା କରିଥିଲେ ମଧ୍ୟ ତାହା ଏଯାଏ ପାଳନ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଆନ୍ଦୋଳନରେ ମଣ୍ଡଳ ସଭାପତି ସୁଭାଶିଷ ରଥ, ସୁବୋଧ ମହାନ୍ତି, ଅଭୟ ପ୍ରସାଦ ମିଶ୍ର, ନେତା ଶ୍ୟାମସୁନ୍ଦର ସାହୁ, ରାମଚନ୍ଦ୍ର ବାରିକ, ନାରୀ ନେତ୍ରୀ ସସ୍ମିତା ମହାରଣା, କୁନି ଦାସ ପ୍ରମୁଖ ନେତୃବୃନ୍ଦମାନେ ସାମିଲ ଥିଲେ।

## ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ରାସ୍ତାର ମାନ ପରୀକ୍ଷା

କଣାସ,୨୯।୮(ବିଭୂତି ଭୂଷଣ ତ୍ରିପାଠୀ)

ନୂଆ ଜଗନ୍ନାଥ ସଡ଼କର ଚୁପୁରିଙ୍ଗିଠାରୁ ସୁନାଖଳା, କାଦୁଆଘାଟ, କଉଡ଼ିଖଣି, ସାହାସପୁର ଦେଇ ଜାଗୁଲେଇପଦର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ଠିକାଦାର ନିଯୁକ୍ତି ହୋଇଥିଲେ। ନୂଆଜଗନ୍ନାଥ ସଡ଼କଠାରୁ କାଦୁଆଘାଟ ପର୍ଯ୍ୟନ୍ତ ମକରା ନଦୀର ଡାହାଣ ପାର୍ଶ୍ୱ ନଦୀବନ୍ଧ ଖୋର୍ଦ୍ଧା ଜଳସେଚନ ବିଭାଗର ହୋଇଥିବାବେଳେ ଉକ୍ତ ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି। ରାସ୍ତା କାମ ଅଧାପନ୍ତରିଆ ହୋଇଥିବାବେଳେ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ ପଦାଧିକାରୀ ଆସି ରାସ୍ତାର ମାନ ପରୀକ୍ଷା କରିଛନ୍ତି। କେତେକ ଜାଗା ଖୋଳି କେତେ ବାଲି, କେତେ ମେଣ୍ଟାଲ, କେତେ ଚିପ୍ସ, ବଜୁରି ଦିଆଯାଇଛି ତାହା ପରୀକ୍ଷା ନିରୀକ୍ଷା କରିଥିଲେ। ରାସ୍ତା ନିର୍ମାଣ ମିଆଦି ଶେଷ ହୋଇଯାଇଥିବାରୁ ଶୀଘ୍ର ରାସ୍ତା ନିର୍ମାଣ ଶେଷ କରିବାକୁ ଅଧିକାରୀ ଠିକାଦରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଶାସନ ନ ଶୁଣିବାରୁ ଜବରଦଖଲ ଉଚ୍ଛେଦ କଲେ ଚାଷୀ

ପିପିଲି,୨୯।୮(ଦୁର୍ଗାମାଧବ ମିଶ୍ର)

ଜମି ମାଫିଆମାନେ ବେଆଇନ ଭାବେ ଚାଷଜମି କିଣି ଜମି ମଝିରେ ରାସ୍ତା ଓ ପାଚେରି ନିର୍ମାଣ କରିବା ଦ୍ୱାରା ଜଳ ନିଷ୍କାସନ ହୋଇ ନ ପାରିବା ଦ୍ୱାରା ଚାଷ ପ୍ରଭାବିତ ହେଉଛି। ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ଶହ ଶହ ଏକର ଜମି ମାଫିଆମାନେ ବେଆଇନ ଭାବେ କିଣି ନେଇ ପ୍ରାଚୀର ନିର୍ମାଣ କରିବା ଦ୍ୱାରା ଜଳ ନିଷ୍କାସନ ହୋଇପାରୁ ନାହିଁ। ଯାହାଦ୍ୱାରା ଏହି ପଞ୍ଚାୟତ ଅନ୍ତର୍ଗତ ଦିନଉଦାରଣ, ସଙ୍ଗଳାଇ ଶାସନ, ଲକ୍ଷ୍ମୀନାରାୟଣପୁର, କୁଞ୍ଜର, ବିଲିପଡା, ଆଦି ଅଞ୍ଚଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଚାଷ ଜମି ପାଣିରେ ବୁଡ଼ି ରହିବା ଦ୍ୱାରା ଫସଲ ନଷ୍ଟ ହୋଇଯାଇଛି। ଏ ନେଇ ଚାଷୀମାନେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏପରିକି ପିପିଲି ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ବାଧ୍ୟ ହୋଇ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଏକାଠି ହୋଇ ମାଫିଆମାନେ ବେଆଇନ ଭାବେ ହଡ଼ପ କରିଥିବା ଜବରଦଖଲ କରିଥିବା ଚାଷ ଜମିକୁ ଜେସିବି ଲଗାଇ ଉଚ୍ଛେଦ କରିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ପିପିଲି ତହସିଲଦାର କହିଛନ୍ତି କିଛି ଜମିକୁ ଜବରଦଖଲ କରାଯାଇଥିବା ନେଇ ଚାଷୀମାନଙ୍କଠାରୁ ଅଭିଯୋଗ ପାଇଛୁ। ଏହାର ତଦନ୍ତ କରାଯାଇ ଚାଷୀ କିଭଳି ସମସ୍ୟା ନ ଭୋଗିବେ, ସେଥିପ୍ରତି ଖୁବ୍‌ଶୀଘ୍ର ଦୃଷ୍ଟି ଦିଆଯିବ।

# ପଞ୍ଚଗବ୍ୟ ରାଖୀରେ ପରିବେଶ ସଚେତନତା ବାର୍ତ୍ତା

ପୁରୀ,୨୯।୮(ଅଜିତ ମହାନ୍ତି):

ସମ୍ପ୍ରତି ରକ୍ଷାବନ୍ଧନ ପାଇଁ ବଜାରରେ ଅନେକ ପ୍ରକାର ରାଖୀ ବିକ୍ରି ହେଉଛି। ବିଭିନ୍ନ ପ୍ରକାର ଜରି, ଜମୁରା, ବିଭିନ୍ନ ରାସାୟନିକ ଲେପ ଓ କେମିକାଲ ଅଠା ବ୍ୟବହାର କରାଯାଇ ରାଖୀ ପ୍ରସ୍ତୁତ କରାଯାଇଥାଏ, ଫଳରେ ରାଖୀଗୁଡ଼ିକ ମାଟିରେ ମିଶି ନ ଥାଏ। ଅନେକ ସମୟରେ ଗୋରୁ ଉକ୍ତ ସାମଗ୍ରୀ ଖାଇ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି। ମଣିଷ ମଧ୍ୟ କେମିକାଲ ରିଏକ୍ସନ୍ କାରଣରୁ ଚର୍ମ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ପରିବେଶକୁ ସୁରକ୍ଷିତ ରଖିବା ଲକ୍ଷ୍ୟ ନେଇ କିଛି ବର୍ଷ ହେବ ଅନ୍ୱେଷଣ ଅନୁଷ୍ଠାନ ପକ୍ଷରୁ ପଞ୍ଚଗବ୍ୟ ରାଖୀ ପ୍ରସ୍ତୁତ କରାଯାଉଛି। ବିଶେଷକରି ଉକ୍ତ ରାଖୀ ସବୁ ବିଭିନ୍ନ ବସ୍ତି ଓ ପଥପ୍ରାନ୍ତରେ ବସବାସ କରୁଥିବା ପିଲାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଗୋବର ଓ ଗୋମୂତ୍ର, କ୍ଷୀର, ଦହି, ଘିଅ ପ୍ରଭୃତି ୫ଟି ତତ୍ତ୍ୱକୁ ନେଇ ପଞ୍ଚଗବ୍ୟ ରାଖୀ ତିଆରି ହୋଇଛି। ଏଥିରେ ମଧ୍ୟ ବିଭିନ୍ନ ପ୍ରକାର ଔଷଧୀୟ ମଞ୍ଜି ମିଶାଯାଇଛି। ଏହି ରାଖୀ ବର୍ଜ୍ୟବସ୍ତୁ ରୂପେ ପଡ଼ି ନ ରହି ଦୁଇ ତିନି ଦିନରେ ମାଟିରେ ମିଶିଯାଏ ଏବଂ ମାଟିର ଉର୍ବରତା ବଢ଼ାଇ ଥାଏ। ଏଥିରେ ଥିବା ବିଭିନ୍ନ ମଞ୍ଜିରୁ କିଛିଦିନ ପରେ ନୂତନ ଗଛ ଉଠିଥାଏ। ଏହି ରାଖୀ ଅତ୍ୟନ୍ତ ପବିତ୍ର ଏବଂ ଏହାକୁ ପିନ୍ଧିବା ଦ୍ୱାରା ସକାରାତ୍ମକ ବିଚାର ସୃଷ୍ଟି ହୋଇଥାଏ।

ଉକ୍ତ ରାଖୀର ମୂଲ୍ୟ ୩୦ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ରଖାଯାଇଛି। ଅନୁଷ୍ଠାନର ପିଲାମାନେ ସ୍କୁଲରୁ ଫେରିବା ପରେ ଏହି ରାଖି ପ୍ରସ୍ତୁତ କରିଥାନ୍ତି। ଫଳରେ ସମସ୍ତେ ଦୁଇପଇସା ରୋଜଗାର କରି ନିଜ ପଢାଖର୍ଚ୍ଚ ଉଠାଇ ପାରିଥାନ୍ତି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ରାଖୀ ପ୍ରସ୍ତୁତିରେ ଅନୁଷ୍ଠାନର ସଦସ୍ୟ ନିରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ରାଉତ, ଦିପ୍ତିରେଖା କର, ଚନ୍ଦନ ରାଉତ୍, ଦୀପକ ପାଣି, ବାମଦେବ, ତାରାକାନ୍ତ, ସୁମି, ଶ୍ରାବଣୀ ଏବଂ ସନ୍ଧ୍ୟା ପ୍ରମୁଖ ସହଯୋଗ କରିଥିଲେ।



ଅନ୍ୱେଷା ପକ୍ଷରୁ ପିଲାଙ୍କ ଦ୍ୱାରା ପଞ୍ଚଗବ୍ୟ ରାଖୀ ପ୍ରସ୍ତୁତ କରାଯାଉଛି।

## ସଂକ୍ଷେପରେ

### ଉତ୍କଳ ବାଣିଜ୍ୟ ମେଳା ଉଦ୍‌ଘାଟିତ

ଖୁଣ୍ଟୁଣୀ,୨୯।୮(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡିଝାଟିଆସ୍ଥିତ ମା' ବାସନ୍ତୀ ଦୁର୍ଗାଙ୍କ ପଡ଼ିଆରେ ଉତ୍କଳ ବାଣିଜ୍ୟ ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଗୁରୁଡିଝାଟିଆ ଥାନା ଅଧିକାରୀ ସୁମନ୍ତ କିଷାନ ଓ ଗ୍ରାମ୍ୟ କମିଟି ସମ୍ପାଦକ ଅମରେନ୍ଦ୍ର ଧଳ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ସେଠାରେ ପଡିଥିବା ମିନା ବଜାର ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ମାଲିକ ରାଜେଶ ଦାସ କହିଛନ୍ତି। ଏଥିରେ ବିଶେଷ ଆକର୍ଷଣ ହେଉଛି ହସ୍ତଶିଳ୍ପ ପ୍ରଦର୍ଶନୀ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗ୍ରାମ କମିଟି ସଭାପତି ହୃଦାନନ୍ଦ ସାହାଣୀ, ସରପଞ୍ଚଙ୍କ ପ୍ରତିନିଧି ସନାତନ ଦଳାଇ, ମାନସ ପଣ୍ଡା, ରଶ୍ମିରଞ୍ଜନ ସାହାଣୀ, ଶୁକଦେବ ବେହେରା, ଆଡ୍‌ଭୋକେଟ୍ ଯଶୋବନ୍ତ ବାରିକ ପ୍ରମୁଖ ଯୋଗଦେଇଥିଲେ।

### ମୃତ୍ୟୁ ପରେ ମେଡିକାଲକୁ ଶରୀର ଦାନ

କଟକ, ୨୯।୮( ସୁପ୍ରିୟା ପ୍ରିୟଦର୍ଶିନୀ)

ପ୍ରେମ ପୃଥିବୀ ସଂସ୍ଥାର ପ୍ରତିଷ୍ଠାତା ସଭାପତି ପଦ୍ମନାଭ ପାଢ଼ୀଙ୍କ ୮୯ବୟସରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କ ତିନି ପୁତ୍ର ଓ ସ୍ତ୍ରୀ ଉପସ୍ଥିତ ଥିଲେ। ମୃତ୍ୟୁପରେ



ଶରୀର ଦାନ ପାଇଁ ଜୀବାବସ୍ଥାରେ ପାଢ଼ୀ ସତ୍ୟପାଠ କରି ଦଧୀଚି ସମ୍ମାନରେ ସମ୍ମାନିତ ହୋଇଥିଲେ। ସେହି ଅନୁସାରେ ମଙ୍ଗଳବାର ପୂର୍ବାହ୍ନରେ ଦଧୀଚି ବିମାନ କଟକରୁ ଯାଇ ତାଙ୍କ ମରଶରୀରକୁ ସମ୍ମାନରେ ଭଦ୍ରକରୁ ଅଣାଯାଇ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଶରୀର ତତ୍ତ୍ୱ ବିଭାଗରେ ପ୍ରଦାନ କରାଯାଇଥିଲା। ଭାରତ ଶରୀର ଅଙ୍ଗଦାନ ସମିତି ଅଧ୍ୟକ୍ଷ ଡାକ୍ତର ପ୍ରଭାସ ଆଚାର୍ଯ୍ୟ ଉପସ୍ଥିତ ରହି ଶରୀର ଦାନ ବ୍ୟବସ୍ଥା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶରୀରତତ୍ତ୍ୱ ବିଭାଗର ମୁଖ୍ୟ ଡାକ୍ତର ସତ୍ୟଶ୍ରୀ ରାୟ ମୃତ ଶରୀର ଗ୍ରହଣ କରିଥିଲେ। ଏହି ଅବସରରେ ସନ୍ତୋଷ କୁମାର ସାହୁ, ଡାକ୍ତର ମନୋଜ ଦେହୁରୀ ପ୍ରମୁଖଙ୍କ ସହ ପୁତ୍ର ଚନ୍ଦ୍ରକାନ୍ତ ଓ ଦୀପ୍ତିକାନ୍ତ ମଧ୍ୟ ସେଠାରେ ଉପସ୍ଥିତ ଥିଲେ।

### ରାସ୍ତାରେ ଜମୁଛି ମଇଳାପାଣି

**ଡ୍ରେନେଜ୍ ବ୍ୟବସ୍ଥା ନାହିଁ**



ଚୌଦ୍ୱାର,୨୯।୮(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୯ ନମ୍ବର ୱାର୍ଡ ଅଧୀନ ତାରିଣୀ ବିହାର ମୁଖ୍ୟ ରାସ୍ତାରେ ଦୀର୍ଘଦିନ ହେବ ମଇଳା ପାଣି ଜମି ରହିଛି। ଏଥିଯୋଗୁ ଯାତାୟାତରେ ସମସ୍ୟା ହେଉଛି। ଏ ନେଇ ସ୍ଥାନୀୟ ବାସିନ୍ଦା ମଙ୍ଗଳବାର ପୌରପାଳିକା ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ନାହିଁ। ରାସ୍ତାଠାରୁ ଘରଗୁଡ଼ିକ ଅଧିକ ଉଚ୍ଚରେ ରହିଥିବାରୁ ଲୋକଙ୍କ ଘରୁ ନିର୍ଗତ ମଇଳା ପାଣି ମୁଖ୍ୟ ରାସ୍ତାରେ ଦୀର୍ଘଦିନ ଧରି ଜମି ରହୁଛି। ଫଳରେ ଏହା ମଶାବଂଶ ବୃଦ୍ଧି ପାଇବାରେ ସହାୟକ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପୌରପାଳିକା କର୍ତ୍ତୃପକ୍ଷଙ୍କ ନିକଟରେ ଅନେକଥର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ଏବେ ଚାରିଆଡ଼େ ଡେଙ୍ଗୁ ବ୍ୟାପୁଥିବାରୁ ପୌର କର୍ତ୍ତୃପକ୍ଷ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହିତ ୱାର୍ଡ଼ରେ ଡ୍ରେନ୍ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ଅଶୋକ ପ୍ରଧାନ, ଅଜୟ ସାହୁ, ମାନସ କୁମାର ବେହେରା, ଆଲୋକ ରାଉତ, ହେମନ୍ତ ସାହୁ, ମଧୁସ୍ମିତା ବେହେରା, ଦୀପ୍ତିମୟୀ ନାୟକ, ଗୀତା ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ନିର୍ବାହୀ ଅଧିକାରୀ ମହାପାତ୍ର କହିଛନ୍ତି, ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ।

# ୧୧ରୁ ସିଏନ୍‌ବିଟିରୁ ପରୀକ୍ଷାମୂଳକ ଭାବେ ଚାଲିବ ବସ୍



ବୈଠକରେ ଜିଲାପାଳ, ସିଡିଏ ଅଧ୍ୟକ୍ଷ, ସିଏମ୍‌ସି କମିଶନର ଓ ଡିସିପିଙ୍କ ସହ ଅନ୍ୟମାନେ।

କଟକ, ୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

- ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା
- ମୋ ବସ୍ ରୁଟ୍ ଓ ରହଣି ସ୍ଥଳ ପାଇଁ ଡିସିପି ଦେବେ ଅନୁଧ୍ୟାନ ରିପୋର୍ଟ
- ପ୍ରାଥମିକ ପର୍ଯ୍ୟାୟରେ ପୁରୀ, ଅନୁଗୋଳ, ସମ୍ବଲପୁର ଓ ରାଉରକେଲାକୁ ବସ୍ ଚଳାଚଳ

ଆସନ୍ତା ସେପ୍ଟେମ୍ବର ୧୧ରୁ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି)ରୁ ପରୀକ୍ଷାମୂଳକ ଭାବେ ବସ୍ ଚାଲିବ। ଏହାପୂର୍ବରୁ ବସ୍ ଟର୍ମିନାଲରେ ବାକିଥିବା କାମ ଶେଷ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ସେପ୍ଟେମ୍ବର ୭ ତାରିଖ ପୂର୍ବରୁ ବାକି ଥିବା ସମସ୍ତ କାର୍ଯ୍ୟ ଶେଷ କରାଯିବ ବୋଲି ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲ କହିଛନ୍ତି।

ବସ୍ ଟର୍ମିନାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମଙ୍ଗଳବାର ପୂର୍ବାହ୍ନରେ ସିଏନ୍‌ବିଟିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସିଡିଏ ଅଧ୍ୟକ୍ଷ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି କମିଶନର ନିଖିଳ ପୱନ କଲ୍ୟାଣ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର, କଟକ ଆରଟିଓ, ଓବିସିସିର ଚିଫ୍ ଜେନେରାଲ ମ୍ୟାନେଜର, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଟିପିସିଓଡିଏଲ ନିର୍ବାହୀ ଯନ୍ତ୍ରୀ, ୱାଟ୍‌କୋ ପରିଚାଳକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସହ ବ୍ୟାପକ ଆଲୋଚନା କରାଯିବା ପରେ ଆସନ୍ତା ୧୧ରୁ ପରୀକ୍ଷାମୂଳକ ଭାବେ ବସ୍ ଚଳାଚଳ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କେଉଁ ରୁଟ୍‌ରେ କେଉଁ ବସ୍ ଚଳାଚଳ କରିବ ସେ ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ପୁରୀ, ଅନୁଗୋଳ, ସମ୍ବଲପୁର ଓ ରାଉରକେଲାକୁ ବସ୍ ଚଳାଚଳ କରିବ ବୋଲି ସ୍ଥିର ହୋଇଥିଲା। ସେହିପରି ସହରରେ ମୋ ବସ କେଉଁ ରୁଟ୍‌ରେ ଚଳାଚଳ କରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। କେଉଁ କେଉଁ ସ୍ଥାନ ଦେଇ ବସ୍ ଚଳାଚଳ କରିବ ଓ ରହଣୀ ସ୍ଥଳ(ବସ ଷ୍ଟପ) ହେବ ସେ ସମ୍ପର୍କରେ ଡିସିପି ମିଶ୍ର ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବା ପରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା।

ବସ୍ ଟର୍ମିନାଲର କେଉଁ ପଟରେ ବସ୍ ପଶିବ ଓ ବାହାରିବ ସେ ସମ୍ପର୍କରେ ଅନୁଧ୍ୟାନ କରାଯାଇ ପ୍ରସ୍ଥାନ ଦ୍ୱାର(ଏକ୍ସଜିଟ ପଏଣ୍ଟ)କୁ ଚଉଡା କରାଯିବ। ତା'ଛଡା ବସ୍ ଟର୍ମିନାଲ ପରିସରରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇ ଆଲୋକୀକରଣ କରିବାକୁ ସିଏମ୍‌ସିକୁ ଦାୟିତ୍ୱ ଦିଆଯାଇଥିଲା। ବସ୍ ଟର୍ମିନାଲକୁ ସଂଯୋଗ କରୁଥିବା ମଲାଚଣ୍ଡିଆ ଛକ ନିକଟ ରାସ୍ତାପାର୍ଶ୍ୱରେ ଥିବା ଅବ୍ୟବହୃତ ଲାଇଟ୍ ଖୁଣ୍ଟଗୁଡିକୁ ତୁରନ୍ତ ସ୍ଥାନାନ୍ତର କରାଯାଇ ସୌନ୍ଦର୍ଯ୍ୟକରଣ କାମ ଶେଷ କରିବାକୁ ବିଦ୍ୟୁତ୍ ଓ ପୂର୍ତ୍ତ ବିଭାଗକୁ ଆଦେଶ ଦିଆଯାଇଥିଲା। ସିଏନ୍‌ବିଟି ଦାୟିତ୍ୱରେ ଥିବା ସଂସ୍ଥା ରକ୍ଷଣାବେକ୍ଷଣ ପାଇଁ ଲୋକ ନିୟୋଜନ କରିବାକୁ ମଧ୍ୟ ଆଦେଶ ଦିଆଯାଇଥିଲା। ବସ୍ ଟର୍ମିନାଲର ଭିତର ପଟରେ ଇଣ୍ଟରନାଲ ପାର୍ଟିଶନ ସହ କଞ୍ଜ୍ୟୁମର ପଏଣ୍ଟକୁ ବିଦ୍ୟୁତୀକରଣ କରିବାକୁ ଓବିସିସିକୁ କୁହାଯାଇଛି। ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ପ୍ରାରମ୍ଭରେ ସିଏନ୍‌ବିଟି ପରିସର ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ।

# ବିଭିନ୍ନ ଦାବି ନେଇ ହଷ୍ଟେଲ କର୍ମଚାରୀଙ୍କ ଧାରଣା

କଟକ, ୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ସର୍ବନିମ୍ନ ମଜୁରି ଓ ବାସଗୃହ ପ୍ରଦାନ ଦାବିରେ ରେଭେନ୍‌ଶା ହଷ୍ଟେଲ କର୍ମଚାରୀ ସଂଘ ପକ୍ଷରୁ ମଙ୍ଗଳବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଦେଖାଶୁଣା କରିବା ପାଇଁ ଦୀର୍ଘବର୍ଷ ହେବ ସ୍ୱତନ୍ତ୍ର କର୍ମଚାରୀ ନିୟୋଜିତ ରହିଛନ୍ତି। ହେଲେ ସେମାନେ ରହୁଥିବା ଘରଗୁଡିକ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବର୍ଷାଦିନେ ସେମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ଶ୍ରମ ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ମଜୁରି ସେମାନଙ୍କୁ ଦିଆଯାଉନାହିଁ। ବିଶ୍ୱବିଦ୍ୟାଳୟ ନବୀକରଣ ପାଇଁ ଉଚ୍ଛେଦ ହୋଇଥିବା କର୍ମଚାରୀଙ୍କୁ ଏପର୍ଯ୍ୟନ୍ତ ବାସଗୃହ ଯୋଗାଇ ଦିଆଯାଇନାହିଁ। ଏନେଇ ରେଭେନ୍‌ଶା ଛାତ୍ରାବାସ କର୍ମଚାରୀ ସଂଘ ପକ୍ଷରୁ କୁଳପତିଙ୍କୁ ବାରମ୍ବାର ଲିଖିତ ଆକାରରେ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ଫଳରେ ସଂଘ ସଭାପତି ପ୍ରକାଶ ଦାସଙ୍କ ନେତୃତ୍ୱରେ ବହୁସଂଖ୍ୟକ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ସଭାପତି ଦାସ କହିଛନ୍ତି। ଏହି ଧାରଣାରେ ସଂଘର ଉପଦେଷ୍ଟା ସୁକାନ୍ତ ସାହୁ, ଉପ ସଭାପତି ରାଜେନ୍ଦ୍ର ରଣା, ସାଧାରଣ ସମ୍ପାଦକ ମୀନା ପଣ୍ଡା, ସହ ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁ, ସଂଯୋଜକ ବିଭୂତି ସ୍ୱାଇଁ, କର୍ମଚାରୀ ବସନ୍ତ ବାରିକ, ଦୟାନିଧି ବେହେରା, ଦୀପକ ଦାସ, ସନାତନ ନାୟକ, ନୀହାର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ରିପୋର୍ଟ ଲେଖାଯିବାବେଳକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କେହି ଧାରଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡିଛି।




ସର୍ବନିମ୍ନ ମଜୁରି, ବାସଗୃହ ପ୍ରଦାନ ଦାବିରେ ହଷ୍ଟେଲ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

# ରାସ୍ତା ମରାମତି ଦାବିରେ ଷ୍ଟ୍ରେଚର ଶୋଭାଯାତ୍ରା



ଜଗତ୍‌ପୁର ପୁରୁଣା ଫାଣ୍ଡି ଛକ ନିକଟରୁ ସୁଭାଷ ସଙ୍ଗଠନ ପକ୍ଷରୁ ବାହାରିଥିବା ଷ୍ଟ୍ରେଚର ଶୋଭାଯାତ୍ରା।

ମଙ୍ଗୁଳି–ଜଗତପୁର,୨୯।୮ (ମାନସ ସାମଲ)

- ମହାନଦୀ ବ୍ୟାରେଜ ଡିଭିଜନ କାର୍ଯ୍ୟାଳୟ ଘେରାଉ
- ଦାବି ପୂରଣ ନ ହେଲେ ଆମରଣ ଅନଶନ

ଯୋବ୍ରା ଆନିକଟ ବ୍ରିଜ୍ ପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇପଡିଛି। ସେହିପରି ରାସ୍ତା ମରାମତି ନ ହେବାରୁ ଖାଲଖମା ସୃଷ୍ଟି ହୋଇଛି। ତୁରନ୍ତ ଷ୍ଟ୍ରିଟ୍ ଲାଇଟ୍ ଓ ରାସ୍ତା ମରାମତି ସହ ଅନ୍ୟାନ୍ୟ ସମସ୍ୟା ସମାଧାନ ଦାବି ନେଇ ସୁଭାଷ ସଙ୍ଗଠନ ପକ୍ଷରୁ କଟକ ଗଣ୍ଡରପୁରସ୍ଥିତ ମହାନଦୀ ବ୍ୟାରେଜ ଡିଭିଜନ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜଗତ୍‌ପୁର ପୁରୁଣା ଫାଣ୍ଡି ଛକ ନିକଟରେ ସଙ୍ଗଠନର ସଭାପତି ଆଶୁତୋଷ ଦାସଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଏକତ୍ରିତ ହୋଇଥିଲେ। ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କ ପରି କର୍ମକର୍ତ୍ତାମାନେ ହାତ, ଗୋଡ଼, ମୁଣ୍ଡରେ ବ୍ୟାଣ୍ଡେଜ୍ କପଡା ଗୁଡ଼ାଇ ଷ୍ଟ୍ରେଚ୍‌ର ଯୋଗେ ଏକ ଶୋଭାଯାତ୍ରାରେ ଯାଇ ମହାନଦୀ ବ୍ୟାରେଜ ଡିଭିଜନ କାର୍ଯ୍ୟାଳୟ ଘେରାଉ କରିଥିଲେ। ପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ସମ୍ବଳିତ ଦାବିପତ୍ର ସହକାରୀ ନିର୍ବାହୀ ଯନ୍ତ୍ରୀ ଲଲାଟେନ୍ଦୁ ଜେନାଙ୍କୁ ପ୍ରଦାନ କରିଥିଲେ। ଆସନ୍ତା ୭ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ବ୍ୟାପକ କରାଯିବା ସହ ମହାନଦୀ ବ୍ୟାରେଜ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ସଙ୍ଗଠନର ସଭାପତି ଦାସ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଜେନା କହିଛନ୍ତି, ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ଅଚଳ ଷ୍ଟ୍ରିଟ୍ ଲାଇଟଗୁଡିକ ମରାମତି କରାଯିବ। ଗଣ୍ଡରପୁର ଓଭର ବ୍ରିଜ୍ କାମ ସରିବା ପରେ ଆନିକଟ୍ ବ୍ରିଜ୍ ସାଇଡ୍ ବନ୍ଦ କରାଯାଇ ରାସ୍ତା ମରାମତି କରାଯିବ। ଏଥିପାଇଁ ପ୍ରାୟ ଏକ ମାସ ଲାଗିପାରେ। ସେହିପରି ଅନ୍ୟ ସମସ୍ୟା ସମାଧାନ ପାଇଁ ଉପରୋକ୍ତ ଅଧିକାରୀଙ୍କ ସହ ଆଲୋଚନା କରିବି ବୋଲି ସେ କହିଥିଲେ। ଏହି ଘେରାଉରେ ସୁରେଶ ମହାନ୍ତି, ଗୁରୁ ପ୍ରସାଦ ସାହୁ, ଅଭିଷେକ ଦାସ, ନୀରୋଦ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

# ୭ ପ୍ରକଳ୍ପର ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

କଟକ, ୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ମଙ୍ଗଳବାର କଟକ ସଦର ନିର୍ବାଚନ ମଣ୍ଡଳୀରେ ୭ଟି ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ମେୟର ସୁବାସ ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ୩ଟି ପ୍ରକଳ୍ପ ଉଦ୍‌ଘାଟନ ଓ ୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଶେଷକରି ୫୦ ନଂ. ୱାର୍ଡ ଅନ୍ତର୍ଗତ ନୂଆପଡା ବାଳାଶ୍ରମ ପୋଖରୀର ନବୀକରଣ କାର୍ଯ୍ୟ, ଖପୁରିଆ ଶିଳ୍ପାଞ୍ଚଳରେ ଅର୍ବାନ ହେଲ୍‌ଥ ଆଣ୍ଡ୍ ୱେଲନେସ ସେଣ୍ଟର(ୟୁଏଚ୍‌ଡବ୍ଲ୍ୟୁସି) ଏବଂ ବାଲିସାହିସ୍ଥିତ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ସେହିପରି ନୂଆପଡାରେ ସ୍ମାର୍ଟ ଫୁଟ୍‌ପାଥ, ପାଠାଗାର ତଥା ଗୋଷ୍ଠୀ କେନ୍ଦ୍ର(ବିଜୁ ସଭାଗୃହ), ନୂଆବଜାରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ୟୁପିଏଚ୍‌ସି), ବାଲିସାହିରେ ସ୍ମାର୍ଟ ଲାଇବ୍ରେରୀ ପୁନରୁଦ୍ଧାର କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମେୟର ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, କର୍ପୋରେଟର, ସିଏମ୍‌ସିର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବିବିଧ ପ୍ରତିଯୋଗିତା

କଟକ, ୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ଯୁବ ସାମ୍ବାଦିକ ସଂଘ ପକ୍ଷରୁ ଜିଲାସ୍ତରୀୟ ଚିତ୍ରାଙ୍କନ, ଏକକ ଅଭିନୟ, ଓଡ଼ିଶୀ, ଲୋକନୃତ୍ୟ, ଭଜନ ଓ ଆଧୁନିକ ସଙ୍ଗୀତ ଭଳି ବିବିଧ ପ୍ରତିଯୋଗିତା କଟକ ଦୋଳମୁଣ୍ଡାଇସ୍ଥିତ ବିଜୟଗୋବିନ୍ଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡା. ଦୁର୍ଗାଚରଣ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଟକ ଜିଲା ସମେତ ଖୋର୍ଦ୍ଧା, କେନ୍ଦ୍ରାପଡ଼ା ଅଞ୍ଚଳରୁ ଶତାଧିକ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ମିନି, ସବ୍ ଜୁନିୟର, ଜୁନିୟର, ସିନିୟର ବର୍ଗରେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଚାରକ ଭାବରେ ବିଘ୍ନରାଜ କର, ସନ୍ତୋଷ କୁମାର ସାହୁ, ପ୍ରସନ୍ନ କୁମାର ଓଝା, ମର୍ସି ଦାସ, ତ୍ରିଲୋଚନ ସାହାଣୀ, ଯାଜ୍ଞସେନୀ ରାୟ, ଜ୍ୟୋତିରଞ୍ଜନ ଦାସ, ଜ୍ଞାନରଞ୍ଜନ ନାୟକ, ଶୁଭଲକ୍ଷ୍ମୀ ରାମ, ଜ୍ୟୋତ୍ସ୍ନା ଦାସ, ସୋନାଲି ସୁଚରିତା ସାହୁ, ଦେବେନ୍ଦ୍ର ପାତ୍ର, ପୁଣ୍ୟବିତ୍ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ବ୍ରହ୍ମଚାରୀ, ଉଲ୍ଲାସ ସେନ୍, ସବିତା ମହାନ୍ତି, ବବିତା ସ୍ୱାଇଁ, ରଶ୍ମିରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସଂଘ ପକ୍ଷରୁ ପଦ୍ମାଳୟା ବ୍ରହ୍ମଚାରୀ, ଜିତେନ୍ଦ୍ର ପ୍ରସାଦ, ସ୍ନେହାଶିଷ ଦାସ, ବିନୋଦ ଦାସ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ମାସରେ ସ୍ଥାନୀୟ ମାରିଟାଇମ ମ୍ୟୁଜିୟମ ପରିସରରେ ଓଡ଼ିଶା ଯୁବ ସାମ୍ବାଦିକ ସଂଘର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ତଥା ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହେବ। ଏଥିରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଦୀପେଶ ମହାପାତ୍ର ସୂଚନା ଦେଇଛନ୍ତି।



ଜିଲାସ୍ତରୀୟ ବିବିଧ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ମଙ୍ଗୁଳି–ଜଗତପୁର,୨୯।୮ (ମାନସ ସାମଲ)

- ବୁସ୍ କଟିଂ, ଡ୍ରେନ୍, ପୋଖରୀ ସଫା କରାଯାଉନାହିଁ
- ସପ୍ତାହକରେ ୩ ଡେଙ୍ଗୁରୋଗୀ ଚିହ୍ନଟ

ଜଗତପୁର ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଉକ୍ତ ଅଞ୍ଚଳରେ ବୁସ୍ କଟିଂ, ଡ୍ରେନ୍ କିମ୍ବା ପରିତ୍ୟକ୍ତ ପୋଖରୀଗୁଡିକ ସଫା କରାଯାଉ ନାହିଁ। ସେହିପରି ରାସ୍ତା ପାର୍ଶ୍ୱରେ ଦୀର୍ଘଦିନ ଧରି ଆବର୍ଜନା ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଆବର୍ଜନାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଶାଧୂଆଁ କି ମଶାମରା ତେଲ ଠିକ୍ ଭାବେ ପକାଯାଉନାହିଁ। ଯଦି ବି ପକାଯାଉଛି ତାହା ଏତେ ନିମ୍ନମାନର ହୋଇଥିବାରୁ ସେଥିରେ ମଶା ମରୁନାହାନ୍ତି। ସେହିପରି ବର୍ଷାଦିନେ ବ୍ଲିଚିଂ ପାଉଡର ପକାଯାଉ ନ ଥିବାବେଳେ ଆବଶ୍ୟକ କର୍ମଚାରୀ ନ ଥିବାରୁ ୱାର୍ଡରେ ଠିକ୍ ଭାବେ ସଫେଇ କରାଯାଇପାରୁନାହିଁ। ଫଳରେ ଉକ୍ତ ଅଞ୍ଚଳରେ ଡେଙ୍ଗୁର ଭୟାବହତା ଦେଖିବାକୁ ମିଳିଛି। ଗତ ୧ ସପ୍ତାହ ମଧ୍ୟରେ ଉକ୍ତ ଅଞ୍ଚଳରୁ ୩ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହେଲେଣି। କଟକ ମହାନଗର ନିଗମ(ସିଏମ୍‌ସି)ର ବେପରୁଆ ମନୋଭାବ ଯୋଗୁ ଡେଙ୍ଗୁ ନିରାକରଣ ଭାବେ ଠିକ୍ ଭାବେ ପଦକ୍ଷେପ ନିଆଯାଇପାରୁ ନାହିଁ। ଏ ନେଇ ସିଏମ୍‌ସି ଅଧିକାରୀଙ୍କ ବିରୋଧରେ କଟକ ନଗର ୮ନଂ. ବ୍ଲକ୍ କଂଗ୍ରେସ ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ମଙ୍ଗଳବାର ଜଗତପୁର ଥାନାଧିକାରୀ ରବୀନ୍ଦ୍ର ନାଥ ମେହେରଙ୍କୁ ଏତଲା ଦେଇଛନ୍ତି। ଏତଲା ଦେବା ସମୟରେ ପିସିସି ମୁଖପାତ୍ର ଜିନେସ ଦାସ, କଂଗ୍ରେସ ଯୁବନେତା ମାନସ ପରିଡା, ରଶ୍ମିକାନ୍ତ ସାମଲ, ଦୁର୍ଯ୍ୟୋଧନ ପ୍ରଧାନ, ୪୬ନଂ. ୱାର୍ଡ ସଭାପତି ସୌମେନ୍ଦ୍ର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ବିଶ୍ୱାଳ, ଚୌଦ୍ୱାର–କଟକ ଯୁବ କଂଗ୍ରେସ ସଭାପତି ମାନସ ନାୟକ, ସୁବାସ ସୁବୁଦ୍ଧିରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଥାନାଧିକାରୀ ମେହେର କହିଛନ୍ତି, ଏହି ଅଭିଯୋଗକୁ ଭିତ୍ତିକରି ଷ୍ଟେଶନ ଡାଏରୀ କରାଯାଇଛି। ଏ ସମ୍ପର୍କରେ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି।

# ୫୦% ଅଭିଯୋଗର ତ୍ୱରିତ ଫଇସଲା




ଜିଲାସ୍ତରୀୟ ପେନ୍‌ସନ ଅଦାଲତରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

କଟକ, ୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ଜିଲାରେ ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀମାନଙ୍କର ବକେୟା ପଡିରହିଥିବା ଗ୍ରାଚ୍ୟୁଇଟି ଏବଂ ଭବିଷ୍ୟନିଧି ପାଣ୍ଠି ସମ୍ବନ୍ଧିତ ମାମଲାଗୁଡିକର ଫଇସଲା କରାଯିବା ପାଇଁ ମଙ୍ଗଳବାର କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପେନ୍‌ସନ୍ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ମହାଲେଖାଗାରଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରେରିତ ତାଲିକା ଅନୁଯାୟୀ ୩୨୦ଟି ପେନ୍‌ସନ୍‌ଜନିତ ଅଭିଯୋଗ ମଧ୍ୟରୁ ପ୍ରାୟ ୫୦% ଅଭିଯୋଗର ତ୍ୱରିତ୍ୱ ସମାଧାନ କରାଯାଇଥିଲା। ଜନ ଅଭିଯୋଗ ଓ ସାଧାରଣ ପ୍ରଶାସନ ନିର୍ଦ୍ଦେଶକ ଶଶାଙ୍କ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଦାଲତରେ ଅତିରିକ୍ତ ଜିଲାପାଳ ଶିବ ଟପୋ ଏବଂ ସାଧାରଣ ପ୍ରଶାସନ ବିଭାଗର ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି ଅଭିଯୋଗକାରୀମାନଙ୍କ ପେନ୍‌ସନ୍ ଜନିତ ସମସ୍ୟାର ସମାଧାନ କରିଥିଲେ। ପ୍ରଧାନ ମହାଲେଖାଗାର କାର୍ଯ୍ୟାଳୟ, ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଅଦାଲତ ଅନୁଷ୍ଠିତ ହୋଇଥିଲା। ଜିଲାର ବିଭିନ୍ନ ବିଭାଗର ପେନ୍‌ସନ୍‌ଧାରୀମାନେ ଅଦାଲତରେ ସେମାନଙ୍କର ଅଭିଯୋଗ ଉପସ୍ଥାପନ କରିଥିଲେ। ଅଧିକାରୀମାନେ ଅଭିଯୋଗକାରୀଙ୍କ ସହ ଆଲୋଚନାପୂର୍ବକ ସମାଧାନର ପନ୍ଥା ବାହାର କରିଥିଲେ। ବିଶେଷକରି ପେନ୍‌ସନ୍ ଦରଖାସ୍ତଗୁଡିକରେ ଦେଖାଯାଉଥିବା ସାଧାରଣ ତ୍ରୁଟି ପେନ୍‌ସନ୍ ମଞ୍ଜୁରି ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସରକାରୀ କର୍ମଚାରୀ ଅବସର ନେବାର ୩ମାସ ପୂର୍ବରୁ ପେନ୍‌ସନ୍ ସମ୍ପର୍କୀତ କାଗଜପତ୍ର ପ୍ରଧାନ ମହାଲେଖାଗାରଙ୍କ କାର୍ଯ୍ୟାଳୟକୁ ପଠାଇବାକୁ କୁହାଯାଇଛି। ସେହିପରି ଗ୍ରାଚ୍ୟୁଇଟି ଟଙ୍କା ପାଇବା ପାଇଁ ପେନ୍‌ସନ୍ କାଗଜପତ୍ର ସହ ନୋ ଡ୍ୟୁଜ ସାର୍ଟିଫିକେଟ ସଂଲଗ୍ନ କରିବାକୁ କୁହାଯାଇଛି। ଏଥିସହ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଅବସର ନେବାକୁ ଥିବା କର୍ମଚାରୀମାନଙ୍କର ଏକ ତାଲିକା ପ୍ରତିବର୍ଷ ଜୁଲାଇ ୧ ସୁଦ୍ଧା ପ୍ରସ୍ତୁତ କରିବା ଏବଂ ତାହାର ଏକ ନକଲ ପ୍ରଧାନ ମହାଲେଖାଗାରଙ୍କ କାର୍ଯ୍ୟାଳୟକୁ ପଠାଇବାକୁ କୁହାଯାଇଛି। ସାଧାରଣ ପ୍ରଶାସନ ବିଭାଗର ଅନୁଶାସନ ସଚିବ ସୁବୋଧ କୁମାର ଦାଶ, ତଦାରଖକାରୀ ଅଶୋକ କୁମାର ପାତ୍ର, ବରିଷ୍ଠ ହିସାବ ଅଧିକାରୀ ଏସ୍. କେ. ବେହେରା, ସହକାରୀ ହିସାବ ଅଧିକାରୀ ଆଶୁତୋଷ ଦାଶ ଓ ଜରୁରୀକାଳୀନ ଅଧିକାରୀ ଏନ୍. ଏନ୍. ରାଜଲକ୍ଷ୍ମୀ ଓଝା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

**ଜିଲାସ୍ତରୀୟ ପେନ୍‌ସନ ଅଦାଲତ**

## ସଂକ୍ଷେପରେ

### ସରକାରୀ ହାଉସ୍ ସର୍ଜନଙ୍କ ଷ୍ଟାଇପେଣ୍ଡ ବଢ଼ିଲା

**ଭୁବନେଶ୍ୱର, ୨୯।୮ (ଅସମାପିକା ସାହୁ):** ସରକାରୀ ମେଡ଼ିକାଲ ଜଲେଜର ହାଉସ୍ ସର୍ଜନଙ୍କ ଷ୍ଟାଇପେଣ୍ଡକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ଏହି ଷ୍ଟାଇପେଣ୍ଡରେ ୫୦ ପ୍ରତିଶତ ବୃଦ୍ଧି କରିଛି ସ୍ୱାସ୍ଥ୍ୟ ବିଭାଗ। ଏହା ତତ୍କାଳ ଲାଗୁ ହେବ। ଏ ନେଇ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୧ ଜାନୁୟାରୀରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ହାଉସ ସର୍ଜନମାନେ ଷ୍ଟାଇପେଣ୍ଡ ପାଉଥିଲେ। ପରେ ସେମାନଙ୍କ ଅଭିଯୋଗ ଅନୁସାରେ ରାଜ୍ୟ ସରକାର ଏହାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଅର୍ଥ ବିଭାଗକୁ ମଧ୍ୟ ଅବଗତ କରାଯାଇଥିବା ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

### ମାଟ୍ରିକ ପରୀକ୍ଷା-୨୦୨୫ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ ଅବଧି ବୃଦ୍ଧି

**କଟକ, ୨୯।୮ (ସୁପ୍ରିୟା ପ୍ରିୟଦର୍ଶିନୀ):** ମାଟ୍ରିକ-୨୦୨୫ ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କ ପାଇଁ ପଞ୍ଜୀକରଣ ଅବଧି ବୃଦ୍ଧି କରାଯାଇଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ହୋଇପାରିବ। ସମସ୍ତ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ପଞ୍ଜୀକରଣ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉକି, ଅଗଷ୍ଟ ୧୮ରୁ ୨୮ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ ମାଧ୍ୟମରେ ନବମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ମାଟ୍ରିକ ପରୀକ୍ଷା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ହୋଇଥିଲା। ପ୍ରଧାନଶିକ୍ଷକମାନେ ସ୍କୁଲର ୟୁଜର ଆଇଡି ଏବଂ ପାସୱାର୍ଡ ବ୍ୟବହାର କରି ସ୍କୁଲର ସମସ୍ତ ତଥ୍ୟ, ଛାତ୍ରୀଛାତ୍ରଙ୍କ ତଥ୍ୟ ଓ ରୋଲ ନମ୍ବର ଆଦି ଦାଖଲ କରି ନାମ ପଞ୍ଜୀକରଣ କରାଇଥିଲେ। ମାତ୍ର ଏହି ସମୟରେ ବହୁ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜିକୃତ ହୋଇପାରି ନ ଥିବାରୁ ଅବଧି ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଥିବା ବୋର୍ଡ ପକ୍ଷରୁ ସୂଚନା ମିଳିଛି।

### ୩୧ରେ ସରିବ ଏସ୍‌ଆଇଓଏସ୍‌ରେ ମାଗଣା ନାମଲେଖା

**ଅଧାରୁ ପାଠ ଛାଡ଼ିଥିବା ୯,୬୦୦ ଛାତ୍ରୀଛାତ୍ର ନାମ ଲେଖାଇଲେଣି**

**ଭୁବନେଶ୍ୱର, ୨୯।୮ (ଅସମାପିକା ସାହୁ):** ଅଧାରୁ ପାଠପଢ଼ା ଛାଡ଼ିଥିବା ଦଶମ ଫେଲ୍ କିମ୍ବା ବିଦ୍ୟାଳୟରେ ନିୟମିତ ଅନୁପସ୍ଥିତ ଥିବା ୧୪ରୁ ୧୮ବର୍ଷ ବୟସର ଛାତ୍ରୀଛାତ୍ରଙ୍କୁ ପୁଣି ଥରେ ଶିକ୍ଷାରେ ଯୋଡ଼ିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସ୍‌ଆଇଓଏସ୍)ରେ ମାଗଣା ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଜୁଲାଇ ଶେଷ ସପ୍ତାହରୁ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୯,୬୦୦ ଛାତ୍ରୀଛାତ୍ର ଏହି ପ୍ରକ୍ରିୟା ମାଧ୍ୟମରେ ନାମ ଲେଖାଇ ସାରିଲେଣି। ଆସନ୍ତା ୩୧ ତାରିଖରେ ଏହି ପ୍ରକ୍ରିୟା ଶେଷ ହେବ। ଯେଉଁ ଛାତ୍ରୀଛାତ୍ରମାନେ ନାମ ଲେଖାଇନାହାନ୍ତି ଆସନ୍ତା ୩୧ ତାରିଖ ମଧ୍ୟରେ ମାଗଣାରେ ନାମ ଲେଖିପାରିବେ ବୋଲି ମଙ୍ଗଳବାର ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଅଧାରୁ ପାଠ ଛାଡ଼ିଥିବା ୩,୯୨୫ ଏବଂ ଅନୁପସ୍ଥିତ ଥିବା ୧୦,୮୯୬ ଜଣ ଛାତ୍ରୀଛାତ୍ରଙ୍କୁ ପୁଣି ଥରେ ଶିକ୍ଷା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ମାଗଣା ନାମଲେଖା ଚାଲିଛି । ଏହି ପର୍ଯ୍ୟାୟରେ ନାମ ଲେଖିଥିବା ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ମିଳିବା ସହ ପାଠ୍ୟକ୍ରମ ସମ୍ପୂର୍ଣ୍ଣ ଦେୟମୁକ୍ତ ରହିବ। ଏଥିସହ ଛାତ୍ରୀଛାତ୍ରମାନେ ବିନା କୌଣସି ଶୁଳ୍କରେ ପରୀକ୍ଷା ମଧ୍ୟ ଦେବେ। ଏସ୍‌ଆଇଓଏସ୍‌ରେ ଯେପରି ଅଧିକରୁ ଅଧିକ ଛାତ୍ରୀଛାତ୍ର ନାମ ଲେଖାଇପାରିବେ, ସେଥିପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଉଛି। ଜିଲା ଓ ବ୍ଲକସ୍ତରରେ ନାମଲେଖା ପାଇଁ କ୍ୟାମ୍ପର ଆୟୋଜନ କରାଯାଇଛି। ସେହିପରି ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ହୋଇଛି। ସ୍କୁଲର ଶିକ୍ଷକ ପିଲାଙ୍କ ଘରକୁ ଘର ଯାଇ କାଉନ୍‌ସେଲିଂ କରୁଛନ୍ତି। ରାଜ୍ୟ ବାହାରେ ଥିବା ପିଲାମାନେ ଯେପରି ନାମ ଲେଖାଇପାରିବେ, ସେଥିପାଇଁ ଶିକ୍ଷକମାନେ ସେମାନଙ୍କୁ ମୋବାଇଲ୍ ଫୋନ୍ ମାଧ୍ୟମରେ ଯୋଗାଯୋଗ କରି ବୁଝାଉଛନ୍ତି। ଅଧିକ ସଚେତନତା ସୃଷ୍ଟି କରିବାକୁ ଲିଫ୍‌ଲେଟ୍ ବା ସଚେତନ ପତ୍ରିକା ବଣ୍ଟାଯିବା ସହ ଅଟୋରିକ୍ସାରେ ମାଇକ୍ ଯୋଗେ ପ୍ରଚାର କରାଯାଉଛି।

# ଉପବାସରେ ଶ୍ରୀଲିଙ୍ଗରାଜ

**ପୁରୁଣା ଭୁବନେଶ୍ୱର, ୨୯।୮ (ସୁବାସ ଚନ୍ଦ୍ର ପ୍ରଧାନ)**

- ପାଳନ ହେଲାନି ପଇତାରୋପଣ ନୀତି
- ବଡ଼ୁ ଓ ପୂଜାପଣ୍ଡା ନିଯୋଗ ମଧ୍ୟରେ ଦ୍ୱନ୍ଦ୍ୱ
- ଆଜି ସ୍ୱାଭାବିକ ହେବ ନୀତି



ଉପବାସରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜ। ଦୁଇ ପ୍ରମୁଖ ନିଯୋଗ ବଡ଼ୁ ଏବଂ ପୂଜାପଣ୍ଡା ସେବାୟତଙ୍କ ମଧ୍ୟରେ ପଇତା ଲାଗି କରିବା ଦ୍ୱନ୍ଦ୍ୱକୁ ନେଇ ସୋମବାର ସନ୍ଧ୍ୟା ଧୂପଠାରୁ ନୀତି ବନ୍ଦ ରହିବା ସହ ମଙ୍ଗଳବାର ପ୍ରଭୁ ଶ୍ରୀଲିଙ୍ଗରାଜ ଉପବାସରେ ରହିଛନ୍ତି। ଫଳରେ ପଇତାରୋପଣ ନୀତି ହୋଇପାରି ନ ଥିଲା। ଏନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ବୁଧବାରଠାରୁ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ହେବ ବୋଲି ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପରିଚାଳନା କର୍ମଚାରୀ ଦ୍ୱାରିକା ନାଥ ପତି କହିଛନ୍ତି।

ସୂଚନା ମୁତାବକ, ୨୦୧୯ ମସିହାରୁ ପଇତା ଲାଗି କରିବାକୁ ନେଇ ବଡ଼ୁ ଓ ପୂଜାପଣ୍ଡା ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଛି। ପ୍ରଭୁଙ୍କ ନିକଟରେ ପଇତା ଲାଗି କିଏ ଆଗ କରିବ ସେନେଇ ଉଭୟ ନିଯୋଗ ମଧ୍ୟରେ ମତାନ୍ତର ରହିଛି। ମଙ୍ଗଳବାର ପଇତାରୋପଣ ନୀତି ହେବାକୁ ଥିବା ବେଳେ ଏହାର ଦିନକ ପୂର୍ବରୁ ଅର୍ଥାତ୍ ସୋମବାର ସନ୍ଧ୍ୟା ଧୂପ ପରେ ଶ୍ରୀଜୀଉଙ୍କ ପଇତା ରୋପଣ ନୀତି ହୋଇଥାଏ। ଏହି ଯାତ୍ରା ପୂଜା ଅବସରରେ ବଡ଼ୁ ସେବକ ବିନ୍ଦୁସାଗରକୁ ପଇତା ଧୋଇବାକୁ ଯାଇ ନ ଥିଲେ କିମ୍ବା ପୂଜା ପଣ୍ଡା ସେବାୟତ ଅଧିବାସ ପୂଜା କରି ନ ଥିଲେ। ଫଳରେ ସେହିଠାରୁ ମନ୍ଦିର ପହୁଡ଼ ପଡ଼ିବା ପର୍ଯ୍ୟନ୍ତ ନୀତିକାନ୍ତି ବନ୍ଦ ରହିଥିଲା। ମଙ୍ଗଳବାର ଅନୁରୂପଭାବେ ଠାକୁରଙ୍କ କୌଣସି ନୀତି ନ ହେବାରୁ ପଇତାରୋପଣ ନୀତି ପାଳନ ହୋଇପାରି ନ ଥିଲା। ଫଳରେ ଶ୍ରୀଜୀଉ ଉପବାସରେ ରହିଥିଲେ।

ଶ୍ରୀଲିଙ୍ଗରାଜଙ୍କ ପୀଠକୁ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ଏହି ପୀଠକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଏକାମ୍ର ମେଗା ଯୋଜନା ଜାରି ରହିଛି। ହେଲେ ଠାକୁରଙ୍କ ନୀତିକାନ୍ତି ବନ୍ଦ, ଅନ୍ୟାନ୍ୟ ବ୍ୟତିକ୍ରମ ଯୋଗୁ ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ନକାରାତ୍ମକ ପ୍ରଭାବ ପଡୁଛି। ମନ୍ଦିର ପରିଚାଳନା ନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ରହିଛି। ସେବାୟତଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ସମାଧାନ ନ କରି ମନ୍ଦିର ପ୍ରଶାସନ ନୀରବ ରହିବାରୁ ଏଭଳି ବ୍ୟତିକ୍ରମରେ ସୁଧାର ଆସୁନାହିଁ। ଏ ସମ୍ପର୍କରେ ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି, ସେବାୟତ କାର୍ଯ୍ୟ କରିବା ଦିନଠାରୁ ପଇତା ରୋପଣ ନୀତି ଦିନ ପ୍ରଥମେ ଆମ୍ଭେ(ପୂଜାପଣ୍ଡା) ସେବାୟତ ୩ଟି ପଇତା ଲାଗି କରିଥାଉ। ପରେ ଅନ୍ୟ ପଇତା ବଡ଼ୁ ସେବାୟତ ଲାଗି କରିଥାନ୍ତି। ୨୦୧୯ ମସିହାରୁ ଜୋରଜବରଦସ୍ତ ବଡ଼ୁ ସେବାୟତ ସମସ୍ତ ପଇତା ଲାଗି କରିବାରୁ ଏହି ସମସ୍ୟା ଉପୁଜିଛି। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଦେବୋତ୍ତର କମିଶନରଙ୍କ ନିକଟରେ ନଂ. ୧୧/୨୧ରେ ମାମଲା ରହିଛି। ସେହିପରି ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି, ଏହି ବିଭ୍ରାଟ ପାଇଁ ମନ୍ଦିର ପ୍ରଶାସନ ଦାୟୀ। ପଇତାରୋପଣରେ ପୂଜାପଣ୍ଡା ସେବାୟତ ପ୍ରଥମେ ପଇତା ଲାଗି କରିଥାନ୍ତି। ୨୦୧୯ ମସିହାଠାରୁ ବଡ଼ୁଙ୍କ ହସ୍ତକ୍ଷେପ ଯୋଗୁ ପ୍ରତ୍ୟେକ ବର୍ଷ ଏଭଳି ନୀତିକାନ୍ତିରେ ବ୍ୟତିକ୍ରମ ଘଟୁଛି। ଏହା ଉପରେ ଆଗତ ମାମଲାର ଶୁଣାଣି ଖୁବ୍‌ଶୀଘ୍ର ହେବ। ସେହିପରି ବଡ଼ୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡ଼ୁ କହିଛନ୍ତି, ପଇତାରୋପଣରେ ପଇତା ଲାଗି କରିବା ଆମର ଦାୟିତ୍ୱ। ବର୍ଷ ବର୍ଷ ଧରି ଏହି କାର୍ଯ୍ୟ ସମ୍ପାଦନ କରିଆସୁଛୁ ବୋଲି ସେ ପ୍ରକାଶ କରିଛନ୍ତି।

# 'ମୁଁ ବି ମିତା' ଅଭିଯାନର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏବଂ ଅନ୍ୟମାନେ। (ଫଟୋ- ମନୋରଞ୍ଜନ ମିଶ୍ର)

**ଭୁବନେଶ୍ୱର, ୨୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

**୩୦ ଛାତ୍ରୀ ହେଲେ କ୍ୟାମ୍ପସ୍ ଆମ୍ବାସାଡର**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ 'ମୁଁ ବି ମିତା' ଅଭିଯାନ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଯୋଗଦେଇ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତି, ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସହ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ ନିମନ୍ତେ ସଚେତନତା ସୃଷ୍ଟି ଓ ପ୍ରୋତ୍ସାହିତ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଖୋର୍ଦ୍ଧା ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଚୟନ ହୋଇ ଆସିଥିବା ୩୦ ଜଣ ଛାତ୍ରୀଙ୍କୁ 'ମୁଁ ବି ମିତା' କ୍ୟାମ୍ପସ୍ ଆମ୍ବାସାଡର୍ ଭାବେ ଘୋଷଣା କରାଯାଇଥିଲା। ସେମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ରମାନେ ହିଁ ଆମ ଗଣତନ୍ତ୍ର ତଥା ଦେଶର ଭବିଷ୍ୟତ। ଗଣତନ୍ତ୍ରର ସୁଦୃଢ଼ୀକରଣ ନିମନ୍ତେ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିଲେ ସୁନ୍ଦର ଦେଶ ଗଠନ ସମ୍ଭବ ହେବ। ସେମାନେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଅନ୍ୟମାନଙ୍କୁ ଉତ୍ସାହିତ କରିବାକୁ ପ୍ରଫେସର ଚୌଧୁରୀ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଖୋର୍ଦ୍ଧା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଦିଲ୍ଲୀପ କୁମାର ମହାପାତ୍ର, ଭୁବନେଶ୍ୱର ଉପଜିଲାପାଳ ମଧୁସୂଦନ ବେହେରା, ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଉପମୁଖ୍ୟ ନିର୍ବାଚନ ଅଧିକାରୀ ପଦ୍ମଜା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ଅଲିଭା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ନାଟ୍ୟକାର ନବକିଶୋର ଦାସ

**କଟକ, ୨୯।୮ (ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକରେ ଜନ୍ମିତ ରାଷ୍ଟ୍ରପତି ପୋଲିସ ପଦକପ୍ରାପ୍ତ ଅବସରପ୍ରାପ୍ତ ପୋଲିସ ଅଧିକାରୀ ତଥା କଳା ଓ ସଂସ୍କୃତିର ଉପାସକ ନାଟ୍ୟକାର ନବକିଶୋର ଦାସ ଇଣ୍ଡିଆ ବୁକ ଅଫ୍ ରେକର୍ଡସ ୨୦୨୩ରେ ସ୍ଥାନ ପାଇଛନ୍ତି। ନବକିଶୋର ଦାସ କ୍ରିଏଶନ ଦ୍ୱାରା ନିର୍ମିତ 'ଫ୍ଲାଟ୍' କ୍ଷୁଦ୍ର ଚଳଚ୍ଚିତ୍ର ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ୮୦ରୁ ଅଧିକ ପୁରସ୍କାର ପାଇଛି। ତାଙ୍କ ଦ୍ୱାରା ନିର୍ମିତ 'ମୀନା' କ୍ଷୁଦ୍ର ଚଳଚ୍ଚିତ୍ର ୧୩ତମ ଦାଦାସାହେବ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କୃତ ହୋଇଥିଲା ଏବଂ ସିଲ୍‌ଭରସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ପରିଚାଳନା କରିବାକୁ ଆଧାରରେ ତାଙ୍କ ନାମ ଇଣ୍ଡିଆ ବୁକ ଅଫ୍ ରେକର୍ଡସ- ୨୦୨୩ରେ ସ୍ଥାନିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓଡ଼ିଶା ଲୋକଙ୍କ ଭଲପାଇବା ଯୋଗୁ ଇଣ୍ଡିଆ ବୁକ ଅଫ୍ ରେକର୍ଡସରେ ତାଙ୍କ ନାମ ରହିଛି ବୋଲି ନାଟ୍ୟକାର ନବକିଶୋର ଦାସ କହିବା ସହ ତାଙ୍କର ଏହି ଶ୍ରେୟ ନିର୍ଦ୍ଦେଶକ, ସଂଗୀତ ନିର୍ଦ୍ଦେଶକ, ସମସ୍ତ କଳାକାର, ଟେକ୍ନିସିଆନ୍‌ଙ୍କ ପରିଶ୍ରମର ଫଳ ବୋଲି କହିଛନ୍ତି।




ନବକିଶୋର ଦାସ

# ଆଉ ୩ ଗିରଫ, ୬୬.୫୦ ଲକ୍ଷ ଜବତ

**ଭୁବନେଶ୍ୱର, ୨୯।୮ (ସତ୍ୟଜିତ୍ ରାଉତ)**

**ସିବିଆଇ ଅଫିସର କହି ବନ୍ଧୁକ ମୁନରେ ଡକାୟତି ମାମଲା**

- ମୁଖ୍ୟ ଷଡ଼ଯନ୍ତ୍ରକାରୀ ବାଦଲ ଏବେ ବି ଫେରାର
- ୨ ଦିନ ପୂର୍ବରୁ ୫ ଗିରଫ ହେବା ସହ ଜବତ ହୋଇଥିଲା କୋଟିଏ



ଗିରଫ ଅଭିଯୁକ୍ତମାନେ।

ସିବିଆଇ ଅଫିସର କହି ଘରେ ପଶିବା ପରେ ବାପପୁଅଙ୍କୁ ବାନ୍ଧି ବନ୍ଧୁକ ମୁନରେ ୧.୭ କୋଟି ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଲୁଟ୍ ମାମଲାରେ ଇନ୍‌ଫୋସିଟି ଥାନା ପୋଲିସ ଡକାୟତି ଗ୍ୟାଙ୍ଗର ଆଉ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଲାଲ୍‌ବାଗ ଥାନା ଅଞ୍ଚଳର ଏସ୍.କେ ଲତିଫ୍ (୩୭), ସଦର ଥାନା ଅଞ୍ଚଳର ଜାହିର୍ ଖାନ୍ (୧୯) ଓ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଧୀନ ହଳଦୀପଡ଼ିଆରେ ରହୁଥିବା ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଞ୍ଚଳର ଗଣେଶ ମଣ୍ଡଳ (୧୯)। ଅଭିଯୁକ୍ତମାନଙ୍କଠାରୁ ପୋଲିସ ଆଉ ୬୬ ଲକ୍ଷ ୫୦ ହଜାର ଟଙ୍କା, ଦୁଇଟି ସୁନାଚେନ୍, ୬ଟି ମୁଦି ଜବତ କରିଛି। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନ ମିଳିବାରୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଦୁଇଦିନ ପୂର୍ବରୁ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସେମାନଙ୍କ ପାଖରୁ ୧.୦୨ କୋଟି ଓ ସୁନା ଅଳଙ୍କାର ଜବତ କରାଯାଇଥିଲା। ଉକ୍ତ ମାମଲାରେ ଗିରଫ ସଂଖ୍ୟା ୮ ଛୁଇଁଥିବାବେଳେ ଏବେ ବି ମୁଖ୍ୟ ଷଡ଼ଯନ୍ତ୍ରକାରୀ ବାଦଲ ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଛି।

ସୂଚନା ଅନୁଯାୟୀ, ଅଗଷ୍ଟ ୨ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ୩୦ରୁ ୮ଟା ୩୦ ମଧ୍ୟରେ ନନ୍ଦନବିହାର ବସୁନ୍ଧରା କଲୋନୀସ୍ଥିତ ବରିଷ୍ଠ ନାଗରିକ ନିବାରଣ ପାଣିଙ୍କ ଘରେ ଏହି ଡକାୟତି ହୋଇଥିଲା। ଅଭିଯୁକ୍ତମାନେ ନିଜକୁ ସିବିଆଇ ଅଫିସର ବୋଲି କହି ଘରେ ପଶିଥିଲେ। ନିବାରଣ ଏବଂ ପୁଅ ଶୁଭମ୍‌ଙ୍କୁ ବନ୍ଧୁକ ଓ ଛୁରି ଦେଖାଇ ଭୟଭୀତ କରାଇଥିଲେ। ଉଭୟଙ୍କ ମୁହଁରେ ସେଲୋଟେପ୍ ଗୁଡ଼ାଇ ହାତକୁ ଗାମୁଛାରେ ବାନ୍ଧି ଦେଇଥିଲେ। ଏହାପରେ ସେମାନେ ଡକାୟତି କରି ଫେରାର ହୋଇଯାଇଥିଲେ। ପରେ ଏନେଇ ନିବାରଣଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନିବାରଣଙ୍କ ଜଣେ ବନ୍ଧୁଙ୍କ ଡ୍ରାଇଭର ବାଦଲ ହିଁ ଏହି ଡକାୟତିର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ ବୋଲି ଜଣାପଡ଼ିଥିଲା। କିଛିଦିନ ପୂର୍ବରୁ ସମ୍ପୃକ୍ତ ବନ୍ଧୁଙ୍କ ସହ ବାଦଲ ନିବାରଣଙ୍କ ଘରକୁ ଆସିଥିଲେ। ନିବାରଣଙ୍କ ଘରେ ବିପୁଳ ଟଙ୍କା ଥିବା ଜାଣିବାକୁ ପାଇବା ପରେ ସେ ଡକାୟତି ଯୋଜନା କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅଙ୍କିତା



@ ଆଦିତ୍ୟ



@ ଜନ୍ମେଜୟ



@ ଗଣେଶ୍ୱର



@ ବାସା ହମ୍ମଦ




@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଭିନ୍ନ ଗ୍ରୁପ୍‌ର ରକ୍ତ ନେଇ ରୋଗୀ ଗୁରୁତର

**କଟକ, ୨୯।୮ (ସୁପ୍ରିୟା ପ୍ରିୟଦର୍ଶିନୀ)**

**ଏ' ବଦଳରେ ଦିଆଗଲା ବି' ପଜିଟିଭ୍ ରକ୍ତ**

ଭିନ୍ନ ଗ୍ରୁପର ରକ୍ତ ନେଇ ଜଣେ ରୋଗୀ ଗୁରୁତର ହୋଇଛନ୍ତି। ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଟକର ଏକ ଘରୋଇ ନର୍ସିଂହୋମ୍‌ରେ। ରୋଗୀଙ୍କୁ ଏ' ପଜିଟିଭ ରକ୍ତ ଆବଶ୍ୟକତା ଥିବାବେଳେ ରକ୍ତ ଭଣ୍ଡାରରୁ ତାଙ୍କୁ ବି' ପଜିଟିଭ ରକ୍ତ ଦିଆଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, କଟକର ଏକ ଘରୋଇ ଡାକ୍ତରଖାନାରେ ବିଭୂତି ଭୂଷଣ ଜେନା(୭୪) ଚିକିତ୍ସିତ ହେଉଥିଲେ। ଅସୁସ୍ଥତା ଓ ହେମୋଗ୍ଲୋବିନ କମିଯିବା କାରଣରୁ ବିଭୂତିଙ୍କୁ ଏ' ପଜିଟିଭ ରକ୍ତର ଆବଶ୍ୟକତା ପଡ଼ିଥିଲା। ପରିବାର ଲୋକେ ରେଡକ୍ରସ ବ୍ଲଡ୍ ବ୍ୟାଙ୍କରୁ ଏ' ପଜିଟିଭ ରକ୍ତ ଆଣିଥିଲେ। ହେଲେ ଯେତେବେଳେ ବିଭୂତିଙ୍କ ଶରୀରରେ ରକ୍ତ ଦିଆଯାଇଥିଲା, ସେତେବେଳେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିଲା। ଏହାପରେ ତାଙ୍କୁ ଦିଆଯାଇଥିବା ରକ୍ତର ଗ୍ରୁପ୍ ଟେଷ୍ଟ କରାଯାଇଥିଲା। ସେତେବେଳେ ଉକ୍ତ ରକ୍ତ ବି' ପଜିଟିଭ୍ ବୋଲି ଜଣାପଡ଼ିଥିଲା। ଏନେଇ ରୋଗୀଙ୍କ ପୁଅ ଓ ଘରୋଇ ହସ୍ପିଟାଲର କର୍ମଚାରୀ ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଏମିତିକି ଲାଇଭ ଟେଷ୍ଟ ପାଇଁ ମଧ୍ୟ କହିଥିଲେ। କିନ୍ତୁ ରେଡକ୍ରସ ପକ୍ଷରୁ ତାଙ୍କୁ କୌଣସି ସହଯୋଗ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତେବେ ରେଡକ୍ରସ୍‌ର ଏଭଳି ଗୁରୁତର ଅବହେଳାକୁ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ରେଡକ୍ରସ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।



ନୂଆଦିଲ୍ଲୀଠାରେ ହେବାକୁ ଥିବା ଜି-୨୦ ସମିଟ୍‌ର ପ୍ରସ୍ତୁତି ତଦାରଖପାଇଁ ଦିଲ୍ଲୀ ମନ୍ତ୍ରୀ ସୌରଭ ଭରଦ୍ୱାଜ ଓ ମେୟର ଶେଲୀ ଓବେରୟ ଚାନ୍ଦିନୀଚୌକ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ଇସିଆଇ ଟିମ୍ ଗସ୍ତକୁ ନେଇ ବଢ଼ିଲା ଆଗୁଆ ନିର୍ବାଚନ ଚର୍ଚ୍ଚା

**ସେପ୍ଟେମ୍ବର ୧୩ରେ ଜିଲାପାଳଙ୍କ ସହ କରିବେ ସମୀକ୍ଷା ବୈଠକ**

ଭୁବନେଶ୍ୱର,୨୯।୮ (ଅନିଲ ଦାସ)

ଆଗୁଆ ସାଧାରଣ ନିର୍ବାଚନକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଏକ ଟିମ୍ ରାଜ୍ୟର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ଆସନ୍ତା ସେପ୍ଟେମ୍ବର ୧୩ରେ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ଏଥିସହିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଗୁଆ ନିର୍ବାଚନ ନେଇ ଭବିଷ୍ୟବାଣୀ କରିବା ପରେ ରାଜ୍ୟରେ ଆଗୁଆ ନିର୍ବାଚନ ନେଇ ଚର୍ଚ୍ଚା ପୁଣି ଆରମ୍ଭ ହୋଇଯାଇଛି। ତେବେ ନିର୍ବାଚନ କମିଶନ ଟିମ୍‌ଙ୍କ ଗସ୍ତ ସହିତ ଆଗୁଆ ନିର୍ବାଚନର କୌଣସି ସମ୍ପର୍କ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ଭାଜପା ଓ ବିଜେଡି ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ପୂର୍ବରୁ ସଙ୍କେତ ଦେଇସାରିଛନ୍ତି। ଇସିଆଇଙ୍କ ଟିମ୍ ସେପ୍ଟେମ୍ବର ୧୩ରେ ଜିଲାପାଳମାନଙ୍କ ସହ ଆଲୋଚନା କରିବେ। ଆସନ୍ତା ଅକ୍ଟୋବରରେ ଇଭିଏମ୍ ଓ ଭିଭିପାଟ୍‌ଗୁଡ଼ିକ ଯାଞ୍ଚ କରାଯିବ। ନଭେମ୍ବର ୧୫ ସୁଦ୍ଧା ଏହି ପ୍ରକ୍ରିୟା ଶେଷ ହେବ । ତେବେ ଇସିଆଇ ଟିମ୍‌ଙ୍କ ଓଡ଼ିଶା ଗସ୍ତ ସହିତ ଆଗୁଆ ନିର୍ବାଚନର କୌଣସି ସମ୍ପର୍କ ନାହିଁ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଉଭୟ ବିଧାନସଭା ଓ ଲୋକ ସଭା ନିର୍ବାଚନ ହେବ ବୋଲି ସିଇଓ କହିଛନ୍ତି। ଚଳିତ ବର୍ଷ ଶେଷ ଆଡ଼କୁ ଅନ୍ୟ ୫ ରାଜ୍ୟ ସହ ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହେବ ବୋଲି ଭାଜପା ଓ କଂଗ୍ରେସ ପକ୍ଷରୁ ବିଭିନ୍ନ ସମୟରେ ପୂର୍ବାନୁମାନ କରାଯାଇ ଆସୁଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟରେ ଆଗୁଆ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତ ହେଉଥିବା କଥା ପୂର୍ବରୁ ଅନେକ ଥର ଗଣମାଧ୍ୟମକୁ କହିଛନ୍ତି। ତେବେ ଆଗୁଆ ନିର୍ବାଚନ ନେଇ ବିଜେଡି ପକ୍ଷରୁ କୌଣସି ଆକଳନ କରାଯାଇ ନ ଥିବା ଦଳ ପକ୍ଷରୁ କୁହାଯାଇଛି। ଯଦି ଆଗୁଆ ନିର୍ବାଚନ ନେଇ କେନ୍ଦ୍ରରୁ ସଙ୍କେତ ମିଳିବ ସେ ନେଇ ଦଳ ପ୍ରସ୍ତୁତ ରହିଛି ବୋଲି ବିଜେଡି ନେତା କହୁଛନ୍ତି। ୨୦୦୪ରେ ଆଗୁଆ ନିର୍ବାଚନ କରାଯାଇଥିଲା। ଏହା ପରଠାରୁ କେବେ ଆଗୁଆ ନିର୍ବାଚନ ହୋଇ ନାହିଁ। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଥିବାରୁ ରାଜ୍ୟ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନା ଘୋଷଣା କରି ସାରିଲେଣି। ନିର୍ବାଚନ ଯେତେବେଳେ ବି ହେଉ ରାଜ୍ୟବାସୀଙ୍କ ଆଶୀର୍ବାଦ ମୁଖ୍ୟମନ୍ତ୍ରୀ ନବୀନଙ୍କ ଉପରେ ରହିଛି। ଏଥିପାଇଁ ଭୟ କରିବାର କିଛି ନାହିଁ ବୋଲି ବିଜେଡି ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ଆଗୁଆ ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଆଗୁଆ ନିର୍ବାଚନ ପାଇଁ ଦଳ ସବୁବେଳେ ପ୍ରସ୍ତୁତ ରହିଛି। ରାଜ୍ୟବାସୀ ଜାଣି ସାରିଛନ୍ତି ଭାଜପା ଓ ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସେହିପରି ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ନିର୍ବାଚନ ଯେତେବେଳେ ହେଲେ ବି ଦଳ ପ୍ରସ୍ତୁତରେ ରହିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ପୃଥକ୍ ଭାବେ କରାଗଲେ ନିର୍ବାଚନ ଖର୍ଚ୍ଚ ଦୁଇଗୁଣା ବଢ଼ିଯିବ। ରାଜ୍ୟର ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ବର୍ଷ ଜୁନ୍ ମାସ ପୂର୍ବରୁ ବିଧାନସଭା ନିର୍ବାଚନ ଶେଷ ହେବ ବୋଲି ସେ କହିଛନ୍ତି।

## ଯେକୌଣସି ସମୟରେ ଲୋକ ସଭା ନିର୍ବାଚନ ହୋଇପାରେ: ନୀତୀଶ

ନୂଆଦିଲ୍ଲୀ, ୨୯।୮

ଦେଶର ପରବର୍ତ୍ତୀ ଲୋକ ସଭା ନିର୍ବାଚନ ନିର୍ଦ୍ଧାରିତ ସମୟ ୨୦୨୪ ପୂର୍ବରୁ ଯେକୌଣସି ସମୟରେ ହୋଇପାରେ ବୋଲି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ପୁନର୍ବାର ଦାବି କରିଛନ୍ତି। ଏହା ପ୍ରକୃତ କାର୍ଯ୍ୟସୂଚୀ ଅନୁଯାୟୀ ହେବ ବୋଲି କୌଣସି ଗ୍ୟାରେଣ୍ଟି ନ ଥିବା ସେ କହିଛନ୍ତି। ମିଳିତ ବିରୋଧୀ ଦଳର ବୈଠକ ପୂର୍ବରୁ ଗତ ଜୁନ୍‌ରେ ନୀତୀଶ ଆଗୁଆ ନିର୍ବାଚନ ସମ୍ଭାବନା ଥିବା କହିଥିଲେ। ତେବେ ସାଧାରଣ ନିର୍ବାଚନ ଆଗୁଆ ହେବା ନେଇ ପୂର୍ବାନୁମାନ କରିବାରେ ନୀତୀଶ ଏକମାତ୍ର ବିରୋଧୀ ନେତା ନୁହନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ସୋମବାର ଏକ ରାଲିରେ ଅନୁରୂପ ଦାବି କରିଥିଲେ। ଭାଜପା ଆଗାମୀ ଡିସେମ୍ବର କିମ୍ବା ଜାନୁୟାରୀରେ ଲୋକ ସଭା ନିର୍ବାଚନ କରିପାରେ ବୋଲି ସେ ସନ୍ଦେହ କରୁଥିବା କହିଥିଲେ। ଅନ୍ୟ ଦଳଗୁଡ଼ିକ ଯେପରି କୌଣସି ହେଲିକପ୍ଟର ନ ପାଇବେ, ସେଥିପାଇଁ ପାର୍ଲାମେଣ୍ଟ ନିର୍ବାଚନର ବହୁ ପୂର୍ବରୁ ଭାଜପା ସବୁ ହେଲିକପ୍ଟର ବୁକ୍ କରିସାରିଲାଣି।

ଶାସକ ଏନ୍‌ଡିଏର କେତୋଟି ଦଳ ବିରୋଧୀ ମେଣ୍ଟ ଇଣ୍ଡିଆରେ ସାମିଲ ହେବା ସମ୍ଭାବନା ଥିବା ନୀତୀଶ କୁମାର ସୂଚନା ଦେଇଛନ୍ତି। ଏବେ ସେହି ଦଳଗୁଡ଼ିକ ସମ୍ପର୍କରେ କହିହେବ ନାହିଁ। କିଛିଦିନ ଅପେକ୍ଷା କରନ୍ତୁ ସବୁ ଜାଣିପାରିବେ ବୋଲି ଜେଡିୟୁ ନେତା କହିଥିଲେ।

# ଗ୍ୟାସ୍ ଦର ହ୍ରାସ ପ୍ରଧାନମନ୍ତ୍ରୀଙ୍କ ରାଖୀ ଉପହାର: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୮(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ହ୍ରାସ ଓ ଅତିରିକ୍ତ ଉଜ୍ଜ୍ୱଳା ହିତାଧିକାରୀ ଯୋଡ଼ିବା ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନିଷ୍ପତ୍ତି ମାତୃଶକ୍ତି ତଥା ଦେଶର ମା'ଭଉଣୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ରାଖୀ ଉପହାର ବୋଲି ସେ କହିଛନ୍ତି । ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଦେଶରେ ଥିବା ୩୩ କୋଟି ଏଲ୍‌ପିଜି ହିତାଧିକାରୀଙ୍କୁ ଗ୍ୟାସ୍ ସିଲିଣ୍ଡର ପିଛା ନିର୍ଦ୍ଧାରିତ ମୂଲ୍ୟଠାରୁ ୨୦୦ ଟଙ୍କା କମ୍ କରିବା ସଂକ୍ରାନ୍ତୀୟ ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ କ୍ୟାବିନେଟ୍‌ରେ ମଞ୍ଜୁରୀ ଦେଇଛନ୍ତି। ସେହିପରି 'ଆଜାଦୀ କା ଅମୃତ' ମହୋତ୍ସବ ଅନ୍ତର୍ଗତ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ 'ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା'ରେ ଅତିରିକ୍ତ ୭୫ ଲକ୍ଷଙ୍କୁ ମାଗଣାରେ ଏଲ୍‌ପିଜି ଗ୍ୟାସ୍ ପ୍ରଦାନ କରିବାର ଆଉ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ନିଆଯାଇଛି । ପୂର୍ବ ସରକାରରେ ୨୦୧୪ ସୁଦ୍ଧା ଦେଶରେ ବାସ୍ତବିକ ୧୪ କୋଟି ଏଲ୍‌ପିଜି ହିତାଧିକାରୀ ଥିବା ବେଳେ ଗତ ୯ ବର୍ଷରେ ମୋଦି ସରକାରରେ ଏହି ସଂଖ୍ୟା ବୃଦ୍ଧି ପାଇଁ ୩୩ କୋଟିରେ ପହଞ୍ଚିଛି। ଦେଶରେ ୯ କୋଟି ୬୦ ଲକ୍ଷ ଉଜ୍ଜ୍ୱଳା ଯୋଜନାର ଲାଭାର୍ଥୀ ଥିବାବେଳେ ବର୍ତ୍ତମାନର କ୍ୟାବିନେଟ ନିଷ୍ପତ୍ତି ଦ୍ୱାରା ଉଜ୍ଜ୍ୱଳା ହିତାଧିକାରୀଙ୍କ ସଂଖ୍ୟା ୧୦ କୋଟି ୩୫ ଲକ୍ଷରେ ପହଞ୍ଚିବ। ସାଢେ ୪ ହଜାର କୋଟି ଟଙ୍କାର ଦାୟିତ୍ୱ କେନ୍ଦ୍ର ସରକାର ନେବେ ବୋଲି ସେ କହିଛନ୍ତି। ଗ୍ୟାସ୍ ଦର ହ୍ରାସ ନିଷ୍ପତ୍ତି ଲାଗି ପ୍ରଧାନମନ୍ତ୍ରୀଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

## ରାଜ୍ୟବାସୀ ସତର୍କ ନ ହେଲେ କୌରବ ଅବସ୍ଥା ଭୋଗିବାକୁ ପଡ଼ିବ: କଂଗ୍ରେସ

ଭୁବନେଶ୍ୱର, ୨୯।୮(ସୁନିତ୍ ମିଶ୍ର)

ବର୍ତ୍ତମାନ ଓଡ଼ିଶାରେ ଗୋଟିଏ ନୂଆ ପ୍ରଥା ଦେଖିବାକୁ ମିଳୁଛି। ସରକାରୀ ଅଧିକାରୀ ରାଜ୍ୟ ତହବିଲରୁ କୋଟି କୋଟି ଟଙ୍କା ଖର୍ଚ୍ଚକରି ବିଭିନ୍ନ ସ୍ଥାନକୁ ଗସ୍ତ କରୁଛନ୍ତି। ପ୍ରଥମ ଥର ଭୋଟ ଦେବାକୁ ଯାଉଥିବା କଲେଜ ପିଲାଙ୍କୁ ଶାସକ ଦଳକୁ ଆକୃଷ୍ଟ କରିବାକୁ ଆପ୍ରାଣ ଉଦ୍ୟମ ଅଧିକାରୀଙ୍କ ସ୍ତରରେ କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନୈତିକ କାର୍ଯ୍ୟକ୍ରମରେ ସ୍କୁଲ, କଲେଜ ପିଲାଙ୍କୁ ଯୋଗ ନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିୟମର ଅନୁପାଳନ ହେଉନାହିଁ। କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ ଦଳୀୟ ନେତା ପଞ୍ଚାନନ ଦାଶ ଏହି ଅଭିଯୋଗ ଆଣିଛନ୍ତି। ଏବେ ଓଡ଼ିଶାର ଲୋକେ ସତର୍କ ନ ହୋଇ ବାହାର ଲୋକଙ୍କୁ ଯଦି ଏମିତି ପ୍ରଶ୍ରୟ ଦିଅନ୍ତି ଆଗାମୀ ଦିନରେ ରାଜ୍ୟବାସୀଙ୍କୁ କୌରବ ଅବସ୍ଥା ଭୋଗିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ବିଜେଡି, ଭାଜପା ବିରୋଧରେ ଏକାକୀ ଲଢ଼ିବ କଂଗ୍ରେସ: ଶରତ




ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ।

ନୂଆପଡ଼ା,୨୯।୮(ମକାରୁ ବେମାଲ)

ନୂଆପଡ଼ା ଜିଲା ପଟ୍ଟନାୟକ ଫାର୍ମ ହାଉସଠାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ଜିଲା କଂଗ୍ରେସ୍ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ସ୍ୱାଗତ କରାଯାଇଥିଲା। ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୂଆପଡା ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାମାନଙ୍କୁ ନେଇ ଆଲୋଚନା କରାଯାଇଥିଲା। ଆଗାମୀ ନିର୍ବାଚନରେ ବିଜେଡି ଓ ଭାଜପାର କଳାକାରନାମା ବିରୋଧରେ କଂଗ୍ରେସ ଏକ ହୋଇ ଲଢ଼ିବ, ଆଉ ନିଶ୍ଚିତ ବିଜୟ ଲାଭ କରିବ ବୋଲି ପିସିସି ସଭାପତି କହିଥିଲେ। ଓଡ଼ିଶା ସରକାରଙ୍କୁ ସମାଲୋଚନା କରି ଭାଜପା ବଳରେ ବିଜେଡି ବଳୀୟାନ, ଦୁଇ ଦଳ ଓଡ଼ିଶାକୁ ଗରିବ ରାଜ୍ୟରେ ପରିଗଣିତ କରିଦେଇଛନ୍ତି କହି ଉଭୟ ଦଳକୁ କଡା ସମାଲୋଚନା କରିଛନ୍ତି। ଆପଣମାନଙ୍କ ସହଯୋଗ ନେଇ ତୃଣମୂଳସ୍ତରରୁ ସଙ୍ଗଠିତ ହୋଇ ଏ ଦୁର୍ନୀତି ଖୋର୍ ସରକାରଙ୍କୁ ବିଦା କରିବା ପାଇଁ ସମୟ ଆସିଛି ବୋଲି ଶରତ କହିଛନ୍ତି। ଏହି ସଭାରେ ଜିଲା ପ୍ରଭାରୀ ତଥା କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ନୂଆପଡାବାସୀଙ୍କ ପାଇଁ ସାହାଯ୍ୟ ସହଯୋଗ ସଦାସର୍ବଦା କରି ଆସୁଛି ବୋଲି କହିଥିଲେ। ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ସବୁବେଳେ ଯୁବ, ଛାତ୍ର, ସମାଜ ଓ ଲୋକଙ୍କ ହିତ କାର୍ଯ୍ୟ କରି ଆସୁଛି। ଜିଲାବାସୀଙ୍କ ପାଇଁ ସବୁବେଳେ ଦୁଆର ଖୋଲା ରହିଛି। ରାଜ୍ୟ ସାଧାରଣ ସମ୍ପାଦକ ଘାସିରାମ ମାଝି, ନୂଆପଡା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦ, ଜିଲା ପରିଷଦ ସଭ୍ୟ ଭାରତ ଲାଲ ରାଉତ, ନୂଆପଡା ବ୍ଲକ ସଭାପତି ଚୁନିଲାଲ ଶବର, ନୂଆପଡା ଏନ୍‌ଏସି ସଭାପତି କୁଲଦୀପ ସୂର୍କୋଆଜ, କୋମନା ବ୍ଲକ ସଭାପତି ପିଲେଶ୍ୱର ସାହୁ, ଜିଲା ସାଧାରଣ ସମ୍ପାଦକ ଅଭୟ ଶଙ୍କର ଜୋଷୀ, ସବୁ ନେତାଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା।

# ୪ରୁ ମହାବିଦ୍ୟାଳୟରେ ଛାତ୍ର କଂଗ୍ରେସର ପ୍ରତିବାଦ




କଂଗ୍ରେସ ଭବନଠାରେ ମଙ୍ଗଳବାର 'ଜୁଡେଗା ବିଦ୍ୟାର୍ଥୀ, ଜିତେଗା ଇଣ୍ଡିଆ' ଲୋଗୋ ଉନ୍ମୋଚନ କରାଯାଉଛି। (ଫଟୋ : ମୌସମ ନନ୍ଦ)

**୨ ମାସବ୍ୟାପୀ ଚାଲିବ 'ଜୁଡେଗା ବିଦ୍ୟାର୍ଥୀ, ଜିତେଗା ଇଣ୍ଡିଆ' କାର୍ଯ୍ୟକ୍ରମ**

ଭୁବନେଶ୍ୱର, ୨୯।୮(ସୁନିତ୍ ମିଶ୍ର)

ଓଡ଼ିଶା ଛାତ୍ର କଂଗ୍ରେସ ତରଫରୁ ଏକ କର୍ମଶାଳା ସହ ନୂତନ କାର୍ଯ୍ୟକ୍ରମ 'ଜୁଡେଗା ବିଦ୍ୟାର୍ଥୀ, ଜିତେଗା ଇଣ୍ଡିଆ' ଲୋଗୋ ମଙ୍ଗଳବାର କଂଗ୍ରେସ ଭବନଠାରେ ଉନ୍ମୋଚନ କରାଯାଇଛି। ବିଭିନ୍ନ ଦାବି ନେଇ ରାଜ୍ୟର ସବୁ ମହାବିଦ୍ୟାଳୟରେ ଆସନ୍ତା ୪ରୁ 'ଘଣ୍ଟ ବାଡ଼େଇ' ଛାତ୍ର କଂଗ୍ରେସ ପ୍ରତିବାଦ କରିବ। ଆସନ୍ତା ୨ ମାସ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଏନ୍‌ଏସ୍‌ୟୁଆଇର ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟା, ଶିକ୍ଷା ବ୍ୟବସ୍ଥାରେ ସୁଧାର, ଛାତ୍ର ସଂସଦ ନିର୍ବାଚନ ଆଦି ପ୍ରସଙ୍ଗରେ ସ୍ୱର ଉତ୍ତୋଳନ ପାଇଁ 'ଜୁଡେଗା ବିଦ୍ୟାର୍ଥୀ, ଜିତେଗା ଇଣ୍ଡିଆ' କାର୍ଯ୍ୟକ୍ରମ ଚାଲିବ। ଓଡ଼ିଶାରେ ଶାସକ ଦଳ ଅଗଣତାନ୍ତ୍ରିକ ଉପାୟରେ ଛାତ୍ର ସଂସଦ ନିର୍ବାଚନକୁ ଗତ ୮ ବର୍ଷ ଧରି ବନ୍ଦ କରି ରଖିଛନ୍ତି। ଛାତ୍ରମାନଙ୍କ ସ୍ୱରକୁ ଦବାଇ ରଖି ଏକଛତ୍ରବାଦ ନୀତିରେ ସମଗ୍ର ଛାତ୍ର ସମାଜକୁ ଉପେକ୍ଷିତ କରିଆସୁଛି। ଏଥିଯୋଗୁ ଛାତ୍ରମାନେ ନିଜର ସମସ୍ୟା ନେଇ ପ୍ରତିବାଦ କରିପାରୁନାହାନ୍ତି। ଛାତ୍ରମାନଙ୍କ ପ୍ରତିଭା ବା ଦକ୍ଷତା ବିକାଶ ପାଇଁ କୌଣସି କାର୍ଯ୍ୟକ୍ରମ ତଥା ଭିତ୍ତିଭୂମି ଦିଆଯାଉନାହିଁ। ଛାତ୍ରମାନଙ୍କ ଶିକ୍ଷାର ମାନ କ୍ରମାଗତ ଦୁର୍ବଳ ହେଉଛି ବୋଲି ୟାସିର କହିଛନ୍ତି।

# ଗୁଳିକରି ଗହଣା ବ୍ୟବସାୟୀଙ୍କୁ ଲୁଟିଲେ

ବାଲିଗୁଡ଼ା(ସଞ୍ଜୟ କୁମାର ପାଣିଗ୍ରାହୀ)/କୋଟଗଡ଼ (ସରୋଜ ବଳିୟାରସିଂ),୨୯।୮

କନ୍ଧମାଳ ଜିଲା ବାଲିଗୁଡ଼ା ବଜାର ନେହେରୁ ଛକସ୍ଥିତ ମା'ପାଟଖଣ୍ଡା ଅଳଙ୍କାର ଦୋକାନ ମାଲିକ ସୁବାସ ଆଚାରୀଙ୍କୁ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣିବା ସହ ଗୁଳିମାଡ଼ କରି ବ୍ୟାଗ୍ ଛଡ଼େଇ ନେଇଛନ୍ତି। ସୁବାସଙ୍କ ବାମ ହାତ ଓ ବେକରେ ଆଘାତ ଲାଗିଛି। ବାଇକ୍‌ରେ ଆସିଥିବା ଦୁର୍ବୃତ୍ତମାନେ ଚମ୍ପଟ୍ ମାରିବାରେ ସଫଳ ହୋଇଥିବାବେଳେ ଆଖପାଖରେ ଥିବା ଲୋକେ ସୁବାସଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପ୍ରତିବାଦରେ ସହରବାସୀ ଓ ବ୍ୟବସାୟୀମାନେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ସହ ପାଟ୍ରୋଲିଂକୁ କଡାକଡି କରିବା ଏବଂ ତୁରନ୍ତ ଦୁର୍ବୃତ୍ତମାନଙ୍କୁ ଧରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସମସ୍ତ ଦୋକାନ ବଜାର ବନ୍ଦ ରଖିଥିଲେ। ଏହାସହ ନୂଆସାହି ଛକଠାରେ ପ୍ରାୟ ୫ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଖବରପାଇ ବାଲିଗୁଡ଼ା ଉପଜିଲାପାଳ ମଧୁମିତା, ବାଲିଗୁଡ଼ା ଏସ୍‌ଡିପିଓ ୟସ ପ୍ରୀତମ ଶ୍ରୀମଲ, ତହସିଲଦାର ବିଜୟ କୁମାର ସେଠୀ ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଧରାଯିବ ଓ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିବା ସହ ଦୋକାନବଜାର ଖୋଲିଥିଲା। ସରକାରଙ୍କ ପକ୍ଷରୁ ସହର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଲଗାଯାଇଥିବା ସିସିଟିଭି ବ୍ୟବସ୍ଥା ଦୀର୍ଘ ଦିନ ହେଲା ଅକାମୀ ହୋଇପଡିଥିବା ଯୋଗୁ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଘଟାଉଥିବା ଅଞ୍ଚଳବାସୀ ଆଲୋଚନା କରୁଛନ୍ତି।

## ହାତୀ ଘଉଡ଼ାଇବାକୁ ନେଇ ବନ କର୍ମଚାରୀ-ଲୋକେ ମୁହାଁମୁହିଁ

ପାଟଣା, ୨୯।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍‌ରେ ୨୨ ଟିକିଆ ଝାଡ଼ଖଣ୍ଡୀ ହାତୀ ଘଉଡ଼ାଇବାକୁ ନେଇ ମଙ୍ଗଳବାର ରାତିରେ ବନ ବିଭାଗ କର୍ମଚାରୀ ଓ ମୟୂରଭଞ୍ଜବାସୀ ମୁହାଁମୁହିଁ ହୋଇଛନ୍ତି। ସୀମାନ୍ତ ଗାଁ ନୂଆପଡ଼ା ଓ କୁମୁଲାବାହାଳି ନିକଟରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ପାଟଣା ରେଞ୍ଜ୍ କୁମୁଲାବାହାଳି ନିକଟରେ ଥିବା ହାତୀପଲ ମୟୂରଭଞ୍ଜ ଆଡ଼କୁ ଯାଉଥିଲେ। ପାଟଣା ରେଞ୍ଜରୁ ହାତୀ କରଞ୍ଜିଆ ରେଞ୍ଜ୍‌କୁ ନୂଆପଡ଼ା ଦେଇ ପଶିବା ବାଟରେ ମୟୂରଭଞ୍ଜ ଆଡୁ ଲୋକେ ଘଉଡ଼ାଇବାରୁ ଏଭଳି ସ୍ଥିତି ଉପୁଜିଥିଲା। ମୟୂରଭଞ୍ଜ ଅଞ୍ଚଳକୁ କାହିଁକି ଘଉଡ଼ାଉଛ ବୋଲି କହି ସେମାନେ ନିଆଁହୁଳାରେ ହାତୀପଲଙ୍କୁ ଆକ୍ରମଣ କରିବାରୁ ବନ କର୍ମଚାରୀ ବିରୋଧ କରିଥିଲେ। ଫଳରେ ମୟୂରଭଞ୍ଜ ଲୋକଙ୍କ ସହ ପାଟଣା ରେଞ୍ଜ୍ କର୍ମଚାରୀ ମୁହାଁମୁହିଁ ହୋଇଥିଲେ। ଏନେଇ ବନ ବିଭାଗ ପ୍ରତିକ୍ରିୟା ମିଳିପାରି ନାହିଁ।

**ରାଜ୍ୟ ଖବର**

## ପାଣ୍ଡିଆନଙ୍କ ଯାଜପୁର ଗସ୍ତକୁ କଂଗ୍ରେସର ବିରୋଧ

ଯାଜପୁର ଟାଉନ/ଯାଜପୁରରୋଡ୍,୨୯।୮ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି/ପବିତ୍ର ରଞ୍ଜନ ମହାନ୍ତ)

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଯାଜପୁର ଗସ୍ତକୁ ମଙ୍ଗଳବାର ଜିଲା କଂଗ୍ରେସ କମିଟି ପକ୍ଷରୁ ବିରୋଧ କରାଯାଇଛି। ଜିଲା ସଭାପତି ମନୋଜ ରାଉତଙ୍କ ନେତୃତ୍ୱରେ ଯୁବ କଂଗ୍ରେସ୍, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ଦଳିତ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରିଥିଲା। କର୍ମୀମାନେ କଳା ପତାକା ଓ କଳା ପୋଷାକ ପରିଧାନ କରି ପାଣ୍ଡିଆନ୍ ଗୋ-ବ୍ୟାକ୍ ସ୍ଲୋଗାନ୍ ଦେଇ ପାଣ୍ଡିଆନଙ୍କ ପ୍ରଶାସନିକ ଭବନ ପଡ଼ିଆ ସଭାସ୍ଥଳକୁ ଯାଇଥିଲେ। ମେଡିକାଲ୍ ଛକ ନିକଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ୫-ଟି ଲୋଗୋଥିବା ଗଞ୍ଜି ପରିଧାନ କରିଥିବା କେତେଜଣ ଯୁବକ କଂଗ୍ରେସ କର୍ମୀଙ୍କୁ ପୋଲିସ୍ ଉପସ୍ଥିତରେ ଆକ୍ରମଣ କରିବାକୁ ମାଡ଼ିଆସିଥିଲେ। ପୋଲିସ ସେମାନଙ୍କୁ ପ୍ରତିରୋଧ କରିଥିଲା। ତେବେ ଯେଉଁମାନେ ଆକ୍ରମଣ ପାଇଁ ଆସିଥିଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଦ୍ ଧରି କଂଗ୍ରେସ କର୍ମୀ ରାସ୍ତାରେ ବସିଥିଲେ। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ବିଭିନ୍ନ ସରକାରୀ ବିରୋଧୀ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରି ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ ସଭା କରିଥିଲେ।

# ବକେୟା ପ୍ରାପ୍ୟ ପାଇ ନ ଥିବାରୁ ତାତିଲେ କ୍ଷତିଗ୍ରସ୍ତ ଜମିହରା

**କମ୍ପାନୀ ଅଧିକୃତ ଜମିରେ ୫୦ ଟ୍ରାକ୍ଟର ବୁଲାଇ ଚାଷ**

ଢେଙ୍କାନାଳ,୨୯।୮(ରତନ ନାୟାର)



ଲାନ୍‌କୋ ଅଧିଗ୍ରହଣ କରିଥିବା ଜମିରେ ଚାଷ କରିବାକୁ କ୍ଷତିଗ୍ରସ୍ତମାନେ ଟ୍ରାକ୍ଟର ନେଇ ଯାଉଛନ୍ତି।

ପାୱାର ପ୍ଲାଣ୍ଟ ଉଦ୍ଦେଶ୍ୟରେ ୨୦୦୭ରେ ଲାନ୍‌କୋ କମ୍ପାନୀ ୨ ଗ୍ରାମର ମୋଟ୍ ୧୨ ଶହ ଏକର ଜମି ଅଧିଗ୍ରହଣ କରିଥିଲା। ପ୍ଲାଣ୍ଟ ମଧ୍ୟ ପ୍ରତିଷ୍ଠା କରିଥିଲା। ହେଲେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଓ କୁରୁଣ୍ଟି ଗ୍ରାମର ଜମିହରାଙ୍କୁ ନିୟମ ଅନୁଯାୟୀ ପ୍ରାପ୍ୟ ମିଳିଲା ନାହିଁ। କ୍ଷତିଗ୍ରସ୍ତଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ଦିଆଗଲା ନାହିଁ। ପ୍ଲାଣ୍ଟ କାର୍ଯ୍ୟକ୍ଷମର ମାତ୍ର କେଇଟା ବର୍ଷ ନ ଯାଉଣୁ ଏହା ବନ୍ଦ ହୋଇଗଲା। ଏପରିକି କ୍ଷତିଗ୍ରସ୍ତଙ୍କ ଅଜାଣତରେ ୬ ବର୍ଷ ତଳେ ଏହାକୁ ଏକ ସ୍କ୍ରାପ୍ ସଂସ୍ଥାକୁ ବିକ୍ରି କରିଦିଆଗଲା। ଏସବୁ ସତ୍ତ୍ୱେ କମ୍ପାନୀ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ପ୍ରାପ୍ୟରୁ ବଞ୍ଚିତ ରଖିଥିବାରୁ ଏହା ବିରୋଧରେ ତାତି ଉଠିଛନ୍ତି ସମ୍ପୃକ୍ତ ୨ ଗ୍ରାମର ଜମିହରା। ମଙ୍ଗଳବାର ସେମାନେ ଏକାଠି ହୋଇ କମ୍ପାନୀ ଅଧିଗୃହୀତ ଜମିରେ ୫୦ ଟ୍ରାକ୍ଟର ବୁଲାଇ ଚାଷ କରିବା ଚର୍ଚ୍ଚାର ବିଷୟ ହୋଇଛି।

ଖଡ଼ଗପ୍ରସାଦ ଓ କୁରୁଣ୍ଟି ଗ୍ରାମର କୈଳାସ ଚନ୍ଦ୍ର ରାଉତ, ବିନୋଦ ସାହୁ, ନରେନ୍ଦ୍ର ସାହୁ, ବିଜୟ କୁମାର ଧଳ, ନିବାରଣ ରାଉତ, ଶ୍ରୀକାନ୍ତ ରାଉତ, ସ୍ୱରଜିତ ନାୟକ, ରଣଜିତ ନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି, ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଲାନ୍‌କୋ କମ୍ପାନୀ ୨୦୦୭ ମସିହାରେ ମୋଟ୍ ୧୨ ଶହ ଏକର ଜମି ଅଧିଗ୍ରହଣ କରିଥିଲା। ସେଥିରେ ଖଡଗପ୍ରସାଦ ଗ୍ରାମର ୭୦୦ ଏକର ଓ କୁରୁଣ୍ଟି ଗ୍ରାମର ୪୦୦ ଏକର ଜମି ରହିଥିଲା। ବାକି ୧୦୦ ଏକର ସରକାରୀ ଓ ଗ୍ରାମ୍ୟ ଜଙ୍ଗଲ କିସମ ଜମି କମ୍ପାନୀ ନେଇଥିଲା। କିନ୍ତୁ ଜମି ଅଧିଗ୍ରହଣ ସମୟରେ ଉକ୍ତ ୨ ଗ୍ରାମର ଜମିହରା ପ୍ରଜାଙ୍କୁ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯାଇ ନ ଥିଲା। ପ୍ଲାଣ୍ଟ କାର୍ଯ୍ୟକ୍ଷମ ପରେ ବି କ୍ଷତିଗ୍ରସ୍ତଙ୍କ ପରିବାର ସଦସ୍ୟଙ୍କୁ ନିଯୁକ୍ତି ମିଳି ନ ଥିଲା। ୨୦୧୬/୧୭ରେ କମ୍ପାନୀ ହଠାତ୍ ପ୍ଲାଣ୍ଟ ବନ୍ଦ କରିବା ସହ ଝାରସୁଗୁଡାର ଏକ ସ୍କ୍ରାପ ସଂସ୍ଥାକୁ ପ୍ଲାଣ୍ଟ ବିକ୍ରି କରିଦେଇଥିଲା। ଇତିମଧ୍ୟରେ ୬ ବର୍ଷ ବିତିଯାଇଥିଲେ ବି ଲାନ୍‌କୋ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ସେମାନଙ୍କ ବକେୟା ଅର୍ଥ ପ୍ରଦାନ କରିନାହିଁ। ଏହାକୁ ନେଇ ୨ ଗ୍ରାମର ଜମିହରାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଗତ ୨ ଦିନ ତଳେ ଖଡ଼ଗପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୨ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜା ଏକାଠି ବସି ଏପରି ଅନ୍ୟାୟର ଦୃଢ଼ ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ମଙ୍ଗଳବାର ପୂର୍ବାହ୍ନରେ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ଗଙ୍ଗାଧର ସାମଲଙ୍କ ତତ୍ତ୍ୱାବଧାନରେ ସେମାନେ କମ୍ପାନୀ ଅଧିକୃତ ଜମିରେ ୫୦ରୁ ଅଧିକ ଟ୍ରାକ୍ଟର ବୁଲାଇ ସୋରିଷ, ମାଣ୍ଡିଆ, ମେଥି ଓ ମୁଗ ଚାଷ କରିଥିଲେ। ଜମି ଫେରି ନ ପାଇବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କ୍ଷତିଗ୍ରସ୍ତମାନେ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସରପଞ୍ଚ ସାବିତ୍ରୀ ଦଳେଇ କହିଛନ୍ତି, ଲାନ୍‌କୋ କମ୍ପାନୀ ଲୋକଙ୍କ ଜାଗା ନେବା ବେଳେ ବହୁତ ସ୍ୱପ୍ନ ଦେଖାଇଥିଲା। କିନ୍ତୁ କିଛି ବି ସାକାର କରି ନ ପାରି ପ୍ଲାଣ୍ଟ ବିକି ପଳାଇଲା। ପ୍ରାପ୍ୟ ପାଇ ନ ଥିବାରୁ ୨ ଗ୍ରାମବାସୀ ଯେଉଁ ଜମି କମ୍ପାନୀକୁ ଦେଇଥିଲେ ସେଠାରେ ଟ୍ରାକ୍ଟର ଚଳାଇ ଚାଷ କରିଛନ୍ତି। ଆଞ୍ଚଳିକ କ୍ଷତିଗସ୍ତ ପ୍ରଜାସଂଘ ସଭାପତି ସାମଲ କହିଛନ୍ତି, ୬ ହଜାର କୋଟି ଟଙ୍କାର ପ୍ଲାଣ୍ଟକୁ ଉକ୍ତ ସ୍କ୍ରାପ ସଂସ୍ଥାକୁ ଲାନ୍‌କୋ ମାତ୍ର ୧୨୨ କୋଟି ଟଙ୍କାରେ ବିକିଦେଇଛି। କେତେଜଣ ଜମିହରାଙ୍କୁ ଅଳ୍ପ ପ୍ରାପ୍ୟ ଦିଆଯାଇଥିବା ବେଳେ ପ୍ରାୟ ୪୦ ଏକର ଜାଗାକୁ ଅଧିଗ୍ରହଣ ନ କରି ଏହା ଚାରିପାଖରେ ପାଚେରି ବୁଲାଇ ଦେଇଛି। ସେକ୍ସନ ୧୦୧ (ଏ) ଅନୁଯାୟୀ ପାୱାର ପ୍ଲାଣ୍ଟ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣର ୫ ବର୍ଷ ପରେ ଯଦି ସେଠାରେ କିଛି ନ ହେଲା ତା'ହେଲେ ମୂଳ ମାଲିକଙ୍କ ପାଖକୁ ଜମି ଫେରିଆସିବ। ତେଣୁ ଖଡ଼ଗପ୍ରସାଦ ଓ କୁରୁଣ୍ଟି ଗ୍ରାମର ଜମିହରା ପ୍ରଜା ଜମି ଫେରିପାଇବା ଉଦ୍ଦେଶ୍ୟରେ ଉକ୍ତ ଜମିରେ ଚାଷ ଆରମ୍ଭ କରିଛନ୍ତି।

## ଜେଲରେ ଏମ୍‌ଜେଏମ୍‌ସି ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଦେଲେ ପୁଞ୍ଜିଲାଲ

ବଲାଙ୍ଗୀର ଅଫିସ,୨୯।୮

ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ବଲାଙ୍ଗୀର ଜିଲା କାରାଗାରରେ ମଙ୍ଗଳବାର ଗଣମାଧ୍ୟମ ଓ ଗଣ ଯୋଗାଯୋଗ ବିଷୟରେ ସ୍ନାତକୋତ୍ତର (ଏମ୍‌ଜେଏମ୍‌ସି) ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଦେଇଛନ୍ତି। ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ଜଣେ ପରୀକ୍ଷକ ଜେଲକୁ ଆସି ଏହି ପରୀକ୍ଷା ପରିଚାଳନା କରିଛନ୍ତି। ୨୦୧୮ ମସିହା ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ପୁଞ୍ଜିଲାଲ ଗିରଫ ହୋଇଥିଲେ। ପ୍ରଥମେ ପାଟଣାଗଡ ଉପକାରାଗାରରେ ତାଙ୍କୁ ରଖାଯାଇଥିଲା। ସେଠାରୁ କଏଦୀଙ୍କୁ ଚମ୍ପଟ କରିବା ଉଦ୍ୟମ ଅଭିଯୋଗ ପରେ ତାଙ୍କୁ ବଲାଙ୍ଗୀର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଜେଲରେ ରହି ସେ ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଗଣମାଧ୍ୟମ ଏବଂ ଗଣ ଯୋଗାଯୋଗ କୋର୍ସରେ ସ୍ନାତକୋତ୍ତର ପାଠକ୍ରମରେ ନାମ ଲେଖାଇଥିଲେ। ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁଙ୍କୁ ଏନେଇ ପଚାରିବାରୁ ପୁଞ୍ଜିଲାଲ ମେହେର ଗଣମାଧ୍ୟମ ଏବଂ ଗଣ ଯୋଗାଯୋଗ ବିଷୟରେ ଏମ୍‌ଏ ପାଠ୍ୟକ୍ରମ ପାଇଁ ପରୀକ୍ଷା ଦେଇଛନ୍ତି ବୋଲି ସୂଚନା ଦେଇଥିଲେ। ଅଭିଯୁକ୍ତ ପୁଞ୍ଜିଲାଲଙ୍କ ସମେତ ଏହି ଜେଲର ଅନ୍ୟ ୪ ଜଣ ଅନ୍ତେବାସୀ ମଧ୍ୟ ସ୍ନାତକ ଡିଗ୍ରୀ ପରୀକ୍ଷା ଦେଉଛନ୍ତି। ସେମାନେ ହେଲେ ଦିଲୀପ ଭୋଇ, ସୁରେଶ ମେହେର, ସୁମିତ ମଲ୍ଲିକ ଓ ଆସିକ୍ ରସୁଲ ଖାନ୍।

**ମାଲକାନଗିରି ଗସ୍ତରେ ଅଭିଜ୍ଞ ଡାକ୍ତରୀ ଟିମ୍**

ଭୁବନେଶ୍ୱର(ଅସମାପିକା ସାହୁ): ରାଜ୍ୟର ଉପାନ୍ତ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ବାୟୁସ୍ୱାସ୍ଥ୍ୟ ସେବା ଜାରି ରହିଛି। ମଙ୍ଗଳବାର ଅଭିଜ୍ଞ ଡାକ୍ତରୀ ଦଳ ମାଲକାନଗିରି ଜିଲା ଗସ୍ତ କରିଛନ୍ତି। ଜିଲାରେ ଆୟୋଜିତ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରରେ ଲୋକଙ୍କୁ ଜଟିଳ ରୋଗର ଉପଚାର ସୁବିଧାରେ ଯୋଗାଇ ଦିଆଯାଉଛି। ବିଭିନ୍ନ ବିଭାଗରୁ ୫ଜଣ ବଛା ବଛା ଡାକ୍ତର ମାଲକାନଗିରିକୁ ଯାଇଛନ୍ତି। ୩୧ ତାରିଖ ପର୍ଯ୍ୟନ୍ତ ଏହି ସେବା ଯୋଗାଇଦେବେ।

# ଚିତ୍ରଶିଳ୍ପୀ ଦୀନନାଥ ପାଠୀଙ୍କ ୭ମ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୨୯।୮(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ବିଶିଷ୍ଟ ଚିତ୍ରଶିଳ୍ପୀ ଡ. ଦୀନନାଥ ପାଠୀଙ୍କ ସପ୍ତମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ବିଭୂତି କାନୁନ୍‌ଗୋ ଚାରୁ ଓ ଚାରୁକଳା ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ବିଶାଳ ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଅଧ୍ୟାପକ ମଣ୍ଡଳୀ ମହାବିଦ୍ୟାଳୟ ପରିକ୍ରମା କରିଥିଲେ। ପରେ ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ, ମହାବିଦ୍ୟାଳୟର ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପାଢ଼ୀ, ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ଖଲ୍ଲିକୋଟ ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ, ଡ. ପାଠୀଙ୍କ ପୁତ୍ର ସୌଭାଗ୍ୟ ପାଠୀ, ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦାସ, ଜାତୀୟ ପୁରସ୍କାରପ୍ରାପ୍ତ କଳା ପ୍ରତିଭା ରାମହରି ଜେନା, ବିଜେଡି ସାଂସ୍କୃତିକ ସେଲ୍ ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ଆଶିଷ ଶରଣ, ପ୍ରଦୀପ ପାତ୍ରୋ, ଛତ୍ରପତି ବିଶ୍ୱାଳ, ମୀନକେତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ପାଠୀ ବିଭୂତି କାନୁନ୍‌ଗୋ ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ବହୁ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷାଦାନ ଓ ମାର୍ଗଦର୍ଶନ ପ୍ରଦାନ କରି ସୁପ୍ରତିଷ୍ଠିତ କରାଇପାରିଛନ୍ତି ବୋଲି ଅତିଥିମାନେ ମତ ଦେଇଥିଲେ। ସ୍ୱତନ୍ତ୍ର ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ବିରୋଧ ସତ୍ତ୍ୱେ ଉଚ୍ଛେଦ ହେଲା ତାରିଣୀ ମନ୍ଦିର

## ୪୦୦ ବର୍ଗଫୁଟର ସରକାରୀ ଜମି ଜବରଦଖଲମୁକ୍ତ

ଭୁବନେଶ୍ୱର, ୨୯।୮(ବ୍ୟୁରୋ)



ଖାରବେଳନଗରସ୍ଥିତ ଏକ ମନ୍ଦିରକୁ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି।

ସରକାରୀ କ୍ୱାର୍ଟର୍ସ ପରିସରରେ ଦୀର୍ଘଦିନ ଧରି ଗଢ଼ିଉଠିଥିବା ତାରିଣୀ ମନ୍ଦିରକୁ ମଙ୍ଗଳବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏନଫୋର୍ସମେଣ୍ଟ ଟିମ୍ ଉଚ୍ଛେଦ କରିଛି। ୟୁନିଟ-୩ ଖାରବେଳନଗରସ୍ଥିତ ଟାଇପ-୨ କ୍ୱାର୍ଟର ନମ୍ବର-୪/୧ରେ ଏହି ମନ୍ଦିର ନିର୍ମିତ ହୋଇଥିଲା। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗରେ ଚାକିରି କରିଥିବା ଜଣେ ସରକାରୀ କର୍ମଚାରୀ ବେଆଇନ ଭାବେ ଉକ୍ତ ଜମିକୁ ନିଜ ଅକ୍ତିଆରରେ ରଖି ମନ୍ଦିର ନିର୍ମାଣ କରିଥିଲେ। ସେହି ମନ୍ଦିରକୁ ଭାଙ୍ଗିବାକୁ ସାଧାରଣ ପ୍ରଶାସନ (ଜିଏ) ବିଡିଏକୁ ଚିଠି ଲେଖିଥିଲା। ବିଡିଏ ଏନଫୋର୍ସମେଣ୍ଟ ଟିମ୍ ମେ' ୧୦ରେ ଉକ୍ତ ମନ୍ଦିର ଉଚ୍ଛେଦ କରିବାକୁ ଯାଇଥିବାବେଳେ ସ୍ଥାନୀୟ ବିଧାୟକ ଓ କର୍ପୋରେଟର ଉଚ୍ଛେଦକୁ ବିରୋଧ କରିଥିଲେ। ଫଳରେ ଉଚ୍ଛେଦକୁ ସ୍ଥଗିତ ରଖାଯାଇଥିଲା। ତେବେ ମଙ୍ଗଳବାର ଉକ୍ତ ଜବରଦଖଲକୁ ବିଡିଏ ଏନଫୋର୍ସମେଣ୍ଟ ଟିମ୍ ମାଟିରେ ମିଶାଇଦେଇଛି।

ପ୍ରଥମଥର ବିଡିଏ ଟିମ୍ ଯାଇ ରାଜନୈତିକ ଆକ୍ରୋଶର ଶିକାର ହୋଇ ଉଚ୍ଛେଦ ନ କରି ଫେରିଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଣେ ଗରିବ ଲୋକର ଦୋକାନ ଭାଙ୍ଗିବାବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍ ପଛଘୁଞ୍ଚା ଦେଉ ନ ଥିବାବେଳେ ବେଆଇନ୍ ସରକାରୀ କ୍ୱାର୍ଟର୍ସ ନ ଭାଙ୍ଗି ଫେରିଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାପରେ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ମଙ୍ଗଳବାର ବିଡିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦ କରିଥିଲେ। ଆରମ୍ଭରୁ ଉଚ୍ଛେଦକାରୀ ଦଳକୁ ଜବରଦଖଲକାରୀ ପ୍ରବଳ ବିରୋଧ କରିଥିଲେ। ଏହାସତ୍ତ୍ୱେ ସରକାରୀ କ୍ୱାର୍ଟର୍ସ ଭିତରେ ଥିବା ୪୦୦ ବର୍ଗଫୁଟର ଜବରଦଖଲକୁ ଉଚ୍ଛେଦ କରିଥିଲା। ଉଚ୍ଛେଦରେ ବିଡିଏ ଏବଂ ବିଏମ୍‌ସିର ଗୋଟିଏ ଲେଖାଏ ଜେସିବି ବ୍ୟବହୃତ ହୋଇଥିବାବେଳେ ମନ୍ଦିରର ମୁଖଶାଳା ଓ ଏକ ଛାତଘର ଭଙ୍ଗାଯାଇଛି। ଉଚ୍ଛେଦ ସମୟରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଓଏସଡି ଦେବରାଜ ସେଠୀ, ଲିଆସନ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ବିଭାଗ ସହାୟକ ନିର୍ଦ୍ଦେଶକ ଅମିୟ କୁମାର ଦାଶ, ଜିଏ ବିଭାଗ ରେଣ୍ଟ ଷ୍ଟାଫ ଜାକସନ କିଷାନ, ଖାରବେଳ ନଗର ଏଏସଆଇ ରଶ୍ମିରଞ୍ଜନ ସାହୁ, ବିଡିଏ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନଂ. ୨୨, ୨୪ ଓ ୨୫ ସହ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ ସ୍କ୍ୱାଡ୍ ଉପସ୍ଥିତ ଥିଲେ। ଆଇନ୍ ଶୃଙ୍ଖଳା ପରିସ୍ଥିତି ପାଇଁ ଗୋଟିଏ ସେକ୍ସନ ଲେଖାଏ ପୁରୁଷ ଓ ମହିଳା ପୋଲିସ ଅଧିକାରୀ ନିୟୋଜିତ ହୋଇଥିଲେ।

# ୩୧ରୁ ଉତ୍କେଲାରୁ ଉଡ଼ିବ ବିମାନ, ସରିଲା ଟ୍ରାଏଲ ରନ୍

ଭୁବନେଶ୍ୱର, ୨୯।୮ (ଅସମାପିକା ସାହୁ)

କଳାହାଣ୍ଡି ଜିଲାର ଉତ୍କେଲା ଏବଂ ଭୁବନେଶ୍ୱର ମଧ୍ୟରେ ବିମାନ ଚଳାଚଳ ପାଇଁ ମଙ୍ଗଳବାର ଟ୍ରାଏଲ ରନ୍ ସଫଳ ହୋଇଛି। ଆସନ୍ତା ୩୧ ତାରିଖରୁ ଉତ୍କେଲା ବିମାନବନ୍ଦରରୁ ବିମାନ ସେବା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିବେ। ଇଣ୍ଡିଆୱାନ୍ ଏୟାର ଏହି ବିମାନ ସେବା ଯୋଗାଇବ। ୯ ସିଟ୍ ବିଶିଷ୍ଟ ଏହି ବିମାନରେ ଟିକେଟର ଦାମ୍ ୯୯୯ ଟଙ୍କା ରହିଛି। ଭୁବନେଶ୍ୱରରୁ ସକାଳ ୭ଟା ୧୫ରେ ବିମାନ ବାହାରି ୮ଟା ୨୫ରେ ଉତ୍କେଲାରେ ପହଞ୍ଚିବ। ସେଠାରୁ ପୁଣି ସକାଳ ୮ଟା ୫୦ରେ ବାହାରି ୧୦ଟାରେ ଭୁବନେଶ୍ୱରରେ ପହଞ୍ଚିବ। ଏହା ସପ୍ତାହର ୭ ଦିନ ଯାକ ବିମାନ ସେବା ଯୋଗାଇବ। ତେବେ ଯାତ୍ରୀଙ୍କ ବୁକିଂ ଉପରେ ଏହା ନିର୍ଭର କରୁଛି। ବିମାନ ଚଳାଚଳ ପାଇଁ ଅଗଷ୍ଟ ୭ରେ ଉତ୍କେଲା ବିମାନବନ୍ଦରକୁ ଡିଜିସିଏ ଅନୁମତି ପ୍ରଦାନ କରିଥିଲା।

# ମୃତ ଗୋରୁ ପୋତିବାକୁ ବିଏମ୍‌ସିର ଜାଗା ନାହିଁ

## କାଞ୍ଜିଆହୁଦାରେ ପୋତିବାକୁ ଲୋକଙ୍କ ବିରୋଧ

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ଭୁବନେଶ୍ୱରରେ ଏବେ ମୃତ ଗୋରୁଙ୍କୁ ପୋତିବା ବାଧ୍ୟତାମୂଳକ ହୋଇଛି। ତେବେ ଏଥିରେ ମୁଖ୍ୟ ସମସ୍ୟା ହେଉଛି ସହର ଭିତରେ ମୃତ ଗୋରୁଙ୍କୁ ପୋତିବାକୁ ସ୍ଥାନ ନାହିଁ। ଅପରପକ୍ଷେ ସହର ବାହାରେ ସେମାନଙ୍କୁ ପୋତିବାକୁ ସମ୍ପୃକ୍ତ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ଦିନକୁ ୫ରୁ ୭ ବୁଲା ଗୋରୁଙ୍କ ସହ ପାଳିତ ଗୋରୁଙ୍କର ମୃତ୍ୟୁ ଘଟୁଛି। ମାସକୁ ହାରାହାରି ଏହି ସଂଖ୍ୟା ୧୫୦ରୁ ୨୦୦ ଭିତରେ ରହୁଥିବାବେଳେ ଏତେ ସଂଖ୍ୟକ ଗୋରୁଙ୍କ ମୃତ ଶରୀର ପୋତିବାକୁ ସ୍ଥାନ ନ ଥିବା ବିଏମ୍‌ସି ସୂତ୍ରରୁ ସୂଚନା ମିଳିଛି। ଏନେଇ ବିଏମ୍‌ସି କର୍ପୋରେଶନ ବୈଠକରେ ଆଲୋଚନା ହେବାପରେ ଅନ୍ୟ ଉପାୟ ନ ଥିବାରୁ ଜାମୁକୋଲିସ୍ଥିତ କାଞ୍ଜିଆହୁଦାରେ ମୃତ ଗୋରୁଙ୍କୁ ପୋତିବାକୁ ବିଏମ୍‌ସି ବ୍ୟବସ୍ଥା କରିବ ବୋଲି ସ୍ଥିର ଥିଲା। ତେବେ ଏହାକୁ ଏବେ ବିରୋଧ କରାଯାଉଥିବା ବିଏମ୍‌ସି ଅଧିକାରୀ କହିଛନ୍ତି। ସହର ଭିତରେ ମୃତ ଗୋରୁଙ୍କ ପୋତିବାକୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ କି ଶ୍ମଶାନ ନ ଥିବାରୁ ଏହା ବିଏମ୍‌ସି ଲାଗି ବଡ଼ ସମସ୍ୟା ପାଲଟିଛି। ଏନେଇ ବିଏମ୍‌ସି ଅଧିକାରୀ କହିଛନ୍ତି, କାଞ୍ଜିଆହୁଦାରେ ମୃତ ଗୋରୁଙ୍କୁ ପୋତିବାକୁ ନେବା ବେଳେ ଅଞ୍ଚଳବାସୀ ପ୍ରବଳ ବିରୋଧ କରୁଛନ୍ତି। ଛକ ଛକରେ ଛିଡ଼ାହୋଇ ଗାଡ଼ି ଅଟକାଉଛନ୍ତି। ଯେଉଁ ଅଞ୍ଚଳରେ ଗୋରୁ ମରିଛି, ସେଇଠି ପୋତନ୍ତୁ ବୋଲି ଲୋକ ଜିଦ୍ କରୁଛନ୍ତି। ବିଭିନ୍ନ ସମୟରେ ବିଏମ୍‌ସି ଟିମ୍ ଏଭଳି ବିରୋଧର ସାମ୍ନା କରିବା ପରେ ଏବେ ସହର ବାହାରେ ଏକ ଶ୍ମଶାନ କରିବାକୁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିବା ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ଗୋରୁର ମୃତ୍ୟୁ ହେଲେ ସମ୍ପୃକ୍ତ ୱାର୍ଡର କର୍ପୋରେଟରଙ୍କ ସହଯୋଗରେ ଉକ୍ତ ୱାର୍ଡର କିଛି ସ୍ଥାନ ଖୋଜାଯାଇ ପୋତା ହେଉଥିଲା। ମାତ୍ର ଏବେ ସହର ଭିତରେ ଗୋରୁଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ କର୍ପୋରେଟରମାନେ ଏହି ଦାୟିତ୍ୱ ନେବାକୁ ଅମଙ୍ଗ ହେଉଛନ୍ତି। ଅନେକ ସମୟରେ ଗୋରୁଙ୍କ ମୃତଦେହ ନାଳ, ଆବର୍ଜନା ଗଦା ଆଦିରେ ପଡ଼ିରହୁଥିବା ଦେଖାଯାଉଛି। ଏହାଦ୍ୱାରା ପରିବେଶ ଦୂଷିତ ହେଉଛି। ତେଣୁ ବିଏମ୍‌ସି ଶୀଘ୍ର ଏହାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ

ଭୁବନେଶ୍ୱର,୨୯।୮

ଏଲଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ (ଏଲ୍‌ଭିପିଇଆଇ) ପକ୍ଷରୁ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ ହୋଇଯାଇଛି। ଏପରିକି ବର୍ଷ ସାରା ଏବଂ ବିଶେଷକରି ଚକ୍ଷୁଦାନ ପକ୍ଷରେ ଏଲ୍‌ଭିପିଇଆଇ ପକ୍ଷରୁ ଜନସାଧାରଣଙ୍କ ମଧ୍ୟରେ ଚକ୍ଷୁଦାନ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏ ସମ୍ପର୍କରେ ଏଲ୍‌ଭିପିଇଆଇ ଚକ୍ଷୁ ବ୍ୟାଙ୍କର ମେଡିକାଲ ଡାଇରେକ୍ଟର ଡା. ସୁଜାତା ଦାସ କହିଛନ୍ତି, ଚକ୍ଷୁଦାନ କରି ଆମେ ଦୁନିଆକୁ ଦେଖି ପାରୁ ନ ଥିବା ବ୍ୟକ୍ତିଙ୍କୁ ଦୃଷ୍ଟିଶକ୍ତି ଉପହାର ଦେଇପାରିବା ଏବଂ ମୃତ ବ୍ୟକ୍ତିଙ୍କ ସ୍ମୃତିକୁ ବଞ୍ଚାଇ ରଖିପାରିବା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚକ୍ଷୁଦାନ ପାଇଁ ଶପଥ ନେଉଥିବା ବ୍ୟକ୍ତି ନିଜ ପରିବାର ଲୋକଙ୍କୁ ସୂଚନା ଦେଇ ମୃତ୍ୟୁ ପରେ ଏହାକୁ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥାନ୍ତି। ବିଶେଷ କରି ଚକ୍ଷୁଦାନର ମହତ୍ତ୍ୱ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟିକରିବା ଏବଂ ମୃତ୍ୟୁ ପରେ ଚକ୍ଷୁଦାନ ପାଇଁ ଲୋକଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନ କରାଯାଉଛି।

# ରଶ୍ମିତାଙ୍କୁ ପରିଚୟ ଦେଇଛି ରାଖୀ

ବାଲିଅନ୍ତା,୨୯।୮ (ନୀଳମାଧବ ସାହୁ)



ରଶ୍ମିତା ରଣା

ନିଜର ଦୃଢ଼ ଇଚ୍ଛା ଶକ୍ତି ଯୋଗୁ ହାତ ତିଆରି ରାଖୀ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିବା ସହ ଏକ ନିଆରା ଉଦାହରଣ ସୃଷ୍ଟି କରିପାରିଛନ୍ତି ରଶ୍ମିତା ରଣା(୨୩)। ରାଜଧାନୀ ଉପକଣ୍ଠ ବାଲିପାଟଣା ଗ୍ରାମର ରଶ୍ମିତା ଗ୍ରାଜୁଏଶନ ଶେଷ କଲା ପରେ ସେ ଘରେ ବସିଥିଲେ। ପୂର୍ବରୁ ଜୁଏଲାରି ତିଆରି ଓ ୱାଲପେଣ୍ଟିଂରେ ସଉକ ଥିଲା। ଛୋଟବେଳୁ କିଛି ନୂଆ କରିବାର ଇଚ୍ଛା ମନରେ ଜାଗ୍ରତ ହୋଇଥିଲା। ସେହି ଆଗ୍ରହ ଓ ଇଚ୍ଛା ଶକ୍ତି ପାଇଁ ରାଖୀ ତିଆରି କରିବାକୁ ଚିନ୍ତା କରିଥିଲେ ରଶ୍ମିତା। ଗତ ବର୍ଷ ୩୦୦ ରାଖୀ ତିଆରି କରି ଗ୍ରାମର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରଶ୍ମିତାଙ୍କ ଏଭଳି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ। ଯାହା ତାଙ୍କ ପାଇଁ ଆଶୀର୍ବାଦ ସ୍ୱରୂପ ଥିଲା। ଆଗକୁ ବଢ଼ିବାର ସାହାସ ଜୁଟାଇଥିଲା। ଚଳିତ ବର୍ଷ ଆଉ କିଛି ନୂତନ ପ୍ରକାରର ରାଖୀ ତିଆରି ପାଇଁ ମନ ବଳାଇଥିଲେ। ସେଥିପାଇଁ ହାତ ତିଆରି ଫଟୋ ରାଖୀ ତିଆରି କରିଥିଲେ। ଏ ଦିଗରେ ଝିଅର ଆଗ୍ରହକୁ ସମର୍ଥନ ଜଣାଇଥିଲେ ତାଙ୍କ ମା'ବାପା। ତାଙ୍କଠାରୁ ୨୦ ହଜାର ନେଇ କଟକ ଚୌଧୁରୀ ବଜାରରୁ ରାଖୀ ପାଇଁ ଆବଶ୍ୟକ ସାମଗ୍ରୀ କିଣିଥିଲେ। ତା'ପରେ ୟୁଟ୍ୟୁବରୁ ରାଖୀ ତିଆରି ଶିଖି ସେହି ଅନୁସାରେ ଘରେ ରାଖୀ ପ୍ରସ୍ତୁତ କରିଥିଲେ। ଭଉଣୀ- ଭାଇଙ୍କ ଫଟୋ ଅବା ବିଭିନ୍ନ ଠାକୁରଙ୍କ ଫଟୋ ରାଖୀ ପ୍ରସ୍ତୁତ କରିଥିଲେ। ରାଖୀର ମୂଲ୍ୟ ୧୦୦ରୁ ୧୫୦ ଟଙ୍କା ଥିବା ସତ୍ତ୍ୱେ ଏହାର ଚାହିଦା ବେଶ ଥିଲା। ଏଥିସହ ଚଳିତ ବର୍ଷ ୧ ହଜାର ପିସ୍ ଷ୍ଟୋନ ରାଖୀ ପ୍ରସ୍ତୁତ କରିଥିଲେ। ଅନଲାଇନ୍‌ରେ ଫଟୋ ରାଖୀର ଚାହିଦା ଯୋଗୁ ସୁଦୂର ଚେନ୍ନାଇ, ବେଙ୍ଗାଲୁରୁ ସମେତ କଟକ, ଗୋପାଳପୁରରୁ ୩୦ ପିସ୍ ରାଖୀ ପୋଷ୍ଟାଲରେ ପଠାଇଥିଲେ। ଚଳିତବର୍ଷ ୧୫୦ଟି ଫଟୋ ରାଖୀ ତିଆରି କରିଥିଲେ। ନିଜ ଘରେ ଆଗରେ ଗୋଟେ ରାଖୀ ଦୋକାନଟିଏ ଖୋଲି ସେଥିରେ ସମସ୍ତ ରାଖି ବିକ୍ରି କରୁଛନ୍ତି। ତାଙ୍କ ହାତତିଆରି ରାଖୀ ଲୋକଙ୍କୁ ପସନ୍ଦ ଆସୁଥିବାରୁ ଖୁସି ଲାଗୁଥିବା କହିଥିଲେ। ଆଗକୁ ୱେବସାଇଟ୍‌ରେ ବ୍ୟବସାୟ ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି ରଶ୍ମିତା।


**ପୂର୍ବ ତଟ ରେଳପଥ**

**ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ବିଭିନ୍ନ ଷ୍ଟେସନଗୁଡ଼ିକ ଠାରେ ଖାଦ୍ୟ ସରବରାହ ଷ୍ଟଲ**

ସଂ.G.129/Catg.Stalls/E-auction/2023 ତା.21.08.2023ରିଖ

| କ୍ରମ ସଂ. | ଷ୍ଟେସନର ନାମ | ୟୁନିଟ୍ ର ସ୍ଥାନ | ଲଟ୍ ନମ୍ବର |
|---|---|---|---|
| 1 | କାଠଯୋଡ଼ି (ପି.ଏଚ୍) | ପ୍ଲାଟଫର୍ମ ନଂ.1 | Catg-KUR-KTJI-GMU-77-23-1 |
| 2 | ଗଙ୍ଗାଧରପୁର | ପ୍ଲାଟଫର୍ମ ନଂ.1 | Catg-KUR-GNGD-GMU-94-23-1 |
| 3 | ବେଗୁନିଆ | ପ୍ଲାଟଫର୍ମ ନଂ.1 | Catg-KUR-BYZA-GMU-101-23-1 |
| 4 | କାଳିଜାଇ (ପି.ଏଚ୍) | ପ୍ଲାଟଫର୍ମ ନଂ.1 | Catg-KUR-KLJI-97-23-1 |
| 5 | ଭୁବନେଶ୍ୱର ନ୍ୟୁ | ପ୍ଲାଟଫର୍ମ ନଂ.1(କଟକ ସୀମା) | Catg-KUR-BBSN-GMU-74-23-1 |
| 6 | ଯାଜପୁର କେନ୍ଦୁଝର ରୋଡ୍ | ପ୍ଲାଟଫର୍ମ ନଂ.1 ଭଦ୍ରକ ସୀମା, ଖମ୍ବ ନଂ.2&3 ମଧ୍ୟରେ | Catg-KUR-JJKR-SMU-131-23-1 |
| 7 | ଝାରସୁଗୁଡ଼ି | ପ୍ଲାଟଫର୍ମ ନଂ.1 | Catg-KUR-JPI-SMU-108-23-1 |
| 8 | ବ୍ରହ୍ମପୁର | ଖମ୍ବ ନଂ.3&4 ମଧ୍ୟରେ ପ୍ଲାଟଫର୍ମ ନଂ.2&3 ବିଶାଖାପାଟଣା ସୀମା ଆଡ଼କୁ | Catg-KUR-BAM-SMU-129-23-1 |
| 9 | ଖୋର୍ଦ୍ଧା ରୋଡ୍ | ଖମ୍ବ ନଂ.5&6 ମଧ୍ୟରେ ପ୍ଲାଟଫର୍ମ ନଂ.4&5 ପୁରୀ ସୀମା। | Catg-KUR-KUR-SMU-130-23-1 |
| 10 | ନୀଳକଣ୍ଠେଶ୍ୱର | ପ୍ଲାଟଫର୍ମ ନଂ.1 | Catg-KUR-NKW-SMU-118-23-1 |

ଷ୍ଟେସନର ବର୍ଗ : F(HG-2) (କ୍ରମ ସଂ.1 ଏବଂ 4 ପାଇଁ), E(NSG-6) (କ୍ରମ ସଂ.2, 5, 7 ଏବଂ 10 ପାଇଁ), A(NSG-3) (କ୍ରମ ସଂ.3, 6, 8 ଏବଂ 9 ପାଇଁ)। ୟୁନିଟର ପ୍ରକାର : ଖାଦ୍ୟ ସରବରାହ ଷ୍ଟଲ (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)। ଷ୍ଟଲର ବର୍ଗ (GMU/SMU) : ଜେନେରାଲ ମାଇନର ୟୁନିଟ୍ (କ୍ରମ ସଂ.1 ରୁ 5 ପର୍ଯ୍ୟନ୍ତ) ଏବଂ ସ୍ପେଶାଲ ମାଇନର ୟୁନିଟ୍ (କ୍ରମ ସଂ.6 ରୁ 10 ପର୍ଯ୍ୟନ୍ତ), ୟୁନିଟର ଆକାର : 8"X6" (ସମସ୍ତ କ୍ରମ ସଂଖ୍ୟା ନିମନ୍ତେ)। ବିସ୍ତୃତ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ। ନିଲାମ ତାରିଖ ଓ ସମୟ : ତା.05.09.2023ରିଖ (1100-1300 ଘଟିକା ପର୍ଯ୍ୟନ୍ତ)।

PR-505/O/23-24 — ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖୋର୍ଦ୍ଧା ରୋଡ୍



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**No.CAD-1872: TENDER CALL NOTICE**

Tender Notice No.4222/RE/OSIC Dt.28.08.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. "Execution of Retro Reflective Signage Gate (Aarch Type) size of 94 ft X 6 ft at the boarder of Barbil Municipality in Ward No. 13", "Supply and installation of Semi- integrated Solar Street light, Solar Dual Pump Water Supply System & LED Street light in existing pole projects under MLALAD fund 2023-24 of Chitrakonda A/C in the District of Malkangiri" and "Supply & Installation of LED Street Light & Solar All In One Integrated Light Projects MLA Chitrakonda A/C under MLALAD for the year 2023-24". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only

Sd/- GENERAL MANAGER(O)

OIPR-14073/11/0048/2324



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No.CAD-1888: **TENDER ALERT**

1)**E-Tender Call Notice No.08/23-24:** Tenders are Invited from eligible bidders through e-tender for Sl no 01 to 04 under Civil Works Circle, BBSR.
2)**Tender Call Notice No.05/2023-24:** Supply of 01 no DCDB including supply & fittings of all accessories in complete shape required at 220/132/33kV Grid S/S, Bhanjanagar under EHT (O&M) Division, Bhanjanagar.
3)**Tender Call Notice No.07/2023-24:** Supply of stainless steel retro reflective radium ACP Bay identification board with steel pipe stand for Grid S/S, Mendhasal under EHT (O&M) Division, Mendhasal.
4)**Tender Call Notice No.08/2023-24:** Construction of 8 nos. of multi Fire Extinguisher shed with both side stand for 400kV, 220kV, 132kV, 33kV switchyard for Grid S/S,Mendhasal under EHT(O&M) Division, Mendhasal.
5)**Tender Call Notice No.09/2023-24:** Construction of open stock yard for material stacking of 400kV Line Sub-Division, Mendhasal under EHT (O&M) Division, Mendhasal.
6)**Tender Call Notice No.04/2023-24:** Grass Cleaning & Anti-weed Treatment of Metal and Non-metal area of 220kV,132kV & 33kV S/Y area of 220/132/33kV Grid S/S Bhadrak and also Metal area of 132kV S/Y area & Non-Metal area inside Grid Premises of 132/33kV Grid S/S Agarpada under EHT(O&M) Division, Bhadrak.
7)**Tender Call Notice No.04/2023-24:** Construction of vehicle shed at 132/33kV Grid S/S, Chikiti under EHT(O&M) Division, Berhampur.
8)**Tender Call Notice No.RKL-09/2023-24:** Procurement and Supply of Enamel Paints at different GSS under EHT(O&M) Division, Rourkela.
9)**Tender Call Notice No.02/2023-24:** Supply, Installation & Commissioning of 07 Nos. of 2 Ton 3 Star Split Air Conditioner with 07 Nos. of 5KVA stabilizer for different sections under Telecom Division, Sambalpur.
10)**Tender Call Notice No.03/2023-24:** Painting of 62 Nos. Towers of 132kV Choudwar-Meramundali Circuit No. I from location No. 148 to location No. 210 under EHT(O&M) Division, Choudwar.
11)**Tender Call Notice No.09/CTC/23-24:** Supply of different types of Aluminium Clamps and Connectors for different Grid Substations under EHT(O&M) Division, Paradeep under EHT O&M Circle, Cuttack.
12)**Tender Call Notice No.09/BBS/23-24:** Dismentaling of old panels,removal of old cable along with repairing of old cable trench, supply of chequered plates and other related works at 132/33kV Grid S/S, Khurdha under EHT(O&M) Circle, Bhubaneswar.

For more details please visit OPTCL's website: www.optcl.co.in. OIPR-04011/11/0082/2324 FIPR-34/2023-24

/optcl.odisha /optcl_odisha



**DIRECTORATE OF HANDICRAFTS BHUBANESWAR, ODISHA**

No.PP-33:- Applications are invited from the retired field executives/ ministerial Officers for re-engagement of OSD on contractual basis against the vacant post of **Handicraft Promotion Officer/ Junior Assistant / Senior Assistant/ Junior Assistant** in Directorate of Handicrafts, Odisha and its field offices of the Assistant Director (Handicrafts) for a period of 01 (One) year or till the vacancies are filled up by regular process whichever is earlier.

1. The re-engagement will be as per terms and condition laid down in the Guidelines issued vide G.A. Department Resolution No. 23750 dated 27.08.2014.
2. The performance of the OSD/ Consultants will be reviewed periodically at an interval of six months.
3. The monthly consolidated remuneration of the OSDs will be fixed as per FDOM No. 24533 dated 29.09.2022.
4. Interested retired Government employees may apply in the given application format by Registered post/ Speed post which should reach to the Director of Handicrafts, Odisha, 1st Floor, HoD Building, Unit-V, Bhubaneswar-751001 on or before 31.08.2023.
5. The application form and details of re-engagement are available in Directorate of Handicrafts, Odisha website http://crafts.odisha.gov.in

OIPR-31042/11/0009/2324 Director



**MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ (ଇପିବିଏକ୍ସ): ୦୬୬୩-୨୫୪୨୪୬୧ରୁ ୪୬୯ ୱେବ୍‌ସାଇଟ୍: www.mahanadicoal.in

**ବିଜ୍ଞପ୍ତି**

**ବିଷୟ: ସିପିଆର୍‌ଏମ୍‌ଏସ୍‌ଇ-ଏନ୍‌ଇ (ସଂଶୋଧିତ)ର ସଦସ୍ୟତା ନିମନ୍ତେ ସୁଯୋଗର ସମୟସୀମା ବୃଦ୍ଧି**

କୋଲ୍ ଇଣ୍ଡିଆ ଲିଃ (ମୁଖ୍ୟାଳୟ), କୋଲକାତା ଠାରେ ତା୦୪।୦୮।୨୦୨୩ରିଖ ଦିନ ଅନୁଷ୍ଠିତ ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ) ଟ୍ରଷ୍ଟର ବୋର୍ଡ ଅଫ୍ ଟ୍ରଷ୍ଟିଙ୍କ ୪ର୍ଥ ବୈଠକରେ ହୋଇଥିବା ବିଚାରବିମର୍ଶ ପରେ ସ୍ୱାକ୍ଷରିତ ହୋଇଥିବା ସଂକଳ୍ପ ଅନୁଯାୟୀ, ସିଆଇଏଲ/ସହାୟକ କମ୍ପାନୀର ସମସ୍ତ ଯୋଗ୍ୟ ପୃଥକୀକୃତ ଅଣ-ଅଧିକାରୀ ପାହ୍ୟାର କର୍ମଚାରୀଙ୍କ ସମେତ "ସିଆଇଏଲ୍ ଏବଂ ଏସ୍‌ସିସିଏଲ୍ ପାଇଁ ୧୦ତମ ବେତନ ରାଜିନାମା" ଅବଧିରେ ପୃଥକୀକୃତ ହୋଇଥିବା ଏବଂ କୌଣସି କାରଣରୁ ଯୋଜନାର ସଦସ୍ୟ ହୋଇପାରି ନ ଥିବା ଅଣ-ଅଧିକାରୀ କର୍ମଚାରୀମାନଙ୍କ ନିମନ୍ତେ **ସିପିଆର୍‌ଏମ୍‌ଏସ୍-ଏନ୍‌ଇ (ସଂଶୋଧିତ)**ର ସଦସ୍ୟ ହେବାର ତାରିଖକୁ **ଶେଷ ସୁଯୋଗ ଭାବେ ତା୩୧।୧୨।୨୦୨୩ରିଖ** ପର୍ଯ୍ୟନ୍ତ ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି। ଆର୍ଥିକ ତିଥିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ମଧ୍ୟ ଗ୍ରହଣ କରାଯାଇଛି ଯେ ଉକ୍ତ ତାରିଖ ଆଉ ଅଧିକ ବୃଦ୍ଧି କରାଯିବ ନାହିଁ।
ସମସ୍ତ ଯୋଗ୍ୟ ସେବାନିବୃତ୍ତ ଅଣ-ଅଧିକାରୀ କର୍ମୀମାନେ ଏହି ସୁଯୋଗର ଲାଭ ନିଅନ୍ତୁ।

R-5165 ମହାପ୍ରବନ୍ଧକ (ପି ଆଣ୍ଡ ଆଇଆର୍)



**कार्यालय, जिला परिषद, राँची**

**शुद्धि-पत्र**

**PR No. 305527**

इस कार्यालय के द्वारा प्रकाशित अति अल्पकालीन ई–निविदा आमंत्रण सूचना टेन्डर रिफ्रेन्स नम्बर– DOPR/DE/Ranchi/14/2023-24 के ग्रुप संख्या 04 (खलारी प्रखण्ड के पंचायत लपरा ग्राम पतरा अन्तर्गत पर्यटन स्थल कुमार पत्रा नदी घाट से मुख्य पथ तक 3000 फीट पी0सी0सी0 पथ निर्माण) को अपरिहार्य कारणों से अगले आदेश तक के लिए स्थगित किया जाता है। निविदा की शेष शर्ते यथावत रहेगी।

जिला अभियंता
PR 305764 Panchayati Raj (23-24)_D जिला परिषद रॉंची



**कार्यपालक अभियन्ता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग**

**मुख्यमंत्री ग्राम सड़क योजना अन्तर्गत**
**ई–निविदा आमंत्रण सूचना**

ई–निविदा सं0 :– 03/2023-24/RWD/EE/HAZARIBAG दिनांक :– 28.08.2023
कार्य की विवरणी :–

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) अंक में | अक्षर में | कार्य समाप्ति की अवधि |
|---|---|---|---|---|---|
| 1 | RWD/HAZ/MM GSY/09/2023-24 | बड़कागॉव प्रखण्ड के ग्राम लकुरा में भगवानबागी से लकुरा गॉव होते हुए बचवरिया तक पथ निर्माण कार्य (लं0–2.700 कि0मी0) | 3,27,33,200/- | तीन करोड़ सताईस लाख तेतीस हजार दो सौ मात्र | 9 (नौ) माह |
| 2 | RWD/HAZ/MM GSY/10/2023-24 | बड़कागॉव प्रखण्ड के ग्राम चन्दौल में उत्क्रमित मध्य विद्यालय से मुरकटी मुख्य पथ तक पथ निर्माण कार्य (लं0–2.200 कि0मी0) | 2,65,81,800/- | दो करोड़ पैसठ लाख एकासी हजार आठ सौ मात्र | 9 (नौ) माह |
| 3 | RWD/HAZ/MM GSY/11/2023-24 | कटकमसांडी प्रखण्ड के पंचायत+ग्राम ढ़ोठवा में भोला रविदास के घर से मुख्य पथ ढ़ोठवा नरेष शर्मा के दुकान तक पथ निर्माण कार्य (लं0–1.170 कि0मी0) | 92,87,800/- | बेरान्वे लाख सतासी हजार आठ सौ मात्र | 9 (नौ) माह |

2. वेबसाईट में निविदा प्रकाशन की तिथि :– 02.09.2023 ।
3. ई–निविदा प्राप्ति की अंतिम तिथि एवं समय :–11.09.2023 अपराह्न 5.00 बजे तक ।
4. (क) जिला नियंत्रण कक्ष, रॉंची (ख) मुख्य अभियंता का कार्यालय, ग्रामीण कार्य विभाग, झारखण्ड, रॉंची (ग) जिला नियंत्रण कक्ष, हजारीबाग में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय–12.09.2023 अपराह्न 3.30 बजे तक ।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग, इन्द्रपुरी चौक, हजारीबाग के नजदीक, हजारीबाग, झारखण्ड, पिन–825301 को भेजा जा सकता है। यह निविदाकार की जिम्मेवारी होगी कि स्पीड पोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (12.09.2023 अपराह्न 3.30 बजे तक) से पूर्व प्राप्त हो जाय । अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा ।
6. निविदा खोलने की, तिथि, समय एवं स्थान–13.09.2023 पूर्वाह्न 3.30 बजे, कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, हजारीबाग ।
7. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
7. ई–निविदा प्रकोष्ठ का दूरभाष सं0–06546–265286 ।
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/अन्य राष्ट्रीयकृत बैंक/अनुसूचित बैंक द्वारा निविदाकार के नाम/अकाउंट से ही निर्गत बैंक ड्राफ्ट के रुप में कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग के पक्ष में एवं हजारीबाग में भुगतेय होगा जो लौटाया नहीं जायेगा ।
9. यदि किसी कारणवश उपरोक्त अंकित तिथियों में अवकाश घोषित होता है तो अगले कार्यदिवस में अंकित कंडिकाओं का कार्य किया जायेगा एवं सभी शर्ते पूर्ववत रहेगी ।
10. परिमाण विपत्र की राशि घट या बढ़ सकती है।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग

PR 305825 Rural Work Department(23-24)#D



**WELFARE SCHEMES FOR EX-SERVICEMEN/WIDOWS**

Welfare schemes sponsored out of the Amalgamated Fund, Rajya Sainik Board, Odisha for Ex-Servicemen, Widows and their dependent children belonging to State of Odisha:-

- Merit Scholarships for children of ESM/Widows (PBOR only). **Courses eligible** - +2 level, Diploma, Degree level professional courses, MCA & MBA. **Rate of Scholarship:** For 10+2 and Diploma level courses @ Rs 12,000/- per year and @ Rs 18,000/-per year for Degree level courses, MCA/ MBA.
- Education Grant to handicapped children of ESM/Widows (minimum disability 40%) starting from Class-I to PG level courses @ Rs 12,000/- per year irrespective of class.
- Financial assistance @ Rs 3,000/-pm for life to totally Blind/ Paraplegic ESM (PBOR only). Spouse and children of ESM suffering with similar disabilities are also eligible.
- Financial assistance @ Rs 3,000/-pm to spouse of deceased ESM for maintenance of mentally retarded children for life.
- Financial assistance @ Rs 2,000/-pm for life to non-pensioner ESM (PBOR only) who are above 60 years of age and for Widows no age restriction.
- Financial assistance @ Rs 3,000/-pm to the orphan children of ESM till they start getting pension in their bank account.
- Financial assistance @ Rs 1.00 lakh for daughter's marriage of Widows of JCOs for maximum two daughters only.
- One time grant of Rs 50,000/- to wards of ESM/Widows for getting commission in Army, Navy and Air Force.
- Financial assistance @ Rs 20,000/- per case for repair of house damaged in fire and other natural calamities (PBOR only).

To avail the benefits, eligible Ex-servicemen/Widows to contact/visit concerned Zilla Sainik Board.

**Sd./- Secretary**
**Rajya Sainik Board, Odisha**

# ଗହ୍ମାପୂର୍ଣ୍ଣିମା ଓ ଶ୍ରୀବଳରାମ



ରାଖୀ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ଆମ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ସାରା ଦେଶରେ ଏହିଦିନ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଥାଏ। ରାଖୀ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ସାକ୍ଷୀ। ଶ୍ରାବଣ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ ରକ୍ଷାବନ୍ଧନ ଉତ୍ସବ। ଶ୍ରାବଣ ପୂର୍ଣ୍ଣିମା ଦିନଟିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଭ୍ରାତା ବଳରାମଙ୍କ ଜନ୍ମଦିନ ରୂପରେ ପାଳନ କରାଯାଇଥାଏ। ଗହ୍ମାପୂର୍ଣ୍ଣିମାରେ ଗୋରୁ ଏବଂ ଗୃହପାଳିତ ପ୍ରାଣୀଙ୍କୁ ପୂଜା କରାଯିବାର ପରମ୍ପରା ଆମ ରାଜ୍ୟରେ ରହିଛି। ଶ୍ରୀମନ୍ଦିରରେ ଶ୍ରାବଣ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଥିବା ଝୁଲଣଯାତ୍ରା ଗହ୍ମା ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ।

ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ବଳରାମ ପିଲାଦିନେ ଗୋପାଳକ ଭାବେ ଜୀବନ ଅତିବାହିତ କରିଥିଲେ। ଆଉ ଯଦୁବଂଶର ଦାୟାଦ ହୋଇଥିଲେ ବି ନନ୍ଦ ରାଜାଙ୍କ ଘରେ ଜନ୍ମ ହୋଇଥିବାରୁ ଦୁଇଟି ପରିବାରର ଅଂଶ ଥିଲେ ବଳରାମ। ଜଣେ ମାତାଙ୍କ ଗର୍ଭରେ ରହିବା ପରେ ଅନ୍ୟ ଜଣେ ମାତାଙ୍କ ଗର୍ଭ ଦେଇ ସଂସାରକୁ ଆସିଥିବାରୁ ସେ ଶଙ୍କର୍ଷଣ ନାମରେ ପରିଚିତ ହୋଇଥିଲେ। ତେବେ ତାଙ୍କର ପିଲାଦିନର ନାମ ଥିଲା ରାମ। ମହାଶକ୍ତିଶାଳୀ ହୋଇଥିବାରୁ ତାଙ୍କ ନାମ ପୂର୍ବରୁ ବଳ ଯୋଡ଼ାଯାଇଥିଲା। ଫଳରେ ସେ ବଳରାମ ନାମରେ ପରିଚିତ ହେଲେ। ନନ୍ଦ ରାଜାଙ୍କ ଆମନ୍ତ୍ରଣ କ୍ରମେ ମୁନି ଗର୍ଗ ନନ୍ଦଗ୍ରାମକୁ ଆସି ଶ୍ରୀକୃଷ୍ଣ ତଥା ବଳରାମଙ୍କ ନାମକରଣ କରିଥିଲେ।

ଶ୍ରୀକୃଷ୍ଣଙ୍କ ବର୍ଣ୍ଣ କୃଷ୍ଣ ବା କଳା ରଙ୍ଗର ହୋଇଥିବା ବେଳେ ବଳଭଦ୍ର ଥିଲେ ଗୌରବର୍ଣ୍ଣ। ସେଥିପାଇଁ ସର୍ବତ୍ର ବଳରାମଙ୍କ ଗୌରବର୍ଣ୍ଣର ମୂର୍ତ୍ତି ପୂଜା କରାଯାଉଥିବା ଦେଖିବାକୁ ମିଳିଥାଏ। ବଳରାମ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ। ସେ ହାତରେ ହଳ ଏବଂ ଗଦା ଧାରଣ କରୁଥିଲେ। ତାଙ୍କ ହଳ ଲଙ୍ଗଳର ନାମ ଥିଲା ବାଲଚିତ୍ର।

ବଳଭଦ୍ରଙ୍କୁ ସମର୍ପିତ ଅନେକ ମନ୍ଦିର ମଧ୍ୟରୁ ପ୍ରସିଦ୍ଧ ହେଉଛି ତୁଳସୀକ୍ଷେତ୍ର ବା ଆଧୁନିକ କେନ୍ଦ୍ରାପଡ଼ାରେ ଥିବା ଶ୍ରୀବଳଦେବଜୀଉ ମନ୍ଦିର। ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରରେ ଶ୍ରୀବଳଦେବଜୀଉଙ୍କ ସହିତ ଜଗନ୍ନାଥ, ଦେବୀ ସୁଭଦ୍ରାଙ୍କୁ ମଧ୍ୟ ପୂଜା କରାଯାଇଥାଏ। ଏହି ମନ୍ଦିରରେ ବଳଭଦ୍ରଙ୍କୁ ବଡ଼ ଠାକୁର ଭାବେ ପୂଜା କରାଯାଉଥିବାରୁ ଏହାର ଲୋକପ୍ରିୟତା ଅଧିକ। ବଳଦେବଜୀଉ ମନ୍ଦିରରେ ପୁରୀ ଶ୍ରୀମନ୍ଦିର ଭଳି ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଆଷାଢ଼ ମାସରେ ଶ୍ରୀବଳଦେବ ବ୍ରହ୍ମତାଳଧ୍ୱଜ ରଥରେ ବିରାଜମାନ କରିବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ବର୍ଷତମାମ ଏଠାରେ ଶ୍ରୀବଳଦେବଙ୍କ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥାଏ। ଏଠାରେ ଦେବୀ ତୁଳସୀଙ୍କୁ ମଧ୍ୟ ପୂଜା କରାଯାଇଥାଏ।

ଶ୍ରୀବଳଦେବଜୀଉ ମନ୍ଦିର ବ୍ୟତୀତ ରାଜଧାନୀ ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବ ମନ୍ଦିର, ପୁରୀ ଶ୍ରୀକ୍ଷେତ୍ରରେ ମଧ୍ୟ ଶ୍ରୀବଳଭଦ୍ରଙ୍କୁ ପୂଜା କରାଯାଇଥାଏ। ଓଡ଼ିଶାର ଅନ୍ୟ ଅଞ୍ଚଳରେ ମଧ୍ୟ ବଳଭଦ୍ରଙ୍କୁ ସମର୍ପିତ ମନ୍ଦିର ଦେଖିବାକୁ ମିଳିଥାଏ।

-ଡ.ଅରୁନ୍ଧତୀ ଦେବୀ
ମୋ : ୯୯୩୭୧୭୨୮୧୦

# ଡୋରିରେ ବନ୍ଧା ସମ୍ପର୍କ

**'ରାଖୀ' ଭଉଣୀ-ଭାଇ ସମ୍ପର୍କର ଏକ ନିଆରା ନିଦର୍ଶନ। ଭାଇ ହାତରେ ଭଉଣୀ ସ୍ନେହ ମମତାର ରାଖୀ ବାନ୍ଧୁ ଥିବାବେଳେ ଭାଇ ମଧ୍ୟ ଭଉଣୀ ପ୍ରତି ଥିବା କର୍ତ୍ତବ୍ୟ, ସ୍ନେହ ଓ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାଏ। ଏହି ସୂତାର ଖିଅରେ ଭରି ରହିଥାଏ ପରସ୍ପର ପାଇଁ ଭଲ ପାଇବା ଏବଂ ସ୍ନେହ ସଦିଚ୍ଛା। ଉଭୟଙ୍କ ମଧ୍ୟରେ ଯେତେ ମାନ ଅଭିମାନ ରହିଥିଲେ ସୁଦ୍ଧା ଏହି ଦିନ ସବୁ କିଛି ଭୁଲି ଭାଇ ପାଖକୁ ଭଉଣୀ ଚାଲିଆସେ ରାଖୀ ବାନ୍ଧିବାକୁ। ଏପରି କି ଦୂରରେ ରହୁଥିବା ଭାଇ ପାଖକୁ ରାଖୀ ପଠାଇ ଭଉଣୀ ସମ୍ପର୍କର ଡୋରକୁ ଆହୁରି ମଜଭୁତ କରିଥାଏ ...**

## ମୁଁ ହେଲି ତା'ର ସେକେଣ୍ଡ ମଦର



ମୋ ଭାଇ ସାନ। ଆଉ ମୁଁ ହେଲି ତା'ର ସେକେଣ୍ଡ ମଦର। ତେଣୁ ରାଖୀ ବାନ୍ଧି ମୁଁ କିଛି ଡିମାଣ୍ଡ କରିପାରେନି। ଏଥର ରାଖୀ ବାନ୍ଧିବାକୁ ନେଇ ବିଭିନ୍ନ ଦ୍ୱନ୍ଦ୍ୱ ରହିଛି। ଘରେ ମା' କହିଛନ୍ତି ବୁଧବାର ରାଖୀ ବାନ୍ଧି ହେବନି। ତେଣୁ ମୁଁ ଗୁରୁବାର ସକାଳ ୭ଟା ପୂର୍ବରୁ ଭାଇ ହାତରେ ରାଖୀ ବାନ୍ଧି ଦେବି। ଭଉଣୀ-ଭାଇର ସମ୍ପର୍କ ସବୁବେଳେ ନିଆରା। ଏଥିପାଇଁ କୌଣସି ଦିନକୁ ମୁଁ ବିଶ୍ୱାସ କରେନି। କିନ୍ତୁ ଏହି ପର୍ବରେ ନୂଆ ଡ୍ରେସ୍, ପିଠାପଣା, ଘରେ ଯେଉଁ ମାହୋଲ ସୃଷ୍ଟି ହୁଏ, ତାହା ବହୁତ ଭଲ ଲାଗେ।

-ପ୍ରିୟଙ୍କା ମହାପାତ୍ର, ଅଭିନେତ୍ରୀ

## ସେ ଆସିଲେ ଘରର ମାହୋଲ ବଦଳିଯାଏ



ବାପା, ମା'ଙ୍କ ପରେ ଯଦି କେଉଁ ସମ୍ପର୍କକୁ ଗୁରୁତ୍ୱ ଦିଆଯାଏ ତାହା ହେଲା ଭଉଣୀ, ଭାଇର ସମ୍ପର୍କ। ଏହି ସମ୍ପର୍କକୁ ସବୁବେଳେ ସମ୍ମାନ ଦେବା ଆବଶ୍ୟକ। ବୁଧବାର ରାଖୀ ବନ୍ଧା ହେବନି, ମୋ ଭଉଣୀ ଗୁରବାର ଆସି ପହଞ୍ଚିବ, ମୋ ହାତରେ ରାଖୀ ବାନ୍ଧିବାକୁ। ସେ ଆସିଲେ ଘରର ମାହୋଲ ବଦଳିଯାଏ। ସମସ୍ତେ ଖୁବ୍ ମଜାମସ୍ତି କରୁ। ତା'ର ପିଲାଙ୍କ ସହ ସମୟ କାଟିବାକୁ ବି ଭଲ ଲାଗେ। ରାଖୀ ପାଉଣା ସେ ତ ସେମିତି କିଛି ମାଗେନି, ମୁଁ ମୋ ହିସାବରେ କିଛି ଦେଇଦିଏ।

-ପାର୍ଥ ସାରଥି ରାୟ, ଅଭିନେତା

## ଏବେ ମୋ ଭଉଣୀ ରାଖୀ ବାନ୍ଧିବାକୁ ଆସିପାରୁନାହିଁ



ମୋ ଭଉଣୀ ମୋ ହାତରେ ରାଖୀ ବାନ୍ଧିବ, ଏଇ ଦିନଟାକୁ ମୁଁ ଯେମିତି ଅନେଇ ବସିଥାଏ। ଛୋଟ ଥିଲୁ ଘରେ ରହିଲା ବେଳେ ଖୁବ୍ ଜମୁଥିଲା। ସେଦିନ ପାଠପଢ଼ା ବନ୍ଦ। ନୂଆ ଡ୍ରେସ୍ ପିନ୍ଧି, ବଢ଼ିଆ ବଢ଼ିଆ ଖାଇବା ଖାଇ ଆମେ ଦିନଟାକୁ ଖୁବ୍ ଉପଭୋଗ କରୁଥିଲୁ। କିନ୍ତୁ ସମୟ ସହ ସେ ଦିନଗୁଡ଼ାକ ଯେମିତି କୁଆଡ଼େ ପଳାଇଲା। ଦୂରରେ ଥିବାରୁ ଏବେ ମୋ ଭଉଣୀ ରାଖୀ ବାନ୍ଧିବାକୁ ଆସିପାରୁ ନାହିଁ। ପୋଷ୍ଟାଲରେ ପଠାଇ ଦେଉଛି। ମୁଁ ତାକୁ ବହୁତ ମିସ୍ କରେ। ଏଥର ବି କରିବି। ସବୁଥର ରାଖୀରେ ସେ ମୋ ପାଖକୁ ଆସି ପହଞ୍ଚିଲେ ଭଲ ଲାଗନ୍ତା। କିନ୍ତୁ କ'ଣ କରିବା, କାମ ପାଇଁ ମୁଁ ବି ମନକୁ ବୁଝେଇଦିଏ। କିନ୍ତୁ ମୋ ଭଉଣୀକୁ ମୁଁ ବହୁତ ମନେପକାଏ।

-ଚନ୍ଦନ ପତି, ଛାତ୍ର

## ଭାଇକୁ ଚିଡ଼ାଇବାକୁ ଏହିଦିନ ବେଷ୍ଟ



ମୋ ଭାଇକୁ ଚିଡ଼ାଇବାକୁ ରାଖୀ ପୂର୍ଣ୍ଣିମା ଠୁ ଭଲ ଦିନ କିଛି ନାହିଁ। ମୋ ଭାଇ କଞ୍ଜୁସ୍ ମୋତେ କିଛି ଦେଉନି, ଆଉ ସମସ୍ତଙ୍କ ଭାଇଙ୍କୁ ଦେଖ୍ ଭଉଣୀମାନଙ୍କୁ କେତେ କ'ଣ ଦେଉଛନ୍ତି। ମୁଁ ଏମିତି କହି ଭାଇକୁ ବେଳେବେଳେ ଚିଡ଼ାଏ। ହେଲେ ସେ ଛୋଟ ଚକ୍‌ଲେଟ୍ ଦେଲେ ବି ସେଥିରେ ମୋର କାହିଁରେ କେତେ ଖୁସି। ସେ ଏବେ ଚାକିରି କରିନି କେଉଁଠୁ ବା ଆଣିବ। ସେଥିପାଇଁ ମୁଁ ବି ବେଶୀ କିଛି ମାଗେନି। ସେ କିନ୍ତୁ ମୋତେ ବହୁତ ଭଲ ପାଏ। ଆମେ ବହୁତ ଝଗଡ଼ା ଲାଗୁ, ମୁଁ ତାକୁ ସବୁବେଳେ ଗାଳି ଶୁଣାଏ କିନ୍ତୁ ସେ କେବେ ହେଲେ ମୋ ଉପରେ ରାଗେନି କି ଚିଡ୍‌ଚିଡ୍ ହୁଏନି। ଭଗବାନ୍ ମୋ ଭାଇକୁ ସବୁବେଳେ ଭଲରେ ରଖନ୍ତୁ।

-ପାୟଲ ଭଞ୍ଜ,ଛାତ୍ରୀ

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

# ସେବାୟତଙ୍କ ମତରେ ୩୧, ପଞ୍ଜିକାରଙ୍କ ୩୦

**ରକ୍ଷାବନ୍ଧନକୁ ନେଇ ଦ୍ୱନ୍ଦ୍ୱ**

ପୁରୀ ୨୯।୮ (ଅଜିତ୍ ମହାନ୍ତି)

ଭଉଣୀ ଭାଇର ପବିତ୍ର ସମ୍ପର୍କର ପର୍ବ ହେଉଛି ରକ୍ଷାବନ୍ଧନ। ରାଖୀ ପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୁଭ ମନାସି ଥାଏ। ପ୍ରତିବଦଳରେ ଭାଇ ତା'ର ଭଉଣୀକୁ ଜନ୍ମ ଜନ୍ମ ପାଇଁ ସୁରକ୍ଷା ଦେବାର ସଂକଳ୍ପ ନେଇଥାଏ। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ତେବେ ଚଳିତ ବର୍ଷ ୩୦ ଏବଂ ୩୧ ତାରିଖରେ ରାଖୀ ବନ୍ଧନ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ବିଭିନ୍ନ ପଞ୍ଜିକା ହିସାବରେ ୩୦ତାରିଖକୁ ରାଖୀ ପୂର୍ଣ୍ଣିମା ପାଳନ କରିବାକୁ କହୁଥିବାବେଳେ ଶ୍ରୀମନ୍ଦିର ସେବାୟସ ଓ ସେବକ ସଂଘ ପକ୍ଷରୁ ୩୧ ତାରିଖରେ ରକ୍ଷାବନ୍ଧନ ପାଳନ କରିବାକୁ କହିଛନ୍ତି। ଏ ନେଇ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ସୂର୍ଯ୍ୟ ନାରାୟଣ ରଥ ଶର୍ମା କହିଛନ୍ତି, ଆମ ସମସ୍ତଙ୍କ ମୂଳ କେନ୍ଦ୍ରବିନ୍ଦୁ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ, ରକ୍ଷାବନ୍ଧନ ୩୧ ତାରିଖରେ ଅନୁଷ୍ଠିତ ହେବ କାରଣ ଉକ୍ତ ଦିନ ଶ୍ରାବଣ ପୂର୍ଣ୍ଣିମା। ତେଣୁ ଉକ୍ତ ଦିନ ପ୍ରତ୍ୟେକ ବ୍ୟକ୍ତି ରାଖୀ ପୂର୍ଣ୍ଣିମା କରିବା ଉଚିତ। ତେବେ ୩୧ ତାରିଖକୁ କିଛି ସମୟ ପାଇଁ ପୂର୍ଣ୍ଣିମା ରହୁଥିବାରୁ ଅନେକ ପଞ୍ଜିକାର ମାନେ ୩୦ ତାରିଖରେ ରାକ୍ଷାବନ୍ଧନ ପାଇଁ ପାଞ୍ଜିରେ ଉଲ୍ଲେଖ କରିଛନ୍ତି। କିନ୍ତୁ ୩୧ ତାରିଖରେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ସହ ବଳଭଦ୍ର ଜନ୍ମ ନୀତି ପାଳନ ହେଉଥିବାରୁ ୩୧ ତାରିଖ ଦିନ ରକ୍ଷାବନ୍ଧନ ପାଳନ କରିବା ଉଚିତ ବୋଲି ରଥଶର୍ମା କହିଛନ୍ତି। ସେହିପରି କେତେଜଣ ପଞ୍ଜିକାର କହିଛନ୍ତି, ଚଳିତବର୍ଷ ୩୦ ତାରିଖ ପୂର୍ବାହ୍ନ ୧୦ଟା ୪୦ ମିନିଟ୍ ଠାରୁ ପୂର୍ଣ୍ଣିମା ଆରମ୍ଭ ହୋଇ ୩୧ ତାରିଖ ସକାଳ ୭ ଟା ୧୩ ପର୍ଯ୍ୟନ୍ତ ପୂର୍ଣ୍ଣିମା ତିଥି ରହୁଛି। ତେଣୁ ୩୦ ତାରିଖ ଦିନ ବଳଭଦ୍ର ଜନ୍ମନୀତି ପାଳନ କରାଯିବ। କେନ୍ଦ୍ରାପଡା ବଳଭଦ୍ର ଜୀଉ ମନ୍ଦିରରେ ମଧ୍ୟ ୩୦ ତାରିଖରେ ବଳଭଦ୍ର ଜନ୍ମ ପାଳନ କରାଯିବ। ତେବେ ଅଧିକାଂଶ ପଞ୍ଜିକା ଅନୁଧ୍ୟାନ କରିବା ପରେ ୩୦ ତାରିଖରେ ପୂର୍ଣ୍ଣିମା ସହ ବଳଭଦ୍ର ଜନ୍ମ ହେଉଥିବାରୁ ଉକ୍ତ ଦିନ ରକ୍ଷା ବନ୍ଧନ ହେବା ଉଚିତ ବୋଲି କହିଛନ୍ତି।




ରକ୍ଷାବନ୍ଧନ ଉପଲକ୍ଷେ ପୁରୀ ବେଳାଭୂମିରେ ମଙ୍ଗଳବାର ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

## ଖେଳ

# ବାଂଲାଦେଶକୁ ୧୫-୧ରେ ହରାଇଲା ଭାରତ



ଭାରତ ଓ ବାଂଲାଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ସାଲାଲା (ଓମାନ), ୨୯।୮ (ପି.ଟି.)

ଏସିଆନ ୫ଏସ୍ ପୁରୁଷ ହକି ବିଶ୍ୱକପ୍ କ୍ୱାଲିଫାୟରରେ ଭାରତ ମଙ୍ଗଳବାର ୧୫-୧ ଗୋଲ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ଏକତରଫା ମ୍ୟାଚରେ ଭାରତ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ପକ୍ଷରୁ ମନିନ୍ଦର ସିଂ ସର୍ବାଧିକ ୪ ଗୋଲ ସ୍କୋର କରିଥିବାବେଳେ ମହମ୍ମଦ ରାହିଲ ୩ ଏବଂ ସୁଖବିନ୍ଦର, ଗୁରଜୋତ ସିଂ ଓ ପୱନ ରାଜଭାର ଦୁଇଟି ଲେଖାଏଁ ଗୋଲ ଦେଇଥିଲେ। ମନଦୀପ ମୋର୍ ଏବଂ ଦୀପ୍‌ସାନ ତିର୍କୀ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଅନ୍ୟପକ୍ଷରେ ବାଂଲାଦେଶ ପକ୍ଷରୁ ସାଓନ ସରୋବର (୨ୟ ମିନିଟ)ଏକମାତ୍ର ଗୋଲ୍ ଦେଇଥିଲେ। ଭାରତ ବୁଧବାର ପ୍ରଥମେ ଓମାନ ଏବଂ ପରେ ପାକିସ୍ତାନକୁ ଭେଟିବ।

# ପଏଣ୍ଟ ବାଣ୍ଟିଲେ ଲିଙ୍ଗରାଜ, ଏମ୍‌ଏସ ଇଲେଭେନ୍

**ଭୁବନେଶ୍ୱର, ୨୯।୮ (ସରୋଜ ଜେନା):** ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡିଆରେ ଭୁବନେଶ୍ୱର ଆଥଲେଟିକ୍ସ ଆସୋସିଏଶନ(ବା) ଆନୁକୂଲ୍ୟରେ ଅନୁଷ୍ଠିତ ଗତିକୃଷ୍ଣ ମେମୋରିଆଲ ବି ଡିଭିଜନ୍ ଫୁଟବଲ ଲିଗ୍ ମ୍ୟାଚରେ ପଏଣ୍ଟ ବାଣ୍ଟିଛି ଲିଙ୍ଗରାଗ ଫୁଟବଲ କ୍ଲବ ଓ ଏମ୍ ଏସ୍ ଇଲେଭେନ୍। ଗ୍ରୁପ୍ ସିର ଏହି ମ୍ୟାଚ୍‌ଟି ୦-୦ରେ ଅମୀମାଂସିତ ରହିଥିଲା। ଏମ୍ ଏସ୍ ଇଲେଭେନ୍ ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଗୋଲ ଦେବାରେ ସମର୍ଥ ହୋଇ ନ ଥିଲା। ଏମ୍ ଏସ୍ ଇଲେଭେନ୍ ଦଳର ନିମେଇ ହେମ୍ବ୍ରମଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ବାର କାର୍ଯ୍ୟକାରୀ ସମିତି ସଦସ୍ୟ ନିକୁଞ୍ଜ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ୧୯ବର୍ଷରୁ କମ୍ ମହିଳା ସମ୍ଭାବ୍ୟ ଦଳ ଘୋଷିତ

କଟକ,୨୯।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ମଙ୍ଗଳବାର ୧୯ ବର୍ଷରୁ କମ୍ ସମ୍ଭାବ୍ୟ ମହିଳା ଦଳ ଘୋଷଣା କରାଯାଇଛି। ଓସିଏ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ମହିଳା ଦଳ ଚୟନ କମିଟି ଅଧକ୍ଷା ରଶ୍ମିତା ମହାନ୍ତି ଏବଂ କୋଚ ସ୍ୱାଗତିକା ରଥ ଉପସ୍ଥିତ ରହି ଏହି ଘୋଷଣା କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ସିଜନ ଅନୁସାରେ ଓସିଏ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଛି । ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟରୁ ମନୋନୀତ ୪୨ଜଣ ଖେଳାଳିଙ୍କ ମଧ୍ୟରୁ ସମ୍ଭାବ୍ୟ ତାଲିକାରେ ୨୦ଜଣ ସ୍ଥାନ ପାଇଛନ୍ତି। ସେପ୍ଟେମ୍ବର ୧୪ରୁ ଛତିଶଗଡ ବିପକ୍ଷରେ ଘୋଷିତ ଦଳ ମ୍ୟାଚ ଖେଳିବ। ୨୦ ଜଣିଆ ଦଳରେ ୮ ଜଣ ୧୫ ବର୍ଷରୁ କମ ଖେଳାଳି ସ୍ଥାନ ପାଇନ୍ତି। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସମୁଦାୟ ୫ମ୍ୟାଚ ଖେଳାଯିବ। ଏହି ସିରିଜ୍‌ର ପ୍ରଦର୍ଶନ ଆଧାରରେ ଦଳ ଘୋଷଣା ହେବ। ଅକ୍ଟୋବର ପ୍ରଥମ ସପ୍ତାହରେ ଦଳ ଆସାମ ଅଭିମୁଖେ ଯାତ୍ରା କରିବ। ବିସିସିଆଇର ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ ଟୁର୍ନାମେଣ୍ଟରେ ଓଡ଼ିଶା ଗ୍ରୁପ-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଗୋଆ, କର୍ନାଟକ, ମୁମ୍ବାଇ, ଗୁଜରାଟ ଓ ହିମାଚଳ ପ୍ରଦେଶ ରହିଛନ୍ତି।

ସମ୍ଭାବ୍ୟ ଦଳ: ପ୍ରିୟଙ୍କାରୀ ମୁଦୁଲି, ସୁଚିସ୍ମିତା ପଣ୍ଡା, ସୁଲଗ୍ନା ନାୟକ, ବିଜୟଲକ୍ଷ୍ମୀ ବେହେରା, ଦିବ୍ୟା ରାଉତରାୟ(ଉଇକେଟ କିପର), ମିତାଲି ଶର୍ମା, ଅଙ୍କିତା ଗିରି, ସାଇ କୃପା, ଜ୍ୟୋତି ପ୍ରସାଦ, ଏସ୍ ଭି ଲରେନ୍ସ, ପ୍ରାର୍ଥନା ପ୍ରତିଶ୍ରୁତି, ଅନନ୍ୟା ମିଶ୍ର, କୈଳାଂଶୀ ଧ୍ରୀତ୍ୟା, ଜାନଭୀ ସ, ଲକ୍ଷ୍ମୀ ଯାଦବ, ସ୍ମୃତିରେଖା ମହନ୍ତ, ଲେଖା ଲୟଲକା, ମମତାରାଣୀ ଗାଗୋରୀ(ଉଇକେଟ କିପର), ଅଙ୍କିତା ସୁନା ଓ ପୂଜା ଯାଦବ।



ଖବରଦାତା ସମ୍ମିଳନୀରେ ରଶ୍ମିତା ମହାନ୍ତି ଓ ସ୍ୱାଗତିକା ରଥ।

# ସନ୍‌ରାଇଜ-ସ୍ପୋର୍ଟ୍ସ ଓଡ଼ିଶା ମୁକାବିଲା

**ଆଜି ଫାଓ ଲିଗ୍ ସୁପରକପ୍ ଫାଇନାଲ**

କଟକ,୨୯।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଫୁଟବଲ ଆସୋସିଏଶନ୍ ଅଫ୍ ଓଡ଼ିଶା (ଫାଓ) ଲିଗ୍ ସୁପରକପ୍‌ର ଫାଇନାଲ ବୁଧବାର ଅନୁଷ୍ଠିତ ହେବ। ଏଥିରେ ସନରାଇଜ୍ କ୍ଲବ ଏବଂ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ମୁକାବିଲା ହେବ। ଫାଇନାଲର ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ବାରବାଟୀ ଗେଷ୍ଟ ହାଉସରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ, ମ୍ୟାଚ୍ କମିଶନର ଦୁର୍ଗାମାଧବ ନାଏକ, ସନରାଇଜ କ୍ଲବର ଅଧିନାୟକ ସେଲୱିନ ଏଫ. ମିରାଣ୍ଡା, ସ୍ପୋର୍ଟ୍ସ ଓଡ଼ିଶା ଅଧିନାୟକ ପ୍ରଶାନ୍ତ ଶ୍ରୀହରି, କୋଚ୍ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଗତ ରବିବାର ଖେଳାଯାଇଥିବା ସେମିଫାଇନାଲରେ ପେନାଲ୍ଟି ଶୁଟଆଉଟରେ ବିପକ୍ଷ ଦଳକୁ ହରାଇ ଉଭୟ ସନରାଇଜ ଏବଂ ସ୍ପୋର୍ଟ୍ସ ଓଡ଼ିଶା ଫାଇନାଲକୁ ଉନ୍ନୀତ ହୋଇଥିଲେ। ସନରାଇଜ କ୍ଲବ ରାଧାରମଣକୁ ଏବଂ ସ୍ପୋର୍ଟ୍ସ ଓଡ଼ିଶା ରାଇଜିଂ ଷ୍ଟାରକୁ ପରାସ୍ତ କରିଥିଲା।



ଟ୍ରଫି ସହ ଉଭୟ ଦଳର ଅଧିନାୟକ।

# କିଶୋରଙ୍କୁ ସମ୍ମାନିତ କଲା ସିଆଇଏସ୍‌ଏଫ୍

ଭୁବନେଶ୍ୱର ,୨୯।୮(ସରୋଜ ଜେନା)

ଓଡ଼ିଆ ଜାଭେଲିନ୍ ଥ୍ରୋୟର ତଥା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଚମତ୍କାର ପ୍ରଦର୍ଶନ ବଳରେ ହୃଦୟ ଜିତି ନେଇଥିବା କିଶୋର ଜେନାଙ୍କୁ ମଙ୍ଗଳବାର ସିଆଇଏସ୍‌ଏଫ ପକ୍ଷରୁ ସମ୍ମାନିତ କରାଯାଇଛି। ବିଶ୍ୱ ଚାମ୍ପିୟନଶିପ୍‌ରେ ୮୪.୭୭ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହିତ କିଶୋର ପଞ୍ଚମ ସ୍ଥାନରେ ରହିଥିଲେ। ମଙ୍ଗଳବାର ସିଆଇଏସ୍‌ଏଫ୍ ଡିଜି ଶୀଲ ବର୍ଦ୍ଧନ ସିଂ କିଶୋରଙ୍କୁ ଭେଟିବା ସହିତ ସମ୍ମାନିତ କରିଥିଲେ। ଏହା ସହ କିଶୋରଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଚମତ୍କାର ପ୍ରଦର୍ଶନ ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ କିଶୋରଙ୍କୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।



ସିଆଇଏସ୍‌ଏଫ୍ ଡିଜି ଶୀଲ ବର୍ଦ୍ଧନ ସିଂଙ୍କ ସହିତ କିଶୋର ଜେନା।

GOVERNMENT OF ODISHA No. O-816

# OFFICE OF THE SUPERINTENDING ENGINEER RURAL WORKS DIVISION, JAJPUR

jajpurrwd@yahoo.com

**'E' PROCUREMENT NOTICE No. Tender Online 07 JJPT of 2023-24**

1. Name of Work : Road Works
2. Total No. of Work : 01 No. Road Work
3. Estimated Cost (Approx.) : Rs.60.36 Lakhs
4. Period of Completion : 05 Months
5. Class of Contractors : B Class

**Other details as follows:**

a) Procurement Officer : Executive Engineer, Rural Works Division, Jajpur
b) Availability of tender online & submission of bid : 01.09.2023 at 10.00 A.M. to 13.09.2023 upto 5.00 P.M.
c) Last date & time of seeking of tender clarification : 12.09.2023 upto 5.00 P.M.
d) Opening of Technical Bid : 14.09.2023 at 11.30 A.M.

Further details can be seen from the Govt. website **www.tendersodisha.gov.in**.

**Sd./- Executive Engineer**
**Rural Works Division, Jajpur**

OIPR-25047/11/0010/2324

GOVERNMENT OF ODISHA No.i-341:

# OFFICE OF THE PANCHAYAT SAMITI SUKINDA, JAJPUR

(PANCHAYATI RAJ & DRINKING WATER DEPARTMENT)

## 'E' PROCUREMENT NOTICE

**Bid Identification No.e-TENDER NO.03/SUKINDA 2023-2024**

1. Name of the work: Building Works (As per Annexure)
2. Total No. of Work : 08 Nos. of Work
3. Estimated Cost (approx.): Rs.1200000/- to Rs.3500000/-.
4. Period of Completion: As per DTCN
5. Class of Contractor : Please refer DTCN

Other details as follows:

a) Procurement Officer : Block Development Officer, Panchayat Samiti, Sukinda, Jajpur.
b) Availability of tender online & submission bid: 04.09.2023 at 05.00 PM to 14.09.2023 upto 5.00 PM.
| ୧. | ଯୋଗେନ୍ଦ୍ର ବେହେରା | ପୁଅ | ୧୧ ବର୍ଷ | | ୨. | ଦୁର୍ଯ୍ୟୋଧନ ବେହେରା | ପୁଅ | ୧୭ ବର୍ଷ | |
| ୩. | ଅରୁଣ ଶବର | ପୁଅ | ୧୧ ବର୍ଷ | | ୪ | ଦିପକ ଦଳେଇ | ପୁଅ | ୧୫ ବର୍ଷ | |
| ୫. | ଗଣେଶ ବଡ଼ରଇତ | ପୁଅ | ୧୭ ବର୍ଷ | | ୬. | ସଞ୍ଜୟ ଶବର | ପୁଅ | ୧୫ ବର୍ଷ | |

**OIPR-33024/11/0011/2324** ସ୍ୱା./–ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ଗଜପତି

**OFFICE OF THE CHIEF CONSTRUCTION ENGINEER — ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**
At: Ambapua, PO:Engineering School, Near Income Tax Office, Berhampur - 760011
(E-Mail:- serwbpr2004@yahoo.com, Tel/Fax:- 0680-2404287)

**NOTICE**
**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/45-2023-24/PMGSY/BPR**

**No.O-806:The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency** invites the percentage rate bids in electronic tendering system for construction of Roads & Bridges under Pradhan Mantri Gram Sadak Yojana in the districts of **Ganjam for 02 (Two)** number of packages with estimated cost totalling to **Rs.10.25 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract
Date of release of Invitation for Bids through e-procurement. dtd. **02.09.2023**
Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned divisions** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.
**Last Date/ Time for receipt of bids through e-procurement: 16.09.2023 upto 3.00 P.M**
For further details and corrigendum (if any) please log on to www.pmgsytenders.gov.in

**Sd./- Chief Construction Engineer**
**R.W.Circle, Berhampur**
**OIPR-25071/11/0046/2324**

ଶୁଭେଚ୍ଛା ସହ ..................... No.C-1242

**ପୌର ପରିଷଦ, ରାଇରଙ୍ଗପୁର**

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୩ ପାଳନ ଅବସରରେ ପୌର ପରିଷଦ, ରାଇରଙ୍ଗପୁର ସହରର ସମସ୍ତ ଜନସାଧାରଣମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି ।

**ନିବେଦନ:–**
୧. ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମାଭରା ଏକ ଉନ୍ନତ ସହର ରୂପେ ଗଢ଼ି ତୋଳିବାରେ ସହାୟକ ହୁଅନ୍ତୁ ।
୨. ରାସ୍ତା କଡ଼ରେ ଥିବା ଡ୍ରେନ୍‌ରେ ପାଇଖାନାର ଦୂଷିତ ପାଣି ଛାଡ଼ନ୍ତୁ ନାହିଁ ।
୩. ରାସ୍ତା ଏବଂ ଡ୍ରେନ୍ ଉପରେ ବାଲି, ଇଟା ଓ ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଜମା ରଖି ଅବରୋଧ କରନ୍ତୁ ନାହିଁ ।
୪. ନିଜ ଗୃହର ଅଳିଆ ଆବର୍ଜନା, ପ୍ଲାଷ୍ଟିକ୍ ତଥା ଜରି ଆଦି ରାସ୍ତା କଡ଼ରେ କିମ୍ବା ନାଳ ନର୍ଦ୍ଦମାରେ ନ ପକାଇ ଘରକୁ ଘର ବୁଲି ଅଳିଆ ସଂଗ୍ରହ କରୁଥିବା ଗାଡ଼ିକୁ ହସ୍ତାନ୍ତର କରନ୍ତୁ ।
୫. ରାସ୍ତାକଡ଼ ଜମି ଜବରଦଖଲ କରି ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ କରାନ୍ତୁ ନାହିଁ ।
୬. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡ଼ି ନିଜ ଆୟତ୍ତରେ ରଖନ୍ତୁ ।
୭. ପରିଷଦର ଦେୟ ଠିକ୍ ସମୟରେ ପୈଠ କରନ୍ତୁ ।
୮. ପ୍ଲାଷ୍ଟିକ୍ ଜରିର ବ୍ୟବହାର ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଥିବାରୁ ସହରର ସମସ୍ତ ଜନସାଧାରଣ ଏବଂ ଦୋକାନୀମାନଙ୍କୁ ଅନୁରୋଧ ଏହାର ବ୍ୟବହାର କରନ୍ତୁ ନାହିଁ ।
୯. ପରିଷଦ ସମ୍ପତ୍ତି ଆପଣଙ୍କର । ଏହାର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣରେ ସହଯୋଗ କରନ୍ତୁ ।
୧୦. ଖୋଲା ଜାଗାରେ ମଳତ୍ୟାଗ କରନ୍ତୁ ନାହିଁ, ଏଣେତେଣେ ପାନଛେପ ପକାନ୍ତୁ ନାହିଁ, ପରିବେଶକୁ ସୁସ୍ଥ ଓ ସ୍ୱଚ୍ଛ ରଖନ୍ତୁ ।
୧୧. ଘରର ପାଇଖାନା ଟାଙ୍କିର ପାଇପ୍ ଡ୍ରେନ୍‌କୁ ନ ଛାଡ଼ି ସେପ୍ଟିକ୍ ଟାଙ୍କିରେ ପକାନ୍ତୁ ଏବଂ ସେପ୍ଟିକ୍ ଟାଙ୍କି ପୂର୍ଣ୍ଣ ହେଲେ ରାଇରଙ୍ଗପୁର ପୌରସଂସ୍ଥା ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଦାଖଲ କରି ପଞ୍ଜୀକୃତ ସେସ୍‌ପୁଲ୍ ଗାଡ଼ି ଦ୍ୱାରା ଏହାକୁ ସଫା କରାନ୍ତୁ ।

ରାଇରଙ୍ଗପୁର ପୌର ପରିଷଦ ମୁକ୍ତା ଯୋଜନାର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ମିଶନ ଶକ୍ତି ଗୋଷ୍ଠୀଙ୍କୁ ଯୋଗାଇ ଦିଆଯାଇ ମହିଳାମାନଙ୍କୁ ସଶକ୍ତୀକରଣ ତଥା ଆତ୍ମନିର୍ଭରଶୀଳ କରାଇବାରେ ଚେଷ୍ଟିତ ।

**"ପୌର ସେବା କର ପାଇଁ ପୌର କର ସେବା ପାଇଁ"**

| ଶ୍ରୀଯୁକ୍ତ ଅଭିଷେକ ପଟ୍ଟନାୟକ | ଶ୍ରୀମତୀ ମମିତା ଚୌଧୁରୀ, | ଶ୍ରୀ ଧର୍ମେନ୍ଦ୍ର ଶତପଥୀ |
|---|---|---|
| ଅଧ୍ୟକ୍ଷ | ଉପାଧ୍ୟକ୍ଷା | କାର୍ଯ୍ୟନିର୍ବାହୀ ଅଧିକାରୀ |
| ପୌର ପରିଷଦ, ରାଇରଙ୍ଗପୁର | ଏବଂ | ଏବଂ |
| | ପାରିଷଦବୃନ୍ଦ | ସମସ୍ତ କର୍ମଚାରୀବୃନ୍ଦ |
| | ପୌର ପରିଷଦ, ରାଇରଙ୍ଗପୁର | ପୌର ପରିଷଦ, ରାଇରଙ୍ଗପୁର |

OIPR-13106/11/0012/2324

**OFFICE OF THE DIVISIONAL FOREST OFFICER, RAYAGADA DIVISION**
**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡ଼ା ବନଖଣ୍ଡ, ରାୟଗଡ଼ା**
**(Ph.: 06856-222056, 225056, E-mail: dforgda17@gmail.com & dfo.rayagada@odisha.gov.in)**
**No. 3553/1F(Acct.) 237/2023** **Dated, Rayagada the 28th August, 2023**

No. MM-133: In pursuance of Bid Identification No. DFO-RGDA-01/2023-24 dated 21.08.2023 for construction of following civil works during the year 2023-24 in Rayagada Forest Division is hereby postponsed until further order.

| Sl. No. | Name of the Work | Estiamted Cost (Excluding GST) | Class of Contractor | Bid Security (EMD) (Rs.) | Cost of Document (Rs.) (Online) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Forester Quarter at Chandrapur of Muniguda Range | Rs.13,64,985/- | 'D' & 'C' | No EMD is required. But Bid Security declaration should be furnished by the bidder as mentioned in DTCN | Rs.6,000/- | 4 (Four) Calendar Months |
| 2 | Construction of Ministerial Quarter at Forest Colony, Rayagada | Rs.10,81,156/- | 'D' & 'C' | | Rs.6,000/- | 4 (Four) Calendar Months |
| 3 | Construction of Froest Guard Quarter, Buduni at Amlabhatta of Rayagada Range | Rs.10,11,127/- | 'D' & 'C' | | Rs.6,000/- | 4 (Four) Calendar Months |
| 4 | Construction of Forest Guard Quarter Komtalpeta at Amlabhatta of Rayagada Range | Rs.10,11,127/- | 'D' & 'C' | | Rs.6,000/- | 4 (Four) Calendar Months |
| 5 | Construction of Forest Guard Quarter Deokupuli at Muniguda of Muniguda Range | Rs.10,11,127/- | 'D' & 'C' | | Rs.6,000/- | 4 (Four) Calendar Months |
| 6 | Construction of Forest Guard Quarter Enkanagudai at Chandrapur of Muniguda Range | Rs.10,11,127/- | 'D' & 'C' | | Rs.6,000/- | 4 (Four) Calendar Months |
| 7 | Construction of Forest Guard Quarter, Raghubari at Raghubari of Muniguda Range | Rs.10,11,127/- | 'D' & 'C' | | Rs.6,000/- | 4 (Four) Calendar Months |
| 8 | Construction of Froest Guard Quarter, Nisikhal at Nisikhal of Tikiri Range | Rs.10,11,127/- | 'D' & 'C' | | Rs.6,000/- | 4 (Four) Calendar Months |
| 9 | Construction of Class IV employee quarter at Forest Colony, Rayagada | Rs.7,24,500/- | 'D' & 'C' | | Rs.6,000/- | 4 (Four) Calendar Months |

**OIPR-08062/11/0003/2324** **Sd./- Divisional Forest Officer, Rayagada Division**

**ODISHA STAFF SELECTION COMMISSION**
**Unit-II, Bhubaneswar-751001**
**OSSC-EXAM-RECRT-0014-2023/01/2023 3481/OSSC**
**Date:29.08.2023**

**NOTICE**

**No.T-81:**Pursuant to Advertisement No.3438/OSSC, dated 23.08.2023, it is informed to all concerned that the ONLINE APPLICATION FORM for recruitment to 24 posts of Pharmacist under different Department/HODs of Govt. of Odisha shall be made available in the official website of the Commission "www.ossc.gov.in" as per following programme:-

| | Starting Date | Closing Date |
|---|---|---|
| Online Registration | 28.08.2023 | 25.09.2023 |
| Submission of Online Application Form | 28.08.2023 | 28.09.2023 |
| Date of Editing of On-line Application Form | 28.08.2023 | 01.10.2023 |
| Mode of Apply | Online Mode only through the website www.ossc.gov.in. No Physical Copy/ Hard Copy of the online application form needs to be submitted by the applicant | |

The Candidates may go through the Detailed Advertisement available in the "What's New" section of the above website and apply for the post online mode only within the above stipulated time by clicking on the "Apply Online" tab available on the Home Page.

**By Order of the Commission**
**Sd./- Secretary**
**OIPR-09005/11/0063/2324**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**Rushikulya Bahuda Vansadhara Nagavali Basin, Brahmapur - 760004**
**Email: ce_rvn@yahoo.co.in**
**e-Procurement Notice No. CE&BM, RBVN-06/2023-24**
**Bid Identification No. CE&BM, RBVN (CCD) - 02/2023-24**

No. A-493: The Chief Engineer & Basin Manager, RBVN Basin, Berhampur on behalf of the Governor of Odisha, invites Online tenders in Double Cover System for "Appointment of Third Party Inspection Agency (TPIA) for Construction of Left link channel and Left Distribution system for CCA of 760ha. & Right Distribution system for CCA of 2000ha. through Under Ground Pipe Line Irrigation System (Pressure Flow) from Ghodahada Reservoir of Chheligada Irrigation Project in Ganjam District of Odisha on EPC Mode of contract (Turn Key Basis) including power connectivity, Electro Mechanical Components".

1. Period of Completion : 24 (Twenty Four) Calendar Months including rainy seasons.
2. Date & time of availability of bid document in the portal : From 10.00 A.M. of Dt.04.09.2023 to 25.09.2023 upto 5.00 P.M.
3. Last date/time for receipt of bids in the portal : 25.09.2023 upto 5.00 P.M.
4. Date & time of opening of tender : 26.09.2023 at 11.30 A.M.
5. Name & address of the Officer Inviting Bid : Chief Engineer & Basin Manager, RBVN Basin, Berhapur, Ganjam, Odisha, PIN - 760004

Further details can be seen from the e-procurement portal **https://tendersodisha.gov.in**.

**Sd./- Chief Engineer & Basin Manager**
**RBVN Basin, Berhampur**
**OIPR-32072/11/0008/2324**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, CHHELIGADA CANAL DIVISION**
**Digapahandi, Dist.: Ganjam, Odisha, e-mail: ccddig@gmail.com**
**e-Procurement Notice No. SE-CCD-01/2023-24**

No. A-496: Bid document consisting of work, estimated cost, cost of tneder paper, time of completion, class of contractor, the set of terms and conditions of contrat and other necessary documents can be seen in e-procurement portal **http://tendersodisha.gov.in**.

1. Type of the work : Canal Structure works
2. No. of work : 01 No.
3. Class of Contractor : "B" Class
4. Bid Identification No. : SE-CCD-01/2023-24
5. Estimated Cost : Rs.84 lakhs
6. Period of completion : 06 (Six) Calendar Months
7. Date & time of availability of bid documetns in the portal : From 04.09.2023, 10.00 A.M. to 18.09.2023 upto 5.30 P.M.
8. Last date/time for receipt of bids in the portal : 18.09.2023 upto 5.30 P.M.
9. Name of the Officer Inviting Bid : Superintending Engineer, Chhelligada Canal Division, Digapahandi, Ganjam, Odisha

Any addendum/corrigendum/cancellation of tender can also be seen in the said website. Date of Opening of the Bid - 21.09.2023 at 11.30 A.M. Further details can be seen from the Govt. website **www.tendersodisha.gov.in**.

**Sd./- Superintending Engineer**
**Chhelligada Canal Division**
**Digapahandi, Dist.: Ganjam**
**OIPR-32169/11/0001/2324**

**GOVT. OF ODISHA** No. A-495
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RAYAGADA IRRIGATION DIVISION, RAYAGADA**
**(e-mail Id: sergdirr@gmail.com)**
**e-Procurement Notice No. SE (RID)-03/2023-24**

| | | | |
|---|---|---|---|
| 1. | Type of works | : | Flood protection works |
| 2. | Total Number of Packages | : | 1 (One) No. |
| 3. | Estimated Cost | : | Rs.54.83 lakhs |
| 4. | Bid Identification No. | : | RID-1/2023-24 |
| 5. | Period of Completion | : | 06 (Six) Months |
| 6. | Availability & submission of bids online | : | From 11.00 A.M. of 04.09.2023 to 5.00 P.M. of 18.09.2023 |
| 7. | Date of Opening of Technical Bids | : | 21.09.2023 at 11.00 A.M. in the O/o. the Superintending Engineer, Rayagada Irrigation Division, Rayagada |
| 8. | Procurement Officer | : | Superintending Engineer, Rayagada Irrigation Division, Rayagada |
| 9. | Further details can be seen from Govt. website **www.tendersorissa.gov.in** and any addendum/corrigendum/cancellation will be published in the said website. | | |

The Authority reserve the right to reject/cancel any or all the tenders without assigning any reason thereof.

**Sd./- Superintending Engineer**
**Rayagada Irrigation Division, Rayagada**
**OIPR-32479/11/0009/2324**




ଲୋକସେବା ଭବନର କନ୍‌ଭେନଶନ ସେଣ୍ଟରରେ ମଙ୍ଗଳବାର ଅନୁଷ୍ଠିତ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ କ୍ରୀଡ଼ାବିତ୍ ଓ ଅନ୍ୟମାନେ।

# ଜେଏମ୍ ସ୍ପୋର୍ଟ୍ସରେ କ୍ରୀଡ଼ା ଦିବସ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ଭୁବନେଶ୍ୱର ସମେଇଗାଡିଆ ସ୍ଥିତ ଜେମ୍ ସ୍ପୋର୍ଟସ ଏକାଡେମୀ ରେ ପାଳିତ ହୋଇଯାଇଛି ଜାତୀୟ କ୍ରୀଡା ଦିବସ। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ସମ୍ମାନୀୟ ଅତିଥି ଭାବେ ଅନୁପ କୁମାର ଖୁଣ୍ଟିଆ ଯୋଗ ଦେଇ ଥିଲେ। ଏକାଡ଼େମୀର ଅଧକ୍ଷା ମୀରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇ ଥିଲା। ଏଥିରେ ଏକାଡେମୀର ପିଲାମାନଙ୍କ ସହିତ ଅନ୍ୟାନ୍ୟ ଉପସ୍ଥିତ ସଦସ୍ୟ ମାନେ ମେଜର ଧ୍ୟାନଚାନ୍ଦଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଯଶୋବନ୍ତ ଦାସ, ପୃଷ୍ଠପୋଷକ ଅତିସ କୁମାର ରାଉତ, କୋଷାଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ ଆଦି ଉପସ୍ଥିତ ରହି କୁନି କୁନି ପିଲାମାନଙ୍କୁ ଉତ୍ସାହିତ କରିଥିବା ବେଳେ ଆଇନ ପରାମର୍ଶ ଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ପିଲାମାନଙ୍କ ଗହଣରେ ଅତିଥି ଓ କର୍ମକର୍ତ୍ତା।

# ସ୍ୱସ୍ତି ସିଂଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

- ସାହସିକତା ପାଇଁ ସରୋଜ କୁମାର ଦାସ, ସୁଦର୍ଶନ ସ୍ୱାଇଁ ପୁରସ୍କୃତ
- ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ଓଡ଼ିଶା ପୋଲିସ ସମ୍ମାନିତ
- ୩୮୮ ଆଥଲେଟ୍‌ଙ୍କୁ ୨, ୦୨, ୩୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି। ତାରକା ମହିଳା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଚଳିତ ବର୍ଷର ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ହକି କୋଚ୍ ପିଟର ତିର୍କୀ ଓ ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ତଥା କୋଚ୍ ରାଜେନ୍ଦ୍ର ପ୍ରସାଦ ସିଂ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଉଭୟଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଶ୍ରେଷ୍ଠ କୋଚ୍ ଏବଂ କ୍ରୀଡ଼ା ଖବରଦାତା ଭାବେ ଯଥାକ୍ରମେ ପ୍ରଦୀପ କୁମାର ଷଡ଼ଙ୍ଗୀ ଓ ଅଜୟ ଦାସ ପୁରସ୍କୃତ ହୋଇଛନ୍ତି। ଉଭୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଦିଆଯାଇଛି। ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ଓଡ଼ିଶା ପୋଲିସକୁ ପୁରସ୍କୃତ କରାଯାଇଛି। ପୋଲିସ ଡିଜି ସୁନୀଲ ବଂଶଲ ଓ ଏଡିଜି ଆର.କେ. ଶର୍ମା ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ା ମାନଚିତ୍ରରେ ରାଜ୍ୟକୁ ଆଗେଇ ନେଉଥିବା ଆଥ୍‌ଲେଟ, କୋଚ୍ ଓ ବ୍ୟକ୍ତି ବିଶେଷଙ୍କ ଉତ୍ସର୍ଗୀକୃତ ମନୋଭାବ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଦୀପ୍ ରଞ୍ଜନ ବିଷୋୟୀ ପାରା ସ୍ପୋର୍ଟ୍ସ ପର୍ସନ ଅଫ୍ ଦି ଇୟର ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ସବିତା ଟପ୍ପୋ ଶ୍ରେଷ୍ଠ ଉଦୀୟମାନ ଖେଳାଳି ବିବେଚିତ ହୋଇଥିଲେ। ସମସ୍ତଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସ୍ପୋର୍ଟିଂ ଇକୋ ସିଷ୍ଟମ୍‌ରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବା ବ୍ରିଗେଡିୟର ବିଭୁ ଭୂଷଣ ନାୟକଙ୍କୁ ମଧ୍ୟ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସାହସିକତା ପାଇଁ ସ୍ୱର୍ଗତ ସରୋଜ କୁମାର ଦାସ ଓ ସୁଦର୍ଶନ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଛି। ସେମାନଙ୍କ ପରିବାରବର୍ଗ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷ ପ୍ରତିପାଦନ କରିଥିବା ୩୮୮ ଆଥ୍‌ଲେଟଙ୍କୁ ୨,୦୨,୩୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉତ୍ସବରେ ଅନେକ କ୍ରୀଡ଼ାବିତ୍, କ୍ରୀଡ଼ା ଖବରଦାତା, ଯୁବ ଖେଳାଳି ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀଉପସ୍ଥିତ ଥିଲେ।




ସ୍ୱସ୍ତି ସିଂଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# 'ସମସ୍ତଙ୍କ ପାଇଁ କ୍ରୀଡ଼ା' କାର୍ଯ୍ୟକ୍ରମ ଆରମ୍ଭ

## ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୨୯।୮ (ତପନ ସ୍ୱାଇଁ)**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ମଙ୍ଗଳବାର କିଟ୍ ଓ କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ କ୍ରୀଡ଼ା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଦିଲ୍ଲୀପ ତିର୍କୀ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଏହାର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ପାରାଲିମ୍ପିଆନ ତଥା ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍ ପ୍ରମୋଦ ଭଗତ, କିଟ୍ ଓ କିସ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଯୋଗଦେଇ ଭାରତର କ୍ରୀଡ଼ା ଗୌରବ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରି ଭଗତ କହିଲେ, ପରିଶ୍ରମ ଓ ନିଷ୍ଠା ହିଁ ଧ୍ୟାନଚାନ୍ଦଙ୍କୁ ପରିଚୟ ଦେଇଥିଲା। ସେ କ୍ରୀଡ଼ା ଜଗତରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଦେବା ଓ ଉତ୍ସାହ ପ୍ରଦାନ କ୍ଷେତ୍ରରେ କିଟ୍ ଓ କିସ୍ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଚ୍ୟୁତ କହିଥିଲେ ଯେ, ଧୈର୍ଯ୍ୟ, ନିଷ୍ଠା ଓ ଏକାଗ୍ରତର ସହ ଖେଳ ଜାରି ରଖିଲେ ଦିନେ ନା ଦିନେ ସଫଳତା ମିଳିବ। କିଟ୍ ଓ କିସରେ ଥିବା ବ୍ୟାପକ କ୍ରୀଡ଼ା ଭିତ୍ତିଭୂମିର ସୁବିନିଯୋଗ କରି ବିଭିନ୍ନ କ୍ରୀଡ଼ାରେ ଦେଶ ଓ ରାଜ୍ୟକୁ ଗୌରବ ଆଣିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କିଟ୍ ଓ କିସ୍‌ରୁ ୧୦ରୁ ୧୨ କ୍ରୀଡ଼ାବିତ୍ କିପରି ୨୦୨୮ ଅଲିମ୍ପିକ୍ସରେ ଭାଗନେବେ ସେଥିପାଇଁ ତାଙ୍କର ସ୍ୱପ୍ନ ରହିଛି। ଏହି ଅବସରରେ କିଟ୍ ଓ କିସ୍ କ୍ରୀଡା ଏକାଡେମୀ ଓ ପ୍ରମୋଦ ଭଗତଙ୍କ ନାମରେ ନାମିତ ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍ ଉଦ୍‌ଘାଟିତ ହୋଇଥିଲା। ପ୍ରକାଶ ଯୋଗ୍ୟ ଯେ, ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟାପକ ପଦକ୍ଷେପ ହାତକୁ ନେଉଥିବାରୁ ସେଥିରେ ଅନୁପ୍ରାଣିତ ହୋଇ ଉପଯୁକ୍ତ କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅଚ୍ୟୁତ ସର୍ବଦା ପ୍ରୟାସ ଜାରି ରଖିଛନ୍ତି। ଦେଶରେ ଅନେକ କ୍ରୀଡ଼ା ପ୍ରତିଭା ଥିଲେ ମଧ ସେମାନଙ୍କୁ ସୁଯୋଗର ଅଭାବ ରହିଛି। କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ମାନର କ୍ରୀଡ଼ା ଭିତ୍ତିଭୂମି ଥିବାରୁ ସେଠାରେ ସେହି ପ୍ରତିଭାଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୧୩ଟି ବିଭାଗରେ ପିଲାଙ୍କୁ ନିଆଯିବ ଓ ପ୍ରତି ବିଭାଗରେ ୧୦୦ ଲେଖାଏ ପିଲା ଚୟନ ହେବେ। ପ୍ରତିଭାଧାରୀ ପିଲାଙ୍କୁ ଶିକ୍ଷା ସହ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ଆଣିବା ଲାଗି ତାଲିମ ଓ ଅନ୍ୟାନ୍ୟ ସୁଯୋଗ ଦିଆଯିବ। ମୋଟ ୧୭ଟି ବିଭିନ୍ନ ବିଭାଗରେ ପିଲାଙ୍କୁ ନିଆଯିବାର ଯୋଜନା ରହିଛି।



ପ୍ରମୋଦ ଭଗତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍ ଉଦ୍‌ଘାଟନ ଅବସରରେ ଅତିଥିମାନେ।




କଟକ ଡ୍ରିମ୍ସରେ ଜାତୀୟ କ୍ରୀଡ଼ା ଦିବସ।



କଟକ ଜିଲା ପ୍ରଶାସନ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମ।

# କ୍ରୀଡ଼ାବିତ୍, ଖବରଦାତା ସମ୍ବର୍ଦ୍ଧିତ

## ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୨୯।୮ (ବିଜୟ ରଣା)**

ସାମରିକ କଳା ଓ ଶକ୍ତି ଭିତ୍ତିକ ରାଜ୍ୟର ଅଗ୍ରଣୀ ଅନୁଷ୍ଠାନ ଉତ୍କଳ କରାଟେ ସ୍କୁଲର ୪୩ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅନ୍ତର୍ଜାତୀୟସ୍ତରରେ ପଦକ ହାସଲ କରିଥିବା ସ୍କୁଲର ୧୪ଜଣ କ୍ରୀଡ଼ାବିତ୍ ଏବଂ ପ୍ରତିବର୍ଷ ଭଳି ୫ଜଣ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ। ଅନ୍ୟତମ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ ଏବଂ ଦୁର୍ଗାଶିଷ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ କ୍ରୀଡ଼ାବିତ୍ ଭାଲେନା ଭାଲେଣ୍ଟିନା, ରାନୁ ମହାନ୍ତି, ପ୍ରଦୀପ କୁମାର ପାତ୍ର, ଦିଲୀପ କୁମାର ଜେନା, ପାୟଲ ବରାଳ, ସମରେନ୍ଦ୍ର ରାଉତରାୟ, ଅନୁପମା ସ୍ୱାଇଁ, ଅଭିଷେକ ପଟ୍ଟନାୟକ, ଉଦିତ ଉଦ୍ୟମ, ସ୍ୱାଗତିକା ସାହୁ, ପ୍ରିୟଦର୍ଶିନୀ ଘଟୁଆରୀ, ମଧୁପ୍ରିୟା ବାଇ, ବ୍ରତତି ବିଶ୍ୱରୂପା ପତି ଓ ଚିନ୍ମୟୀ ଭୂୟାଁ ଏବଂ କ୍ରୀଡ଼ା ଖବରଦାତା ମଳୟ ନାୟକ, ହରିପ୍ରସାଦ ଭାରତୀ, ତନ୍ମୟ ଦାସ, ମହମ୍ମଦ ଅବ୍‌ଦୁଲ ଅଜିଜ ଓ ଅସିତ କୁମାର ଶତପଥୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ କରାଟେ, ବେଞ୍ଚପ୍ରେସ୍, ଓ କମ୍ବାଟ ଶୁଟିଂ ଅନୁଷ୍ଠିତ ହୋଇଥିଲା। ଶ୍ରୀନିବାସ ଘଟୁଆରୀ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ସଦସ୍ୟ, ହିମାଂଶୁ ଦାସ, ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଜୟଦେବ ପଟ୍ଟନାୟକ, ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ପୀୟୂଷ ମହାନ୍ତି, ରାଜୀବ ସିଂ, ଦୀପକ ସାମନ୍ତରାୟ, କାଳିପ୍ରସାଦ ନନ୍ଦ ସନତ୍ ନାୟକ, ରାକେଶ ମହାନ୍ତି, ବିଜୟ ସାମଲ, ସଞ୍ଜୟ ଦାସ ଏବଂ ମହେଶ ବରାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



ଅତିଥିଙ୍କ ସହ ପୁରସ୍କୃତ ଖବରଦାତା ଓ କ୍ରୀଡ଼ାବିତ୍।

# ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଆରମ୍ଭ

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୩୨ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଆରମ୍ଭ ହୋଇଛି। ୟୁନିଟ-୬ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ କର୍ପୋରେଟର ପୁଷ୍ପା ରାଉତ, ୟୁନିଟ-୬ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପାଲି ସେନାପତି, ୟୁନିଟ-୬ ଆଲୁମିନି ଟ୍ରଷ୍ଟର ସଭାପତି ସୂର୍ଯ୍ୟ ନାରାୟଣ ଦାସ, ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଗା ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଆୟୋଜକ ଆସୋସିଏଶନ ସଭାପତି ତପନ ମହାନ୍ତି, ସମ୍ପାଦକ ଦିଲୀପ ଦାସ, ଉପସଭାପତି ଅକ୍ଷୟ କୁମାର ଦାସ, ହୃଦୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ମୋଟ ୨୧ଟି ସ୍କୁଲ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ୟୁନିଟ-୬ ସରକାରୀ ବାଳକ ବିଦ୍ୟାଳୟ ୫-୦ ଗୋଲରେ ସେଣ୍ଟ ଜାଭିଅର କେଦାରଗୌରୀକୁ ପରାସ୍ତ କରିଥିଲା। ବିଜୟୀ ଦଳର ଅଭିଷେକ ଦିଗଲ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ସେଣ୍ଟ ଜାଭିଅରର ସିଦ୍ଧି ନାରାୟଣ ପାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରେଫରି ଚନ୍ଦ୍ରକାନ୍ତ ବାରିକ, ଶେଖାଓ୍ୱତ ଖାଁ, ଅମିତ ନାୟକ, ଶିବ ଦେହୁରୀ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅନ୍ୟପକ୍ଷରେ ପ୍ରତିଯୋଗିତାକୁ ଭଣ୍ଡୁର କରିବାକୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉଦ୍ୟମ କରୁଛନ୍ତି ବୋଲି ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଏହା ଏକ ହୀନ ଚକ୍ରାନ୍ତ ବୋଲି ସେ କହିଛନ୍ତି।



ଆନ୍ତଃ ସ୍କୁଲ ଫୁଟ୍‌ବଲ ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

# ଅଧିକ ଅମଳକ୍ଷମ ଟମାଟୋ ବିହନ

ଏବେଠାରୁ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ଟମାଟୋ ଲଗାଇ ପାରିବେ। ଉନ୍ନତ ବିହନ କିସମ ଯଥା ବିଟି-୨,ବିଟି-୧୦,ବିଟି-୧୨,ନୀଳାଦ୍ରି,ସଦାବାହାର, ମାଧୁରୀ,ମହାରଥି,ମର୍ଣ୍ଣସନ୍,ରଶ୍ମି,ନବୀନ



ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର। ଏକ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ଚାରିଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କିଗ୍ରା ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ଏକ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ସାତ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବପିଡିଆ ବ୍ୟବହାର କରନ୍ତୁ।

# ଡାଲିଜାତୀୟ ବିହନ ବିଶୋଧନ

ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍-ପି-କେ (୧୯-୧୯-୧୯) ସାର ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ଆଶଙ୍କା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦



ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିବୁଲ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।

# ଢିପ ଜମିରେ ଧାନ ଅମଳ

## ସେପ୍ଟେମ୍ବର ମାସ କୃଷି ସୂଚନା

ଢିପଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ । ଡେରିରେ ରୁଆ ଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ ରୁ ୪୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ସଅଳ କିସମ ଧାନ ତଳି ୧୭ ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ । ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ । ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୫ x ୨ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ। ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ପାଇଁ ଫିପ୍ରୋନିଲ୍ ୦.୩ % ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । ଏହାଛଡ଼ା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ବା ଫ୍ଲୁବେଣ୍ଡିଆମାଇଡ୍ ଏକର ପ୍ରତି ୨୦୦ ଗ୍ରାମ୍ ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ। କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ପାଇଁ ଲାମ୍‌ଡ଼ା-ସାଇହାଲୋଥ୍ରୀନ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ଏହାବ୍ୟତୀତ ଆକ୍ରାନ୍ତ ବିଲ ଚାରିପଟେ ଗୁଣ୍ଡ ଔଷଧ ପକାଇ ବିଷ ବଳୟ ତିଆରି କରନ୍ତୁ। ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୭୫% ଡବ୍ଲ୍ୟୁ.ପି. ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୧.୫ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ। ଜଳସେଚନ ସୁବିଧା ଥିବା ଜମିରେ ନଳିତା କଟାହେବା ପରେ ଧାନ ଯଥା – ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ପଦ୍ମିନୀ, ସହଭାଗୀ ଧାନ ରୁଅନ୍ତୁ ।

**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୨ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫଲ୍ ଆର୍ମିୱାର୍ମ ଦମନ ପାଇଁ ସ୍ପାଇନୋଟୋରାମ ୧୧.୭% ଏସ୍.ସି. ୦.୫ ମି.ଲି./ଲିଟର ପାଣିରେ ଗୋଳାଇ ପ୍ରୟୋଗ କରନ୍ତୁ।

**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆ ପାଣି ରଖନ୍ତୁ ନାହିଁ । ଏଥିରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ତୈଳବୀଜ :** ଉପକୂଳବର୍ତ୍ତୀ ଜିଲାମାନଙ୍କରେ ତୋରିଆ ଜାତୀୟ ସୋରିଷ ଚାଷପାଇଁ ସେପ୍ଟେମ୍ବର ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ତୋରିଆ କିସମ ଯଥା– ଅନୁରାଧା, ପାର୍ବତୀ, ସୁଶ୍ରୀ ସଂଗ୍ରହ କରନ୍ତୁ ଓ ସେପ୍ଟେମ୍ବର ଦ୍ୱିତୀୟାର୍ଦ୍ଧରେ ବୁଣନ୍ତୁ। ଅଣ ଜଳସେଚିତ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ, ୧୫ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।



**ଫଳଚାଷ :** ଅମୃତଭଣ୍ଡା ଗଛର ମୂଳଶଢ଼ାରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ। ରୋଗଣା ଗଛକୁ ବାହାର କରିଦିଅନ୍ତୁ। ମେଟାଲାକ୍ସିଲ୍ x ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛ ମୂଳରେ ମାଟି ଭିଜା କରନ୍ତୁ। ବର୍ଷାଦିନେ ଲେମ୍ବୁରେ ଫାଇଟୋଫ୍‌ଥୋରା ଶଢ଼ା ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଗଛ ଗଣ୍ଡିର ନିମ୍ନ ଭାଗରୁ ଅଠା ବାହାରେ। ଏହାର ଦମନ ପାଇଁ ଆକ୍ରାନ୍ତ ହୋଇଥିବା ଡାଳପତ୍ରକୁ ଗଛରୁ କାଟି ଦିଅନ୍ତୁ । ବୋର୍ଡ଼ୋ ମିକ୍ସଚର ବା ଦ୍ରବଣ ସିଞ୍ଚନ କରନ୍ତୁ ଓ କଟା ଜାଗାରେ ପ୍ରଲେପ ଦିଅନ୍ତୁ । ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ୦.୫% ବୋର୍ଡୋକ୍ସ ମିକ୍ସଚରକୁ ୧୫ ଦିନ ଅନ୍ତରରେ ସିଞ୍ଚନ କରାଯାଇ ପାରିବ। ପିଜୁଳି ଓ ଲେମ୍ବୁର ପାଣି କୁଆଁସବୁ କାଟି ଦିଅନ୍ତୁ।

–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର

# ପ୍ରାଣୀଙ୍କୁ ପ୍ରତିଷେଧକ ଟିକା

ସାହାଣ, ଫାଟୁଆ ଓ ବଜବଜିଆ ରୋଗ ନ ହେବାପାଇଁ ପ୍ରାଣୀଙ୍କୁ ପ୍ରତିଷେଧକ ଟିକା ଦିଅନ୍ତୁ । ଟିକା ଦେବାର ୧୫-୨୦ ଦିନ ଆଗରୁ ଗୋରୁଙ୍କୁ କୃମିନାଶକ ଖାଇବାକୁ ଦିଅନ୍ତୁ । ବର୍ଷାଦିନେ ଏମାନଙ୍କୁ ଅଢ଼େଇଆ ଜ୍ୱର ମଶା ଓ ଡାଆଁଶର ଉପଦ୍ରବ ଯୋଗୁଁ ହୋଇଥାଏ । ଏହାଦ୍ୱାରା ଶରୀର ଉତ୍ତାପ ୧୦୩ ରୁ ୧୦୭ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ । ନାକ, ଆଖି ଓ ପାଟିରୁ ପାଣି ବାହାରେ । ପ୍ରଥମେ କଠିନ ଓ ପରେ ତରଳ ଝାଡ଼ା ହୋଇଥାଏ । ଏହାର ପ୍ରତିକାର ପାଇଁ ଗୁହାଳରେ ଝୁଣା କିମ୍ବା ଲିମ୍ବପତ୍ର ଧୂଆଁ ସନ୍ଧ୍ୟା



ସମୟରେ ଦିଅନ୍ତୁ । ଗୁହାଳର ଚାରିପଟ ପରିଷ୍କାର ରଖନ୍ତୁ । ଖତଗଦା ଗୁହାଳଠାରୁ ଦୂରରେ କରନ୍ତୁ । ପ୍ରତିକାର ପାଇଁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

# ପନିପରିବା ଚାଷ

ଶୀତଦିନିଆ ପନିପରିବା ଚାଷ କରିବା ପାଇଁ ଚାରା ପକାଇବା ଆରମ୍ଭ କରନ୍ତୁ। (ଏକ ଏକର ଜମିରେ ପରିବା ଚାଷ କରିବା ପାଇଁ ୫୦ ବର୍ଗମିଟର ଜାଗାରେ ୧ ମିଟର ଓସାର ଓ ୩ ମିଟର ଲମ୍ବର ମାଟି ପତନଠାରୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ତଳିଘରା ମଧ୍ୟରେ ୫୦ ସେ.ମି. ବ୍ୟବଧାନରେ ନାଳି ରଖନ୍ତୁ । ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନରେ ୨ ଗ୍ରାମ୍ କାର୍ବୋକ୍ସିନ୍ x ଥିରାମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରନ୍ତୁ । ତଳିଘରାରେ ମଧ କ୍ୟାପ୍‌ଟାନ୍ (୦.୨%) ସିଞ୍ଚନ କରନ୍ତୁ। ତଳିଘରାରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ । ସଅଳ ଶୀତଦିନିଆ ଉନ୍ନତ ପନିପରିବାର କିସମ ଗୁଡ଼ିକ ହେଲା –

**ମୂଳା :** ପୁଷା ଚେତକି, ପୁଷା ରଶ୍ମି, ପୁଷା ହିମାନୀ।

**ଫୁଲକୋବି:** ପୁଷା ଦୀପାଳି, ପୁଷା କୁଆଁରୀ, ପୁଷା କାଟକୀ, ଅର୍ଲି ସିନ୍ଥେଟିକ୍।

**ବନ୍ଧାକୋବି :** ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲ୍‌ଡେନ୍ ଏକର, ଗ୍ରୀନ୍ ବଲ୍, ପ୍ରିୟା।

**ଟମାଟୋ :** ଉତ୍କଳ ଦୀପ୍ତି, ଉତ୍କଳ କୁମାରୀ, ଉତ୍କଳ ଶ୍ରାବଣୀ।

**ବିନ୍ :** ଆର୍କାକୋମଲ, ଆର୍କାସୁବିଧା।

ବଜାରରେ ମିଳୁଥିବା ସଙ୍କର କିସମ ବିହନ ମଧ ଚାଷ କରାଯାଇପାରିବ। ପନିପରିବାରେ ବୀଜାଣୁଜନିତ ଝାଉଁଳା



ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ । ବାଇଗଣରେ କାଙ୍କଡ଼ିଆ ପୋକର ଦମନ ପାଇଁ ୧ ଲିଟର ପାଣିରେ ଟ୍ରାଇଆଜୋଫସ୍ ୫୦ ଇ.ସି. ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ। ଏକର ପିଛା ୨୦୦ ଲିଟର ଦ୍ରବଣ ସିଞ୍ଚନ କରିବା ଆବଶ୍ୟକ। କାଣ୍ଡ ଓ ଫଳପଚା ରୋଗ ଲାଗିଥିଲେ ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ବା କପର ହାଇଡ୍ରୋକ୍ସାଇଡ୍ କିମ୍ବା ୦.୫% ବୋର୍ଡ଼ୋକ୍ସ ମିକ୍ସଚର (୫:୫:୫୦) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ପାଇଁ ୨ ମି.ଲି. ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷ ଥୋପ କରି ବ୍ୟବହାର କରନ୍ତୁ ।

# ସେବତୀ ଫୁଲଚାରା ଲଗାଉଥିଲେ...

ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ। ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର୍ ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଙ୍ଗ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା



ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।

# ଆଖୁ ଚାଷରେ ପୋକ ନିୟନ୍ତ୍ରଣ

ଆଖୁ କିଆରିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଜାପୋନିକମ୍ ନାମକ ପରାଶ୍ରୟୀ କୀଟ ହେକ୍ଟର ପ୍ରତି ୫୦ ହଜାର ହିସାବରେ ୧୦ ଦିନ ବ୍ୟବଧାନରେ ୩-୪ ଥର ଛାଡନ୍ତୁ। ଏହା ବ୍ୟତୀତ ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡ଼ିକୁ ଧରି ମାରି ଦିଅନ୍ତୁ। ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କୁଇନାଲ୍‌ଫସ୍ କିମ୍ବା ୨ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଏସ୍‌ପି ସିଞ୍ଚନ କରନ୍ତୁ । ପତ୍ରକନ୍ଦାରେ ଦାନାଦାର ଔଷଧ ପକାଇ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରେ। ଜାହାଜ ପୋକ ଦେଖାଗଲେ ହେକ୍ଟର ପ୍ରତି ଇପିରିକାନିଆ ମେଲାନୋଲିଉକା ପରଜୀବୀର ୫୦୦୦ କୋଷା କିମ୍ବା ୪ ରୁ ୫ ଲକ୍ଷ ଅଣ୍ଡା ଅନ୍ୟ ଚାଷୀଭାଇଙ୍କ କ୍ଷେତରୁ ସଂଗ୍ରହ କରି ଜମିରେ ଛାଡ଼ନ୍ତୁ। ଏହାଛଡ଼ା ସନ୍ଧ୍ୟାରେ ଜମିରେ ଧୂଆଁ ଦେବାର ବ୍ୟବସ୍ଥା କରନ୍ତୁ। ଦହିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୨୫ ଗ୍ରାମ୍ ହିସାବରେ ଥାଇଓମିଥୋକ୍‌ଜାମ୍ ୨୫% ଡବ୍ଲୁ.ପି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ନାଲିଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୧.୫ ଗ୍ରାମ୍ ଥାୟୋଫେନେଟ୍ ମିଥାଇଲ୍ ମିଶାଇ ମାଟିଭିଜା କରନ୍ତୁ । ଆକ୍ରାନ୍ତ ହୋଇଥିବା ବୁଦା ଉପାଡ଼ି ଦେଇ ନଷ୍ଟ କରିଦିଅନ୍ତୁ ।



# ଗୋ-ପୂଜନ



ଡାଃ. ବୀର କିଶୋର ପରିଡ଼ା



ଗହ୍ମାପୂର୍ଣ୍ଣିମା ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ଏକ ମହାନ୍ ତଥା ପବିତ୍ର କୃଷିଭିତ୍ତିକ ପର୍ବ। ଚଳିତ ବର୍ଷ ଅଗଷ୍ଟ ୩୦ ତାରିଖ ଅର୍ଥାତ୍ ଆଜି ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଅଛି ଗହ୍ମାପର୍ବ ବା ଗହ୍ମାପୂର୍ଣ୍ଣିମା, ରକ୍ଷାବନ୍ଧନ ଓ ପ୍ରଭୁ ଶ୍ରୀ ବଳଭଦ୍ର ଦେବଙ୍କ ଜନ୍ମୋତ୍ସବ । ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏହି ଗହ୍ମା ପର୍ବ ବା ଗହ୍ମାପୂର୍ଣ୍ଣିମା ପାଳିତ ହୋଇଥାଏ । ଗହ୍ମାର ଅର୍ଥ ହେଉଛି ଗୋମାତା ଏବଂ ଗୋମାତାଙ୍କୁ ଏହି ଦିନ ପୂଜା କରାଯାଉଥିବାରୁ ଏହା ଗହ୍ମା ପୂର୍ଣ୍ଣିମା ବୋଲି କୁହାଯାଏ । ଗହ୍ମାର ଅନ୍ୟ ଅର୍ଥ ହେଲା – ଗଭୀର ମୁହାଁ ଲଙ୍ଗଳ ଯାହାକୁ ବଳଭଦ୍ର କୃଷିର ଉନ୍ନତି ପାଇଁ ବ୍ୟବହାର କରିଥିଲେ । ତେଣୁ କୃଷିର ଆଦ୍ୟ ଦେବତା ହେଉଛନ୍ତି ବଳରାମ । ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳଭଦ୍ରଙ୍କ ଜନ୍ମ ତିଥିକୁ କୃଷକର ପର୍ବ ଭାବେ ପାଳନ କରାଯାଏ । ଏହି ପୂର୍ଣ୍ଣିମାକୁ ଶ୍ରାବଣୀ ବା ସୌଭାଗ୍ୟ ପୂର୍ଣ୍ଣିମା ମଧ କୁହାଯାଏ । ଧରିତ୍ରୀ ଶସ୍ୟ ଶ୍ୟାମଳାରେ ଭରପୂର ହେବା ସହିତ ମାନବ ସମାଜ ବ୍ୟକ୍ତିଗତ ସ୍ତରରେ ଧନ, ଜନ, ଗୋପ, ଲକ୍ଷ୍ମୀ ଅର୍ଜନ କରିବାରେ ସୌଭାଗ୍ୟଲାଭ କରିଥାନ୍ତି। ଗହ୍ମାପର୍ବ ଶ୍ରାବଣ ମାସର ପୂର୍ଣ୍ଣିମାଦିନ ଅତି ଆନନ୍ଦ ଉଲ୍ଲାସରେ ଗହ୍ମାପୂନେଇଁ ପର୍ବ ଭାବେ ସର୍ବତ୍ର ପାଳିତ ହୋଇଥାଏ । କୃଷକ ପରିବାର ପାଇଁ ଏହା ହେଉଛି ଏକ ସ୍ୱତନ୍ତ୍ର ମହାନ କୃଷିଭିତ୍ତିକ ପର୍ବ। ଏହି ପବିତ୍ର ଦିନ ଗୋମାତା ବିଶେଷକରି ବଳଦମାନଙ୍କୁ ରଙ୍ଗିନ ବେଶରେ ସୁସଜ୍ଜିତ କରାଯାଇ 'ଗୋ-ଲକ୍ଷ୍ମୀ' ଭାବେ ପୂଜା କରାଯିବାର ବିଧି ରହି ଆସିଛି । ସକଳ କୃଷିକାର୍ଯ୍ୟ ସମାପ୍ତ ପରେ ଏହିଦିନଠାରୁ ଗୋମାତା ତଥା ବଳଦକୁ ବିଶ୍ରାମ ଦିଆଯାଇଥାଏ ।

ଗହ୍ମା ପୂର୍ଣ୍ଣିମାରେ ମଧ ଗୋ-ପୂର୍ଣ୍ଣିମା, ବଳଦ ପୂଜା ବା ବଳଦେବଙ୍କ ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ଏହି ପର୍ବ ଅଗଷ୍ଟ ମାସରେ ପଡୁଥିବା ଶ୍ରାବଣ ପୂର୍ଣ୍ଣିମା ଦିନ ଗ୍ରାମାଞ୍ଚଳରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ହିନ୍ଦୁ ପରମ୍ପରା ଅନୁସାରେ ମାନବ ଜାତିର ହିତରେ ସଦାସର୍ବଦା ଉପକାରରେ ଆସୁଥିବା ଉଭୟ ପ୍ରାଣୀ ଓ ଉଦ୍ଭିଦ ଜଗତକୁ ପୂଜା କରାଯାଏ । ଗୋମାତା ହେଉଛି ଆମର ମା' । ତେଣୁ ଗହ୍ମାପୂର୍ଣ୍ଣିମା କୃଷକ ଓ କୃଷି ବିଶେଷଜ୍ଞମାନଙ୍କ ଏକ ସ୍ୱତନ୍ତ୍ର ଉତ୍ସବ ଭାବେ ଗୋମାତାଙ୍କୁ ପୂଜା କରାଯାଏ । ଆମ ଭାରତ ଭଳି ଦେଶରେ କୃଷକମାନଙ୍କ ମେରୁଦଣ୍ଡ ସଦୃଶ ହେଉଛି ବଳଦ । ବଳଦ କୃଷକ ପରିବାରର ସକଳ କୃଷିକାର୍ଯ୍ୟରେ ସାହାଯ୍ୟ କରୁଥିବାରୁ ବଳଦକୁ ଅତି ସମ୍ମାନର ସହିତ ପୂଜା କରାଯାଏ । ଗୋମାତା ବା ବଳଦ ସହିତ କୃଷିର ସ୍ରଷ୍ଟା ବଳଦେବଙ୍କୁ ପୂଜା କରିବାର ବିଧାନ ରହିଆସିଛି । ପ୍ରଭୁ ଶ୍ରୀକୃଷ୍ଣଙ୍କ ଅଗ୍ରଜ ବଳରାମ ହେଉଛନ୍ତି ହଳ ଲଙ୍ଗଳର ସ୍ରଷ୍ଟା ଏବଂ ଲୋକମାନଙ୍କୁ ଲଙ୍ଗଳ ଦ୍ୱାରା ଚାଷ ପ୍ରଣାଳୀ ଦେଖାଇଥିଲେ । ତେଣୁ ବଳଦ ହେଉଛି ତାଙ୍କର ଚଳନ୍ତିଯାନ ଏବଂ ଲଙ୍ଗଳ ହେଉଛି ତାଙ୍କର ମୁଖ୍ୟ ଆୟୁଧ ବା ଅସ୍ତ୍ର । ଏହି କାରଣରୁ ଏହି ପର୍ବର ଅନ୍ୟନାମ ହେଉଛି ବଳଦେବ ପୂଜା ବା ବଳଦେବ ଜୟନ୍ତୀ ।

ଏହି ପବିତ୍ରଦିନ ଗୋରୁ ଗୁହାଳ ପରିଷ୍କାର ପରିଚ୍ଛନ୍ନ କରାଯିବା ସହିତ ଲିପାପୋଛା କରାଯାଏ । କୃଷକ ଗୁହାଳ କାନ୍ଥରେ ବଳଦ, ଲଙ୍ଗଳ, ମହି, କୋଡ଼ି, କୋଦାଳ, ବଳଦଗାଡ଼ି (ଶଗଡ଼) ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଆଦିର ଚିତ୍ର ଆଦି ଆଙ୍କିଥାନ୍ତି। କୃଷକମାନେ ସକାଳୁ ବଳଦକୁ ଗାଧୋଇ ଦେଇ ଫୁଲ, ଚନ୍ଦନ, ସିନ୍ଦୂର, ଅଭିର ଆଦି ଲଗାଇ ସୁସଜ୍ଜିତ କରିଥାନ୍ତି । ଗୋରୁଙ୍କ ଶିଙ୍ଘରେ ତେଲ ମରାଯାଏ । ଏଥିସହିତ ଗୋମାତା ବା ବଳଦଙ୍କୁ ରାଖୀ ପିନ୍ଧା ଯାଇଥାଏ । ଗୃହକର୍ତ୍ତା ଗୋରୁ ଗୁହାଳରେ ଗୋ-ପୂଜନ କରିଥାନ୍ତି, ଯେଉଁଥିପାଇଁ ବ୍ରାହ୍ମଣଙ୍କର ଆବଶ୍ୟକତା ନ ଥାଏ । ଘରେ ଘରେ ପିଠାପଣା, ଖିରି ଖେଚୁଡ଼ି ହୋଇଥାଏ । ଗୋମାତା ତଥା ବଳଦଙ୍କୁ ସୁମିଷ୍ଟ ବ୍ୟଞ୍ଜନ ଯଥା – ପିଠାପଣା, ଏଣ୍ଡୁରିପିଠା, ଦାନା, ସବୁଜ ଘାସ ଆଦି ଖୁଆଇ ପ୍ରଭୁଙ୍କୁ ସୁମରଣା କରିଥାନ୍ତି।

ଶ୍ରୀମନ୍ଦିରରେ ଗହ୍ମା ପର୍ବ ପାଳନର ପରମ୍ପରା ବିଧି ରହିଆସିଛି। ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ରାଖୀ ଲାଗି ଅନୁଷ୍ଠିତ ହୁଏ। ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କର ମନ୍ଦିରରେ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରଭୁ ଶ୍ରୀ ବଳଭଦ୍ରଦେବଙ୍କର ଜନ୍ମୋତ୍ସବ ଅନୁଷ୍ଠିତ ହୋଇଆସୁଛି ।

–ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସଂପଦ ବିକାଶ ), ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ମୋ : ୯୪୩୭୬୦୭୩୧୨

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୩୦/୨୦୨୩ Bhubaneswar, Wednesday, August 30/ 2023

# ଭାରତ, ପାକିସ୍ତାନ ମ୍ୟାଚ୍‌କୁ ନେଇ ଉତ୍କଣ୍ଠା

କଲମ୍ବୋ,୨୯।୮ (ପି.ଟି.)

ବହୁ ପ୍ରତୀକ୍ଷିତ ଏସିଆ କପ୍ କ୍ରିକେଟ୍ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ଦିନିକିଆ କ୍ରିକେଟ ବିଶ୍ୱକପ ପୂର୍ବରୁ ଏହାକୁ ପ୍ରସ୍ତୁତିର ସିରିଜ୍ ଭାବରେ ବିବେଚନା କରାଯାଉଛି। ତେବେ ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଫ୍ୟାନଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ଅତିକମ୍‌ରେ ୩ଟି ଭାରତ ପାକିସ୍ତାନ ମ୍ୟାଚ୍ ଦେଖିବାକୁ ମିଳିବ। ମୁଲତାନରେ ବୁଧବାର ଠାରୁ ଷଡରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଖେଳାଯିବ। ନେପାଳ ବିପକ୍ଷରେ ଆୟୋଜକ ପାକିସ୍ତାନ ପ୍ରଥମ ମ୍ୟାଚ୍ ଖେଳିବ। ବିଗତ କିଛି ବର୍ଷ ଧରି ଏସିଆ କପକୁ ଏତେଟା ଗୁରୁତ୍ୱ ପ୍ରଦାନ କରା ଯାଉ ନ ଥିଲା। ତେବେ ଦିନିକିଆ ବିଶ୍ୱକପକୁ ମାସେରୁ କମ ସମୟ ରହିଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି। କେବଳ ନେପାଳକୁ ଛାଡିଦେଲେ ଅନ୍ୟ ସମସ୍ତଙ୍କ ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଉନ୍ମୁକ୍ତ। ଭାରତ ଓ ପାକିସ୍ତାନ ସହିତ ନେପାଳ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛି। ଅନ୍ୟ ଗ୍ରୁପ୍‌ରେ ବାଂଲାଦେଶ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ ରହିଛନ୍ତି।



ବେଙ୍ଗାଲୁରୁରେ ଏସିଆ କପ୍ ପାଇଁ ଅଭ୍ୟାସ ଅବସରରେ ଭାରତୀୟ କ୍ରିକେଟ ଦଳ।

୭ ଥର ଚାମ୍ପିୟନ ଭାରତ ଅଷ୍ଟମ ଥର ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି। ଗ୍ରୁପ୍ ଏରେ ଦଳ ସ୍ଥାନ ପାଇଥିବା ବେଳେ ଏହାର ସୁପର-୪ ପ୍ରବେଶ ନିଶ୍ଚିତ। ଗ୍ରୁପ୍ ଷ୍ଟେଜରେ ଦଳ ପାକିସ୍ତାନ ସହିତ ଥରୁଟିଏ ଖେଳିବା ସ୍ପଷ୍ଟ ହୋଇଥିବା ବେଳେ ସୁପର୍-୪ରେ ମଧ୍ୟ ଖେଳିବାର ସମ୍ଭାବନା ଅଧିକ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଯଦି ଫାଇନଲରେ ପ୍ରବେଶ କରନ୍ତି ଆଉଥରେ ଏକ ରୋଚକ ମ୍ୟାଚ ଦେଖିବାକୁ ମିଳିବ। ପ୍ରଥମ ମ୍ୟାଚରେ ପାକିସ୍ତାନ ଫେଭରିଟ୍ ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ସେପ୍ଟେମ୍ବର ୨ ତାରିଖରେ ଖେଳାଯିବ। ଭାରତୀୟ ଦଳ ପାକିସ୍ତାନ ଯିବାକୁ ରାଜି ନ ହେବାରୁ ଟୁର୍ଣ୍ଣାମେଣ୍ଟଟି ହାଇବ୍ରିଡ୍ ମୋଡରେ ଖେଳା ଯାଉଛି। ପାକିସ୍ତାନରେ ୪ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଫାଇନାଲକୁ ମିଶାଇ ୯ଟି ମ୍ୟାଚ ଶ୍ରୀଲଙ୍କାରେ ଖେଳାଯିବ। ସେହିପରି ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ଟାଇଟଲ ଜିତି ନଥିବା ଭାରତୀୟ ଦଳ ଏହାର ଟାଇଟଲ ମରୁଡି ଶେଷ କରିବାକୁ ପ୍ରୟାସ କରିବ। ଲୋକେଶ ରାହୁଲ ଅନଫିଟ୍ ଥିବା ବେଳେ ପାକିସ୍ତାନ ବିପକ୍ଷ ମ୍ୟାଚରେ ଶ୍ରେୟସ୍ ଆୟର ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି।

**ଆଜିଠୁ ଏସିଆ କପ୍ କ୍ରିକେଟ୍**

ପାକିସ୍ତାନ ବନାମ ନେପାଳ
ମ୍ୟାଚ୍ ସ୍ଥାନ: ମୁଲତାନ,
ସମୟ: ଅପରାହ୍ନ ୩.୦୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ପ୍ରଣୟଙ୍କୁ କ୍ୟାରିୟର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ

ନୂଆଦିଲ୍ଲୀ, ୨୯।୮ (ପି.ଟି.)



ଏଚ.ଏସ୍. ପ୍ରଣୟ

ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ପାଇବା ପରେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଏଚ.ଏସ୍. ପ୍ରଣୟ ମଙ୍ଗଳବାର ସଦ୍ୟ ପ୍ରକାଶିତ ବିଡବ୍ଲ୍ୟୁଏଫ୍ ର‌୍ୟାଙ୍କିଙ୍ଗ ତାଲିକାରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ୩୧ ବର୍ଷୀୟ କେରଳର ଏହି ବ୍ୟାଡ୍‌ମିଣ୍ଟନ ଖେଳାଳି ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କ ପ୍ରଥମ ବ୍ରୋଞ୍ଜ ପଦକ ହାସଲ ପଥରେ ବିଶ୍ୱର ନମ୍ବର ୱାନ ଓ ଅଲିମ୍ପିକ ଚାମ୍ପିୟନ ଭିକ୍ଟର ଏକ୍ସେଲସେନଙ୍କୁ ହରାଇ ଦେଇଥିଲେ। ଫଳରେ ସେ ୭୨୪୩୭ ପଏଣ୍ଟ ସହ ୩ ସ୍ଥାନ ଉପରକୁ ଉଠିପାରିଛନ୍ତି। ଗତବର୍ଷ ଡିସେମ୍ବରଠାରୁ ସେ କେବଳ ଏକମାତ୍ର ଭାରତୀୟ ଭାବେ ଟପ୍ ୧୦ରେ ତାଙ୍କ ସ୍ଥାନ ବଜାୟ ରଖିପାରିଛନ୍ତି। ଏହି ସମୟ ମଧ୍ୟରେ ସେ ସୁପର-୫୦୦ ମାଲେସିଆ ମାଷ୍ଟର୍ସ ଜିତିଥିବା ବେଳେ ନିକଟରେ ଅଷ୍ଟ୍ରେଲିଆନ ଓପନରେ ରନରଅପ୍ ହୋଇଥିଲେ। ପୁରୁଷ ସିଙ୍ଗଲ୍ସରେ ଅନ୍ୟ ଭାରତୀୟଙ୍କ ମଧ୍ୟରେ ଲକ୍ଷ୍ୟ ସେନ୍ ଗୋଟିଏ ସ୍ଥାନ ତଳକୁ ଖସି ଆସିଛନ୍ତି। ବର୍ତ୍ତମାନ ସେ ବିଶ୍ୱର ୧୨ ନମ୍ବର ଖେଳାଳି ହୋଇଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ ମଧ୍ୟ କିଡାମ୍ବି ଶ୍ରୀକାନ୍ତ ୨୦ତମ ସ୍ଥାନ ବଜାୟ ରଖିଛନ୍ତି। ମହିଳା ସିଙ୍ଗଲ୍ସରେ ପୂର୍ବତନ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ ମଧ୍ୟ ଗୋଟିଏ ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନରେ ଅଛନ୍ତି। ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ ଶେଟ୍ଟି ବିଶ୍ୱ ଚାମ୍ପିୟନଶିପ୍ କ୍ୱାର୍ଟରଫାଇନାଲରେ ପରାଜିତ ହୋଇଥିଲେ ମଧ୍ୟ ବିଶ୍ୱର ନମ୍ବର ୨ ର‌୍ୟାଙ୍କିଙ୍ଗ ବଜାୟ ରଖିପାରିଛନ୍ତି। ମହିଳା ଡବଲ୍ସ ଯୋଡ଼ି ଟ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ବିଶ୍ୱ ର‌୍ୟାଙ୍କିଙ୍ଗରେ ଦୁଇସ୍ଥାନ ପଦୋନ୍ନତି ସହ ୧୭ତମ ସ୍ଥାନ ଅଧିକାର କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଏହି ଯୋଡ଼ି ପ୍ରି-କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇ ପାରିଥିଲେ। ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସେମାନେ ଚାଇନାର ଚେନ୍ କ୍ୱିନ୍ ଚେନ୍ ଓ ଜିଆ ୟି ଫାନ୍‌ଙ୍କଠାରୁ ହାରିଯାଇଥିଲେ, ଯେଉଁ ଯୋଡ଼ି ଶେଷରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା।

# ପ୍ରଥମ ଦୁଇ ମ୍ୟାଚ୍‌ରୁ ରାହୁଲ ବାଦ୍

ବେଙ୍ଗାଲୁରୁ,୨୯।୮ (ପି.ଟି.)

ଏସିଆ କପ୍ କ୍ରିକେଟ ୨୦୨୩ର ପ୍ରଥମ ଦୁଇ ମ୍ୟାଚ୍‌ରୁ ବାଦ ପଡିଛନ୍ତି ଲୋକେଶ ରାହୁଲ। ମଙ୍ଗଳବାର ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାହୁଲଙ୍କ ନିଗଲ ସମସ୍ୟା କାରଣରୁ ପ୍ରଥମ ଦୁଇ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରୁ ବାଦ ପଡିବେ। ପାକିସ୍ତାନ ଓ ନେପାଳ ବିପକ୍ଷରେ ଭାରତ ଏହାର ପ୍ରଥମ ଦୁଇ ମ୍ୟାଚ୍ ଖେଳିବ। ଚଳିତ ସପ୍ତାହରେ ଭାରତୀୟ ଦଳର ଏକ କ୍ୟାମ୍ପ ବେଙ୍ଗାଲୁରୁରେ ଆୟୋଜିତ ହୋଇ ଯାଇଛି। ଲୋକେଶ ରାହୁଲ ଏହି କ୍ୟାମ୍ପର ସଦସ୍ୟ ରହିଥିବା ବେଳେ ଭାରତୀୟ ଦଳ ସହିତ ଅଭ୍ୟାସ ମଧ୍ୟ କରିଥିଲେ। ତେବେ କାଣ୍ଡିରେ ଖେଳାଯିବାକୁ ଥିବା ଗ୍ରୁପ୍ ପର୍ଯ୍ୟାୟ ପାଇଁ ସେ ଫିଟ୍ ନ ଥିବାରୁ ତାଙ୍କୁ ପ୍ରଥମ ଦୁଇ ମ୍ୟାଚରୁ ବାଦ ଦିଆଯାଇଛି। ତେବେ ରାହୁଲ ଭାରତୀୟ ଦଳ ସହିତ ଶ୍ରୀଲଙ୍କା ଗସ୍ତ କରିବେ ନାହିଁ। ଏନ୍‌ସିଏରେ ତାଙ୍କର ରିହାବ୍ ଜାରି ରହିବ। ସେପ୍ଟେମ୍ବର ୪ ତାରିଖରେ ପୁନଃ ପରୀକ୍ଷଣ ପରେ ରାହୁଲ ଶ୍ରୀଲଙ୍କା ଯିବେ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି ଦ୍ରାବିଡ୍ ସୂଚନା ଦେଇଛନ୍ତି।

**ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ସ୍ଥଗିତ ମାମଲା**

# ହସ୍ତକ୍ଷେପ ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୮ (ପି.ଟି.)

ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନିର୍ବାଚନ ସ୍ଥଗିତ ମାମଲାରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ କୋର୍ଟ ମନା କରି ଦେଇଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ବନ୍ଦ ରଖିବା ପାଇଁ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ କୌଣସି ନିଷ୍ପତ୍ତି ନେବାକୁ କୋର୍ଟ ମଙ୍ଗଳବାର ମନା କରି ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ଆମେଚର ରେସଲିଂ ଆସୋସିଏଶନ ଏକ ଯାଚିକା ସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଅଭୟ ଏସ୍ ଓକା ଓ ପଙ୍କଜ ମିଥଲଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଏହି ମାମଲାରେ ଯାହାବି ଅଭିଯୋଗ ରହିଛି ପ୍ରଥମେ ହାଇକୋର୍ଟଙ୍କ ନିକଟରେ ଦାଖଲ କରନ୍ତୁ। ଏପରି ଯାଚିକାର ଶୁଣାଣି କରିବାକୁ ନେଇ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିଥିଲେ। ନିର୍ବାଚନ ବନ୍ଦ ରଖିବା ନିଷ୍ପତ୍ତି ଉପରେ ରୋକ ଲଗାଇବା ପାଇଁ ଆପଣଙ୍କୁ ପ୍ରଥମେ ହାଇକୋର୍ଟରେ ଏକ ପକ୍ଷ ହୋଇ ମାମଲା ଲଢିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଯଦି ମାମଲା ଦାଏର କରାଯାଏ ତେବେ ଆନ୍ଧ୍ରପ୍ରଦେଶ ସଂଘକୁ ଏକ ପକ୍ଷ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଖଣ୍ଡପୀଠ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆର୍ଟର୍ନି ଜେନେରାଲ ଆର. ଭେଙ୍କଟରମଣୀ ଏହି ମାମଲାରେ ହାଜର ହୋଇଥିଲେ। ଅଭିଯୋଗକାରୀ ପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ନ ହୋଇ ସିଧାସଳଖ ଭାବରେ ସୁପ୍ରିମକୋର୍ଟଙ୍କ ପାଖକୁ ଆସିଛନ୍ତି ବୋଲି ଆର୍ଟର୍ନି ଜେନେରାଲ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଠିକଣା ସମୟରେ ନିର୍ବାଚନ ନ କରିପାରିଥିବାରୁ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ପକ୍ଷରୁ ଡବ୍ଲ୍ୟୁଏଫ୍‌ଆଇକୁ ସସ୍‌ପେଣ୍ଡ କରାଯାଇଥିଲା। ନିର୍ବାଚନ ପାଇଁ ଭାରତୀୟ ଅଲିମ୍ପିକ୍ସ ମହାସଂଘ ପକ୍ଷରୁ ଏକ ଆଡହକ୍ ପ୍ୟାନେଲ ଗଠନ କରାଯାଇଥିଲା। ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱାଧୀନ ଆଡ୍‌ହକ ପ୍ୟାନେଲକୁ ୪୫ ଦିନ ମଧ୍ୟରେ ନିର୍ବାଚନ କରିବା ଲାଗି ନିର୍ଦ୍ଦେଶ ଥିଲା। ମାତ୍ର ତାହା କାର୍ଯ୍ୟକାରୀ ନ ହେବା କାରଣରୁ ଡବ୍ଲ୍ୟୁଏଫ୍‌ଆଇକୁ ବାସନ୍ଦ ହେବାକୁ ପଡିଥିଲା। ପ୍ରାରମ୍ଭିକ ଭାବରେ ଏହି ନିର୍ବାଚନ ଜୁଲାଇ ୬ ତାରିଖରେ ହେବାର ଥିଲା। ତେବେ ମହାରାଷ୍ଟ୍ର, ହରିୟାଣା, ତେଲଙ୍ଗାନା, ରାଜସ୍ଥାନ ଓ ହିମାଚଳ ପ୍ରଦେଶ ବକ୍ସିଂ ସଂଘ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସଂଘମାନଙ୍କୁ ନିର୍ବାଚନ ଅଧିକାର ମିଳିବା ପରେ ଜୁଲାଇ ୧୧ରେ ନିର୍ବାଚନ ହେବା ନେଇ ଘୋଷଣା କରାଯାଇଥିଲା। ତେବେ ଗୁଆହାଟୀ ହାଇକୋର୍ଟଙ୍କ ପକ୍ଷରୁ ରୋକ୍ ଲାଗିବା ଫଳରେ ଆଉ ଥରେ ନିର୍ବାଚନ ରୋକାଯାଇଥିଲା। ଫଳତଃ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରେ କୁସ୍ତିଯୋଦ୍ଧାଙ୍କୁ ଭାରତୀୟ ପତାକା ଅଧୀନରେ ଖେଳିବାକୁ ଅନୁମତି ମିଳିବ ନାହିଁ। ସେମାନେ ଅଲିମ୍ପିକ କ୍ୱାଲିଫାଇଂ ବିଶ୍ୱ ଚାମ୍ପିୟନଶିପ୍‌ରେ ନିରପେକ୍ଷ ଆଥ୍‌ଲେଟ ଭାବେ ଅଂଶଗ୍ରହଣ କରିବେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ